# ସକାଳ
THE SAKALA
PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

- RNI REGD NO: 42041/83
- www.sakalaepaper.com
- /sakalanews
- /sakalanews
- www.thesakala.in

◆VOLUME- 43 ◆ISSUE-323 ◆FRIDAY ◆22 MAY 2026 ◆PAGE-12 ◆₹ 7.00 | PANIKOILI | ◆ବର୍ଷ-୪୩ ◆ସଂଖ୍ୟା-୩୨୩ ◆ଶୁକ୍ରବାର ◆୨୨ ମେ ୨୦୨୬ ◆ପୃଷ୍ଠା-୧୨ ◆ଟ.୭.୦୦




## ପୂର୍ବତନ ଗୋଲ୍‌କିପର ଇମ୍ରାନଙ୍କ ପରଲୋକ

▶କ୍ରୀଡ଼ା ପୃଷ୍ଠାରେ...


# ADYANTIANS
## Maintaining the Tradition of Excellence in CHSE

*Congratulations ! Well Done !! We are proud of You !!!*

ADYANT HIGHER SECONDARY SCHOOL
(A Division of Adyant Educational & Charitable Trust)
In Association With
Aakash
Medical | IIT-JEE | Foundations
(Divisions of Aakash Educational Services Ltd.)

1 — SCORE 598/600 — SANJANA MOHANTA — Roll No. 395MA281

| Score | Name | Roll No. |
|---|---|---|
| 595 | PRATIK NAIK | 395MA058 |
| 591 | PRAJNA PARAMITA THATOI | 395MA002 |
| 589 | PAYAL SRICHANDAN RAY | 395MA009 |
| 589 | ANWESHA P. MOHANTA | 395MA079 |
| 589 | S. ITISHREE PRUSTY | 395MA091 |
| 588 | ASUTOSH SAHOO | 395MA019 |
| 587 | NAYAN R. MAHARANA | 395MA015 |
| 587 | PIYUSH DOGRA | 395MA020 |
| 587 | BRINDA N. SAHU | 395MA031 |
| 586 | AYESHA PRADHAN | 395MA012 |
| 586 | SATYAPRAKASH MOHANTY | 395MA035 |
| 586 | SAIJEET BEHERA | 3395MA092 |
| 585 | SUNITA BEHERA | 3395MA027 |
| 585 | JYOTI RANJAN NAYAK | 395MA028 |
| 585 | DIBYASHA BHOI | 395MA109 |
| 584 | ABHINABH PANDA | 395MA006 |
| 584 | LOPAMUDRA SAHOO | 395MA024 |
| 584 | BISWARUPA PATI | 395MA094 |
| 584 | SOUMYAJIT SAHOO | 395MA143 |
| 583 | RAJANANDINI TRIPATHY | 395MA025 |
| 583 | SMITA PRIYADARSHINI ROUT | 395MA020 |
| 583 | SWARUPA PATRA | 395MA051 |
| 582 | TANISHA SWAIN | 395MA145 |
| 581 | PRATIKSHYA NANDA | 395MA030 |
| 580 | KAJAL BISWAL | 395MA014 |
| 580 | JIGYANSA MOHANTY | 395MA021 |
| 579 | JANVI BHUMIKA JENA | 395MA022 |
| 579 | SUBHAM SUBHRANSU NANDA | 395MA036 |
| 579 | ADYASHA MOHANTY | 395MA078 |
| 578 | SAYAN MUKHI | 395MA003 |
| 578 | RITIKA PRIYADARSHINI | 395MA120 |
| 577 | PRATYASHA P. SAHOO | 395MA032 |
| 575 | SOUVEEK RANJAN MOHAPATRA | 395MA043 |
| 575 | DIBYAJYOTI SATHUA | 395MA112 |
| 575 | SOHAM PRASAD PATRA | 395MA283 |
| 574 | SHAKTI RANJAN BISWAL | 395MA288 |
| 573 | SUKANYA NAYAK | 395MA001 |
| 573 | SMRUTI RANJAN SAHOO | 395MA004 |
| 573 | ARINDAM NAYAK | 395MA077 |
| 572 | ASISH KUMAR TRIPATHY | 395MA007 |
| 569 | BHAGYASHREE SAHU | 395MA017 |
| 569 | ANKITA DAS | 395MA041 |
| 569 | ADITYA PRAKASH NAIK | 395MA101 |
| 568 | ANANYA MISHRA | 395MA049 |
| 567 | PRAVURAM JENA | 395MA034 |
| 566 | SMRUTI RANJAN BARIK | 395MA055 |
| 565 | DIBYAJYOTI SAHOO | 395MA008 |
| 565 | AYUSH KUMAR SAHOO | 395MA080 |
| 563 | SHITANSHU MISHRA | 395MA029 |
| 563 | RUPALI RUPANITA SAHOO | 395MA126 |
| 562 | PRAGYASINI NAIK | 395MA059 |
| 562 | DEBANGA DEBAJEET BAHAL | 395MA093 |
| 562 | SOFIYA KULDIP | 395MA099 |
| 559 | ANSHUMAN PANDA | 395MA071 |

...and many more

## We Don't Just Nurture Toppers, We Build Toppers

### 78% ADYANTIANS Secured Higher Marks in Class-12 than Class-10

| Name | Class X | Class XII |
|---|---|---|
| Dibyasha Bhoi | 81.6% | 97.5% |
| Soumyajit Sahoo | 78.6% | 97.3% |
| Tanisha Swain | 78.6% | 97% |
| Ritika Priyadarshini | 80.8% | 96.3% |
| Avipsha Patel | 53.2% | 81.3% |
| Ajit Das | 56.1% | 80.5% |
| Smruti S. Mallick | 56.4% | 80% |
| Anuska Thakur | 58% | 81.6% |

**e-Admission in +2 Science for the Session 2025-26** For Admission Apply through Student Academic Management System (SAMS Online) as per Govt. Notification

ADYANT HIGHER SECONDARY SCHOOL
(A Division of Adyant Educational & Charitable Trust)

RESULT SUMMARY

| Students | Above |
|---|---|
| 41 | Students Above 95% Marks |
| 90 | Students Above 90% Marks |
| 148 | Students Above 85% Marks |
| 193 | Students Above 80% Marks |
| 239 | Students Above 75% Marks |
| 270 | Students Above 70% Marks |
| 98% Students | 1st DIVISION |

- AC & Digital Classrooms
- Guided Study Programme
- Daily Doubt Clearing Classes
- Vocal, Dance, Guitar, Keyboard, Drum Classes
- Outdoor & Indoor Gymnasium
- Outdoor & Indoor Auditorium
- 24 X 7 CCTC Surveillance And Security
- 24 X 7 Ambulance & Health Facilities
- Separate Hostels for Boys & Girls
- Separate Cafeteria fo Boys & Girls
- Separate Playgrounds for Boys & Girls
- Transport Facility

**Campus : Bhatakhuri, Gangapada, Janla, Bhubaneswar-752054, Mobile : 7008004000 / 9337155224 / 8093247159**

www.adyanthighersecondaryschool.org | www.facebook.com/adyant.school | www.instagram.com/adyant.school | @ adyant_school | college@adyant.org




ଡେଭ୍ କଜିନ୍ସ ଭାରତର ତୀରନ୍ଦାଜୀ କୋଚ୍

▶କ୍ରୀଡ଼ା ପୃଷ୍ଠାରେ...


- RNI REGD NO: 42041/83
- www.sakalaepaper.com
- /sakalanews
- /sakalanews
- www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 43 ◆ISSUE-323 ◆FRIDAY ◆22 MAY 2026 ◆PAGE-12 ◆₹ 7.00

◆ବର୍ଷ-୪୩ ◆ସଂଖ୍ୟା-୩୨୩ ◆ଶୁକ୍ରବାର ◆୨୨ ମେ ୨୦୨୬ ◆ପୃଷ୍ଠା-୧୨ ◆ଟ.୭.୦୦



# JHADESWAR
## HIGHER SECONDARY SCHOOL
Near Birla Tyres, Indian Oil Road, BALASORE

JSRHSS




100% RESULT FROM 2015

100% 1ST CLASS IN 2026

ALL ODISHA 3RD TOPPER



596 | 99.3%

**Mousumi Mohapatra**

10th - 93.6%

## ଓଡ଼ିଶାର ଗର୍ବ ଓ ଗୌରବ : ଝାଡ଼େଶ୍ୱର +2 ବିଜ୍ଞାନ ବିଦ୍ୟାଳୟର ଅଭୁତପୂର୍ବ ସଫଳତା

ସଦ୍ୟ ପ୍ରକାଶିତ +2 Science ଫଳାଫଳରେ ଝାଡ଼େଶ୍ୱର +2 ବିଜ୍ଞାନ ବିଦ୍ୟାଳୟ ରାଜ୍ୟରେ ଗୌରବମୟ ସ୍ଥାନ ଅଧିକାର କରିଛି। 596/600 = 99.33% ଅଙ୍କ ସହିତ ମୌସୁମୀ ମହାପାତ୍ର ଓଡ଼ିଶାରେ 3rd Rank ହାସଲ କରିବା ଝାଡ଼େଶ୍ୱର +2 ବିଜ୍ଞାନ ବିଦ୍ୟାଳୟ ପାଇଁ ଏକ ଐତିହାସିକ କୀର୍ତ୍ତିମାନ। 433 ଜଣ ଛାତ୍ରଛାତ୍ରୀଙ୍କ ମଧ୍ୟରୁ 128 ଜଣ A1 Grade ଆଣିବା ଝାଡ଼େଶ୍ୱରର ଶିକ୍ଷାଗତ ଉତ୍କର୍ଷର ସ୍ପଷ୍ଟ ପ୍ରମାଣ। ଏହି ସଫଳତା ପଛରେ ଅଛି ଛାତ୍ରଛାତ୍ରୀଙ୍କ ଅକ୍ଲାନ୍ତ ପରିଶ୍ରମ, ଶିକ୍ଷକମାନଙ୍କ ସମର୍ପିତ ମାର୍ଗଦର୍ଶନ, ଏବଂ ଝାଡ଼େଶ୍ୱରର ଶକ୍ତିଶାଳୀ ଆକାଦେମିକ୍ ପ୍ରଣାଳୀ। ଏହା କେବଳ ଏକ ଫଳାଫଳ ନୁହେଁ, ବରଂ ନିଷ୍ଠା, ଶୃଙ୍ଖଳା, ଏବଂ ସଂଯୁକ୍ତ ପ୍ରୟାସର ଜୀବନ୍ତ ପ୍ରତିଫଳନ।

| | |
|---|---|
| A1 Grade (90% & Above) | : 128 / 433 |
| 1st Class (100%) | : 433 / 433 |
| Scoring in class 12th, higher than in class 10th | : 347 Students |



592 | 98.6%
**Chirag Kumar Behera**
10th - 86%



591 | 98.5%
**Janmanjaya Nayak**
10th - 87.83%



590 | 98.3%
**Asutosh Majhi**
10th - 94.17%

### The Proud A1 Stars of Jhadeswar

- ABHISHEK R. RAM 98.3%
- ASHUTOSH BHOI 98.2%
- PABITRA KU. MANNA 98.2%
- PRANGYASHREE DWIVEDY 97.7%
- ASHUTOSH PATABANDHA 97.3%
- RASHMIPRAVA SAHU 97.2%
- JAY PRAKASH BEHERA 97.2%
- CHANDAN KU. PRADHAN 96.8%
- ASISH HAIT 96.5%
- SHUBHAM SOURAV OJHA 96.2%
- TRISHAKHA SAHOO 96.2%
- SOURAV DAS 96%
- SATYAM BEHERA 96%
- CHANDAN PATRA 96%
- SURESH SAHOO 96%
- BIBEK ROUT 96%
- MRUTYUNJAY SAHOO 95.8%
- JAGATJIT BEHERA 95.8%
- PRATYUSHA MOHANTY 95.7%
- ANURADHA DAS 95.7%
- RAHUL DAS 95.7%
- SAURAJIT ROUL 95.7%
- JIBAN KU. GHOSH 95.7%
- PALLAVI BEHERA 95.7%
- ROJALIN SAHU 95.5%
- TANMAY SANTARA 95.5%
- AMAN KUMAR DAS 95.2%
- MALAY R. PANDA 95.2%
- ANSHUMAN PANDA 95.2%
- HARENDRA SINGH 95.2%
- ASHUTOSH DALAI 95.2%
- ABHIJIT BARIK 95%
- SOURAV JENA 95%
- IPSA NAYAK 95%
- GOURAV JENA 94.7%
- SUNIL MOHANTY 94.7%
- AYUSH ROUT 94.7%
- JYOTIRMAYEE PANDA 94.5%
- MANISHAMAHESWARI JENA 94.5%
- SAMBIT KU. SAHU 94.3%
- AMIT PRASAD JANA 94.3%
- MOHAMMAD RAMEEZ 94.3%
- UMASHANKAR BEHERA 94.3%
- RUTWIKA SAMAL 94.2%
- BIKASH KU. JENA 94.2%
- OMMPRAKASH BARIK 94.2%
- SAMBIT KU. SAHOO 94.2%
- SATYAJIT BEHERA 94%
- HRUSHIKESH SAHU 94%
- RANAK ROUT 94%
- KARTIK GHOSH 93.8%
- AVINAS BARIK 93.8%
- MOHIT KU. NANDA 93.7%
- RAHUL CHOUDHURY 93.7%
- JYOTIRMAYA BARIK 93.7%
- KIRAN SUTAR 93.7%
- ADITYA SH. KHUNTIA 93.5%
- MANAS KU. SAHU 93.5%
- GUNDICHA RANI DASH 93.5%
- PRAVAPRIYA BEHERA 93.5%
- SUSHANTA KU. BEHERA 93.3%
- SAYANKITA BEHERA 93.3%
- SNEHALATA PALAI 93.3%
- KSHIROD KU. SAHU 93.2%
- ROHIT KU. MOHALIK 93.2%
- SHUBHASHREE SAHOO 93%
- DEBABRATA HANSDA 93%
- BISWA B. BEHERA 92.8%
- AMIT KU. KAMILA 92.8%
- UTTAM MAHANA 92.8%
- SATYA PRAKASH SAHOO 92.8%
- LIPSA BISWAL 92.8%
- BHAGYASHREE SWAIN 92.8%
- SUBHALAXMI BEHERA 92.7%
- TANUSHREE PRADHAN 92.5%
- BIBEK KU. BEHERA 92.5%
- DIBYAPRAVA BISWAL 92.3%
- GAJANAN SING 92.3%
- HRUSHIKESH SAHOO 92.3%
- OM PRAKASH BEHERA 92.3%
- ABHIMANYU PANDIT 92.3%
- SANTOSH SINGH 92.2%
- HRUDANANDA BAL 92.2%
- SUCHISMITA GIRI 92%
- SRUTI MOHANTA 92%
- JANMEJAYA DHAL 92%
- SNEHA MOHANTY 92%
- RAJESH KU. BISWAL 92%
- OMPRAKASH KAR 92%
- ABHISHEK PATRA 91.8%
- JIT JAYPRAKASH BEHERA 91.8%
- CHIRANJIB BEHERA 91.8%
- GOURAB MOHAPATRA 91.8%
- SWATI SULAGNA SUR 91.8%
- SOUMYASHISH PANDA 91.7%
- LOPAMUDRA NAYAK 91.7%
- ARYAMAN PRADHAN 91.7%
- OMM PRIYA ROUT 91.7%
- ARYA TATHAGATA DASH 91.7%
- PURNA CH. SATAPATHY 91.5%
- GURUDUTTA JENA 91.5%
- PRAGATI SI 91.3%
- NITISH KU. PARIDA 91.3%
- JOSHITA DUTTA 91.3%
- GANESH SOREN 91.3%
- PRIYANSHU S. NAYAK 91.2%
- CHINMAYEE MOHANTY 91.2%
- BHAGYALAXMI NAYAK 91.2%
- SOUMESH NAYAK 91.2%
- PRITI MANJARI BEHERA 91%
- LOPAMUDRA MAITY 90.8%
- UDIT MOHANTY 90.7%
- JAYASUDHA NAYAK 90.7%
- JYOTIRANJAN DURGA 90.5%
- SRUTI REKHA PRADHAN 90.5%
- BANYA B. CHAND 90.5%
- RUDRA N. MAJHI 90.5%
- TAMANNA PALAI 90.5%
- SANTOSH KU. NAYAK 90.3%
- OMM PRAKASH ROUT 90.3%
- SHUBHALAXMI GIRI 90.2%
- SRUJAL BEHERA 90.2%
- SHUBHALAXMI SAHU 90.2%
- SOUMYADEEP KAMILA 90%

**Admission open for +2 Science with NEET & JEE Coaching**

FOR ADMISSION CONTACT: 7854931172 | 9090749070 | 8018458344 jsrcbalasore@gmail.com www.jsrcbalasore.org

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

◆VOLUME- 43 ◆ISSUE-323 ◆FRIDAY ◆22 MAY 2026 ◆PAGE-12 ◆₹ 7.00

◆ବର୍ଷ-୪୩ ◆ସଂଖ୍ୟା-୩୨୩ ◆ଶୁକ୍ରବାର ◆୨୨ ମେ ୨୦୨୬ ◆ପୃଷ୍ଠା-୧୨ ◆ଟ.୭.୦୦




ଚୀନ ରୋବଟ୍ ସେନାଙ୍କ ଚମତ୍କାର
**୩୮ ମାସରେ ନିର୍ମାଣ କଲେ ବିଶ୍ୱର ସର୍ବବୃହତ୍ତ ରେଳଷ୍ଟେସନ**

▶ଦେଶ ବିଦେଶ ପୃଷ୍ଠାରେ

# ଜାତୀୟ ରାଜନୀତିରେ 'କକ୍ରୋଚ୍' କମ୍ପନ

**ଲୋକପ୍ରିୟତାରେ ବିଜେପି, କଂଗ୍ରେସକୁ ପଛରେ ପକାଇଲା 'କକ୍ରୋଚ୍ ଜନତା ପାର୍ଟି'**

**ପାର୍ଟିର ଏକ୍ସ ଆକାଉଣ୍ଟ ବ୍ଲକ କଲେ ସରକାର**




■ ନୂଆଦିଲ୍ଲୀ, ୨୧।୫ (ଏଜେନ୍ସି): ପ୍ରଧାନ ବିଚାରପତି ଜଷ୍ଟିସ ସୂର୍ଯ୍ୟକାନ୍ତ ଦେଶରେ ବେକାର ଯୁବକ ଯୁବତୀମାନଙ୍କୁ ଅସରପା (କକ୍ରୋଚ୍) ସହ ତୁଳନା କରିବା ପରେ ଭାରତରେ ଅଭାବନୀୟ ପରିସ୍ଥିତି ସୃଷ୍ଟି ହୋଇଛି। ପ୍ରଧାନ ବିଚାରପତିଙ୍କ ମନ୍ତବ୍ୟରେ ପ୍ରତିକ୍ରିୟାଶୀଳ ହୋଇ ଜଣେ ଯୁବକ ଦ୍ୱାରା କକ୍ରୋଚ୍ ଜନତା ପାର୍ଟି ନାମରେ ଏକ ଦଳ ଗଠିତ ହୋଇଛି। ବ୍ୟଙ୍ଗାତ୍ମକ ଆଭିମୁଖ୍ୟ ରଖୁଥିବା 'କକ୍ରୋଚ୍ ଜନତା ପାର୍ଟି'ର ଲୋକପ୍ରିୟତା ସାମାଜିକ ଗଣମାଧ୍ୟମରେ ଅସମ୍ଭବ ଭାବେ ବୃଦ୍ଧି ପାଇବାରେ ଲାଗିଛି। ଇନଷ୍ଟାଗ୍ରାମରେ ଏହାର ଅନୁଗାମୀ ସଂଖ୍ୟା ବିଜେପି ଏବଂ କଂଗ୍ରେସକୁ ଅତିକ୍ରମ କରିବା ପରେ ସରକାରଙ୍କ ଅନୁରୋଧ କ୍ରମେ ଏହାର ଏକ୍ସ ଆକାଉଣ୍ଟକୁ ବ୍ଲକ୍ କରିଦିଆଯାଇଛି। ଏହାକୁ ନେଇ ଦେଶର ଯୁବପିଢ଼ିମାନଙ୍କ ମଧ୍ୟରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। 'କକ୍ରୋଚ୍ ଜନତା ପାର୍ଟି'ର ଲୋକପ୍ରିୟତାରେ ଆତଙ୍କିତ ହୋଇ ସରକାର ଏଭଳି ପଦକ୍ଷେପ ଗ୍ରହଣ କରିଥିବା ସେମାନେ ଅଭିଯୋଗ କରିଛନ୍ତି।

ଗତ ୧୫ ତାରିଖରେ ପ୍ରଧାନ ବିଚାରପତି କକ୍ରୋଚ୍ ମନ୍ତବ୍ୟ ଦେବା ପରେ ବିଦେଶରେ ରହୁଥିବା ଅଭିଜିତ ଦୀପକେ ନାମକ ଜଣେ ଭାରତୀୟ ଯୁବକ ବ୍ୟଙ୍ଗାତ୍ମକ ଭାବେ ଅନଲାଇନରେ କକ୍ରୋଚ୍ ଜନତା ପାର୍ଟି (ସିଜେପି) ଗଠନ କରିଥିବା ଘୋଷଣା କରିଥିଲେ। ତାଙ୍କର ଏହି ଉଦ୍ୟମ ପ୍ରତି ଏମିତି ସମର୍ଥନ ମିଳିବ ବୋଲି ସେ କେବେହେଲେ ଆଶା କରି ନ ଥିଲେ। ମାତ୍ର ପାଞ୍ଚ ଦିନ ମଧ୍ୟରେ ଇନଷ୍ଟାଗ୍ରାମରେ ଏହାର ଅନୁଗାମୀ ସଂଖ୍ୟା ୧୬୦ ଲକ୍ଷ ଅତିକ୍ରମ କରିସାରିଲାଣି। ଅନୁଗାମୀ ସଂଖ୍ୟାରେ ଏହା କଂଗ୍ରେସ ଏବଂ ବିଜେପିକୁ ପଛରେ ପକାଇଦେଇଛି। ଇନଷ୍ଟାଗ୍ରାମରେ କଂଗ୍ରେସର ଅନୁଗାମୀ (ଫଲୋଅର) ସଂଖ୍ୟା ୧୩୦ ଲକ୍ଷ ଥିବା ବେଳେ କ୍ଷମତାସୀନ ବଜେପିର ରହିଛି ପ୍ରାୟ ୮୯ ଲକ୍ଷ। ଯୁବପିଢ଼ି ସମେତ ଅନେକ ନେତା, ସାଂସଦ, ସାମାଜିକ କର୍ମୀ ଓ ଓକିଲ ମଧ୍ୟ ଏହି କକ୍ରୋଚ୍ ପାର୍ଟିରେ ସାମିଲ ହେବାକୁ ଲାଗିଛନ୍ତି।

ତେବେ ଆଜି ଅଚାନକ ଏହାର ଏକ୍ସ ଆକାଉଣ୍ଟ ବ୍ଲକ ହେବା ଘଟଣା ବିବାଦୀୟ ପରିସ୍ଥିତି ସୃଷ୍ଟି କରିଛି। ସକରାରଙ୍କ ଅନୁରୋଧ କ୍ରମେ ଏହାକୁ ବ୍ଲକ୍ କରାଯାଇଥିବା ଏକ୍ସ ପକ୍ଷରୁ କୁହାଯାଇଥିବା ବେଳେ କକ୍ରୋଚ୍ ପାର୍ଟିର ପ୍ରତିଷ୍ଠାତା 'କକ୍ରୋଚ୍ ଇଜ୍ ବ୍ୟାକ୍' ନାମରେ ଆଉ ଏକ ଏକ୍ସ ଆକାଉଣ୍ଟ ଖୋଲିଛନ୍ତି। ଆକାଉଣ୍ଟ ଖୋଲା ହେବାର ଏକ ଘଣ୍ଟା ମଧ୍ୟରେ ଅନୁଗାମୀ ସଂଖ୍ୟା ୨୦ ହଜାର ଅତିକ୍ରମ କରିଥିବା କୁହାଯାଉଛି। ବ୍ଲକ ହେବା ପୂର୍ବରୁ ୨ ଲକ୍ଷରୁ ଅଧିକ ଏହାର ଅନୁଗାମୀ ଥିଲେ ବୋଲି ଅଭିଜିତ୍ କହିଛନ୍ତି। ମାତ୍ର କେଇଦିନ ପୂର୍ବରୁ ଏକ ବ୍ୟଙ୍ଗାତ୍ମକ ପ୍ରତିବାଦ ଭାବେ ଆରମ୍ଭ ହୋଇଥିବା ଏହି ଅଭିଯାନ ସାମ୍ପ୍ରତିକ ସମୟରେ ଦେଶର ଯୁବମାନସର ଅସନ୍ତୋଷର ସ୍ୱର ପାଲଟିଛି। ଦେଶରେ ବଢ଼ିଚାଲିଥିବା ବେକାରୀ ସମସ୍ୟା, ପରୀକ୍ଷା ପ୍ରଶ୍ନପତ୍ର ପ୍ରକାଶନରେ ଅନିୟମିତତା ଏବଂ ଗଣତାନ୍ତ୍ରିକ ସଂସ୍ଥାଗୁଡ଼ିକର ସ୍ୱଚ୍ଛତା ଉପରେ ଏହି ଦଳ ପ୍ରଶ୍ନ ଉଠାଇଛି। ଗତ ସପ୍ତାହରେ ଦେଶର ପ୍ରଧାନ ବିଚାରପତିଙ୍କ ଦ୍ୱାରା ଆନ୍ଦୋଳନରତ ଯୁବକମାନଙ୍କ ପ୍ରତି କରାଯାଇଥିବା ଏକ କଟୁ ମନ୍ତବ୍ୟକୁ ଆଧାର କରି ଏହି ଦଳର ନାମକରଣ କରାଯାଇଥିଲା। ପରବର୍ତ୍ତୀ ସମୟରେ ବିଚାରପତିଙ୍କ ସ୍ପଷ୍ଟୀକରଣ ସତ୍ତ୍ୱେ ଯୁବପିଢ଼ିଙ୍କ ମଧ୍ୟରେ ଥିବା ଆକ୍ରୋଶ ପ୍ରଶମିତ ହୋଇନଥିଲା। ଏହି ଦଳ ନିଜର ସଂକଳ୍ପପତ୍ରରେ ଅନେକ ଗୁରୁତ୍ୱପୂର୍ଣ୍ଣ ସଂସ୍କାର ଦାବି କରିଛି, ଯେଉଁଥିରେ ବିଚାରପତିମାନଙ୍କ ଅବସର ପରେ ରାଜନୈତିକ ନିଯୁକ୍ତି ଉପରେ କଟକଣା, ସଂସଦରେ ମହିଳାମାନଙ୍କ ପାଇଁ ପଚାଶ ପ୍ରତିଶତ ସଂରକ୍ଷଣ ଏବଂ ନିରପେକ୍ଷ ଓ ସ୍ୱାଧୀନ ନିର୍ବାଚନ କମିସନ ଅନ୍ତର୍ଭୁକ୍ତ। ଏହି ଅଭିଯାନ ପ୍ରତି ଦେଶର ପ୍ରତିଷ୍ଠିତ ଆଇନଜୀବୀ ଓ କେତେକ ରାଜନେତା ମଧ୍ୟ ପରୋକ୍ଷ ସମର୍ଥନ ଜଣାଇଛନ୍ତି। ଭାରତୀୟ ରାଜନୈତିକ ଇତିହାସରେ ସାମାଜିକ ଗଣମାଧ୍ୟମର ବ୍ୟଙ୍ଗ ମାଧ୍ୟମରେ ଏଭଳି ଏକ ବୃହତ ଜନ ଆନ୍ଦୋଳନର ସୂତ୍ରପାତ ହେବା ପୂର୍ବରୁ କଦାପି ଦେଖାଯାଇନଥିଲା। ଏକ୍ସ ଆକାଉଣ୍ଟ ▶ପୃଷ୍ଠା-୭




## ଅସମ୍ଭାଳ ଗୁଳୁଗୁଳି
# ତତଲା ତାୱାରେ ସାରା ଓଡ଼ିଶା

**ରାସ୍ତାଘାଟ ଶୂନ୍‌ଶାନ୍, ସହର ଗୁମ୍‌ସୁମ୍**

**୪୦ ଡିଗ୍ରୀ ଉପରେ ୨୪ ସହର ତାପମାତ୍ରା**

**ରାଜଧାନୀରେ ଏକାଥରେ ୬ ଡିଗ୍ରୀ ବଢ଼ିଲା**

**ଉପକୂଳରେ ୫୦ ଡିଗ୍ରୀ ଭଳି ସ୍ଥିତି ଅନୁଭୂତ**

**୨୪ ଯାଏଁ ତାତି ଓ ଗୁଳୁଗୁଳିରୁ ନିସ୍ତାର ନାହିଁ**

■ ଭୁବନେଶ୍ୱର,୨୧।୫(ସମିସ): ରାଜ୍ୟରେ ଅସହ୍ୟ ତାତି ସାଙ୍ଗକୁ ଅସମ୍ଭାଳ ଗୁଳୁଗୁଳି। ବାହାରେ ତାତି ଜାଳୁଥିବା ବେଳେ ଘର ଭିତରେ ଲୋକଙ୍କୁ ସିଝାଉଛି ଗୁଳୁଗୁଳି। ଉପର ମୁହାଁ ତାପମାତ୍ରା ଓ ବାୟୁମଣ୍ଡଳରେ ଭୀଷଣ ଆର୍ଦ୍ରତା ନୟାନ୍ତ କଲାଣି। ୧୦ ସହରର ତାପମାତ୍ରା ୪୨ ଡ଼ିଗ୍ରୀ ଅତିକ୍ରମ କରିଛି ଓ ସ୍ଥିତି ୫୦ ଡ଼ିଗ୍ରୀ ପରି ଅନୁଭୂତ ହେଉଛି। କଟକ ଓ ଭୁବନେଶ୍ୱରରେ ଦିନକରେ ୫ରୁ ୬ ଡ଼ିଗ୍ରୀ ତାପମାତ୍ରା ବୃଦ୍ଧି ଦ୍ୱୈତନଗରୀ ବାସିନ୍ଦାଙ୍କୁ କଲବଲ କରିଛି। ସନ୍ଧ୍ୟାରେ ଯାଜପୁର, କଟକ ସମେତ କିଛି କିଛି ସ୍ଥାନରେ କାଳବୈଶାଖୀ ଜନିତ ବର୍ଷା ହୋଇଥିଲେ ମଧ୍ୟ ବାକି ଅଧିକାଂଶ ସ୍ଥାନରେ ପୂର୍ବବତ୍ ଗରମ ଗୁଳୁଗୁଳିର ପ୍ରଭାବ ଜାରି ରହିଛି।

ପାଣିପାଗ କେନ୍ଦ୍ରର ସୂଚନା ଅନୁଯାୟୀ ଗୁରୁବାର ରାଜ୍ୟର ୨୪ ଟି ସହରରେ ତାପମାତ୍ରା ୪୦ ଡିଗ୍ରୀ ଉପରେ ରହିଥିବା ବେଳେ ଝାରସୁଗୁଡ଼ାରେ ତାପମାତ୍ରା ୪୫.୫ ଡିଗ୍ରୀ ରେକର୍ଡ ସହ ରାଜ୍ୟର ସବୁଠୁ ଉତ୍ତପ୍ତ ସହର ପାଲଟିଛି। ସେହିପରି ▶ପୃଷ୍ଠା-୭

## ଓଡ଼ିଶା ତାପଜ ବିଦ୍ୟୁତ୍ ନୀତି-୨୦୦୮ ରେ ସଂଶୋଧନ
# ଗ୍ରାହକଙ୍କୁ ୨୦୦ କୋଟିର ବୋଝ !



■ ଭୁବନେଶ୍ୱର,୨୧।୫(ସମିସ): ବୁଧବାର ରାଜ୍ୟ କ୍ୟାବିନେଟ ପ୍ରଚଳିତ ଥିବା ଓଡ଼ିଶା ତାପଜ ବିଦ୍ୟୁତ୍ ନୀତିର ଉପଧାରା ୩ରେ ଦୁଇଟି ସଂଶୋଧନ ପ୍ରସ୍ତାବକୁ ଅନୁମୋଦନ କରିଛନ୍ତି। ପ୍ରଥମଟି ହେଉଛି ପ୍ରଚଳିତ ନୀତିର ଧାରା ୩ ଅଧୀନରେ ଥିବା ଭବିଷ୍ୟତ ସ୍ୱାଧୀନ ଶକ୍ତି ଉତ୍ପାଦନକାରୀ (ଇଣ୍ଡିପେଣ୍ଡେଣ୍ଟ ପାୱାର ପ୍ରଡ୍ୟୁସର ବା ଆଇପିପି) ସହ ପ୍ରସ୍ତାବିତ ଏମ୍‌ଓୟୁ ଶୀର୍ଷକକୁ ସଂଶୋଧନ କରି 'ପ୍ରସ୍ତାବିତ' ଶବ୍ଦକୁ ବିଲୋପ କରାଯାଇଛି। ଏହା

**କମ୍ପାନୀଙ୍କ ଲାଭ ବୃଦ୍ଧି ପାଇଁ ଉପଭୋକ୍ତା ଶୋଷଣ ନୀତି: ଶକ୍ତି ସମୀକ୍ଷକ**

**ବାର୍ଷିକ ୧୦୦୦ ନିଯୁତ ୟୁନିଟରୁ ଅଧିକ ଶସ୍ତା ବିଦ୍ୟୁତ୍ ହରାଇବ ଓଡ଼ିଶା**

ପରିବର୍ତ୍ତେ 'ଭବିଷ୍ୟତ ଆଇପିପି ସହ ଏମ୍‌ଓୟୁ' ହେବ। ଦ୍ୱିତୀୟରେ ପ୍ରଚଳିତ ନୀତିର ଉପଧାରା ୩(ସସସ)କୁ ସଂଶୋଧନ କରି ଲେଖାଯାଇଛି ଯେ ବର୍ତ୍ତମାନ ଥିବା ଆଇପିପିଠାରୁ ତାପଜ ଶକ୍ତି କେନ୍ଦ୍ରର ୧୪ପ୍ରତିଶତ/୧୨ ପ୍ରତିଶତ ବିଦ୍ୟୁତ୍‌କୁ କେବଳ ପରିବର୍ତ୍ତନଶୀଳ ମୂଲ୍ୟରେ କ୍ରୟ କରିବାର ଅଧିକାର ବଦଳରେ, ତାପଜ ଶକ୍ତି କେନ୍ଦ୍ରରୁ ବାହାରୁଥିବା ବିଦ୍ୟୁତ୍‌ର ମାତ୍ର ୫ ପ୍ରତିଶତକୁ ପରିବର୍ତ୍ତନଶୀଳ ମୂଲ୍ୟରେ କ୍ରୟ କରିବା ପାଇଁ ରାଜ୍ୟ ସରକାରଙ୍କ ଦ୍ୱାରା ଅଧିକୃତ ଏକ ନାମିତ ସଂସ୍ଥା (ଗ୍ରୀଡ୍‌କୋ)କୁ ଅଧିକାର ପ୍ରଦାନ କରାଯିବ। ତେବେ ▶ପୃଷ୍ଠା-୭

# ଇବୋଲା ଆତଙ୍କ; ଭାରତରେ ସତର୍କତା ଜାରି

## ଆଫ୍ରିକା ସମ୍ମିଳନୀ ସ୍ଥଗିତ



■ ନୂଆଦିଲ୍ଲୀ,୨୧।୫(ଏଜେନ୍ସି): ଆଫ୍ରିକାର କେତେକ ଅଂଶରେ ପ୍ରାଣଘାତୀ ଇବୋଲା ଭାଇରସର ପ୍ରାଦୁର୍ଭାବକୁ ଦୃଷ୍ଟିରେ ରଖି ଭାରତ ସରକାର ଦେଶବ୍ୟାପୀ ସତର୍କତା ଜାରି କରିଛନ୍ତି। ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ (ଡବ୍ଲୁଏଚ୍‌ଓ) ଏହି ସ୍ୱାସ୍ଥ୍ୟ ସଂକଟକୁ ଏକ 'ଅନ୍ତର୍ଜାତୀୟ ସ୍ୱାସ୍ଥ୍ୟ ଜରୁରୀକାଳୀନ ପରିସ୍ଥିତି' ଭାବେ ଘୋଷଣା କରିବା ପରେ ଭାରତ ନିଜର ପ୍ରସ୍ତୁତିକୁ ଜୋରଦାର କରିଛି। କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ଅଧୀନରେ ଥିବା ଡାଇରେକ୍ଟୋରେଟ୍ ଜେନେରାଲ୍ ଅଫ୍ ହେଲଥ୍ ସର୍ଭିସେସ୍ (ଡିଜିଏଚ୍‌ଏସ୍) ବିଦେଶରୁ ଆସୁଥିବା ଯାତ୍ରୀମାନଙ୍କ ପାଇଁ ଏକ ସ୍ୱାସ୍ଥ୍ୟ ପରାମର୍ଶାବଳୀ ଜାରି କରିଛନ୍ତି। ବିଶେଷ କରି ▶ପୃଷ୍ଠା-୭

# କାଳବୈଶାଖୀ ନେଲା ୩ ଜୀବନ



■ କେନ୍ଦୁଝର, ୨୧।୫ (ସମିସ): କାଳବୈଶାଖୀ ନେଲା ୩ ଜୀବନ। କେନ୍ଦୁଝର ଟାଉନ୍ ଥାନା ନରଣପୁର ଗୁଡ଼ାସାହିରେ ଗୁରୁବାର ଅପରାହ୍‌ଣରେ ଏପରି ଏକ ଅଘଟଣ ଘଟିଛି। କାଳବୈଶାଖୀ ଜନିତ ବର୍ଷା-ପବନରେ ଏକ ଟେଣ୍ଟ ହାଉସ୍ ଭିତରେ ଥିବା ଗୋଦାମ ଘରେ ବିଶ୍ରାମ ନେଉଥିବା ୩ଜଣ ଶ୍ରମିକଙ୍କ ଘଟଣାସ୍ଥଳରେ ମୃତ୍ୟୁ ହୋଇଛି। ଆଉ ଜଣେ ଶ୍ରମିକଙ୍କୁ ଗୁରୁତର ଅବସ୍ଥାରେ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ମୃତକମାନେ ହେଲେ, ପାଟଣା ଥାନା ଚଟିଆପଶି ଗ୍ରାମର ଆଲୋକ ଚିପିଣ୍ଡିଆ, ବାରିଆ ଥାନା ଷଡ଼ଙ୍ଗୀର ପେଟୁ ନାଏକ, ଘଟଗାଁ ଥାନା ତରା ଗ୍ରାମର ସାଗର ନାଏକ।

ସୂଚନାନୁସାରେ, ଟେଣ୍ଟ ହାଉସ୍‌ର ଛାଉଣୀ ଖସି ପଡ଼ିବାରୁ ଶ୍ରମିକମାନେ ଚାପି ହୋଇଯାଇଥିଲେ। ମା' ତାରିଣୀ ଟେଣ୍ଟ ହାଉସ୍ ଭିତରେ ଥିବା ଏକ ଗୋଦାମ ଘରେ କେତେଜଣ ▶ପୃଷ୍ଠା-୭


## ସ୍ମୃତିରେ



ଡ଼ଃ ବଂଶୀଧର ପଣ୍ଡା
(୨୬.୧୧.୧୯୩୧ - ୨୨.୦୫.୨୦୧୮)

imfa

ଅଭୁଲା ସ୍ମୃତି ସହ
ବୈଜୟନ୍ତ 'ଜୟ', ପାରମିତା, ନିବେଦିତା, ଶୁଭ୍ରକାନ୍ତ
ଜାଗି, ବ୍ରଜ, କେଜି, ଶୈଫାଳିକା
ରାଇ, ରେଭା, ଅନୁଭା, ଆଦିତ୍ୟ, ରାଇସା, ରାଇମାନା
ଲିତିଶା, ଅନିରୁଦ୍ଧ, କାମେରନ
ଆତ୍ମୀୟସ୍ୱଜନ, ସଦସ୍ୟ ଏବଂ ସହଯୋଗୀ, ଇମ୍ପା ଗ୍ରୁପ୍

Tel: +91 674 2611000 | Email: memoriam@imfa.in



SIKSHA 'O' ANUSANDHAN

SAAT-2026

Empowering students for a brighter future

PHARMACY PROGRAMS
- B.Pharm
- M.Pharm in Pharmacology
- M.Pharm in Pharmaceutics
- M.Pharm in Industrial Pharmacy
- M.Pharm in Pharmaceutical Analysis

APPROVAL & RECOGNITIONS
- Approved by UGC and PCI
- Re-accredited by NAAC with A++ Grade
- Granted with Category-1 Graded Autonomy by UGC
- NBA Accredited B.Pharm Program

NIRF INDIA RANKINGS 2025
- 15th Best in University Category
- 25th Best in Overall Category

INTERNATIONAL RANKINGS 2026
- Ranked in QS World Rankings 2026
- Ranked in Times World Rankings 2026

To apply for admission through SAAT, Please visit: www.soa.ac.in


# ବଜ୍ରପାତରେ ଦାଦା ମୃତ, ପୁତୁରା ଗୁରୁତର

■ ଯାଜପୁର, ୨୧।୫ (ସମିସ): ଯାଜପୁର ସଦର ଥାନା ଅନ୍ତର୍ଗତ ଛତିଶ ଦେବିଲ ପଞ୍ଚାୟତ ମହମ୍ମଦ ଜମାପୁର ଗ୍ରାମରେ ଘଟିଛି ଅଭାବନୀୟ ଘଟଣା। ଆଜି ଅପରାହ୍ଣ ସମୟରେ ହୋଇଥିବା କାଳବୈଶାଖୀ ବେଳେ ବଜ୍ରପାତ ହେବା ଫଳରେ ଜଣଙ୍କର ମୃତ୍ୟୁ ଘଟିଛି। ମୃତକ ହେଲେ ମହମ୍ମଦ ଜମାପୁରର ଦୁର୍ଯ୍ୟୋଧନ ଧଳଙ୍କ ପୁତ୍ର ମନୋଜ ଧଳ (୪୨)। ସେ ଘର ପାଖରେ କାମ କରିବା ସମୟରେ ଏହି ବଜ୍ରପାତ ହୋଇଥିଲା। ଫଳରେ ମନୋଜ ଏବଂ ତାଙ୍କ ପୁତୁରା ସତ୍ୟରଞ୍ଜନ ଧଳ (୧୯) ଗୁରୁତର ଆହତ ହୋଇଥିଲେ। ଉଭୟଙ୍କୁ ପରିବାର ଲୋକେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିବାବେଳେ ମନୋଜଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ଗୁରୁତର ଆହତ ହୋଇଥିବା ପୁତୁରା ସତ୍ୟରଞ୍ଜନ ଏବେ ଡାକ୍ତରଖାନାରେ ଚିକିତ୍ସିତ ହେଉଥିବା ଜଣାପଡ଼ିଛି।


100% RESULT FROM 2018
SRIRAM SCIENCE RESIDENTIAL HIGHER SECONDARY SCHOOL 2013
SRIRAM GROUP OF INSTITUTIONS
SRIRAM
HIGHER SECONDARY SCHOOL
SORO, BALASORE
97% 1ST CLASS IN 2026
+2 SCIENCE RESULT : 2026
APPEARED : 235
1ST DIVISION : 228
540 & ABOVE : 27
510 & ABOVE : 52
480 & ABOVE : 91
96.2% +2 Mark: 577 10th Mark: 546 Dalanga, Khaira
SANTOSH KUMAR PARIDA
95.8% +2 Mark: 575 10th Mark: 524 Palli, Bhadrak
SHAKTIRANJAN SAMAL
95.5% +2 Mark: 573 10th Mark: 503 Nuasahi, Kaptipada
DIBYARANJAN KHANDEI
94.6% +2 Mark: 568 10th Mark: 460 Adia, Agarpada
SOUMYA SUBHASHRI PATRA
94.2% +2 Mark: 565 10th Mark: 502 Soro
SABYASACHI MOHAPATRA
93.8% +2 Mark: 563 10th Mark: 487 Kuansh, BDK
SHYAM SUNDAR BARIK
93.7% +2 Mark: 562 10th Mark: 519 Guagadia, BDK
AYUSH KUMAR MALIK
93.5% +2 Mark: 561 10th Mark: 450 Soso-Kanpur
ASHISH KUMAR BEHERA
93.3% +2 Mark: 560 10th Mark: 413 Naranpur, Nilgiri
SIRJAN MAJHI
93.2% +2 Mark: 559 10th Mark: 432 Bonth, BDK
SMRUTI RANJAN PEDA
93.0% +2 Mark: 558 10th Mark (CBSE): 406 Soro
GURUDUTTA OJHA
92.7% +2 Mark: 556 10th Mark: 505 Manipur, BLS
GIRIJA SHANKAR MOHAPATRA
92.7% +2 Mark: 556 10th Mark: 440 Bangore, Keonjhar
DEBADATA SAHU
92.3% +2 Mark: 554 10th Mark: 512 Damodarpur, Khaira
MANIKA PATRA
92.0% +2 Mark: 552 10th Mark (CBSE): 416 Suan, Basudevpur
PRIYANKA PD PANDA
92.0% +2 Mark: 552 10th Mark: 495 Kaptipada
JEEBAN CHAND BEHERA
91.7% +2 Mark: 550 10th Mark: 391 Gopalpur, BLS
LOKANATH RANA
91.5% +2 Mark: 549 10th Mark: 430 Matipaka, BDK
SAMBIT KUMAR BARIK
91.3% +2 Mark: 548 10th Mark: 480 Guagadia, BDK
PRIYANSHI NAYAK
91.3% +2 Mark: 548 10th Mark: 438 Ratina, Kupari
BHATRUHARI SAHOO
91.0% +2 Mark: 546 10th Mark: 470 Nudadiha, Kaptipada
OMKAR MOHANTY
90.7% +2 Mark: 544 10th Mark: 459 Mirigini, Nilgiri
SARBESWAR MISHRA
90.7% +2 Mark: 544 10th Mark: 420 Bahubandha, Udala
MANJEET SAMAL
90.5% +2 Mark: 543 10th Mark: 471 Chhatara, Khaira
PRAVANJAN BISWAL
90.3% +2 Mark: 542 10th Mark: 541 Soro
GEETIKRISHNA SENA
90.2% +2 Mark: 541 10th Mark: 447 Barpada, BDK
RUDRA PRATAP NAYAK
90.0% +2 Mark: 540 10th Mark: 443 Binayakpur, BDK
HIMANSHU PALEI
ସୋର ସ୍ଥିତ ଶ୍ରୀରାମ +୨ ବିଜ୍ଞାନ ହାୟର ସେକେଣ୍ଡାରୀ ସ୍କୁଲ ବିଗତ ବର୍ଷମାନଙ୍କ ଭଳି ଏବର୍ଷ ମଧ୍ୟ ଏହାର ସଫଳତା ବଜାୟରଖିଛି। ମୋଟ ୨୩୫ ଜଣ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ୨୨୮ ଜଣ ପ୍ରଥମ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଛନ୍ତି। ଅନୁଷ୍ଠାନର ଛାତ୍ର ସନ୍ତୋଷ କୁମାର ପରିଡ଼ା ୫୭୭ ମାର୍କ ରଖି କଲେଜ ଟପର ହୋଇଛନ୍ତି। ମାଟ୍ରିକ ପରୀକ୍ଷାରେ ମାତ୍ର ୩ ଜଣ ୯୦% ରୁ ଅଧିକ ରଖିଥିବା ଛାତ୍ରଛାତ୍ରୀ ଏବଂ ବହୁ କମ୍ ନମ୍ବର ରଖିଥିବା ଛାତ୍ରଛାତ୍ରୀମାନଙ୍କୁ ନେଇ ନିଜର ସ୍ୱତନ୍ତ୍ର ପାଠପଢା ଶୈଳୀ ଏବଂ ସୁପରିଚାଳନା ଦ୍ୱାରା ଏହି ଅନୁଷ୍ଠାନ ଆଜି ସଫଳତାର ଶୀର୍ଷରେ ରହିବା ସହିତ ଅଭିଭାବକ ମହଲରେ ନିଜପାଇଁ ଏକ ସ୍ୱତନ୍ତ୍ର ସ୍ଥାନ ସୃଷ୍ଟି କରିପାରିଛି।
SURAJ SWAIN MARK: 539
SOUMYA R. BARIK MARK: 537
SAI K. SINGH MARK: 537
MADHUSMITA MISHRA MARK: 537
DHIRENDRA SWAIN MARK: 534
SAMARPITA JENA MARK: 532
ANITA MALIK MARK: 530
PRIYANKA DEY MARK: 530
SAMONATH BEHERA MARK: 529
AVIJEET MALLICK MARK: 526
ANANTA N. MISHRA MARK: 525
SOUMYA R. PANDA MARK: 522
CHINMAYEE RANA MARK: 521
SIDDHESWAR MISHRA MARK: 521
RAUMYA RANJAN DAS MARK: 520
KRUSHNATANAYA PANDA MARK: 519
SATYAJIT BEHERA MARK: 518
KAMALAKANTA NAYAK MARK: 517
ARPITA MOHANTY MARK: 515
ITISHREE PATRA MARK: 515
RAJASHREE SAHU MARK: 514
SUSHREE S. MISHRA MARK: 514
DIPTIREKHA MAHANTA MARK: 513
SILU MAJHI MARK: 512
SAI K. LENKA MARK: 510
ADMISSION GOING ON FOR
+2 SCIENCE (CHSE)
+2 SCIENCE (CBSE)
100% CAMPUS HOSTEL BOTH FOR BOYS & GIRLS.
FOR ADMISSION CONTACT : 7978620299, 9437385534
Integrated Coaching for
NEET, JEE & Int. B.Ed.

# ପାନୀୟ ଜଳ ସମସ୍ୟା; ଗରା ବାଲଟି ବସାଇ ରାସ୍ତାରୋକ



**ନୀଳଗିରି, ୨୧।୫ (ସମିସ):** ନୀଳଗିରି ଏନଏସିରେ ପାନୀୟ ଜଳ ସମସ୍ୟା ଦେଖାଦେଇଛି। ୮ ନମ୍ବର ୱାର୍ଡ଼ ଚିମିନିଭାଟି ଗ୍ରାମରେ ଶହେ ରୁ ଊର୍ଦ୍ଧ୍ୱ ପରିବାର ବସବାସ କରୁଥିବା ବେଳେ ପାନୀୟ ଜଳ ସମସ୍ୟା ପାଇଁ ଗ୍ରାମର ସମସ୍ତ ମହିଳା ଗରା ବାଲଟି ବସାଇ ରାସ୍ତା ରୋକ କରିଥିଲେ। ଚିମିନିଭାଟି ଗ୍ରାମରେ ୫ ଦିନ ହେଲା ପାଇପ ପାଣି ଆସୁନଥିଲି। ଗ୍ରାମରେ ଥିବା ଗୋଟିଏ ମାତ୍ର ଗଭୀର ନଳକୂପ ବହୁଦିନରୁ ଅଚଳ ହୋଇଯାଇଛି। ପାଇପ ଜଳ ସେମାନଙ୍କର ଭରସା ଥିଲା। ଶେଷରେ ଉପାୟ ଶୂନ୍ୟ ହୋଇ ନିକଟ ପରିତ୍ୟକ୍ତ କଲରା ପୋଖରୀ ଜଳରେ ପାନୀୟ ଠାରୁ ଆରମ୍ଭ କରି ଗାଧୋଇବା, ରୋଷେଇ ରେ ବ୍ୟବହାର କରି ଅତିଷ୍ଠ ହୋଇ ପଡ଼ିଲେଣି। ଏନେଇ ବିଭାଗୀୟ ଅଧିକାରୀଙ୍କୁ ଅବଗତ କରାଇବା ପରେ ମଧ୍ୟ ଫଳ ଶୂନ ହୋଇଥିଲା। ତେବେ ଗୁରୁବାର ଗ୍ରାମର ଶତାଧିକ ମହିଳା, ପୁରୁଷ ନୀଳଗିରି-ମିତ୍ରପୁର ରାସ୍ତା ଥାନା ପାଖରେ ଅପରାହ୍ନ ୪ ଘଟିକା ସମୟରେ ଗରା, ବାଲତି ବସାଇ ରାସ୍ତା ଅବରୋଧ କରିଥିଲେ। ନୀଳଗିରି ପୋଲିସ ଉପସ୍ଥିତ ରହି ବୁଝାସୁଝା କରିଥିଲେ ମଧ୍ୟ ଉତ୍ୟକ୍ତ ଜନତା କର୍ଣ୍ଣପାତ କରିନଥିଲେ। ଜାତାୟାତ ଏକ ପ୍ରକାର ଠପ ପାଲଟିଥିଲା। ପରେ ବିଭାଗୀୟ ଅଧିକାରିଙ୍କ ପ୍ରତିଶ୍ରୁତି ପାଇଲା ପରେ ରାସ୍ତା ଅବରୋଧ ହଟିଥିଲା।

# ବାଲେଶ୍ୱର ସହରରେ ଅଟକିଛି 'ଜାଗା ମିଶନ୍'

ବାଲେଶ୍ୱର, ୨୧।୫ (ସମିସ)

କିଏ ନଦୀ ପାଖରେ ପଲା ମାରି ରହୁଛନ୍ତି ତ ଆଉ କିଏ ଘର ଭଡା ନେଇ କଷ୍ଟେମଷ୍ଟେ ଚଳୁଛନ୍ତି। ସହରାଞ୍ଚଳ ଭୂମିହୀନଙ୍କୁ ଜାଗା ମିଳିବା ନେଇ ସର୍ଭେ ହୋଇଥିବା ବେଳେ କେବେ ମିଳିବ ଜମି ସେନେଇ ଅପେକ୍ଷାରେ ଶତାଧିକ ପରିବାର। କାହା ପାଖରେ ଉଷା ସର୍ଭେରେ କାଗଜପତ୍ର ଅଛି ତ କାହା ପାଖରେ ଭୂମି ଅଧିକାର ପ୍ରମାଣପତ୍ର ରହିଛି। ହେଲେ କାହାକୁ ବି ଏଯାଏଁ ଥଇଥାନ କରାଯାଇନାହିଁ। ବିସ୍ଥାପିତ ହେଉଥିଲେ ହେଁ କାହାକୁ ଜାଗା ପ୍ରଦାନ କରାଯାଇନଥିବା ଜଣାପଡ଼ିଛି। ଅର୍ଥାତ୍ ସରକାର ପରିବର୍ତ୍ତନ ପରେ ଏହି ଉଷା ସର୍ଭେ ବା ଜାଗା ପ୍ରମାଣ ପତ୍ରର କିଛି ଗୁରୁତ୍ୱ ନଥିବା ମତପ୍ରକାଶ ପାଇଛି। ସୂଚନାଯୋଗ୍ୟ, ୨୦୧୭ ମସିହାରେ ବସ୍ତିବାସିନ୍ଦାଙ୍କୁ ଜମି ଅଧିକାର ଦେବା ପାଇଁ ଆରମ୍ଭ କରିଥିବା 'ଜାଗା ମିଶନ୍' ବାଲେଶ୍ୱର ସହରରେ ବିଫଳ ହୋଇଥିବା ଜଣାପଡ଼ିଛି। ବିସ୍ଥାପିତ ପରିବାରଙ୍କୁ ଜମି ଅଧିକାର ପ୍ରମାଣପତ୍ର ବା ଏଲଆରସି ବି ମିଳିନାହିଁ। ପ୍ରଥମେ ବସ୍ତିବାସିନ୍ଦାଙ୍କୁ ଅର୍ବାନ ସ୍ଲମ ହାଉସ ହୋଲଡ ଏରିଆ ସର୍ଭେ (ଉଷା) ତଥା ବସ୍ତି ସର୍ଭେ କାର୍ଡ ପ୍ରଦାନ କରାଯାଇଥିଲା। ପରେ ସେମାନଙ୍କୁ ଜମି ଅଧିକାର ପ୍ରମାଣପତ୍ର ବା ଏଲଆରସି ଦେବାର ଥିଲା। ହେଲେ ଦୀର୍ଘ ବର୍ଷ ହେଲା ବାଲେଶ୍ୱର ପୌରପାଳିକା ମ୍ୟୁନିସିପାଲିଟି ବିସ୍ଥାପିତ ପରିବାରଙ୍କୁ କେବଳ ସର୍ଭେ କାର୍ଡ ଦେଇଛି, କିନ୍ତୁ ଏଲଆରସି ପ୍ରଦାନ କରିନାହିଁ। ସରକାରୀ ଜମିରେ ବର୍ଷ ବର୍ଷ ଧରି ରହୁଥିବା ଲୋକଙ୍କ ମଧ୍ୟରୁ ଚାରି ଶହରୁ ଅଧିକ ଜଣଙ୍କୁ ବିସ୍ଥାପିତ କରାଯାଇଥିଲା। ସେମାନଙ୍କୁ ସରକାରଙ୍କ ଏହି ସୁଯୋଗରୁ ବଞ୍ଚିତ କରାଯାଇଛି। ସେହିପରି ବାଲେଶ୍ୱର ମ୍ୟୁନିସିପାଲିଟିର ବିଭିନ୍ନ ୱାର୍ଡରେ ୧୬୭୭ ପରିବାର ଉଷା ସର୍ଭେ କାର୍ଡ ପାଇଛନ୍ତି। ହେଲେ ସେମାନେ ସରକାରଙ୍କ ଯୋଜନାରୁ ବଞ୍ଚିତ ହୋଇଛନ୍ତି। ବିଶେଷକରି ୱାର୍ଡ ନମ୍ବର ୧୮, ୩୦ ଓ ୩୧ ଅଞ୍ଚଳରେ ପ୍ରାୟ ୫୯୦ ପରିବାରଙ୍କୁ ଉଚ୍ଛେଦ କରାଯାଇଛି। ହେଲେ ଉଚ୍ଛେଦ ହୋଇଥିବା ପରିବାର ଏବେ ବି ଜାଗା ତଥା ଘର ଖଣ୍ଡେ ପାଇଁ ଅପେକ୍ଷା କରିଛନ୍ତି। ୱାର୍ଡ ନମ୍ବର ୧୯ର କାଉନସିଲର ଶୋଭା ମହାପାତ୍ର କହିଛନ୍ତି, ବିଗତ ସରକାରରେ ବସ୍ତିବାସିନ୍ଦାଙ୍କ ସର୍ଭେ ହୋଇ ହୋଇଥିଲା। ବିସ୍ଥାପିତମାନଙ୍କୁ ଥଇଥାନ କରାଯିବ ବୋଲି ଯୋଜନା ହେଲା। ତେଲେଙ୍ଗା ସାହିରେ ବି ବହୁତ ଲୋକ ଅଛନ୍ତି, ଯେଉଁମାନେ ରେଲୱେ ଜାଗା ଉପରେ ରହିଛନ୍ତି। ସର୍ଭେ କାର୍ଡ ଧରି ବସିଛନ୍ତି ହେଲେ ଜାଗା ମିଳିନାହିଁ। ପ୍ରାୟ ୨୦୦ ପରିବାରକୁ ଥଇଥାନ ପାଇଁ ଆମେ ରେମୁଣାରେ ଚେଷ୍ଟା କରିଥିଲୁ। ହେଲେ ସେଠାକାର ବାସିନ୍ଦା ସବୁ ଆନ୍ଦୋଳନ କରିଲେ। ଫଳରେ ତାହା ଅଟକିଗଲା। ପରେ ସରକାରଙ୍କୁ ବଦଳିବା ପରେ କିଛି ହେଉନାହିଁ। ରେଲୱେ କେତେବେଳେ ବି ସେମାନଙ୍କୁ ଉଚ୍ଛେଦ କରିପାରିବ। କିନ୍ତୁ ବସ୍ତିବାସିନ୍ଦା ବହୁତ ଦିନରୁ ଅପେକ୍ଷା କରି ରହିଛନ୍ତି ଜାଗା ପାଇଁ'। ସେହିପରି ୩୦ ନମ୍ବର ୱାର୍ଡ କାଉନସିଲର ଭାରତୀ ପାତ୍ର କହିଛନ୍ତି ଆମ ୱାର୍ଡର ୯୦ ପ୍ରତିଶତ ବାସନ୍ତି ବାସିନ୍ଦାଙ୍କ ପାଖରେ ଉଷା ସର୍ଭେ ହୋଇଛି। କିନ୍ତୁ ଜଣଙ୍କୁ ବି ଥଇଥାନ କରାଯାଇନାହିଁ। ଆମ ୱାର୍ଡରେ ଯାଦବପୁର, ଗୋଳାପୋଲ ଅଞ୍ଚଳରେ ଅନେକ ଲୋକଙ୍କୁ ବିସ୍ଥାପିତ କରାଯାଇଛି। ପାଖାପାଖି ୨୫୦ ଜଣଙ୍କୁ ଉଚ୍ଛେଦ କରାଯାଇଛି। ହେଲେ କାହାକୁ ଥଇଥାନ କରାଯାଇନାହିଁ। କିଏ ନଦୀ କଡରେ ପଲା ମାରିକି ରହିଛନ୍ତି ତ କେହି କଷ୍ଟେ ମଷ୍ଟେ ଭଡା ଘରେ ରହୁଛନ୍ତି'। 'ବସ୍ତି ବାସିନ୍ଦାଙ୍କୁ ସର୍ଭେ କରାଯାଇ ଏକ ଗ୍ରୀନ୍ କାର୍ଡ ଦିଆଯାଇଥିଲା। ସେମାନଙ୍କୁ ଥଇଥାନ ବି କରାଯିବ। ସହରର ବିକାଶ ସହ ବିସ୍ଥାପିତ ବି ଥଇଥାନ ହେବ'। ସେହିପରି ୧୮ ନମ୍ବର ୱାର୍ଡ କାଉନସିଲର ଅର୍ପିତ ପଟ୍ଟନାୟକ କହିଛନ୍ତି, ' ଉଚ୍ଛେଦ ହେଉଛି ମାନେ ଥଇଥାନର ବାଟ ରଖିବା କଥା ସରକାର। ଉଚ୍ଛେଦ ଏବେ ଆମ ୱାର୍ଡରେ ହେଉଛି। ଏବେ ୩୧ ଏବଂ ଆମ ୱାର୍ଡରେ ପ୍ରାୟ ଦେଢ ଶହ ପରିବାରଙ୍କୁ ବିସ୍ଥାପିତ କରାଯାଇଛି। ପୂର୍ବ ସରକାରରେ ଭୂମିହୀନଙ୍କୁ ଗୋଟେ ଗୋଟେ ପ୍ରମାଣ ପତ୍ର ମିଳିଥିଲା। ହେଲେ ଏବେ ଏହି ଉଷା କାର୍ଡ ର କିଛି ମହତ୍ତ୍ୱ କି ଗୁରୁତ୍ୱ ବି ନାହିଁ। ଜଣେ ଜଣେ ଲୋକ ୬୦ ବର୍ଷରୁ ଅଧିକ ଦିନ ଧରି ସେହି ଜାଗାରେ ରହୁଛନ୍ତି। ତାପରେ ଉଚ୍ଛେଦ ହେଉଛି। ତେଣୁ ସେମାନଙ୍କୁ ଜାଗା ମିଳିବା ଉଚିତ୍'। ତେବେ ଜାଗା ମିଶନ୍ ରେ ଆଉ କିଛି କାର୍ଯ୍ୟକାରୀ ହୋଇନାହିଁ। କେବଳ ସର୍ଭେ ହୋଇଛି। କିନ୍ତୁ କାହାକୁ ଜାଗା ପଟ୍ଟା ବି ମିଳିନାହିଁ କି ଥଇଥାନ କରାଯାଇନାହିଁ ବୋଲି ପୌରପାଳିକା ପକ୍ଷରୁ ସୂଚନା ମିଳିଛି।

**ଜାଗା ଅପେକ୍ଷାରେ ଶତାଧିକ ପରିବାର**

# ରବି ଧାନର ଅଭାବୀ ବିକ୍ରି, ଚାଷୀ ନିରାଶ

**ବସ୍ତା ବ୍ଲକ, ୨୧।୫ (ସମିସ):** ଚଳିତ ବର୍ଷ ରବି ଋତୁ ର ଧାନ ଚାଷ ଅମଳ ଶେଷ ପର୍ଯ୍ୟାୟ ରେ ପହଞ୍ଚିଛି। ଚଳିତ ବର୍ଷ ରବି ଋତୁ ରେ ବାଲେଶ୍ୱର ଜିଲ୍ଲା ବସ୍ତା ବ୍ଲକ ରେ ହଜାର ହଜାର ହେକ୍ଟର ଜମିରେ ଧାନ ଚାଷ ହୋଇଛି। ସରକାରୀ ତଥ୍ୟ ଅନୁସାରେ ଅନେକ ଅଧିକ ଚାଷ ହୋଇଛି। ଅନୁକୂଳ ପାଗ ସହିତ କାଳବୈଶାଖୀ ର ପ୍ରଭାବ ନଥିବା ରୁ ଧାନ ର ଅମଳ ଅଧିକ ହୋଇ ଥିବା କୁହା ଯାଉଛି। ଧାନ ଅମଳ ସରିଥିବା ବେଳେ ଚାଷୀ ଅଭାବ ବିକ୍ରି ର ସମ୍ମୁଖୀନ ହୋଇଛନ୍ତି। ସରକାରୀ ନିୟମ ଦ୍ୱାରା ଚାଷୀ ବହୁ ଆର୍ଥିକ କ୍ଷତି ସହୁଥିବା ଅଭିଯୋଗ ଆସିଛି। ପ୍ରକାଶ ଯେ ବାଲେଶ୍ୱର ଜିଲ୍ଲା ର ବସ୍ତା ଏକ କୃଷି ପ୍ରଧାନ ବ୍ଲକ। ଏହି ବ୍ଲକ ର ଧାନ ଚାଷ ହେଉଛି ବାର୍ଷିକ ରୋଜଗାରର ଏକ ମାତ୍ର ପନ୍ଥା। ସରକାର ଧାନ ର ସରକାରୀ ସହାୟକ ମୂଲ୍ୟ ବୃଦ୍ଧି ପରେ ଚାଷୀ ଉଚିତ ମୂଲ୍ୟ ପାଉଥିବାରୁ ଧାନ ଚାଷ ପ୍ରତି ଆଗ୍ରହ ବଢୁଛି। ମାତ୍ର ଅନ୍ୟ ପକ୍ଷେ ଦେଖିବାକୁ ଗଲେ ଚାଷ ଜମି ଲିଜ ନେଉଥିବା ଚାଷୀ, ଭାଗ ଚାଷୀ, ଜମି ଜମା ସଂକ୍ରାନ୍ତୀୟ ବିବାଦ ପରି ଅନେକ ପ୍ରକାର ଚାଷୀ ସରକାରୀ ମଣ୍ଡି ରେ ଧାନ ଦେଇ ପାରୁ ନାହାନ୍ତି। ସେମାନଙ୍କ ର ଏକମାତ୍ର ଭରସା ଖୋଲା ବଜାର। ଏହି କ୍ରମ ରେ ଦେଖିବାକୁ ଗଲେ ବାଲେଶ୍ୱର ଜିଲ୍ଲା ବସ୍ତା ବ୍ଲକ ରେ ଶହେ ରୁ ଊର୍ଦ୍ଧ୍ୱ ବେସରକାରୀ ଧାନ ମଣ୍ଡି ରହିଛି। ଚଳିତ ରବି ଋତୁ ରେ ଅନୁକୂଳ ପାଗ ଯୋଗୁଁ ଧାନ ଅମଳ ଭଲ ହୋଇଛି। ଏଯାଏ ସରକାରୀ ମଣ୍ଡି ଖୋଲିନି। ସେହିପରି ଚାଷୀ ଙ୍କୁ ଆସିଥିବା ଟୋକନ ଅପେକ୍ଷା ଅଧିକ ଧାନ ଗଚ୍ଛିତ ରହିଛି। ତେଣୁ ଖୋଲା ବଜାରକୁ ହିଁ ଚାଷୀ ଙ୍କ ଭରସା। ମାତ୍ର ଖୋଲା ବଜାର ରେ ଧାନ କୁଇଣ୍ଟାଲ ପ୍ରତି ୧୩ ଶହରୁ ୧୪ ଶହ ଟଙ୍କା ମଧ୍ୟରେ ରହିଛି। ଆନ୍ଧ୍ର ଓ ପଶ୍ଚିମବଙ୍ଗ ଧାନ ର ବଡ଼ ବଜାର। ପଶ୍ଚିମବଙ୍ଗ ଧାନ ଚାଲାଣ ଉପରେ କଟକଣା ଥିବାରୁ ଧାନ ର ମୂଲ୍ୟ ବଢୁ ନଥିବା ବ୍ୟବସାୟୀ ମାନେ ପ୍ରକାଶ କରିଛନ୍ତି। ଯାହା ଫଳରେ ଧାନ ଚାଷୀ ବହୁ କ୍ଷତି ସହୁଛନ୍ତି। ସେହିପରି ସରକାରୀ ମଣ୍ଡି ରେ ବେପାରୀ ଙ୍କ ଧାନ ପଡୁଥିବା ଅଭିଯୋଗ ହୋଇଛି। ବର୍ଷା ପବନ କୁ ଦୃଷ୍ଟିରେ ରଖି ଚାଷୀ ଶୀଘ୍ର ଧାନ ଅମଳ କରିନେଇଥିବା ବେଳେ ସେହି ଧାନ କୁ ଖୋଲା ବଜାର ରେ କମ ଦାମ ରେ ବିକ୍ରୀ କରୁଛନ୍ତି ଓ ଏହାର ଭରପୁର ଫାଇଦା ଦଲାଲ ନେଉଛନ୍ତି। କିଛି ଚାଷୀ ଙ୍କ ନାମରେ ଆସୁଥିବା ଟୋକନ ରେ ଦଲାଲ ଧାନ ପକାଉଛନ୍ତି। ଯେହେତୁ ଚାଷୀ ପାଖରେ ଧାନ ନାହିଁ ତେଣୁ କିଛି ଟଙ୍କା ବିନିମୟରେ ଚାଷୀ ଟୋକନ ବିକ୍ରି କରୁଥିବା ଭଳି ଘଟଣା ଦେଖିବାକୁ ମିଳିଛି। ଓଡ଼ିଶା ରୁ ବାହାର ରାଜ୍ୟ କୁ ଧାନ ବିକ୍ରି କଟକଣା ହଟିଲେ ଖୋଲା ବଜାର ରେ ଧାନ ର ମୂଲ୍ୟ ବଢ଼ିବ ବୋଲି ଚାଷୀ ଓ ଧାନ ବ୍ୟବସାୟୀଙ୍କ ପକ୍ଷରୁ କୁହା ଯାଇଛି।

# ଯୁକ୍ତ ଦୁଇ ପରୀକ୍ଷାରେ ଗାନ୍ଧୀ କଲେଜର ସଫଳତା

**ବାଲେଶ୍ୱର, ୨୧।୫ (ସମିସ):** ସହର ସ୍ଥିତ ଗାନ୍ଧୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପ୍ରଥମ ବର୍ଷ ଯୁକ୍ତ ଦୁଇ ପରୀକ୍ଷା ଫଳରେ ଶତ ପ୍ରତିଶତ ସଫଳତା ଅର୍ଜନ କରିପାରିଛି। ପ୍ରଥମ ବର୍ଷର ପରୀକ୍ଷା ଦେଇ ଏହି ସଫଳତା ଅର୍ଜନ କରିଥିବାରୁ ଅଭିଭାବକ, ଛାତ୍ରଛାତ୍ରୀ ତଥା ଅଧ୍ୟାପକ ଅଧ୍ୟାପିକାଙ୍କ ମଧ୍ୟରେ ଅପୂର୍ବ ଉତ୍ସାହ ପ୍ରକାଶ ପାଇଛି। ପ୍ରଥମ ବର୍ଷ ବିଜ୍ଞାନରେ ୮୫ ଜଣ ଛାତ୍ରଛାତ୍ରୀ ମାନଙ୍କ ମଧ୍ୟରୁ ୭୬ ଜଣ ପ୍ରଥମ ଶ୍ରେଣୀରେ, ଅବଶିଷ୍ଟ ୨ ଜଣ ଦ୍ୱିତୀୟ ଶ୍ରେଣୀରେ ସେଥିମଧ୍ୟରୁ ୩ ଜଣ ୯୦ଧ ଅଧିକ ଏବଂ ୧୫ ଜଣ ଛାତ୍ରଛାତ୍ରୀ ୮୦ଧ ରୁ ଅଧିକ ନମ୍ବର ରଖିଛନ୍ତି। ୨୦୨୬ ଯୁକ୍ତ ଦୁଇ ବିଜ୍ଞାନ ଫଳାଫଳରେ ଏହି କଲେଜର ଛାତ୍ର ମନୋଜ ସେଠୀ (୫୫୬) (୯୨ଧ) ଛାତ୍ରୀ ପ୍ରିୟଙ୍କା ମହାନ୍ତି (୫୪୩) (୯୧%) ଓ ଅନ୍ୟତମେ ଛାତ୍ର ଶିବଶଙ୍କର ବେହେରା (୫୪୨) (୯୧ %) ମାର୍କ ରଖି କଲେଜର ଗୌରବ ବଢେଇଛନ୍ତି। ସେହିଭଳି ସାଇକ୍ରିଷ୍ଣା ମହାନ୍ତି (୫୩୮) (୮୯ଧ), ବିଶ୍ୱପ୍ରଜ୍ଞା ନାୟକ (୫୨୯) (୮୮%), ବୈଶାଖୀ ପାତ୍ର (୫୨୭) (୮୮ %), ସୁଶ୍ରୀ ସୁଲେଖା ସାହୁ (୫୧୩) (୮୫%), ସୁଶ୍ରୀ ସୋନାଲି ହେମ୍ବ୍ରମ (୫୧୨) (୮୫%), ଦିନେଶ ଦାସ (୫୧୨) (୮୫%), ଲିପିକା ବେହେରା (୫୦୫) (୮୪%) ଯଶପ୍ରୀୟା ନାୟକ (୫୦୫) (୮୪%) ମାର୍କ ରଖିବାରେ ସକ୍ଷମ ହୋଇଛନ୍ତି। ସଫଳ ଛାତ୍ରଛାତ୍ରୀମାନଙ୍କୁ ଅନୁଷ୍ଠାନ ଚେୟାରମ୍ୟାନ ଓମ ପ୍ରକାଶ ମହାପାତ୍ର, କଲେଜ ଅଧକ୍ଷ ଏବଂ ଅନ୍ୟ ସମସ୍ତ ଅଧ୍ୟାପକ ଏବଂ ଅଧ୍ୟାପିକା ମାନଙ୍କ ଉପସ୍ଥିତିରେ ଉତ୍ତରୀୟ ଏବଂ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧନା କରାଯାଇଥିଲା। ଏଥିସହିତ ଅନୁଷ୍ଠାନର ଚେୟାରମ୍ୟାନ କଲେଜର ସମସ୍ତ ଛାତ୍ରଛାତ୍ରୀ ଅଧ୍ୟାପକ, ଅଧ୍ୟାପିକା ମାନଙ୍କ ଅକ୍ଳାନ୍ତ ପରିଶ୍ରମ, ଶୃଙ୍ଖଳା ଏବଂ ଅନୁଶାସନକୁ ପ୍ରଶଂସା କରିବା ସହ ଅନୁଷ୍ଠାନର ଅନ୍ୟ ସମସ୍ତ କର୍ମଚାରୀଙ୍କୁ ଧନ୍ୟବାଦ ଜଣାଇଥିଲେ।



# ମାଛ ବ୍ୟବସାୟୀଙ୍କ ନିକଟରୁ ଲୁଟ୍ ଘଟଣାରେ ଦୁଇ ଗିରଫ

**ସୋର, ୨୧।୫ (ସମିସ):** ଅନନ୍ତପୁର ଥାନା ଘୁଷୁରା ପୋଲ ନିକଟରେ ଜଣେ ମାଛ ବ୍ୟବସାୟୀଙ୍କ ନିକଟରୁ ଲୁଟ ଘଟଣାରେ ପୁଲିସ ଦୁଇ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଗତ ଏପ୍ରିଲ ୧୦ ତାରିଖ ଭୋର ସମୟରେ ସୋର ପୌର ପାଳିକା ଅନ୍ତର୍ଗତ ଖଣ୍ଡାସାହି ଗ୍ରାମର ମାଛ ବ୍ୟବସାୟୀ କୃତିବାସ ଧଡ଼ା ମାଛ ଆଣିବାକୁ ବାଇକ ଯୋଗେ ଚୂଡ଼ାମଣି ଯାଉଥିଲେ। ଏହି ସମୟରେ ଘୁଷୁରା ପୋଲ ନିକଟରେ ଦୁଇ ଜଣ ଯୁବକ ଏକ ବାଇକରେ ଆସି ତାଙ୍କୁ ମାଡ଼ ମାରି ୨୪ ହଜାର ଟଙ୍କା ଲୁଟ କରି ଚମ୍ପଟ ମାରିଥିଲେ। ଏ ବାବଦରେ କୃତିବାସ ଅନନ୍ତପୁର ଥାନାରେ ଅଭିଯୋଗ କରିବା ପରେ ପୁଲିସ ୬୦/୨୬ ରେ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଥିଲେ। ପୁଲିସ ଗତକାଲି ରାତିରେ ଏହି ଘଟଣାରେ ସମ୍ପୃକ୍ତ ଥିବା ଅଭିଯୁକ୍ତ ରେଉଦା ଗ୍ରାମର ସେକ ସାନୁଆର (୩୦) ଏବଂ ବେଳପୁର ଗ୍ରାମର ସେକ ଅବଦୁଲ କାଦିର(୨୩)କୁ ଗିରଫ କରିଥିଲେ। ପଚରା ଉଚରା ପରେ ଉଭୟ ବାଳଙ୍ଗ ଛକରେ ଏକ ମୋବାଇଲ ଛିନତାଇ କରିଥିବା ସ୍ୱୀକାର କରିଥିଲେ। ପୁଲିସ ସେମାନଙ୍କ ନିକଟରୁ ନଗଦ ୨ ହଜାର ଟଙ୍କା, ଏକ ପ୍ଲାଷ୍ଟିକ ପାଇପ, ଲୁଟରେ ବ୍ୟବହୃତ ବୁଲେଟ ବାଇକ ଏବଂ ମୋବାଇଲ ଟିକୁ ଜବତ କରିଥିଲେ। ଆଜି ଅପରାହ୍ନରେ ସୋର ମେଡିକାଲରେ ଉଭୟଙ୍କ ଡାକ୍ତରୀ ମାଇନା ପରେ ପୁଲିସ ଉଭୟଙ୍କୁ କୋର୍ଟ ଚାଲାଣ କରି ଘଟଣାର ଅଧିକ ତଦନ୍ତ ଆରମ୍ଭ କରିଛି। ଉଭୟଙ୍କ ନାମରେ ସୋର, ସିମୁଲିଆ ଏବଂ ବାସୁଦେବପୁର ଥାନାରେ ଏକାଧିକ ମାମଲା ଥିବା ପୁଲିସ ସୂଚନା ଦେଇଛି।

# ସନ୍ଦୀପନି ହୋମ ଟ୍ୟୁଟୋରିଆଲ କଲେଜ ଟପ୍ପରଙ୍କୁ ସମ୍ବର୍ଦ୍ଧନା

**ସୋର, ୨୧।୫ (ସମିସ):** ସୋର କଲେଜ ଛକ ସ୍ଥିତ ସନ୍ଦୀପନି ହୋମ ଟ୍ୟୁଟୋରିଆଲ ପକ୍ଷରୁ ଚଳିତ ଦ୍ୱାଦଶ ଶ୍ରେଣୀ ପରୀକ୍ଷାରେ ଉର୍ତ୍ତିଣ କଲେଜ ଟପ୍ପରଙ୍କ ସମେତ ଅନ୍ୟ କୃତି ଛାତ୍ରଛାତ୍ରୀଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ଆୟୋଜିତ ସମ୍ବର୍ଦ୍ଧନା ସଭାରେ ପଦାର୍ଥ ବିଜ୍ଞାନ ପ୍ରାଧ୍ୟାପକ ରାଜ କିଶୋର ନାୟକ ସଭାପତିତ୍ୱ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଗଣିତ ପ୍ରାଧ୍ୟାପକ ଜୟ ଶଙ୍କର ସାହୁ, ପ୍ରାଧ୍ୟାପିକା ସଙ୍ଗୀତା ନାୟକ ଓ ଇଂରାଜୀ ଶିକ୍ଷକ ନିରଞ୍ଜନ ପଣ୍ଡା ଯୋଗଦେଇ ନିଜ ନିଜର ବ୍ୟକ୍ତିଗତ ପରିଶ୍ରମ ତଥା ଶିକ୍ଷାଦାନର ଅନୁଭୂତି ବଖାଣିବା ସହିତ ପିଲାଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ। କୃତୀ ଛାତ୍ର ମାନେ ତାଙ୍କର ସଫଳତା ପାଇଁ ନିଜ ନିଜର ଅନୁଭୂତି ବଖାଣିଥିଲେ। ଉକ୍ତ ଟିଉଟରୀଆଲରେ ପଢୁଥିବା ବାରାପୁର ସହିଦ ମହାବିଦ୍ୟାଳୟ କଲେଜର ବିଜ୍ଞାନ ଛାତ୍ର ସନମ କର ୫୪୬ ନମ୍ବର ରଖି କଲେଜ ଟପର ହୋଇଥିବା ବେଳେ ସୋର କଲେଜ ଛାତ୍ର ପ୍ରକାଶ ଜେନା ୫୬୪ ନମ୍ବର, ସୌମ୍ୟ ରଞ୍ଜନ ମହାପାତ୍ର ୫୪୧ ନମ୍ବର ରଖି ଏ-୧ରେ ସଫଳତାର ସହ ଉତୀର୍ଣ୍ଣ ହୋଇଛନ୍ତି। ତେଣୁ ଟିଉଟରୀଆଲ ପକ୍ଷରୁ ସମସ୍ତଙ୍କୁ ପୁଷ୍ପ ଗୁଛ ଏବଂ ଅର୍ଥ ରାଶି ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରାଯାଇଥିଲା। ଶେଷରେ ପ୍ରାଧ୍ୟାପକ ଜୟ ଶଙ୍କର ସାହୁ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।



# ସଦର ବିଇଓଙ୍କ ସହ ଶିକ୍ଷା ସୁରକ୍ଷା ମଞ୍ଚର ଆଲୋଚନା

**ବାଲେଶ୍ୱର, ୨୧।୫ (ସମିସ):** ସରକାରଙ୍କ ମାର୍ଗଦର୍ଶିକାକୁ ପାଳନ କରି ରେସନାଲ ସିଷ୍ଟମକୁ କାର୍ଯ୍ୟକାରୀ କରାଇ ୧୦ ବର୍ଷରୁ ଊର୍ଦ୍ଧ୍ୱ କାଳ ରହିଥିବା ଶିକ୍ଷକ, ଶିକ୍ଷୟତ୍ରୀଙ୍କ ବଦଳି କରି ଶୈକ୍ଷିକ ବାତାବରଣ ସୃଷ୍ଟି ପାଇଁ ଆଜି ସଦର ବିଇଓଙ୍କ ସହ ଶିକ୍ଷା ସୁରକ୍ଷା ମଞ୍ଚର ଆଲୋଚନା କରାଯାଇଛି। ପୂର୍ବବର୍ଷ ପରି ଖିଲାପ ହେଲେ ମଞ୍ଚ ଗଣତାନ୍ତ୍ରିକ ଉପାୟରେ ଧାରଣା ଦେବାର ଚେତାବନୀ ଦେଇଛି। ମଞ୍ଚର କହିବା ଅନୁସାରେ, ସରକାରଙ୍କ ମାର୍ଗଦର୍ଶିକାକୁ କାର୍ଯ୍ୟକାରୀ କରିବାକୁ ସରକାରଙ୍କ ପାଖରୁ ଡିଇଓଙ୍କୁ ଚିଠି ହୁଏ। ଡିଇଓ ବିଇଓଙ୍କୁ ଏବଂ ବିଇଓ ସ୍କୁଲ ହେଡମାଷ୍ଟରଙ୍କୁ ଚିଠି କରିଥାନ୍ତି। ଡିଇଓଙ୍କ ପାଖରୁ ବିଇଓଙ୍କୁ ଆସିଥିବା ଚିଠିର ଶେଷ ତାରିଖ ଆଜି ଥିଲା। ବିଇଓ କାହିଁକି କିଛି କରି ନାହାନ୍ତି ସେପାଇଁ ଦାଗିଦ ଏବଂ ବିଇଓ ଆସନ୍ତା ୨୭ ତାରିଖରେ କରାଇବାର ପ୍ରତିଶ୍ରୁତି ଦେଇଛନ୍ତି। ଗତ ବର୍ଷ ଇଚ୍ଛାକୃତ ଭାବେ ବିଳମ୍ବ କରାଇ ସରକାରଙ୍କ ମାର୍ଗଦର୍ଶିକା, ରେସନାଲ ସିଷ୍ଟମ କରାଇଲେ ନାହିଁ। ବର୍ଷ ବର୍ଷ ଧରି ଶିକ୍ଷକ ଶିକ୍ଷୟତ୍ରୀ ପ୍ରିୟା ପ୍ରୀତିରେ ନିଜ ଅଞ୍ଚଳରେ ପୋଷ୍ଟିଙ୍ଗ ନେଇ ସ୍ୱେଚ୍ଛାଚାରୀ ହୋଇ ପାଠ ପଢ଼ାଉ ନାହାନ୍ତି। କିଛି ହେଡମାଷ୍ଟର ତାଙ୍କୁ ତାଗିଦ କରିବାକୁ ଡରୁଛନ୍ତି। ଆଉ କିଛି ଜାଗାରେ ହେଡମାଷ୍ଟର ମିଡ୍-ଡେ ମିଲରୁ, ବିଭିନ୍ନ ପ୍ରକାର ସରକାରୀ ଅନୁଦାନରୁ କମାଇବାରେ ବ୍ୟସ୍ତ। ଡିଇଓ, ବିଇଓ ସବୁଜାଣି ସେମାନେ ଚୁପ୍ ରହୁଥିବା ଅଭିଯୋଗ ହୋଇଛି। ଏହି ଆଲୋଚନାରେ ରଘୁନାଥ ଲେଙ୍କା, ଦେବାଶିଷ ସିଂହ, ଗୌରାଙ୍ଗ ପାଣିଗ୍ରାହୀ, ଜ୍ୟୋତ୍ସ୍ନା ସେନାପତି, ଆଶ୍ରିତା ତରାଇ, ଇକବଲ ଖାଁ, ପରମେଶ୍ୱର ମହାନ୍ତି, କମଳା ରାଉତ ପ୍ରଭୃତି ଉପସ୍ଥିତ ଥିଲେ।

# ବିପୁଳ ମଦ ଜବତ, ୧୦ ଗିରଫ

**ରାଜଘାଟ, ୨୧।୫ (ସମିସ):** ଅବକାରୀ ଅଧିକ୍ଷକ ମନୋଜ କୁମାର ସେଠୀଙ୍କ ନିର୍ଦ୍ଦେଶକ୍ରମେ ଓ ଭ୍ରାମ୍ୟମାଣ ସ୍କ୍ୱାର୍ଡ଼ ନିରୀକ୍ଷକ ହରିହର ସିଂଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ବାଲେଶ୍ୱର ସଦର-୨ ଅବକାରୀ ଥାନା ଭାରପ୍ରାପ୍ତ ଅଧିକାରୀ ଭବେଶ ଦାସ ଓ ବସ୍ତା ଅବକାରୀ ଥାନା ଭାରପ୍ରାପ୍ତ ଅଧିକାରୀ ଜଗନ୍ନାଥ ଭିତିରିଆ, ଏ.ପି.ଆର ଫୋର୍ସ ଓ ଅବକାରୀ ଷ୍ଟାଫମାନଙ୍କୁ ନେଇ ଗଠିତ ଏକ ସ୍ୱତନ୍ତ୍ର ଟିମ ବସ୍ତା ଥାନା ଅନ୍ତର୍ଗତ ଦରଡ଼ା, ଦାଣ୍ଡି ଓ ସିଙ୍ଗଲା ଥାନା ଅନ୍ତର୍ଗତ ମାଛରଙ୍କା, ଗିଲାଯୋଡ଼ି, ନାରକୁଦା ଓ ନାରାୟଣପାଟଣା ଏବଂ ବାଲିଆପାଳ ଥାନା ଅନ୍ତର୍ଗତ ବାଲିଆପାଳ ଗ୍ରାମରେ ଚଢ଼ାଉ କରାଯାଇ ୧୧୩୦ ଲିଟର ଦେଶୀ ମଦ ଓ ୪୦.୨୫୦ ଲିଟର ବିୟର ଜବତ କରାଯିବା ସହିତ ଏଥିରେ ସମ୍ପୃକ୍ତ ମୋଟ ୧୦ ଜଣଙ୍କୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଛି। ଗିରଫ ଆସାମୀ ମାନେ ହେଲେ ଦରଡ଼ା ଗ୍ରାମର ରେଢ଼ା ମୁର୍ମୁ ଓ ତୁଳସୀମଣି ଗୋଛାୟତ, ଦାଣ୍ଡି ଗ୍ରାମର ସରସ୍ୱତୀ ପଣ୍ଡା, ମାଛରଙ୍କା ଗ୍ରାମର ସପନ କୁମାର ବେହେରା, ନାରାୟଣପାଟଣା ଗ୍ରାମର ବିକର୍ତ୍ତନ ପାତ୍ର, ଗିଲାଯୋଡ଼ି ଗ୍ରାମର ବିବାକାନନ୍ଦ ଜେନା, ନାରକୁଦା ଗ୍ରାମର ଅମରେନ୍ଦ୍ର ଦାସ, ବାଲିଆପାଳ ଗ୍ରାମର ସପନ କୁମାର ମଣ୍ଡଳ, ମିଳନ କୁମାର ମଣ୍ଡଳ ଓ ନିରୁପମା ମଣ୍ଡଳ। ଚଢ଼ଉରେ ସହ ଉପ-ନିରୀକ୍ଷକ ଲମ୍ବୋଦର ମହନ୍ତ, କନେଷ୍ଟବଳ ଦେବାଶିଷ ମଲ୍ଲିକ, ସେକ କରିମ, ସୁବୀରକାନ୍ତ ବେହେରା, ପଙ୍କଜ ମହାନ୍ତି, ନହାନ ମୁର୍ମୁ ସାମିଲ ଥିଲେ।

# କୁଡ଼େଇ ମହିଳା ଉଚ୍ଚମାଧ୍ୟମିକ ବିଦ୍ୟାଳୟର ସଫଳତା



**ସୋର, ୨୧।୫ (ସମିସ):** ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ଦ୍ୱାରା ପରିଚାଳିତ ୨୦୨୬ ବାର୍ଷିକ ପରୀକ୍ଷାରେ କୁଡେଇ ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଛାତ୍ରୀମାନେ କୃତିତ୍ୱ ହାସଲ କରିଛନ୍ତି। ବିଜ୍ଞାନରେ ୫୧ ଜଣ ଛାତ୍ରୀଙ୍କ ମଧ୍ୟରୁ ୪୩ ଜଣ ପ୍ରଥମ, ୫ଜଣ ଦ୍ୱିତୀୟ ଓ ୩ ଜଣ ଅକୃତକାର୍ଯ୍ୟ ହୋଇଛନ୍ତି।ଛାତ୍ରୀ ଲୋପାମୁଦ୍ରା ବେହେରା ଓ ମାମୁନି ବେହେରା ଯୁଗ୍ମ ଭାବେ ୫୪୪ ନମ୍ବର ରଖି ବିଜ୍ଞାନରେ ପ୍ରଥମ, କଳ୍ପନାମୟୀ ପାଣି ୫୨୫ ନମ୍ବର ରଖି ଦ୍ୱିତୀୟ ଓ ବର୍ଷାରାଣୀ ମଲ୍ଲିକ ୫୧୬ ନମ୍ବର ରଖି ତୃତୀୟ ସ୍ଥାନ ଅଧିକାର କରିଛନ୍ତି। ସେହିପରି କଳା ବିଭାଗରେ ୧୦୩ ଜଣ ଛାତ୍ରୀଙ୍କ ମଧ୍ୟରୁ ପ୍ରଥମ ଶ୍ରେଣୀରେ ୨୪, ଦ୍ୱିତୀୟରେ ୨୩, ତୃତୀୟରେ ୫୩ ଓ ୩ଜଣ ଛାତ୍ରୀ ଅକୃତକାର୍ଯ୍ୟ ହୋଇଛନ୍ତି। ଛାତ୍ରୀ ପ୍ରଲିପ୍ତା ସାହୁ ୪୯୭ ନମ୍ବର ରଖି ପ୍ରଥମ, ନମିତା ପୃଷ୍ଟି ୪୬୮ ରଖି ଦ୍ୱିତୀୟ ଓ ରଶ୍ମିତା ମଲ୍ଲିକ ୪୪୪ ନମ୍ବର ରଖି ତୃତୀୟ ସ୍ଥାନ ଅଧିକାର କରିଛନ୍ତି। ଆଜି ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଥିବା ସମ୍ବର୍ଦ୍ଧନା ଉତ୍ସବ କାର୍ଯ୍ୟକ୍ରମରେ ଉଚ୍ଚମାଧ୍ୟମିକ ବିଦ୍ୟାଳୟର ଅଧକ୍ଷ କରୁଣାକର ସାହୁ ଅଧ୍ୟକ୍ଷତା କରିବା ସହିତ ସଫଳତା ପ୍ରାପ୍ତ କରିଥିବା ଛାତ୍ରୀ ଓ ସେମାନଙ୍କ ଅଭିଭାବକ ଓ ଅଭିଭାବିକା ମାନଙ୍କୁ ପୁଷ୍ପଗୁଚ୍ଛ ଓ ମିଷ୍ଟାନ୍ନ ବଣ୍ଟନ ପୂର୍ବକ ସମ୍ବର୍ଦ୍ଧିତ କରିଥିଲେ। ଅଧ୍ୟାପିକା ଜ୍ୟୋତ୍ସ୍ନାରାଣୀ ପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ।

# ଗଡ଼ିଲା ଚାଷୀ ସଚେତନତା ରଥ

**ଜଳେଶ୍ୱର, ୨୧।୫ (ସମିସ):** ଜଳେଶ୍ୱର ନିୟନ୍ତ୍ରିତ ବଜାର କମିଟି ଅଧିନରେ ଥିବା ଭୋଗରାଇ, ବାଲିଆପାଳ, ଜଳେଶ୍ୱରର ବ୍ଲକରେ ରବି ଋତୁରେ ଆଦର୍ଶ ମାନର ଧାନ କିଣା ଲାଗି ଚାଷୀ ସଚେତନତା ରଥର ଶୁଭାରମ୍ଭ ହୋଇଛି। ଗୁରୁବାର ନନ୍ଦିକା ସ୍ଥିତ ନିୟନ୍ତ୍ରିତ ବଜାର କମିଟି ପରିସରରେ ସମ୍ପାଦକ ସୁକାନ୍ତ କୁମାର ପାତ୍ର ସବୁଜ ରଙ୍ଗର ପତାକା ଦେଖାଇ ରଥଙ୍କୁ ଶୁଭାରମ୍ଭ କରିଥଲେ। ୩ ଦିନ ଧରି ୩ ବ୍ଲକରେ ବୁଲିବାକୁ ଥିବା ଏହି ସଚେତନତା ରଥ ଚାଷୀ ମାନଙ୍କୁ ମଣ୍ଡିରେ ଏଫ୍ କ୍ୟୁ ମାନର (ସାଧାରଣ)ଧାନ ବିକ୍ରି ପାଇଁ ସରକାରଙ୍କ ପକ୍ଷରୁ ସଚେତନ କରାଯାଉଛି। ସରକାରୀ ସର୍ବନିମ୍ନ ସହାୟକ ମୂଲ୍ୟ ୨୩ ଶହ ୬୯ ସହିତ ଇନପୁଟ ସବସିଡ ମିଶାଇ କ୍ୱିଣ୍ଟାଲ୍ ପିଛା ଚାଷୀ ମାନଙ୍କୁ ୩୧ ଟଙ୍କା ର ଧାନ ମୂଲ୍ୟ ପ୍ରଦାନ ହେବ ବୋଲି କୁହାଯାଇଛି। ୩ଟି ବ୍ଲକ ରେ ୬୩ ଟି ମଣ୍ଡିରେ ଧାନ କ୍ରୟ ଲାଗି ଗତ ୨୮/୪ ରେ ଜିଲ୍ଲା ପ୍ରଶାସନ ପକ୍ଷରୁ ବୈଠକ ହୋଇ ୧୫ ତାରିଖ ଠାରୁ କ୍ରୟ ଲାଗି ନିଷ୍ପତ୍ତି ନିଆଯାଇଛି। କିନ୍ତୁ ବହୁ ମଣ୍ଡି ଉଦଘାଟନ ହୋଇଥିଲେ ମଧ୍ୟ ମିଲରମାନଙ୍କ ଯୋଗୁଁ ଏବେ ସୁଦ୍ଧା ଧାନ କ୍ରୟ ଆରମ୍ଭ ହୋଇପାରି ନାହିଁ। ସଚେତନତା ରଥ ଉଦ୍‌ଘାଟନ ବେଳେ ନିୟନ୍ତ୍ରିତ ବଜାର କମିଟି କର୍ମଚାରୀ, ମନୋରଞ୍ଜନ ସାମଲ, ଅଭିମନ୍ୟୁ ଚନ୍ଦ, ନିତାଇ ଚରଣ ଗିରି, ଅଜୟ କୁମାର ଦାସ, ହିମାଂଶୁ ନାୟକ, ନାରାୟଣ ଚନ୍ଦ୍ର ଦେ, ଗୋପାଳ ସିଂ, ଘନଶ୍ୟାମ ଦାସ ଗୋବିନ୍ଦ ଗିରି ପ୍ରମୁଖ ଉପସ୍ଥିତ ଥିଲେ।

# ଅଜଣା ବ୍ୟକ୍ତିଙ୍କ ଶବ ସତ୍କାର କଲା ହେଲପିଂ ସୋସାଇଟି

**ବାଲେଶ୍ୱର, ୨୧।୫ (ସମିସ):** ତିନି ଦିନ ପୂର୍ବେ ସିମୁଳିଆ ଥାନା ନିକଟରେ ଘଟିଥିବା ଏକ ସଡ଼କ ଦୁର୍ଘଟଣାରେ ଜଣେ ଅଜଣା ବ୍ୟକ୍ତିଙ୍କ ମୃତ୍ୟୁ ହୋଇଥିଲା। ଘଟଣା ପରେ ସିମୁଳିଆ ଥାନା ପକ୍ଷରୁ ଶବଟିକୁ ବାଲେଶ୍ୱର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ଫ୍ରିଜରରେ ରଖାଯାଇଥିଲା। ତେବେ ଗତ ତିନି ଦିନ ଧରି ବିଭିନ୍ନ ସ୍ଥାନରେ ସୂଚନା ପ୍ରଚାର କରାଯାଇଥିଲେ ମଧ୍ୟ ମୃତକଙ୍କ ପରିଚୟ ମିଳିପାରିନଥିଲା। ଶବଟି ଗଳିତ ଅବସ୍ଥାକୁ ଆସିଥିବାରୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଓ ସିମୁଳିଆ ଥାନା ପକ୍ଷରୁ ସତ୍କାର ପାଇଁ ସୂଚନା ଦିଆଯାଇଥିଲା। ଏହା ପରେ ବାଲେଶ୍ୱର ସହରର ସାମାଜିକ ସଂଗଠନ ହେଲପିଙ୍ଗ ସୋସାଇଟି ମାନବିକତାର ପରିଚୟ ଦେଇ ଶବ ସତ୍କାର ପାଇଁ ଆଗେଇ ଆସିଥିଲା। ସଂଗଠନ ସଭାପତି ହ୍ରିତିକ ନାୟକଙ୍କ ତତ୍ତ୍ୱାବଧାନରେ ସହରସ୍ଥ ଆଇଟିଆଇ ଛକ ନିକଟରେ ଥିବା ଶ୍ମଶାନରେ ଆଜି ଉକ୍ତ ଅଜଣା ବ୍ୟକ୍ତିଙ୍କ ଶବର ସତ୍କାର କରାଯାଇଥିଲା। ଏହି ସମୟରେ ସଂଗଠନ ଉପଦେଷ୍ଟା ଅମିୟ ମହାନ୍ତି, ଉପସଭାପତି ଜୀବନ ସଂଗ୍ରାମ ମିଶ୍ର, ସମ୍ପାଦକ ଦିବ୍ୟ ରଞ୍ଜନ ଦାସ, ପ୍ରୀତି ସୁନ୍ଦର ପରିଡ଼ା ପ୍ରମୁଖ ଉପସ୍ଥିତ ଥିଲେ।

# ନୀଳଗିରିରେ ବିଜେଡି ନାରୀ ଅଧିକାର ଅଭିଯାନ

ନୀଳଗିରି, ୨୧।୫ (ସମିସ)



ନୀଳଗିରି ନିର୍ବାଚନ ମଣ୍ଡଳୀ ବିଜେଡ଼ି ତରଫରୁ ବିଜେଡ଼ି ନାରୀ ଅଧିକାର ଅଭିଯାନ କାର୍ଯ୍ୟକ୍ରମ ହୋଇଥିଲା। ଗୁରୁବାର ପୂର୍ବାହ୍ନ ୯ ଘଟିକା ସମୟରେ ନୀଳଗିରି ବାଇ ପାସ ଠାରେ ହଜାରେ ରୁ ଊର୍ଦ୍ଧ୍ୱ ମହିଳା ବିଜେଡ଼ି ଜନ ପ୍ରତିନିଧି, ନେତ୍ରୀ, ମହିଳା କର୍ମୀ ଏକଜୁଟ ହେବାପରେ ପ୍ରଥମେ ସ୍ୱର୍ଗତ ବିଜୁ ବାବୁଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ପରେ ଏକ ବିଶାଳ ପଦଯାତ୍ରା ରେ ବାହାରି ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ରେ ପହଞ୍ଚି ମୁଖ୍ୟ ମନ୍ତ୍ରୀଙ୍କ ଉଦ୍ଦେଶ୍ୟ ରେ ଏକ ସ୍ମାରକୀ ପତ୍ର ପ୍ରଦାନ କରିଥିଲେ। ପରେ ପରେ କେ.ଶି.ହାଇସ୍କୁଲ ପଡ଼ିଆରେ ପହଞ୍ଚି ଥିଲେ। ସେଠାରେ ଏକ ସଭାର ଆୟୋଜନ କରାଯାଇଥିଲା। ଉକ୍ତ ସଭାରେ ନୀଳଗିରି ପୂର୍ବତନ ବିଧାୟକ ଙ୍କ ସୁକାନ୍ତ କୁମାର ନାୟକ ସଭାପତିତ୍ୱ ସହିତ ମଞ୍ଚାସୀନ ଅତିଥି ମାନଙ୍କୁ ମଞ୍ଚକୁ ନିମନ୍ତ୍ରଣ କରିଥିଲେ। ପରେ ବନ୍ଦେ ଉତ୍କଳ ଜନନୀ ସଙ୍ଗୀତ ପରିବେଷଣ କରାଯିବା ପରେ ସଭାକାର୍ଯ୍ୟ ଆରମ୍ଭ ହୋଇଥିଲା। ମଞ୍ଚାସିନ ଅତିଥି ମାନଙ୍କ ମଧ୍ୟରେ ବିଜେଡ଼ି ଦଳର ବରିଷ୍ଠ ସାଧାରଣ ସମ୍ପାଦିକା ଲେଖାଶ୍ରୀ ସାମନ୍ତ ସିଂହାର, ମହିଳା ସଂଗଠନ ଉପସଭାପତି ତଥା ନାରୀ ନେତ୍ରୀ ସୁନୀତି ସିଂ, ବିଜେଡ଼ି କାର୍ଯ୍ୟକାରିଣୀ ଯୁବ ସଭାପତି ଶୁଭେନ୍ଦୁ ଦାସ ମଙ୍ଗରାଜ, ବାଲେଶ୍ୱର ଜିଲ୍ଲା ବିଜେଡ଼ି ସଭାପତି ଜ୍ୟୋତି ପ୍ରକାଶ ପାଣିଗ୍ରାହୀ, ବାଲେଶ୍ୱର ଜିଲ୍ଲା ପୂର୍ବତନ ଜିଲ୍ଲାପରିଷଦ ସଭାପତି ଗିରିଶ ଚନ୍ଦ୍ର ଦାଶ, ପୂର୍ବତନ ଜିଲ୍ଲାସପରିଷଦ ସଭାପତି ଉର୍ମିଳତା ଦାସ, ନୀଳଗିରି ବ୍ଲକ ଅଦ୍ଧକ୍ଷା ଶୁଭଲକ୍ଷ୍ମୀ ମାଝୀ, ବିଜେଡ଼ି ମହିଳା ନେତ୍ରୀ ପ୍ରିତୀନନ୍ଦା କାନୁନଗୋ, ସମାଜସେବି ମଦନ ମୋହନ ମାଝୀ, ପୂର୍ବତନ ଏନ୍ଏସିସଭାପତି ରବୀନ୍ଦ୍ର ପରିଡ଼ା, ଏନଏସି କାଉନସିଲର କମଳାମଣି ପରିଡ଼ା, ବିଜେଡ଼ି ନେତା ରମେଶ ଚନ୍ଦ୍ର ମହାନ୍ତି, ଔପଦା ବ୍ଲକ ସଭାପତି, ନୀଳଗିରି ବ୍ଲକ ସଭାପତି, ଈଶ୍ୱରପୁର ସେବା ସମବାୟ ସମିତି ସଭାପତି ଭାଗବତ ଖିଲାର, ପୂର୍ବତନ ବ୍ଲକ ସଭାପତି ଗଙ୍ଗାଧର ମିଶ୍ର, ଉଦୟଜ୍ୟତି ମାହାନ୍ତି ପ୍ରମୁଖ ମଞ୍ଚାସୀନ ଥାଇ ନିଜନିଜର ବକ୍ତବ୍ୟ ପ୍ରଦାନ ସହିତ ବିଜେପି ର ଡବଲ ଇଞ୍ଜିନ ସରକାରଙ୍କ ଉପରେ ବର୍ଷିଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ଆରବନ୍ଧ ସରପଞ୍ଚ କୁଳମଣି ନାୟକ, ଛତ୍ରପୁର ସରପଞ୍ଚ ମାଳତୀ ମାରାଣ୍ଡି, ସିଆଡ଼ିମାଳ ସରପଞ୍ଚ ସୁରଥ ସିଂ, ସମିତି ସଭ୍ୟ ରାଜୀବ ଦାସବାବୁ ପ୍ରମୁଖ ଉପସ୍ଥିତ ଥିବାବେଳେ ତିନିହଜାର ରୁ ଅଧିକ ମହିଳା କର୍ମୀ କାର୍ଯ୍ୟକ୍ରମରେ ସାମିଲ ଥିଲେ।

SBI
ଷ୍ଟେଟ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ
କେନ୍ଦ୍ରୀୟ ନିଯୁକ୍ତି ଏବଂ ପଦୋନ୍ନତି ବିଭାଗ
କର୍ପୋରେଟ୍ କେନ୍ଦ୍ର, ମୁମ୍ବାଇ
ଫୋନ୍: 022-22820427; ଇମେଲ୍: crpd@sbi.co.in

**ଆପ୍ରେଣ୍ଟିସେଶିପ୍ ଆକ୍ଟ 1961 ଅନୁଯାୟୀ ଏସ୍‌ବିଆଇରେ ଆପ୍ରେଣ୍ଟିସେସ୍ ନିଯୁକ୍ତି**
**(ବିଜ୍ଞାପନ ନଂ. CRPD/APPR/2026-27/07)**

ଷ୍ଟେଟ ବ୍ୟାଙ୍କ ଅଫ୍ ଇଣ୍ଡିଆରେ ଆପ୍ରେଣ୍ଟିସେସ୍ ନିଯୁକ୍ତି ପାଇଁ ଭାରତୀୟ ନାଗରିକଙ୍କ ଠାରୁ ଆବେଦନ ଗ୍ରହଣ କରାଯାଉଛି।

**ଆପ୍ରେଣ୍ଟିସେସ୍ ସଂଖ୍ୟା: 7150**
**ପ୍ରଶିକ୍ଷଣ ଅବଧି: ଗୋଟିଏ ବର୍ଷ**

*(ଯତ୍ନ: ଏହା ଶିକ୍ଷାନବିସ ଆଇନ 1961 ଅନୁଯାୟୀ ଏକ ତାଲିମ ସୁଯୋଗ ଏବଂ ନିଯୁକ୍ତିର ପ୍ରସ୍ତାବ ନୁହେଁଛ)*

ଯୋଗ୍ୟତା ମାନଦଣ୍ଡ (ବୟସ, ଶିକ୍ଷାଗତ ଯୋଗ୍ୟତା, ଦେୟ ଇତ୍ୟାଦି) ଏବଂ ଅନ୍ୟାନ୍ୟ ବିବରଣୀ ବିଜ୍ଞାପନ ନଂ. CRPD/APPR/2026-27/07 ଅଧୀନରେ ବ୍ୟାଙ୍କର ୱେବସାଇଟ୍ https://sbi.bank.in/web/careers/current-openings କିମ୍ବା https://apprenticeshipindia.org କିମ୍ବା https://nsdcindia.org/apprenticeship କିମ୍ବା http://bfsissc.com ରେ ଅନଲାଇନ୍ ଆବେଦନ ଦାଖଲ ପାଇଁ ଏକ ଲିଙ୍କ୍ ସହିତ ଉପଲବ୍ଧ ଅଟେ।

ପ୍ରାର୍ଥୀମାନେ ଆବେଦନ କରିବା ଏବଂ ଫିସ୍ ପଠାଇବା ପୂର୍ବରୁ ସେମାନଙ୍କର ଯୋଗ୍ୟତା ଏବଂ ଅନ୍ୟାନ୍ୟ ବିବରଣୀ ବିଷୟରେ ସୁନିଶ୍ଚିତ ହୋଇ ସବିଶେଷ ବିଜ୍ଞାପନକୁ ଭଲ ଭାବେ ପଢ଼ିବା ପାଇଁ ପରାମର୍ଶ ଦିଆଯାଉଛି।

• **ଅନଲାଇନ୍ ଆବେଦନ ଏବଂ ଫିସ୍ ଦେୟ ପାଇଁ ତାରିଖ: 19.05.2026 ରୁ 08.06.2026**

ଯେକୌଣସି ପ୍ରଶ୍ନ ପାଇଁ ଦୟାକରି ଏହି ଲିଙ୍କ୍ ମାଧ୍ୟମରେ ଆମକୁ ଲେଖନ୍ତୁ: "CONTACT US" —> "Post Your Query" ଯାହା ବ୍ୟାଙ୍କର ୱେବସାଇଟରେ ଉପଲବ୍ଧ URL-https://sbi.bank.in/careers/post-your-query

**ସ୍ଥାନ:** ମୁମ୍ବାଇ
**ତାରିଖ:** 19.05.2026
**ମହା ପ୍ରବନ୍ଧକ (ଆରପି ଆଣ୍ଡ ପିଏମ୍)**

# ସମ୍ପାଦକୀୟ



ଗଣତନ୍ତ୍ର ଏପରି ଏକ ବ୍ୟବସ୍ଥା, ଯେଉଁଠାରେ କେହି କାହାର କ୍ରୀତଦାସ ନୁହେଁ କି କେହି ମାଲିକ ନୁହେଁ।

-ଆବ୍ରାହାମ୍ ଲିଙ୍କନ୍

# ତଥ୍ୟ ଉତ୍ତରାଧିକାର

ସୁନା, ୟୁରାନିୟମ୍, ବିରଳ ମୃତ୍ତିକା ଓ ଜୀବାଶ୍ମ ଇନ୍ଧନ ପରେ ସାମ୍ପ୍ରତିକ ବିଶ୍ୱରେ ତଥ୍ୟ(ଡାଟା)ର ଗୁରୁତ୍ୱ ଓ ମୂଲ୍ୟ ଆଶାତୀତ ଭାବେ ବଢ଼ିବାରେ ଲାଗିଛି। ବିଶେଷକରି କୃତ୍ରିମ ବୁଦ୍ଧିମତ୍ତା(ଏଆଇ) ଯୁଗରେ 'ତଥ୍ୟ' ହିଁ ଆଧାର ଓ ମୁଖ୍ୟ ସଂଚାଳକ ହୋଇଥିବାରୁ ଏହାକୁ ନେଇ ବିଶ୍ୱରେ ଛାୟାଯୁଦ୍ଧ ଆରମ୍ଭ ହୋଇସାରିଲାଣି। ଏହି ପୃଷ୍ଠଭୂମିରେ 'ତଥ୍ୟ'ର ସୁରକ୍ଷା ଓ ଉତ୍ତରାଧିକାର ପ୍ରଶ୍ନ ଆହୁରି ପ୍ରାସଙ୍ଗିକ ମନେ ହୁଏ। ଅର୍ଥାତ୍ ବ୍ୟକ୍ତିଗତ, ମୌଳିକ ଓ ଗବେଷଣାଲବ୍ଧ ତଥ୍ୟ ସ୍ୱତ୍ୱାଧିକାର ଆଇନ ଭଳି ସୁରକ୍ଷା ବଳୟରେ ଆସୁଛି କି ନାହିଁ ଏବଂ ଯିଏ ଚାହିଁଲା ଏହାକୁ ମନଇଚ୍ଛା ଉପଯୋଗ କରିପାରିବ ନା କିଛି କଟକଣା ରହିଛି ସେ ବିଷୟରେ ଅଧିକାଂଶ ଭାରତୀୟ ଅଜ୍ଞ। ବ୍ୟକ୍ତିଗତ ଗୋପନୀୟତାର ଅଧିକାର ଆମ ସମ୍ବିଧାନ ଆମକୁ ଦେଇଛି। ତଥ୍ୟ ସୁରକ୍ଷା ପାଇଁ ଆମ ଦେଶରେ ଆଇନ ମଧ୍ୟ ପ୍ରଣୟନ ହୋଇଛି। କିନ୍ତୁ ମୁଖ୍ୟ ପ୍ରଶ୍ନ ହେଉଛି 'ତଥ୍ୟ'କୁ ସମ୍ପତ୍ତି ବର୍ଗୀଭୂତ କରାଯାଇ ବ୍ୟକ୍ତିର ଅବର୍ତ୍ତମାନରେ ଉତ୍ତରାଧିକାର ନିର୍ଣ୍ଣୟ କରାଯାଇପାରିବ କି?

ଏଭଳି ଏକ କୌତୂହଳ ଓ ସମ୍ବେଦନଶୀଳ ପ୍ରସଙ୍ଗ ଅଦାଲତର କାଠଗଡ଼ା ଭିତରକୁ ଆସିଛି। ଗୁଜରାଟର ଗାନ୍ଧୀନଗର ଦୌରା ଜଜ୍‌ଙ୍କ ଅଦାଲତରେ ମାମଲାର ଶୁଣାଣି ହୋଇ ଜଣେ ମୃତକଙ୍କ ଆଇକ୍ଲାଇଡ୍‌ରେ ଥିବା ତଥ୍ୟକୁ ସମ୍ପତ୍ତି ମାନ୍ୟତା ସହିତ ଉତ୍ତରାଧିକାର ଓ ତଥ୍ୟ ହସ୍ତାନ୍ତର ନିର୍ଦ୍ଦେଶ ଦିଆଯାଇଛି। ମାମଲାର ବିବରଣୀ ଅନୁଯାୟୀ ଜନୈକ ବ୍ୟକ୍ତିଙ୍କ ମୃତ୍ୟୁ ପରେ ତାଙ୍କ ଆଇଫୋନ୍ ଓ ଆଇକ୍ଲାଉଡ୍‌କୁ ଖୋଲିବା ପାଇଁ ପରିବାର ଲୋକେ ଆଇଫୋନ୍ ନିର୍ମାତା ଆପଲ୍ କମ୍ପାନୀର ସହାୟତା ଲୋଡ଼ିଥିଲେ। କିନ୍ତୁ ଅଦାଲତ ନିର୍ଦ୍ଦେଶ ବିନା ପାସ୍‌ୱାର୍ଡ କିମ୍ବା ତଥ୍ୟ ଅନ୍ୟପକ୍ଷଙ୍କୁ ଦିଆଯାଇପାରିବ ନାହିଁ ବୋଲି ଆପଲ୍ କହିବା ପରେ ପରିବାର ଲୋକେ ଅଦାଲତଙ୍କ ଦ୍ୱାରସ୍ଥ ହୋଇ ଇଣ୍ଡିଆନ୍ ସକ୍‌ସେସନ୍ ଆକ୍ଟ-୧୯୨୫ ଆଧାରରେ ଫୋନ୍‌ରେ ଥିବା ତଥ୍ୟ ପାଇବାକୁ ହକ୍‌ଦାର ବୋଲି ଦାବି କଲେ।

ଅଦାଲତରେ ମାମଲାର ତର୍ଜମା ଏତେ ସରଳ ନଥିଲା। ବାଦୀ ପକ୍ଷର ଯୁକ୍ତି ଅନୁଯାୟୀ ଆଇନତଃ(ଜେନେରାଲ୍ କ୍ଲଜ୍ ଆକ୍ଟ) ଡିଜିଟାଲ୍ ତଥ୍ୟ ମଧ୍ୟ ସଚଳ ବା ଅସ୍ଥାବର ସମ୍ପତ୍ତି ପରିସରଭୁକ୍ତ। ଭାରତୀୟ ନ୍ୟାୟ ସଂହିତା, ପ୍ରିଭେନ୍‌ସନ୍ ଅଫ୍ ମନି ଲଣ୍ଡରିଂ ଆକ୍ଟ ମଧ୍ୟ ସମାନ କଥା କହୁଛି। ଆୟକର ଆଇନର ଧାରା ୨(୪୭(ଏ) କ୍ରିପ୍ଟୋକରେନ୍ସି ଓ ଏନ୍‌ଏଫ୍‌ଟିକୁ 'ଡିଜିଟାଲ୍ ଆସେଟ୍' ମାନ୍ୟତା ଦେଇଛି। ତେଣୁ ତଥ୍ୟ ମଧ୍ୟ ସମ୍ପତ୍ତି ତାଲିକାଭୁକ୍ତ ହୋଇପାରିବ ଏବଂ ଏହାର ଉତ୍ତରାଧିକାର ନିର୍ଣ୍ଣୟ ହେବା ଉଚିତ। ଅପରପକ୍ଷରେ ପ୍ରତିବାଦୀ ପକ୍ଷର ଯୁକ୍ତି ଥିଲା ଯେ ତଥ୍ୟଗତ ଉତ୍ତରାଧିକାର ସମ୍ପର୍କିତ କୌଣସି ସରକାରୀ ନିର୍ଦ୍ଦେଶନାମା କିମ୍ବା ବିଜ୍ଞପ୍ତି ନାହିଁ। ଏହାଛଡ଼ା ଡିଜିଟାଲ୍ ଆକାଉଣ୍ଟରେ ଏଭଳି ଅନେକ ବ୍ୟକ୍ତିଗତ ଆଳାପ, ତଥ୍ୟ, ଚିଠି, ବାର୍ତ୍ତା ରହୁଛି, ଯାହା ସମ୍ପୃକ୍ତ ବ୍ୟକ୍ତିର ଭାବପ୍ରବଣତା ସହିତ ଜଡ଼ିତ ଏବଂ ନିତାନ୍ତ ଗୋପନୀୟ। ହୁଏତ ଏହା ପ୍ରଘଟ ହେଲେ ପାରିବାରିକ ସମ୍ପର୍କରେ ବିଭ୍ରାଟ ସୃଷ୍ଟି ହୋଇପାରେ କିମ୍ବା ସମ୍ପର୍କର ସନ୍ତୁଳନ ବିଗିଡ଼ିଯାଇପାରେ। ପରିବାର ଲୋକେ ଜାଣିଲେ ମଧ୍ୟ ମରୋଣତ୍ତର ଭାବେ ଏହା ସମ୍ପୃକ୍ତ ବ୍ୟକ୍ତିର ମାନ, ସମ୍ମାନ ଓ ମର୍ଯ୍ୟାଦା ହାନି କରିପାରେ। ଉଭୟ ପକ୍ଷର ଯୁକ୍ତି ଶୁଣିବା ପରେ ଶେଷରେ ଅଦାଲତ ଏହି ନିଷ୍କର୍ଷରେ ପହଞ୍ଚିଥିଲେ ଯେ ବ୍ୟକ୍ତିଗତ ଅଧିକାର ଓ ଗୋପୀନୀୟତାର ସର୍ତ୍ତ ଜଣେ ବ୍ୟକ୍ତିର ଜନ୍ମ ସହିତ ଆରମ୍ଭ ହୁଏ ଏବଂ ମୃତ୍ୟୁ ସହିତ ସମାପ୍ତ ହୋଇଯାଏ। ତେଣୁ ମାନ ସମ୍ମାନ ମର୍ଯ୍ୟାଦାର ଦ୍ୱାହି ଦେଇ ତଥ୍ୟର ଉତ୍ତରାଧିକାରକୁ ନିଷେଧ କରାଯାଇପାରିବ ନାହିଁ। ଅଦାଲତ ନିର୍ଦ୍ଦେଶାନୁଯାୟୀ ଉକ୍ତ ଫୋନ୍‌ରେ ଥିବା ସମସ୍ତ ତଥ୍ୟ ମୃତକଙ୍କ ଝିଅକୁ ହସ୍ତାନ୍ତର କରିବାକୁ ଆପଲ୍ ବାଧ୍ୟ ହୋଇଛି।

ଏଭଳି ଏକ ମାମଲା ଜର୍ମାନୀର ସର୍ବୋଚ୍ଚ ଅଦାଲତ(ଫେଡେରାଲ୍ କୋର୍ଟ ଅଫ୍ ଜଷ୍ଟିସ୍ ଅଫ୍ ଜର୍ମାନୀ)ରେ ଶୁଣାଣି ହୋଇଥିଲା। ୨୦୧୨ରେ ଜନୈକା ୧୫ ବର୍ଷର କିଶୋରୀଙ୍କ ମୃତ୍ୟୁ ପରେ ତାଙ୍କର ମୃତ୍ୟୁପୂର୍ବବର୍ତ୍ତୀ ମାନସିକ ସ୍ଥିତି, ପରିସ୍ଥିତି ଜାଣିବା ଏବଂ ଦୁର୍ଘଟଣା ଜନିତ ଔପଚାରିକତା ପୂରଣ ଲାଗି ପିତାମାତା ଝିଅର ଫେସ୍‌ବୁକ୍ ଆକାଉଣ୍ଟର ପାସ୍‌ୱାର୍ଡ ଦେବାକୁ ଫେସ୍‌ବୁକ୍ କର୍ତ୍ତୃପକ୍ଷଙ୍କୁ ଅନୁରୋଧ କରିଥିଲେ। ଫେସ୍‌ବୁକ୍ ଏହକୁ ପ୍ରତ୍ୟାଖ୍ୟାନ କରିବା ପରେ ଦମ୍ପତି ଅଦାତଲର ଦ୍ୱାରସ୍ଥ ହୋଇଥିଲେ। ସେଠାକାର ସର୍ବୋଚ୍ଚ ଅଦାଲତ ମାମଲାର ଶୁଣାଣି କରି ୨୦୧୮ ରେ ଦେଇଥିବା ରାୟରେ କହିଥିଲେ ଯେ ଡାଇରୀ, ଚିଠି ପରି ଡିଜିଟାଲ୍ ତଥ୍ୟ ମଧ୍ୟ ଉତ୍ତରାଧିକାରୀଙ୍କୁ ହସ୍ତାନ୍ତର କରାଯାଇପାରିବ। କାରଣ 'ଜେନେରାଲ୍ ଡାଟା ପ୍ରୋଟେକସନ୍ ରେଗୁଲେସନ୍' ଅନୁଯାୟୀ 'ତୃତୀୟପକ୍ଷ'ଙ୍କୁ ତଥ୍ୟ ହସ୍ତାନ୍ତର ବାରଣ ରହିଛି, କିନ୍ତୁ ପରିବାର ଲୋକେ 'ତୃତୀୟପକ୍ଷ' ନୁହନ୍ତି। ପରିବାର ଲୋକେ ମୃତକଙ୍କ ଆକାଉଣ୍ଟକୁ ଚଳାଇ ପାରିବେ ନାହିଁ; କିନ୍ତୁ ସେଥିରେ ଥିବା ତଥ୍ୟ ପାଇବାକୁ ହକ୍‌ଦାର। ଏହାପରେ ଫେସ୍‌ବୁକ୍ ମୃତକଙ୍କ ପାସୱାର୍ଡ ତାଙ୍କ ପିତାମାତାଙ୍କୁ ଦେଇଥିଲା।

ଏଭଳି ଜଟିଳ ଓ ବିରଳ ମାମଲାର ସମାଧାନ ପାଇଁ ଆମ ଦେଶରେ ପ୍ରଚଳିତ ଆଇନ ଅସ୍ପଷ୍ଟ। 'ଡିଜିଟାଲ୍ ପର୍ସନାଲ୍ ଡାଟା ପ୍ରୋଟେକ୍ସନ୍ ଆକ୍ଟ ୨୦୨୩'ର ଧାରା ୧୪ ଅନୁଯାୟୀ ଜଣେ ବ୍ୟକ୍ତି ତାଙ୍କର ଡିଜିଟାଲ୍ ତଥ୍ୟର ବ୍ୟବହାର ପାଇଁ ଉତ୍ତରାଧିକାର ଚୟନ(ନୋମିନି) କରିପାରିବେ। ଅର୍ଥାତ୍ ବ୍ୟାଙ୍କ ଆକାଉଣ୍ଟର ଅର୍ଥ ରାଶି ଦାବି ପରି ଡିଜିଟାଲ୍ ଆକାଉଣ୍ଟରେ ଥିବା ତଥ୍ୟ ତାଙ୍କ ମୃତ୍ୟୁ ପରେ ନୋମିନି ଉପଯୋଗ କରିପାରିବେ ଏବଂ ଏଥିରେ ପାସ୍‌ୱାଡ୍ ଆଦିକୁ ଡିକୋଡ୍ କରିବାରେ ନୋମିନିଙ୍କୁ ସମ୍ପୃକ୍ତ ସେବା ପ୍ରଦାନକାରୀ ସଂସ୍ଥା ସହାୟତା କରିବେ। କିନ୍ତୁ ଯଦି ନୋମିନି ଚୟନ ହୋଇନାହିଁ ସେ କ୍ଷେତ୍ରରେ କ'ଣ କରାଯିବ ସେ ବିଷୟରେ ଆଇନ୍ ନିରବ ରହିଛି। ସୂଚନା ପ୍ରଯୁକ୍ତି ଆଇନ ୨୦୦୦ରେ ମଧ୍ୟ ତଥ୍ୟ ଉତ୍ତରାଧିକାର ବିଷୟରେ ଉଲ୍ଲେଖ ନାହିଁ। ତେଣୁ ଭବିଷ୍ୟତରେ ଏଭଳି ଜଟିଳ ମାମଲାର ଫଏସଲା ପାଇଁ ଗାନ୍ଧୀନଗର ଅଦାଲତ ରାୟ ମାନଦଣ୍ଡ ବା ନିର୍ଣ୍ଣାୟକ ସାବ୍ୟସ୍ତ ହୋଇପାରେ।

ଇଣ୍ଟରନେଟ୍‌ର ପ୍ରଚଳନ ପୂର୍ବରୁ ହାତଲେଖା ଡାଇରି କିମ୍ବା ଚିଠିପତ୍ର ଆଦି ଗୋପନୀୟ ଦସ୍ତାବେଜ୍ ଭାବେ ରହୁଥିଲା। ସମ୍ପୃକ୍ତ ବ୍ୟକ୍ତିଙ୍କ ମୃତ୍ୟୁ ପରେ ସିନ୍ଧୁକ କିମ୍ବା ଆଲମାରୀରୁ ସେ ସବୁ ସଂଗ୍ରହ ବା ଉଦ୍ଧାର କରିବାରେ ଆଇନତଃ ପ୍ରତିବନ୍ଧକ ରହୁ ନଥିଲା। କିନ୍ତୁ ଏବେ ଡିଜିଟାଲ୍ ନିର୍ଭରଶୀଳତା ବଢ଼ିବା ସହିତ ହାତ ଲେଖା ଦସ୍ତାବେଜ୍‌ର ସଂଖ୍ୟା ପ୍ରାୟତଃ ଶୂନ୍ୟ ହୋଇଆସୁଥିବା ବେଳେ ଡିଜିଟାଲ୍ ଡକ୍ୟୁମେଣ୍ଟ(କମ୍ପ୍ୟୁଟରୀ କୃତ ତଥ୍ୟ ଓ ସୂଚନା)ର ପ୍ରାବଲ୍ୟ ବଢ଼ିବାରେ ଲାଗିଛି। ବିଶେଷକରି ଏଆଇ ଯୁଗରେ ତଥ୍ୟର ପ୍ଲାବନ ସୃଷ୍ଟି ହୋଇସାରିଥିବାରୁ ଭବିଷ୍ୟତରେ ଆଇନଗତ ଜଟିଳତା ଏଡ଼ାଇବା ପାଇଁ ଆମ ଦେଶରେ ସ୍ପଷ୍ଟ ଆଇନ ପ୍ରଣୟନ ହେବା ବିଧେୟ।

# ରାଜ୍ୟପାଳଙ୍କ କ୍ଷମତା ଓ ନ୍ୟାୟିକ ତର୍ଜମା

**ସୌଭାଗ୍ୟ ସୁନ୍ଦରରାୟ**

ତାମିଲନାଡୁରେ ନୂଆ ଦଳ ଟିଭିକେ ସରକାର ଗଠନ କରିଛି। ବିଧାନସଭା ନିର୍ବାଚନରେ ମୋଟ ୨୩୪ଟି ଆସନ ମଧ୍ୟରୁ ଟିଭିକେ ୧୦୮ଟି ଆସନରେ ବିଜୟ ଲାଭ କରି ଅନ୍ୟାନ୍ୟ ଦଳଠାରୁ ବହୁ ଆଗରେ ରହି ଏକକ ସଂଖ୍ୟା ଗରିଷ୍ଠତା ହାସଲ କଲା। ଡିଏମକେ ୫୯, ଏଆଇଏଡିଏମକେ ୪୭, କଂଗ୍ରେସ ୫, ପିଏମକେ ୪, ଆଇୟୁଏମଏଲ ଓ ସିପିଆଇ ୨ଟି ଲେଖାଁଏ ଆସନରେ ବିଜୟୀ ହେଲେ। କିନ୍ତୁ ରାଜ୍ୟପାଳ ଟିଭିକେକୁ ୨ ଥର ସରକାର ଗଠନରୁ ବଞ୍ଚିତ କଲେ। ଅନ୍ୟ କୌଣସି ଦଳ ସରକାର ଗଠନ ପାଇଁ ଦାବି ଜଣାଇନଥିବା ପରିପ୍ରେକ୍ଷୀରେ ରାଜ୍ୟପାଳ କ'ଣ ପାଇଁ ଦୁଇଦୁଇ ଥର ଟିଭିକେର ଦାବି ପ୍ରତ୍ୟାଖାନ କଲେ? ଯେଉଁଦଳ ସରକାର ଗଠନ ପାଇଁ ଦାବି କରେ ସଂପୃକ୍ତ ଦଳକୁ ରାଜ୍ୟପାଳ ସୁଯୋଗ ଦେଇ ସଂଖ୍ୟାଗରିଷ୍ଠତାର ପ୍ରମାଣ ବିଧାନସଭାରେ ନେବାର ବିଧିବ୍ୟବସ୍ଥା ଓ ଉଦାହରଣ ରହିଛି। କିନ୍ତୁ ବିଧାନସଭା ବାହାରେ ସଂଖ୍ୟା ଗରିଷ୍ଠତା, ଅର୍ଥାତ ୧୧୮ ବିଧାୟକଙ୍କ ସମର୍ଥନ ପାଇଁ ଅଡ଼ି ବସିବା ତାମିଲନାଡୁ ରାଜ୍ୟପାଳଙ୍କ ପକ୍ଷେ ଉଚିତ୍ ହୋଇନଥିବା ଅନୁଭବ କରାଯାଉଛି। ଦେଖାଯାଉଛି ବିଭିନ୍ନ ସମୟରେ ରାଜ୍ୟପାଳଗଣ ନିଜ ସାମ୍ବିଧାନିକ କ୍ଷମତା ବାହାରକୁ ଯାଇ କାର୍ଯ୍ୟ କରୁଛନ୍ତି। ଫଳରେ ମାମଲା ଆଇନ ଅଦାଲତ ପର୍ଯ୍ୟନ୍ତ ଯାଉଛି। ବିଲ ଅନୁମୋଦନ ହେଉ ବା ମନ୍ତ୍ରିମଣ୍ଡଳ ଗଠନ ହେଉ ରାଜ୍ୟପାଳଗଣ ଇଚ୍ଛାଧୀନ କ୍ଷମତାର ମାତ୍ରାଧିକ ପ୍ରୟୋଗ କରୁଛନ୍ତି।

୨୦୧୮ ମସିହା କର୍ଣ୍ଣାଟକ ବିଧାନସଭା ନିର୍ବାଚନରେ କୌଣସି ଦଳ ପୂର୍ଣ୍ଣ ବହୁମତ ପାଇପାରି ନ ଥିଲେ। ଭାରତୀୟ ଜନତା ପାର୍ଟି ୧୦୪ ଆସନରେ ବିଜୟ ଲାଭ କରି ଏକକ ସଂଖ୍ୟାଗରିଷ୍ଠତା ଲାଭ କରିଥିଲା। ଅନ୍ୟପକ୍ଷରେ ଜନତା ଦଳ (ଏସ୍) ଓ କଂଗ୍ରେସର ନିର୍ବାଚନ ପରବର୍ତ୍ତୀ ମେଣ୍ଟ ଯୋଗୁଁ ଆସନ ସଂଖ୍ୟା ଅଧିକ ଥାଇ ମଧ୍ୟ ରାଜ୍ୟପାଳ ମେଣ୍ଟ ଦଳକୁ ସରକାର ଗଠନ ପାଇଁ ସୁଯୋଗ ନଦେଇ ଭାରତୀୟ ଜନତା ପାର୍ଟିକୁ ସରକାର ଗଠନ ପାଇଁ ଆହ୍ୱାନ କରିବା ସହିତ ସଂଖ୍ୟା ଗରିଷ୍ଠତା ପ୍ରମାଣ ପାଇଁ ଦୀର୍ଘ ୧୮ ଦିନ ସୁଯୋଗ ଦେଇଥିଲେ। ସୁପ୍ରିମକୋର୍ଟ ଏହି ସମୟ ସୀମା ୩ ଦିନକୁ ହ୍ରାସ କରିଥିଲେ। ସୁପ୍ରିମକୋର୍ଟ ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ଭାରତୀୟ ଜନତା ପାର୍ଟି ମୁଖ୍ୟମନ୍ତ୍ରୀ ବି.ଏସ୍ ୟେଦୁରୁପ୍ପା ସଂଖ୍ୟା ଗରିଷ୍ଠତା ପ୍ରମାଣ ଦେଇ ନପାରି ମାତ୍ର ଦୁଇ ଦିନରେ ଇସ୍ତଫା ଦେବାକୁ ବାଧ୍ୟ ହେଲେ। ଏକ୍ଷେତ୍ରରେ ରାଜ୍ୟପାଳଙ୍କ ଇଚ୍ଛା ବିବାଦୀୟ ଥିବା ଆଲୋଚନା ହୋଇଥିଲା।

୨୦୧୫ ମସିହାରେ ଅରୁଣାଚଳ ପ୍ରଦେଶ ବାଚସ୍ପତି ବନାମ ରେବିୟା ମାମଲାରେ ସୁପ୍ରିମକୋର୍ଟର ୫ ଜଣିଆ ସମ୍ବିଧାନ ଖଣ୍ଡପୀଠ ତତ୍‌କାଳୀନ ରାଜ୍ୟପାଳ ଜେ.ପି. ରାଜଖୋୟାଙ୍କ ଆଚରଣକୁ ଅଗ୍ରାହ୍ୟ କରି ବିଧାନସଭା ଅଧିବେଶନ ସମୟ ଓ କାର୍ଯ୍ୟସୂଚୀ ରାଜ୍ୟପାଳ ଧାର୍ଯ୍ୟ କରିପାରିବେ ନାହିଁ ବା ସରକାରଙ୍କ ସହ ପରାମର୍ଶ ନକରି ବିଧାନସଭାକୁ ସମ୍ବୋଧିତ କରିପାରିବାର କ୍ଷମତା ନିରଙ୍କୁଶ ନୁହେଁ ବୋଲି କହିଥିଲେ। ରାଜ୍ୟର ରାଜନୈତିକ ଘନଘଟା ମଧ୍ୟରେ ରାଜ୍ୟପାଳ ରାଜଖୋୟା ରାଜ୍ୟ ସରକାରଙ୍କୁ ବରଖାସ୍ତ କରି ରାଷ୍ଟ୍ରପତି ଶାସନ ଜାରି କଲେ। ତେବେ ୨୦୧୬ ମସିହାରେ ସୁପ୍ରିମକୋର୍ଟର ସମ୍ବିଧାନ ଖଣ୍ଡପୀଠ ରାଷ୍ଟ୍ରପତି ଶାସନକୁ ବେଆଇନ ଦର୍ଶାଇ ସରକାରଙ୍କୁ ପୁନର୍ବାହଲ କଲେ। ରାଜ୍ୟପାଳଙ୍କ ପଦକ୍ଷେପକୁ ତୀବ୍ର ସମାଲୋଚନା କରି ଅଦାଲତ କହିଥିଲେ ଯେ ଅରୁଣାଚଳରେ ଯାହା ଘଟିଲା ତାହା ସମ୍ବିଧାନ ପ୍ରତି ଚାପୁଡ଼ା ସଦୃଶ। ସୁପ୍ରିମକୋର୍ଟ ରାୟ ପରେ ରାଜ୍ୟପାଳ ଇସ୍ତଫା ନଦେବାରୁ ରାଷ୍ଟ୍ରପତି ପ୍ରଣବ ମୁଖାର୍ଜୀ ତାଙ୍କୁ ବରଖାସ୍ତ କରିଥିଲେ।

ଗତବର୍ଷ ନଭେମ୍ବର ୨୦ ତାରିଖରେ ପ୍ରଧାନ ବିଚାରପତିଙ୍କ ନେତୃତ୍ୱାଧୀନ ସୁପ୍ରିମକୋର୍ଟର ୫ ଜଣିଆ ଖଣ୍ଡପୀଠ କୌଣସି ବିଲ ଅନୁମୋଦନ କରିବା, ଅଟକାଇ ରଖିବା, ପୁନର୍ବିଚାର ନିମନ୍ତେ ଫେରସ୍ତ କରିବା ବା ରାଷ୍ଟ୍ରପତିଙ୍କ ନିମନ୍ତେ ସଂରକ୍ଷିତ ରଖିବା କ୍ଷେତ୍ରରେ ସମ୍ବିଧାନ ରାଜ୍ୟପାଳଙ୍କୁ ବ୍ୟାପକ କ୍ଷମତା ଦେଇଛି ବୋଲି କହିଛନ୍ତି। ଏହି ଅବସରରେ ଖଣ୍ଡପୀଠ ଏକଥା ମଧ୍ୟ କହିଥିଲେ ଯେ, ରାଜ୍ୟପାଳ 'ଅନିର୍ଦ୍ଦିଷ୍ଟ' ସମୟ ପର୍ଯ୍ୟନ୍ତ ବିଲ ଅଟକାଇ ରଖିପାରିବେ ନାହିଁ। କିନ୍ତୁ ସମୟ ସୀମାର ସଂଜ୍ଞା କ'ଣ ତାହା ସମାଧାନ ହୋଇପାରି ନାହିଁ। ଏହାପୂର୍ବରୁ କୋର୍ଟର ଦୁଇଜଣିଆ ଖଣ୍ଡପୀଠ ବିଧାନସଭା ଦ୍ୱାରା ଗୃହୀତ ବିଲ ଉପରେ ନିଷ୍ପତ୍ତି ଗ୍ରହଣ ପାଇଁ ରାଜ୍ୟପାଳ ଓ ରାଷ୍ଟ୍ରପତିଙ୍କ ନିମନ୍ତେ ସମୟ ସୀମା ଧାର୍ଯ୍ୟ କରିଥିଲେ ଏବଂ ସମୟସୀମା ମଧ୍ୟରେ କୌଣସି ନିଷ୍ପତ୍ତି ନିଆ ନ ଗଲେ ବିଲ ଆପେ ଅନୁମୋଦିତ ହେବା ଧରି ନିଆଯିବ ବୋଲି ରାୟ ଶୁଣାଇଥିଲେ। ସମ୍ବିଧାନର ଧାରା ୨୦୦ ସଂପର୍କରେ ରାଜ୍ୟପାଳମାନେ ସଂପୂର୍ଣ୍ଣ ଅବଗତ। ଏଣୁ କହିବାକୁ ଗଲେ ରାଜ୍ୟପାଳଙ୍କ ଏହି ଅଖଣ୍ଡ କ୍ଷମତା ଯୋଗୁଁ ରାଜ୍ୟ ଯେଉଁ ସମସ୍ୟାର ସମ୍ମୁଖୀନ ହେଉଛି ତାହାର ନ୍ୟାୟିକ ସମାଧାନର ବାଟ ବାହାର କରିବାରେ ଅଦାଲତର ବୃହତ୍ତର ଖଣ୍ଡପୀଠ ଅସଫଳ ହୋଇଥିବା ପରି ମନେ ହେଉଛି। ସମ୍ବିଧାନର ଧାରା ୧୫୪(୧)ରେ ରାଜ୍ୟପାଳଙ୍କ ନିକଟରେ ରାଜ୍ୟର କାର୍ଯ୍ୟନିର୍ବାହୀ କ୍ଷମତା ନ୍ୟସ୍ତ ରହିଥିବାରୁ ଏହି ଆଳରେ ମନ୍ତ୍ରିମଣ୍ଡଳ ସୁପାରିସରେ ରାଜ୍ୟପାଳ ଅଙ୍କୁଶ ଲଗାଉଥିବା ପରିଲକ୍ଷିତ ହେଉଛି। ମୁଖ୍ୟତଃ ଅଣବିଜେପି ଶାସିତ ରାଜ୍ୟମାନଙ୍କରେ ରାଜ୍ୟପାଳଙ୍କ କ୍ଷମତାର ଅପପ୍ରୟୋଗ ହେଉଥିବା ଦେଖାଯାଉଛି। କହିବାକୁ ଗଲେ ନିର୍ବାଚିତ ସରକାରର କ୍ଷମତା ଗୌଣ କରିବାକୁ ରାଜ୍ୟପାଳଗଣ ଉଦ୍ୟମ କରିଚାଲିଥିବା ଗତ କିଛିବର୍ଷ ହେଲା ଚର୍ଚ୍ଚା ହେଉଛି।

ଦେଶର ସର୍ବୋଚ୍ଚ ଅଦାଲତ ୧୯୭୪ ମସିହାରେ ସମଶେର ସିଂହ ବନାମ ପଞ୍ଜାବ ସରକାର ମାମଲାରେ ଅତି ସ୍ପଷ୍ଟ ଭାବେ କହିଥିଲେ ଯେ, ମୁଖ୍ୟମନ୍ତ୍ରୀଙ୍କ ନେତୃତ୍ୱାଧୀନ ମନ୍ତ୍ରିମଣ୍ଡଳର ପରାମର୍ଶ ଓ ସହାୟତା ଅନୁଯାୟୀ ରାଜ୍ୟପାଳ କାର୍ଯ୍ୟ କରିବାକୁ ବାଧ୍ୟ। କିନ୍ତୁ ୫ ଜଣିଆ ଖଣ୍ଡପୀଠ ନିଜ ରାୟରେ କହିଛନ୍ତି ମନ୍ତ୍ରିମଣ୍ଡଳ ପରାମର୍ଶ ଅନୁଯାୟୀ ରାଜ୍ୟପାଳ କାର୍ଯ୍ୟ କରିବାକୁ ବାଧ୍ୟ ନୁହନ୍ତି। ୨୦୨୩ ମସିହାରେ ପଞ୍ଜାବ ରାଜ୍ୟପାଳଙ୍କୁ କଡ଼ା ଚେତାବନୀ ଦେଇ 'ନିଆଁ ସହ ନ ଖେଳିବା' ପାଇଁ ଅଦାଲତ କହିଥିଲେ। ଅଦାଲତଙ୍କ ଏହି ମନ୍ତବ୍ୟ ପରେ ପଡ଼ି ରହିଥିବା ୪ଟି ବିଲକୁ ରାଜ୍ୟପାଳ ବନୱାରୀଲାଲ ପୁରୋହିତ ଅନୁମୋଦନ କରିଥିଲେ। ଏହି ଅବସରରେ ଅଦାଲତ କହିଥିଲେ ଯେ, କୌଣସି ବିଲ ଅନିର୍ଦ୍ଦିଷ୍ଟ କାଳ ପାଇଁ ଅଟକେଇ ରଖିବାର ଅଧିକାର ରାଜ୍ୟପାଳଙ୍କ କ୍ଷମତା ପରିସରଭୁକ୍ତ ନୁହେଁ। ପଞ୍ଜାବ ମାମଲାରେ ଅଦାଲତଙ୍କ ମନ୍ତବ୍ୟ ସତ୍ତ୍ୱେ ରାଜ୍ୟପାଳଙ୍କ ଆଚରଣରେ ପରିବର୍ତ୍ତନ ଘଟିପାରିଲା ନାହିଁ। ଫଳରେ ତାମିଲନାଡୁ କ୍ଷେତ୍ରରେ ଶୀର୍ଷ ଅଦାଲତର ଦୁଇଜଣିଆ ଖଣ୍ଡପୀଠ କଠୋର ମନୋଭାବ ପୋଷଣ କଲେ।

'ବିଧି ସେଣ୍ଟର ଫର ଲିଗାଲ ପଲିସି'ର ସିନିୟର ରେସିଡେଣ୍ଟଫେଲୋ ଜୟ ବିନାୟକ ଓଝାଙ୍କ ମତରେ ଭାରତରେ ରାଜ୍ୟପାଳ ପ୍ରାୟତଃ ରାଜନୈତିକ ଅନୁବନ୍ଧିତ। ୧୯୫୦ରୁ ୨୦୧୭ ମଧ୍ୟରେ ଏହି ସଂଖ୍ୟା ୫୨% ଆକଳନ କରାଯାଇଥିବା ବେଳେ ଏବେ ଏହି ସଂଖ୍ୟା ପ୍ରାୟ ୬୫%ରେ ପହଞ୍ଚିଲାଣି। ଏଣୁ ରାଜ୍ୟପାଳ ପଦବୀରେ ରାଜନୈତିକ ହସ୍ତକ୍ଷେପ ରହିବା ସ୍ୱାଭାବିକ। 'ରାଜନୈତିକ ପ୍ରକ୍ରିୟା ସହ ରାଜ୍ୟପାଳ ଜଡ଼ିତ ହେବା ଉଚିତ୍ ନୁହେଁ, କି କୌଣସି ସରକାର ପତନରେ ମଧ୍ୟ ଭାଗିଦାରୀ ହେବା ଉଚିତ୍ ନୁହେଁ।' - ୨୦୨୨ ମସିହାରେ ମହାରାଷ୍ଟ୍ରରେ ଉଦ୍ଧବ ଠାକ୍‌ରେ ନେତୃତ୍ୱାଧୀନ ସରକାର ପତନ ପରିପ୍ରେକ୍ଷୀରେ ଦେଶର ଶୀର୍ଷ ଅଦାଲତଙ୍କ ଏହି ମନ୍ତବ୍ୟ ଭାରତୀୟ ସଂଘୀୟ ବ୍ୟବସ୍ଥାରେ ରାଜ୍ୟପାଳଙ୍କ ଭୂମିକାର ନକାରାତ୍ମକ ଦିଗ ପ୍ରତି ଅଙ୍ଗୁଳି ନିର୍ଦ୍ଦେଶ କରୁଛି। ଶୁଣାଣି ସମୟରେ ଅଦାଲତ ଉପରୋକ୍ତ ମନ୍ତବ୍ୟ ଦେବା ସହ କେଉଁ ଆଧାରରେ ଉଦ୍ଧବ ଠାକ୍‌ରେ ସରକାରଙ୍କୁ ସଂଖ୍ୟା ଗରିଷ୍ଠତାର ପ୍ରମାଣ ଦେବା ପାଇଁ ରାଜ୍ୟପାଳ କହିଲେ ତାହା ମଧ୍ୟ ଜାଣିବାକୁ ଚାହିଁଥିଲେ। ଏହି ବିବାଦୀୟ ରାଜ୍ୟପାଳ ନିଜ କାର୍ଯ୍ୟକାଳ ଶେଷ ହେବା ପୂର୍ବରୁ ପଦ ପରିତ୍ୟାଗ କରିଥିଲେ।

ରାଜ୍ୟପାଳଙ୍କ ସାମ୍ବିଧାନିକ କ୍ଷମତା ସଂପର୍କରେ ଅଧିକ ନ୍ୟାୟିକ ବାଖ୍ୟାର ଆବଶ୍ୟକତା ରହିଛି। ରାଷ୍ଟ୍ରପତି, ଉପରାଷ୍ଟ୍ରପତିଙ୍କ ପରି ରାଜ୍ୟପାଳ ନିର୍ବାଚିତ ବ୍ୟକ୍ତିବିଶେଷ ନୁହନ୍ତି। ସେ ନିଯୁକ୍ତିପ୍ରାପ୍ତ। ରାଜ୍ୟପାଳଙ୍କର ବଦଳି ବ୍ୟବସ୍ଥା ରହିଛି। ରାଜ୍ୟବାସୀଙ୍କ ନିକଟରେ କୌଣସି ପ୍ରସଙ୍ଗରେ ଏହି ପଦବୀ ଉତ୍ତରଦାୟୀ ନୁହେଁ।। ରାଜ୍ୟପାଳ ନିଯୁକ୍ତିର ସେଭଳି କିଛି ମାନଦଣ୍ଡ ମଧ୍ୟ ନାହିଁ। ଏଣୁ ସମ୍ବିଧାନ ସଂଶୋଧନ ଜରିଆରେ ରାଜ୍ୟପାଳଙ୍କ ଅଖଣ୍ଡ କ୍ଷମତା ଉପରେ ଅଙ୍କୁଶ ଲଗାଯିବା ବର୍ତ୍ତମାନର ଆବଶ୍ୟକତା। ନଚେତ୍ ସଂଘୀୟ ବ୍ୟବସ୍ଥାରେ ବିଶୃଙ୍ଖଳା ସୃଷ୍ଟି ହେବାର ଆଶଙ୍କା ରହିଛି।

(ବରିଷ୍ଠ ସାମ୍ବାଦିକ)

କଟକ, ମୋ: ୯୪୩୭୨୨୯୨୩୩

# ବିପଦରେ ନିକୋବର ଆଇସ୍‌ଲ୍ୟାଣ୍ଡର ଜୈବବିବିଧତା

**ଡ. ମୌସୁମୀ ପରିଡ଼ା**

ନିକୋବର ଆଇସ୍‌ଲ୍ୟାଣ୍ଡ ମୋଟ ୨୨ଟି ଦ୍ୱୀପକୁ ନେଇ ଗଠିତ, ଯାହା ଆଣ୍ଡାମାନ ଆଇସ୍‌ଲ୍ୟାଣ୍ଡର ଦକ୍ଷିଣରେ ଅବସ୍ଥିତ। ଅନେକ ଦ୍ୱୀପରେ ଲୋକ ବସବାସ କରନ୍ତି ନାହିଁ। ଆଉ କେତେକରେ ନିକୋବରିଜ୍ ଓ ଶୋମ୍ପେନ୍ ଭଳି ଆଦିବାସୀ ସମ୍ପ୍ରଦାୟ ବସବାସ କରନ୍ତି। କିଛି ଦ୍ୱୀପ ସଂପୂର୍ଣ୍ଣ ଜଙ୍ଗଲ ଓ ସୁରକ୍ଷିତ ଅଞ୍ଚଳ। ତେଣୁ ସେଠାକୁ ଯିବା ପାଇଁ ସରକାରଙ୍କ ବିଶେଷ ଅନୁମତି ନେବାକୁ ପଡ଼ିଥାଏ। ସାଧାରଣ ପର୍ଯ୍ୟଟନ ସହିତ ସେଠାରେ ଜମି କିଣିବା ବି ନିୟନ୍ତ୍ରିତ। କାରଣ ଆଦିବାସୀ ସମ୍ପ୍ରଦାୟଙ୍କ ସୁରକ୍ଷା ସହିତ ରଣନୀତିକ ଗୁରୁତ୍ୱ ଓ ପରବେଶର ସୁରକ୍ଷା ପାଇଁ ସରକାର ସେଠାରେ ବେଶ୍ ଯତ୍ନବାନ୍। କାର୍ ନିକୋବର ଓ କ୍ୟାମ୍ପବେଲ ବେ' ଅଞ୍ଚଳରେ ଅଳ୍ପ କିଛି ଭାରତୀୟ ପରିବାର ବସବାସ କରନ୍ତି, ଯେଉଁମାନେ ସରକାରୀ ଚାକିରି କିମ୍ବା ବ୍ୟବସାୟ ସହିତ ଜଡ଼ିତ ଅଛନ୍ତି। ଏଥିସହିତ ଭାରତୀୟ ବାୟୁସେନା, ତଟସୁରକ୍ଷା ବାହିନୀ ଓ ଅନ୍ୟ ସୁରକ୍ଷା ସଂସ୍ଥାମାନ ରହିଥା'ନ୍ତି। ନିକୋବର ଆଇସ୍‌ଲାଣ୍ଡର ପ୍ରମୁଖ ଦ୍ୱୀପମାନଙ୍କ ଭିତରୁ ଗ୍ରେଟ୍ ନିକୋବର ଆଇସ୍‌ଲାଣ୍ଡ, କାର୍ ନିକୋବର, ଲିଟଲ୍ ନିକୋବର ଇତ୍ୟାଦି ପ୍ରଧାନ। ଗ୍ରେଟ୍ ନିକୋବର ଅଞ୍ଚଳ ଅନ୍ୟମାନଙ୍କଠାରୁ ବୃହତ୍, ଯେଉଁଠାରେ କ୍ୟାମ୍ପବେଲ ବେ ରହିଛି ସେହିଠାରେ ବଜାର, ସ୍କୁଲ୍, ହସ୍ପିଟାଲ୍ ଓ ପ୍ରଶାସନିକ କାର୍ଯ୍ୟାଳୟ ମଧ୍ୟ ରହିଛି। ଆଣ୍ଡାମାନର ଅନେକ ସୁନ୍ଦର ଦ୍ୱୀପ ଯେପରି ହାଭ୍ଲକ୍, ସ୍ୱରାଜ ଦ୍ୱୀପ ପର୍ଯ୍ୟଟନର ମୁଖ୍ୟ ଆକର୍ଷଣ।

ନିକୋବର ଆଇସଲ୍ୟାଣ୍ଡରେ ଅଳ୍ପସଂଖ୍ୟକ ବିଲୁପ୍ତପ୍ରାୟ ଆଦିବାସୀ ସଂପ୍ରଦାୟ ରହୁଥିବାରୁ ପିଭିଟିଜି ଭାବରେ ସରକାର ସେମାନଙ୍କୁ ସୁରକ୍ଷା ପ୍ରଦାନ କରିଆସୁଛନ୍ତି। ନିକୋବରିଜ୍ ଓ ଅନ୍ୟ ଲୋକମାନେ ସମୁଦ୍ରତଟବର୍ତ୍ତୀ ଅଞ୍ଚଳ କିମ୍ବା ଛୋଟ ସହରାଞ୍ଚଳରେ ବସବାସ କରିଥା'ନ୍ତି। ସେମାନେ ମାଛ ଧରିବା ସହିତ ନଡ଼ିଆ ଚାଷ ଓ ଛୋଟ କୃଷି କରି ଗୁଜୁରାଣ ମେଣ୍ଟାଇଥା'ନ୍ତି। ସେମାନଙ୍କ ସଂଖ୍ୟା ପ୍ରାୟ ୨୮୦୦୦ରୁ ଉର୍ଦ୍ଧ୍ୱ ଓ ଅନେକ ଖ୍ରୀଷ୍ଟଧର୍ମାବଲମ୍ବୀ। ଗ୍ରେଟ୍ ନିକୋବର ହିଁ ଏମାନଙ୍କ ବାସସ୍ଥଳୀ। ପିଭିଟିଜି ମଧ୍ୟରେ ଶୋମ୍ପେନ୍ ସମ୍ପ୍ରଦାୟ ଅନ୍ୟତମ। ଏମାନେ ସାଧାରଣତଃ ଘନ ଜଙ୍ଗଲ ଭିତରେ ଛୋଟଛୋଟ ଦଳରେ ବିଭକ୍ତ ହୋଇ ବସବାସ କରନ୍ତି। ବାହାର ଦୁନିଆ ସହିତ ସଂପର୍କ ସ୍ଥାପିତ କରିବାକୁ ସେମାନେ ଇଚ୍ଛା ପ୍ରକାଶ କରନ୍ତି ନାହିଁ। ତେଣୁ ସେମାନଙ୍କ ଜୀବନଶୈଳୀ ଏବେ ବି ରହସ୍ୟମୟ। ଏମାନଙ୍କ ସଂଖ୍ୟା ପ୍ରାୟ ୨୦୦-୩୦୦ ମଧ୍ୟରେ ବୋଲି ଅନୁମାନ କରାଯାଉଛି। ଶୋମ୍ପେନ୍ ଭାଷା ଖୁବ୍ ଦୁର୍ଲ୍ଲଭ। ସେମାନେ ଜୀବନଧାରଣର ମୁଖ୍ୟସ୍ରୋତ ଭାବେ ଶିକାର ଉପରେ ନିର୍ଭର କରୁଥିବାବେଳେ କେବେକେବେ ମାଛ ଧରି, ଜଂଗଲରୁ ଫଳମୂଳ ସଂଗ୍ରହ କରି ଜୀବନ ନିର୍ବାହ କରିଥା'ନ୍ତି। କେବେକେବେ ସେମାନେ କୃଷିକାର୍ଯ୍ୟ ବି କରିଥା'ନ୍ତି। ଏମାନେ ଅତ୍ୟନ୍ତ ଦୁର୍ଲ୍ଲଭ ଆଦିବାଦୀ ସମ୍ପ୍ରଦାୟର ହୋଇଥିବାରୁ ଏମାନଙ୍କ ସୁରକ୍ଷା ନିହାତି ଜରୁରୀ।

ବର୍ତ୍ତମାନ ଶୋମ୍ପେନ୍ ଆଦିବାସୀ ସମ୍ପ୍ରଦାୟ ଚର୍ଚ୍ଚାରେ, ଯେବେଠାରୁ ଗ୍ରେଟ୍ ନିକୋବର ଆଇସଲ୍ୟାଣ୍ଡରେ ଭାରତ ସରକାର 'ଗ୍ରେଟ୍ ନିକୋବର ଡେଭଲପ୍‌ମେଣ୍ଟ ପ୍ରୋଜେକ୍ଟ' ଆରମ୍ଭ କରିଛନ୍ତି। ଏହାର ମୂଳ ଉଦ୍ଦେଶ୍ୟ ହେଉଛି- ଏହି ଅଞ୍ଚଳକୁ ରଣନୀତିକ ଓ ବ୍ୟବସାୟିକ କେନ୍ଦ୍ରରେ ପରିଣତ କରିବା, ଚୀନ ଓ ଭାରତ ମହାସାଗର ଅଞ୍ଚଳ ରଣନୀତିକ ଉପଯୋଗିତା ବୃଦ୍ଧି କରିବା ଏବଂ କଲମ୍ବୋ ଓ ସିଙ୍ଗାପୁରର ବିଦେଶୀ ବନ୍ଦର ଉପରେ ନିର୍ଭର ହ୍ରାସ କରିବା। ଏଠାରେ ସାମୁଦ୍ରିକ ଜାହାଜ ଦ୍ୱାରା ପରିବହନ କେନ୍ଦ୍ର, ସ୍ଥାନଟିର ସହରୀକରଣ, ଅନ୍ତର୍ଜାତୀୟ ବିମାନବନ୍ଦର ପ୍ରତିଷ୍ଠା, ପାୱାରପ୍ଲାଣ୍ଟ, ସୁରକ୍ଷା ଓ ନୌବାହିନୀ ଆଦି ପ୍ରତିଷ୍ଠାର ଯୋଜନା ରହିଛି। ସରକାରଙ୍କ କହିବା ଅନୁଯାୟୀ ଏସବୁ ଦ୍ୱାରା ଆଞ୍ଚଳିକ ଉନ୍ନତି ତଥା ଦେଶର ଅଭିବୃଦ୍ଧି ସହିତ ଭାରତର ସାମୁଦ୍ରିକ ବ୍ୟବସାୟ ଓ ପର୍ଯ୍ୟଟନ କ୍ଷେତ୍ର ବି ସମୃଦ୍ଧ ହେବ। ନିଯୁକ୍ତି-ସୁଯୋଗ ସୃଷ୍ଟି ହେବ। ଅନ୍ୟ ରାଜ୍ୟଗୁଡ଼ିକ ସହିତ ସିଧାସଳଖ ସମ୍ପର୍କ ସ୍ଥାପିତ ହୋଇପାରିବ।

ଚିନ୍ତାର ବିଷୟଟି ହେଉଛି ପ୍ରକଳ୍ପ ଅଞ୍ଚଳରେ ଶୋମ୍ପେନ୍ ଆଦିବାସୀ ସମ୍ପ୍ରଦାୟ ବସବାସ କରୁଥିବା ସହିତ ବିଭିନ୍ନ ମୂଲ୍ୟବାନ୍ ଔଷଧୀୟ ବୃକ୍ଷ, ମୂଲ୍ୟବାନ୍ ସାମୁଦ୍ରିକ ପଦାର୍ଥ ରହିଛି। ବିଲୁପ୍ତ ପ୍ରାୟ ଜୀବଜନ୍ତୁ, ପଶୁପକ୍ଷୀ ମଧ୍ୟ ସେଠାରେ ରହିଆସୁଛନ୍ତି। ପ୍ରକଳ୍ପ ଦ୍ୱାରା ସେମାନେ ସିଧାସଳଖ ପ୍ରଭାବିତ ହେବେ। ଏଥିସହିତ ଜୈବବିବିଧତା ଓ ପ୍ରାକୃତିକ ଜଙ୍ଗଲ ନଷ୍ଟ ହେବ। ଆମ ରାଜ୍ୟଗୁଡ଼ିକରେ ପ୍ରାୟ ପ୍ରତିବର୍ଷ ପ୍ରାକୃତିକ ଦୁର୍ବିପାକରେ ହୋଇଆସୁଥିବା ଅସହ୍ୟ କ୍ଷୟକ୍ଷତି ଦେଶର ଅର୍ଥନୀତିର ମେରୁଦଣ୍ଡ ଉପରେ ଶକ୍ତ ପ୍ରହାର କରିଚାଲିଛି। ସେ ସଂପର୍କିତ କିଛିପ୍ରଶ୍ନ ମନରେ ସୃଷ୍ଟି ହେବା ସ୍ୱାଭାବିକ। ପ୍ରାକୃତିକ ସୌନ୍ଦର୍ଯ୍ୟରେ ଭରପୂର ନିକୋବର ଦ୍ୱୀପପୁଞ୍ଜ ସବୁଜିମାକୁ ଛାରଖାର୍ କରି କଂକ୍ରିଟ୍ ଜଙ୍ଗଲ ଦ୍ୱାରା ପ୍ରକୃତିକୁ କଙ୍କାଳସାର କରାଇଦେବା କ'ଣ ବୁଦ୍ଧିମତ୍ତାର କାର୍ଯ୍ୟ? ଚାରିଆଡ଼େ ମାନବତାର ଅବକ୍ଷୟ ଘଟି ପାଶବିକତା ବୃଦ୍ଧି ପାଉଥିବା ବେଳେ ପ୍ରକୃତିକୁ କେନ୍ଦ୍ର କରି ବଞ୍ଚୁଥିବା ବିଲୁପ୍ତ-ପ୍ରାୟ ଆଦିମ ଅଧିବାସୀମାନଙ୍କୁ ପରୋକ୍ଷରେ ଅତ୍ୟାଧୁନିକ ପାଶବିକତା ଶିଖାଇବା କ'ଣ ନିହାତି ଆବଶ୍ୟକ? ସେମାନଙ୍କୁ ସେମାନଙ୍କ ଅନୁସାରେ ଛାଡ଼ି ଦିଆଗଲେ କ୍ଷତି କ'ଣ, ଯଦି ସେମାନଙ୍କର ମୁଖ୍ୟସ୍ରୋତରେ ସାମିଲ୍ ହେବାକୁ କୌଣସି ଆଗ୍ରହ ନଥାଏ।

ଆଖପାଖ ପରିବେଶ ପରିବର୍ତ୍ତନ ହେଲେ ସେମାନଙ୍କ ବାସସ୍ଥାନର ପରିସର ସଂକୁଚିତ ହୋଇଯିବ। ପରିବେଶ ଦୂଷିତ ହେବା ସହ ଲୁଣା ଜଂଗଲ ବି ନଷ୍ଟ ହେବ। ସାମୁଦ୍ରିକ ଜୀବ ତଥା ସ୍ୱତନ୍ତ୍ର ପ୍ରଜାତିର କଇଁଚମାନଙ୍କ ସହ ପ୍ରବାଳ ପ୍ରାଚୀରର ବିଲୁପ୍ତି ଘଟିବ। ଏମିତିରେ ଅତ୍ୟାଧୁନିକତା ନାଁରେ ମଣିଷ କେତେ ହିଂସ୍ର, ନିର୍ମମ, ସ୍ୱାର୍ଥପର, ଲୋଭୀ ସେସବୁ ବଖାଣିବା ଅନାବଶ୍ୟକ। ପରିବେଶର ସନ୍ତୁଳନକୁ ବିଗାଡ଼ି, ସେମାନଙ୍କ ଜୀବନଶୈଳୀକୁ ପରିବର୍ତ୍ତିତ କରି ଦେଶର ଅଭିବୃଦ୍ଧି କରିବା କେତେ ଜରୁରୀ? ପ୍ରକୃତି ଉପରେ ସମସ୍ତଙ୍କର ସମାନ ଅଧିକାର ରହିଛି। ୨୦୦୪ ମସିହାର ସୁନାମୀ ଦ୍ୱାରା ଗ୍ରେଟ୍ ନିକୋବର ଖୁବ୍ କ୍ଷତିଗ୍ରସ୍ତ ହୋଇଥିବା ବେଳେ ଏତେ ବଡ଼ ପ୍ରକଳ୍ପ ଏଭଳି ଭୂକମ୍ପ ଓ ସୁନାମୀପ୍ରବଣ ଅଞ୍ଚଳରେ କେତେ ସୁରକ୍ଷିତ ଓ ଗ୍ରେଟ୍ ନିକୋବର ଡେଭଲପ୍‌ମେଣ୍ଟ ପ୍ରୋଜେକ୍ଟ ଦ୍ୱାରା ଶୋମ୍ପେନ୍ ପରି ଆଦିମ ଅଧିବାସୀ କେତେ ଉପକୃତ ହେବେ ସେକଥା ଏବେ ଚିନ୍ତନର ବିଷୟ।

ଭୁବନେଶ୍ୱର, ମୋ: ୯୪୩୭୩୧୭୦୨୬

# ଧୈର୍ଯ୍ୟ ଓ ବିଜୟର ପ୍ରତୀକ ଏଣ୍ଡୁଅ

## ବିଚିତ୍ର ବିଶ୍ୱାସ

**ଓଜସ୍ୱିନୀ**

ଜୀବଜନ୍ତୁ ଓ କୀଟପତଙ୍ଗ ପୂଜନର ଧାରାରେ ଏଣ୍ଡୁଅକୁ ମଧ୍ୟ ଦେବତୁଲ୍ୟ ମାନ୍ୟତା ମିଳିଛି। ଏକ ପୌରାଣିକ ଆଖ୍ୟାନ ଅନୁଯାୟୀ ରାଜା ଇକ୍ଷ୍ୱାକୁଙ୍କର ପୁତ୍ର ରାଜା ନୃଗ ଅତ୍ୟନ୍ତ ଦୟାବାନ ଓ ଦାନୀ ଥିଲେ। କିନ୍ତୁ ଏକଦା ଭୁଲ୍‌ବଶତଃ ପୂର୍ବରୁ ଦାନ ସୂତ୍ରରେ ମିଳିଥିବା ଏକ ଗାଇକୁ ଚିହ୍ନି ନପାରି ଦୁଇଜଣ ବ୍ରାହ୍ମଣଙ୍କୁ ପୁନଃ ଗୋଦାନ ଦେଇଥିଲେ। ଏଥିରେ ବ୍ରାହ୍ମଣ କ୍ରୋଧ କରି ରାଜା ନୃଗଙ୍କୁ ଏଣ୍ଡୁଅ ହୋଇଯିବାର ଅଭିଶାପ ଦେଲେ। ରାଜା ନୃଗ ଏଣ୍ଡୁଅ ରୂପରେ ଗୋଟିଏ କୂପ ମଧ୍ୟରେ ବହୁବର୍ଷ ରହିଲେ। ଶେଷରେ ଶ୍ରୀକୃଷ୍ଣଙ୍କ ସ୍ପର୍ଶ ପାଇ ସେ ମନୁଷ୍ୟ ସ୍ୱରୂପକୁ ଫେରିଆସିଲେ ଏବଂ ମୋକ୍ଷଲାଭ କଲେ। ମତାନ୍ତରରେ ଦ୍ୱାପର ଯୁଗରେ ଶ୍ରୀକୃଷ୍ଣଙ୍କ ପୁତ୍ରଙ୍କ ହାତର ସ୍ପର୍ଶ ପାଇବା ପରେ ନୃଗ ମନୁଷ୍ୟ ସ୍ୱରୂପ ଫେରିପାଇଥିଲେ। ତେଣୁ ଏଣ୍ଡୁଅକୁ ମୋକ୍ଷ, ଜ୍ଞାନୋଦୟ ଓ ମାର୍ଗଦର୍ଶକର ସଙ୍କେତ ବହନ କରିଥିବା ଜୀବ ଭାବେ ମାନ୍ୟତା ମିଳିଛି।

ଭାରତୀୟ ପୁରାଣ ଓ ଜ୍ୟୋତିଷଶାସ୍ତ୍ର ଅନୁସାରେ ଏଣ୍ଡୁଅ ଦେଖିବା କିମ୍ବା ଘରକୁ ଏଣ୍ଡୁଅ ଆସିବା ଶୁଭଙ୍କର। ଏଣ୍ଡୁଅ କୁବେରଙ୍କ ପ୍ରତୀକ ହୋଇଥିବାରୁ ଏହାକୁ ଦେଖିଲେ ଧନଲାଭ ହୋଇଥାଏ ବୋଲି ବିଶ୍ୱାସ ଅଛି। ମଣିପୁରର ଲୋକକଥାଗୁଡ଼ିକରେ ଏଣ୍ଡୁଅକୁ ମନସ୍କାମନା ପୂର୍ତ୍ତି କରୁଥିବା ଏକ ଦିବ୍ୟ ଶକ୍ତି ଭାବେ ବର୍ଣ୍ଣନା କରାଯାଇଛି। କେବଳ ଭାରତରେ ନୁହେଁ, ବିଦେଶରେ ମଧ୍ୟ ଏଣ୍ଡୁଅକୁ ଦେବତୁଲ୍ୟ ବିଚାର କରି ପୂଜାର୍ଚ୍ଚନା କରାଯାଏ।

ମୁଖ୍ୟତଃ ପଶ୍ଚିମ ଆଫ୍ରିକାର ବେନିନ୍ ଦେଶରେ ଥିବା ଓବେମେ ସହରରେ ଏଣ୍ଡୁଅ ପୂଜା କରାଯାଏ। ଏଣ୍ଡୁଅ ପୂଜନ ସ୍ଥାନୀୟ ଭୁଡୁ ସଂସ୍କୃତିର ଏକ ମୁଖ୍ୟଅଂଶ। ଏଥିପାଇଁ ଗୋଟିଏ ବିଶେଷ ମନ୍ଦିର ମଧ୍ୟ ନିର୍ମାଣ କରାଯାଇଛି, ଯାହାକୁ 'ଭୋଡୁନ୍ ମନ୍ଦିର' କୁହାଯାଏ। ସେଠାରେ ଏଣ୍ଡୁଅକୁ ଅନୁକୂଳନଶୀଳତା ଓ ଧୈର୍ଯ୍ୟର ପ୍ରତୀକାତ୍ମକ ସ୍ୱରୂପ ଭାବେ ପୂଜା କରାଯାଏ। ଏହି ପ୍ରତୀକ 'ଦହୋମେ'ର ରାଜା 'ଅକାବା'ଙ୍କ ସହିତ ଜଡ଼ିତ। ରାଜାଙ୍କର ରାଜକୀୟ ଚିହ୍ନ ଏଣ୍ଡୁଅ ଥିଲା, ଯାହାର ଅର୍ଥ ମନ୍ଥର ଗତିରେ ଅନେକ ଦୂରପଥ ଅତିକ୍ରମ କରିବା। ଏଣ୍ଡୁଅ ଶିକାରଠାରୁ ବର୍ତ୍ତିବା ପାଇଁ ତା'ର ଶରୀରର ରଙ୍ଗ ପରିବର୍ତ୍ତନ କରିପାରେ। ସେହିଭଳି ବିଷମ ପରିସ୍ଥିତି ସହିତ ଖାପଖୁଆଇ ଚଳିବା ଏବଂ ଶତ୍ରୁଠାରୁ ବିଜୟପ୍ରାପ୍ତ କରିବା ପାଇଁ ଏଣ୍ଡୁଅକୁ ମୁଖ୍ୟ ରାଜକୀୟ ଉଦାହରଣ ଭାବେ ଗ୍ରହଣ କରାଯାଇଛି। ସେଠାରେ ଏଣ୍ଡୁଅକୁ ଧୈର୍ଯ୍ୟର ପ୍ରତୀକ ଭାବେ ମଧ୍ୟ ମାନ୍ୟତା ମିଳିଛି।

ଗୋଟିଏ ବିଶାଳ ପଥରରେ ତିଆରି ଏହି ମନ୍ଦିରର ଆକୃତି ଏଣ୍ଡୁଅ ଭଳି। ଏହାକୁ 'ତୋହୋୟୋ' ଦେବତାଙ୍କ ଅନୁଗାମୀମାନଙ୍କ ପାଇଁ ପୂଜାସ୍ଥଳ ରୂପରେ ନିର୍ମାଣ କରାଯାଇଛି ବୋଲି ତଥ୍ୟ ମିଳେ। ବାସ୍ତୁକଳାର ଏଭଳି କୃତି ପ୍ରକୃତରେ ଆଶ୍ଚର୍ଯ୍ୟଜନକ। ୧୦ ମିଟର ଉଚ୍ଚତା ବିଶିଷ୍ଟ ଏହି ମନ୍ଦିରଟିର ପ୍ରବେଶ ଦ୍ୱାର ଏଣ୍ଡୁଅର ଖୋଲା ପାଟି ଭଳି ରହିଛି ଏବଂ ଏହା ଉପରେ ପଥରରେ ନିର୍ମିତ ଆଖିଗୁଡ଼ିକ ଜୀବନ୍ତ ଅନୁଭବ ହେଉଛି। ମନ୍ଦିରର ଭିତର ଅଂଶ ଏକ ଗୁମ୍ଫା ଭଳି ଏବଂ ଏହାକୁ ଏଣ୍ଡୁଅର ପେଟ ଭିତରକୁ ଯିବା ଭଳି ନିର୍ମାଣ କରାଯାଇଛି। ଦୂରରୁ ଦେଖିଲେ ମନେହେବ ଯେ, ଗୋଟିଏ ବିଶାଳକାୟ ଏଣ୍ଡୁଅ ରାସ୍ତା ଉପରେ ବସିଛି। ଭୁଡୁ ସଂସ୍କୃତି ଅନୁସାରେ ଏଣ୍ଡୁଅକୁ ଏକ ବିଶେଷ ରହସ୍ୟମୟ ପ୍ରାଣୀ ଭାବେ ମାନ୍ୟତା ପ୍ରଦାନ କରାଯାଇଛି।

ଏହାବ୍ୟତୀତ ପଶ୍ଚିମ ଆଫ୍ରିକାର 'ୟୋରୁବା' ସଂସ୍କୃତିରେ 'ଏଜ୍‌ମୋ' ନାମକ ଏଣ୍ଡୁଅକୁ ସର୍ବୋଚ୍ଚ ସତ୍ତା 'ଏଲୋରୁନ୍'ର ସ୍ଥାନ ପ୍ରଦାନ କରାଯାଇଛି। ବିଶ୍ୱାସ ରହିଛି ଯେ, ଏଣ୍ଡୁଅ ଏଲୋରୁନ୍ ଦେବତାଙ୍କ ପାଇଁ ସନ୍ଦେଶବାହକର କାର୍ଯ୍ୟ କରିଥାଏ। ତେଣୁ ଏଣ୍ଡୁଅକୁ ଦେଖିବା ମାତ୍ରେ ଶୁଭଙ୍କର ଚିନ୍ତା କରିବା ଦ୍ୱାରା ମନସ୍କାମନା ପୂର୍ତ୍ତି ହୋଇଥାଏ।

ତେବେ ପରମ୍ପରା ଓ ସଂସ୍କୃତିର ବିଭିନ୍ନତା ଅନୁଯାୟୀ ବିଶ୍ୱର କେତେକ ସ୍ଥାନରେ ଏଣ୍ଡୁଅକୁ ଦିବ୍ୟଜୀବର ମାନ୍ୟତା କରାଯାଉଥିବା ବେଳେ ଆଉ କେତେକ ସ୍ଥାନରେ ଏଣ୍ଡୁଅକୁ ନକାରାତ୍ମକ ଶକ୍ତି ଓ ଅଶୁଭତାର ପ୍ରତୀକ ଭାବେ ମଧ୍ୟ ଗ୍ରହଣ କରାଯାଇଛି, ଯାହାକି ପୂର୍ଣ୍ଣତଃ ବିଶ୍ୱାସର ବୈଚିତ୍ରତା ଉପରେ ନିର୍ଭର କରୁଛି।

ଭୁବନେଶ୍ୱର, ମୋ: ୯୦୯୦୧୯୪୯୪୩

## ଲେଖକ/ଲେଖିକାଙ୍କ ନିମନ୍ତେ ସୂଚନା

୧. 'ସକାଳ'ର ସମ୍ପାଦକୀୟ ପୃଷ୍ଠା ପାଇଁ ପ୍ରଥମ ଲେଖା ସର୍ବାଧିକ ୯୦୦ ଶବ୍ଦ ଏବଂ ଦ୍ୱିତୀୟ ଲେଖା ସର୍ବାଧିକ ୫୦୦ ଶବ୍ଦ ମଧ୍ୟରେ ସୀମିତ ରଖିବା ବାଞ୍ଛନୀୟ।

୨. ଲେଖା ପ୍ରକାଶନ ସମ୍ପର୍କରେ ସମ୍ପାଦନା ମଣ୍ଡଳିର ନିଷ୍ପତ୍ତି ଚୂଡ଼ାନ୍ତ। ଲେଖାର କେବଳ ସମ୍ପାଦିତ ଅଂଶ ହିଁ ପ୍ରକାଶିତ ହେବ।

୩. 'ସକାଳ'କୁ ପଠାଇଥିବା ସମାନ ଲେଖା ଏକାଧିକ ଖବରକାଗଜ/ପତ୍ରପତ୍ରିକାରେ ପ୍ରକାଶିତ ହେଲେ ଏବଂ ଅତୀତରେ ପ୍ରକାଶିତ ଲେଖାକୁ ପୁଣି ଥରେ ପଠାଇବା ଜଣାପଡ଼ିଲେ ଭବିଷ୍ୟତରେ ସମ୍ପୃକ୍ତ ଲେଖକ/ଲେଖିକାଙ୍କ ଲେଖା ଆଉ ବିଚାରକୁ ନିଆଯିବ ନାହିଁ।

୪. ଲେଖା ପଠାଇବାର ୭ ଦିନ ମଧ୍ୟରେ ପ୍ରକାଶିତ ନ ହେଲେ ଲେଖକ/ଲେଖିକା ତାହାକୁ ଅନ୍ୟ ଖବରକାଗଜ/ପତ୍ରପତ୍ରିକାକୁ ପଠାଇ ପାରିବେ।

୫. ସାମ୍ପ୍ରଦାୟିକ ଉତ୍ତେଜନା ସୃଷ୍ଟିକାରୀ, ବ୍ୟକ୍ତିଗତ ଆକ୍ରୋଶମୂଳକ ଓ ପ୍ରଶଂସାସୂଚକ ଲେଖା ପ୍ରକାଶିତ ହେବ ନାହିଁ। ପ୍ରସଙ୍ଗଭିତ୍ତିକ, ସୁସ୍ଥ ଓ ବୌଦ୍ଧିକ ସମାଲୋଚନାମୂଳକ ଲେଖାକୁ ଅଗ୍ରାଧିକାର ଦିଆଯିବ।

୬. ଲେଖା ପ୍ରକାଶନର ଅନ୍ତର ଅନ୍ୟୂନ ୧୫ ଦିନ ରହିବ।

୭. 'ସକାଳ' ଓଡ଼ିଶାର ବୃହତ୍ ପାଠକବର୍ଗଙ୍କର। ସେମାନଙ୍କ ରୁଚି, ଆଗ୍ରହ ଓ ଚାହିଦାକୁ ସମ୍ମାନ ଜଣାଇବା ଆମ ସମସ୍ତଙ୍କର କର୍ତ୍ତବ୍ୟ। ଏହାକୁ ହୃଦୟଙ୍ଗମ କରି ଉପରୋକ୍ତ ମାର୍ଗଦର୍ଶିକାକୁ ସଯତ୍ନ ଅନୁପାଳନ ପାଇଁ ଲେଖକ/ଲେଖିକାଙ୍କୁ ପୁଣି ଥରେ ବିନମ୍ର ଓ ସଶ୍ରଦ୍ଧ ଅନୁରୋଧ କରୁଛୁ।

କାର୍ଯ୍ୟନିର୍ବାହୀ ସମ୍ପାଦକ



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

# ବିଜୁଳି ବଳକା ରାଜ୍ୟରେ ସାଂଘାତିକ ଶକ୍ତି ସଙ୍କଟ

## ତାତିର ତାଉ ଓ ଗୁଳୁଗୁଳି ସାଙ୍ଗକୁ ଲୋ-ଭୋଲଟେଜ ଯନ୍ତ୍ରଣା

ଭୁବନେଶ୍ୱର,୨୧।୫(ସମିସ): ଅସହ୍ୟ ତାତି ସାଙ୍ଗକୁ ଗୁଳୁଗୁଳି ରାଜ୍ୟବାସୀଙ୍କୁ ଅତିଷ୍ଠ କରିଛି। ଅତ୍ୟଧିକ ଗୁଳୁଗୁଳି କାରଣରୁ ତାତିର ପ୍ରକୋପ ଓ ପ୍ରଭାବ ଅଧିକ ହେଉଥିବା ବେଳେ ଲୋକଙ୍କୁ କଲବଲ କରୁଛି ବିଜୁଳି ଯନ୍ତ୍ରଣା। ସାରା ରାଜ୍ୟରେ ଲୋ-ଭୋଲଟେଜ ସାଙ୍ଗକୁ

- ବୋଝ ଉପରେ ନଳିତା ବିଡ଼ା ହୋଇଛି ଅଘୋଷିତ ବିଜୁଳି କାଟ
- ସରକାର କହିଥିଲେ ଅଘୋଷିତ ବିଜୁଳିକାଟରେ ହେବ ଜେଲ ଦଣ୍ଡ
- ଘନଘନ ଅଘୋଷିତ ବିଜୁଳିକାଟ ସତ୍ତ୍ୱେ ଜଣେ ବି ଗଲେନି ଜେଲ

ଅଘୋଷିତ ବିଦ୍ୟୁତ୍ କାଟ ଏବେ ବୋଝ ଉପରେ ନଳିତା ବିଡ଼ା ସଦୃଶ ହୋଇଛି। ଏନେଇ ସାଧାରଣରେ ଅସନ୍ତୋଷ ତୀବ୍ର ହେବାରେ ଲାଗିଛି।

କିଛିଦିନ ହେବ ଲୋ-ଭୋଲଟେଜ ସମସ୍ୟାରେ ରାଜ୍ୟବାସୀ ସନ୍ତୁଳି ହେଉଛନ୍ତି। ଏସି ତ ଦୂରର କଥା ପଙ୍ଖା ବି ଘୂରୁନାହିଁ। ତାତି ସହ ଗୁଳୁଗୁଳିରେ ଲୋକେ ସିଝୁଛନ୍ତି। ଏହାକୁ ନେଇ ରାଜ୍ୟ ସାରା ବିଦ୍ୟୁତ୍ ବିଭାଗରେ ଗଦାଗଦା ଅଭିଯୋଗ। ବିଦ୍ୟୁତ୍ ବ୍ୟବହାର ଅର୍ଥାତ୍ ଲୋଡ ବଢ଼ିଯାଇଥିବାରୁ କିଛି ହେବ ନାହିଁ ବୋଲି ଉଲ୍ଲେଖ କରି ବିତରକ କମ୍ପାନୀ ହାତ ଟେକି ଦେଇଛି। ସାଧାରଣ ଲୋକଙ୍କ ଦୁଃଖ ଏଇଠି ସରିନାହିଁ। ଲୋ ଭୋଲଟେଜ ସମସ୍ୟା ସାଙ୍ଗକୁ ଅଘୋଷିତ ବିଦ୍ୟୁତ୍ କାଟ ଲୋକଙ୍କ ଦୁର୍ଦ୍ଦଶାକୁ ବହୁ ଗୁଣ କରିଛି। ବିନା କୌଣସି ପୂର୍ବ ସୂଚନାରେ ଏକାଧିକ ଅଞ୍ଚଳରେ ବାରମ୍ବାର ବିଦ୍ୟୁତ୍ କାଟ ହେଉଛି। ଯାହାଫଳରେ ସବୁ ବର୍ଗର ଲୋକେ ପ୍ରବଳ, ଖରା ଗରମରେ ଅଣନିଶ୍ୱାସୀ ହୋଇ ପଡୁଛନ୍ତି।

ବିନା ପୂର୍ବ ସୂଚନାରେ ବିଜୁଳି କାଟିବା ଦଣ୍ଡନୀୟ ଅପରାଧ ବୋଲି ଉଲ୍ଲେଖ କରି ବିନା ସୂଚନାରେ ଯଦି ବିଜୁଳି କଟାଗଲା, ତେବେ ସମ୍ପୃକ୍ତ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ନିକଟରେ ଏକ କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ କହିଥିଲେ। ଏପରିକି ସେମାନଙ୍କୁ ଜେଲ ଯିବାକୁ ପଡ଼ିପାରେ ବୋଲି ମୁଖ୍ୟମନ୍ତ୍ରୀ ଚେତାବନୀ ଦେଇଥିଲେ। ଏହି ଚେତାବନୀକୁ ମାସେରୁ ଅଧିକ ସମୟ ପୂରିଥିବା ବେଳେ ରାଜ୍ୟବ୍ୟାପୀ ବିଭିନ୍ନ ସ୍ଥାନରେ ବେଧଡ଼କ ଅଘୋଷିତ ବିଜୁଳି କାଟ ଜାରି ରହିଛି। ତେବେ ଏଯାବତ୍ ଏହି ଘଟଣାରେ ଜଣେ ହେଲେ ବିଜୁଳି ବିଭାଗର ଅଧିକାରୀ କିମ୍ବା କର୍ମଚାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଗଲା ନାହିଁ ବୋଲି ସାଧାରଣ ଲୋକେ ପ୍ରଶ୍ନ ଉଠାଉଛନ୍ତି। ଗୋଟିଏ ପଟେ ଓଡ଼ିଶା ନିଜକୁ ବିଜୁଳି ବଳକା ରାଜ୍ୟ ବୋଲି କହୁଛି। ଅନ୍ୟ ରାଜ୍ୟକୁ ଅପେକ୍ଷାକୃତ କମ୍ ଦରରେ ବିଜୁଳି ବିକୁଛି। ଓଡ଼ିଶାରୁ ବିଜୁଳି କିଣି ଅନ୍ୟ ରାଜ୍ୟମାନେ ନିଜର ଉପଭୋକ୍ତାଙ୍କୁ ମାଗଣା ତଥା ଶସ୍ତା ବିଦ୍ୟୁତ୍ ଯୋଗାଇ ମଧ୍ୟ ଦେଉଛନ୍ତି। ମାତ୍ର ଓଡ଼ିଶାର ଲୋକେ ଆଶ୍ଚର୍ଯ୍ୟଜନକ ଭାବେ ଲୋ-ଭୋଲଟେଜ, ବିଜୁଳି କାଟ ସମସ୍ୟା ନିୟମିତ ଭାବେ ଭୋଗି ଚାଲିଛନ୍ତି। ଏପରିକି ଓଡ଼ିଶାକୁ ଛାଡ଼ି ଭାରତବର୍ଷ ଅନ ସମସ୍ତ ରାଜ୍ୟ ନିଜର ଘରୋଇ, କୃଷି କିମ୍ବା ନିର୍ଦ୍ଦିଷ୍ଟ ଶ୍ରେଣୀର ବିଜୁଳି ଉପଭୋକ୍ତାଙ୍କୁ ସୁଲଭ ମୂଲ୍ୟରେ ବିଜୁଳି ସେବା ଯୋଗାଇ ଦେଉଛନ୍ତି। ତାହେଲେ ଓଡ଼ିଶା ବିଜୁଳି ବଳକା ରାଜ୍ୟ ହେବାର ଫାଇଦା କଣ ବୋଲି ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

## ମାଟ୍ରିକ ସପ୍ଲିମେଣ୍ଟାରୀ ପରୀକ୍ଷା

# ଏସ୍‌ସି ଓ ଏସ୍‌ଟି ଛାତ୍ରଛାତ୍ରୀଙ୍କ ଫର୍ମ ପୂରଣ ଫି' ଛାଡ଼

କଟକ, ୨୧।୫ (ସମିସ): ଓଡ଼ିଶା ମାଧ୍ୟମିକ ଶିକ୍ଷା ପରିଷଦ (ବୋର୍ଡ) ପକ୍ଷରୁ ଆସନ୍ତା ଜୁଲାଇରେ ଅନୁଷ୍ଠିତ ହେବ ହାଇସ୍କୁଲ ସାର୍ଟିଫିକେଟ୍ (ମାଟ୍ରିକ୍) ସପ୍ଲିମେଣ୍ଟାରୀ ପରୀକ୍ଷା। ଚଳିତବର୍ଷ ପରୀକ୍ଷା ଦେବାକୁ ଥିବା ଅନୁସୂଚିତ ଜାତି (ଏସସି) ଓ ଅନୁସୂଚିତ ଜନଜାତି (ଏସଟି) ବର୍ଗର ଛାତ୍ରଛାତ୍ରୀମାନଙ୍କୁ କୌଣସି ଫର୍ମ ପୂରଣ ଫି' ଦେବାକୁ ପଡ଼ିବ ନାହିଁ। ବୋର୍ଡ ପକ୍ଷରୁ ସମସ୍ତ ଜିଲ୍ଲା ଶିକ୍ଷା ଅଧିକାରୀ (ଡିଇଓ)ମାନଙ୍କୁ ଏ ନେଇ ସ୍ୱଷ୍ଟ ନିର୍ଦ୍ଦେଶନାମା ଜାରି କରାଯାଇଛି। ଏହି ବର୍ଗର ଛାତ୍ରଛାତ୍ରୀଙ୍କ ଏହି ଫର୍ମ ପୂରଣ ଫି' ଓଡ଼ିଶା ସରକାରଙ୍କ ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି କଲ୍ୟାଣ ବିଭାଗ ଦ୍ୱାରା ବହନ କରାଯିବ। ବୋର୍ଡର ଅନଲାଇନ୍ ପୋର୍ଟାଲରେ ଏଥିପାଇଁ ଆବଶ୍ୟକ ବ୍ୟବସ୍ଥା ମଧ୍ୟ କରାଯାଇଛି। ଯଦି କୌଣସି ବିଦ୍ୟାଳୟରେ ଏହି ବର୍ଗର ଛାତ୍ରଛାତ୍ରୀଙ୍କଠାରୁ ପୂର୍ବରୁ ଫର୍ମ ପୂରଣ ଫି' ସଂଗ୍ରହ କରାଯାଇସାରିଛି। ତେବେ ତାହା ଉପଯୁକ୍ତ ପ୍ରକ୍ରିୟା ମାଧ୍ୟମରେ ସମ୍ପୃକ୍ତ ଛାତ୍ରଛାତ୍ରୀଙ୍କୁ ସ୍କୁଲ ପକ୍ଷରୁ ଫେରସ୍ତ କରାଯିବ ବୋଲି ନିର୍ଦ୍ଦେଶ ଦିଆଯାଇଛି। ସମସ୍ତ ହାଇସ୍କୁଲର ପ୍ରଧାନ ଶିକ୍ଷକମାନେ ଭବିଷ୍ୟତ ରେକର୍ଡ ପାଇଁ ଏହି ଛାତ୍ରଛାତ୍ରୀମାନଙ୍କଠାରୁ ଜାତିଗତ ପ୍ରମାଣପତ୍ରର ନକଲ ସଂଗ୍ରହ କରି ରଖିବେ। ବୋର୍ଡ କାର୍ଯ୍ୟାଳୟକୁ ଫର୍ମପୂରଣ ଡାଟା ପଠାଇବା ସମୟରେ ଏହି ଛାତ୍ରଛାତ୍ରୀଙ୍କର ଏକ ପୃଥକ୍ ତାଲିକା ପ୍ରସ୍ତୁତ କରି ପଠାଇବାକୁ କୁହାଯାଇଛି।

## ତୃତୀୟ ପୃଷ୍ଠାର ଅବଶିଷ୍ଟାଂଶ...

### ଜାତୀୟ ରାଜନୀତିରେ...

ଉପରେ ପ୍ରତିବନ୍ଧକ ଲଗାଯିବା ପରେ ଏହି ବିତର୍କ ଆହୁରି ତୀବ୍ର ରୂପ ଧାରଣ କରିଛି। ଏହି ଭର୍ଚୁଆଲ୍ ଆନ୍ଦୋଳନ ଭବିଷ୍ୟତରେ ଏକ ଆନୁଷ୍ଠାନିକ ରାଜନୈତିକ ଦଳର ରୂପ ନେବ କିମ୍ବା କେବଳ ଏକ ସାମୟିକ ପ୍ରତିବାଦ ମଧ୍ୟରେ ସୀମିତ ରହିବ, ତାହା ଆଗାମୀ ସମୟ ହିଁ ସ୍ପଷ୍ଟ କରିବ। ସାରା ଦେଶରେ ଏହାକୁ ନେଇ ଚର୍ଚ୍ଚା ଜୋର ଧରିଛି।

### ତତଲା ତାୱାରେ...

ସମ୍ବଲପୁରରେ ତାପମାତ୍ରା ୪୪.୬, ହୀରାକୁଦରେ ୪୪.୫, ବଲାଙ୍ଗିର ୪୪.୬, ଟିଟିଲାଗଡ଼ ୪୪.୫, ସୋନପୁର ୪୪.୩, ବୌଦ୍ଧ ୪୪.୨ ଡିଗ୍ରୀ ରେକର୍ଡ ହୋଇଛି। ଏହି ଜିଲ୍ଲାଗୁଡ଼ିକ ସମେତ ଆଜି ମୋଟ୍ ୧୦ ଟି ସହରରେ ତାପମାତ୍ରା ୪୩ ଡିଗ୍ରୀ ଉପରେ ରହିଥିବା ବେଳେ ୧୭ ସହରର ତାପମାତ୍ରା ୪୨ ଡିଗ୍ରୀ ଉପରେ ରହିଛି। ଏହା ବ୍ୟତୀତ ରାଜଧାନୀରେ ଗତକାଲି ତୁଳନାରେ ଆଜି ୬ ଡିଗ୍ରୀ ତାପମାତ୍ରା ବୃଦ୍ଧି ପାଇ ୪୨.୨ ଡିଗ୍ରୀ ରେକର୍ଡ କରିଛି। କେବଳ ଭୁବନେଶ୍ୱର ନୁହେଁ କଟକରେ ମଧ୍ୟ ତାପମାତ୍ରା ୪୦.୨ ଡିଗ୍ରୀ ରେକର୍ଡ ହୋଇଛି। ଗତ କାଲି ତୁଳନାରେ ଏଠାରେ ତାପମାତ୍ରା ୩ ଡିଗ୍ରୀ ବଢ଼ିଛି। ତାପମାତ୍ରା ବୃଦ୍ଧି ସାଙ୍ଗକୁ ଆଜି ଦିନ ତମାମ ବାୟୁ ମଣ୍ଡଳରେ ଆର୍ଦ୍ରତାର ପରିମାଣ ୬୦-୮୦ ପ୍ରତିଶତ ରହିଛି। ଫଳରେ ଲୋକମାନଙ୍କ ପାଇଁ ଗ୍ୟାସ ଚାମ୍ବରରେ ରହିବା ଭଳି ସ୍ଥିତି ସୃଷ୍ଟି ହୋଇଛି। ଆଜି ଦିନ ୧୧.୩୦ ରେ ଭୁବନେଶ୍ୱରରେ ୩୮.୪ ଡିଗ୍ରୀ ତାପମାତ୍ରା ରହିଥିଲେ ମଧ୍ୟ ଆର୍ଦ୍ରତା ୫୬ ପ୍ରତିଶତ ରହିଥିଲା। ଏହାଦ୍ୱାରା ରାଜଧାନୀରେ ୫୩ ଡିଗ୍ରୀ (ଫିଲ ଲାଇକ୍ ଟେମ୍ପରେଚର) ତାପମାତ୍ରା ଅନୁଭୂତ ହେଉଥିଲା। ସମାନ ଭାବେ ଉପକୂଳବର୍ତ୍ତୀ ଅଧିକାଂଶ ଜିଲ୍ଲାରେ ଆଜି ତାପମାତ୍ରା ଥର୍ମମିଟରରେ ୪୦ ଡିଗ୍ରୀ କିମ୍ବା ଏହାଠାରୁ ସାମାନ୍ୟ ଅଧିକ ରେକର୍ଡ ହୋଇଥିଲେ ମଧ୍ୟ ୫୦ ଡିଗ୍ରୀ କିମ୍ବା ଏହାଠାରୁ ଅଧିକ ଅନୁଭବ ହୋଇଛି।

ପାଣିପାଗ କେନ୍ଦ୍ର କହିଛି ଯେ ରାଜ୍ୟରେ ଜାରି ରହିଥିବା ଏଭଳି ଗରମ ଗୁଳୁଗୁଳି ଅବସ୍ଥା ୨୪ ତାରିଖ ପର୍ଯ୍ୟନ୍ତ ବଳବତ୍ତର ରହିବ। ଦିନ ବେଳା ଭୀଷଣ ଗରମ ଗୁଳୁଗଳି ସହ ତାପମାତ୍ରା ଅଧିକ ରହୁଥିବା ହେତୁ ରାତିରେ ମଧ୍ୟ ତାତି ଅନୁଭୂତ ହେବ। ରାତିରେ ତାପମାତ୍ରା ସ୍ୱାଭାବିକ ତୁଳନାରେ ଅଧିକ ରହିବା ନେଇ ପାଣିପାଗ କେନ୍ଦ୍ର ଆଶଙ୍କା କରି ଆସନ୍ତା ୨୪ ତାରିଖ ପର୍ଯ୍ୟନ୍ତ ବିଭିନ୍ନ ଜିଲ୍ଲାକୁ ଉଷ୍ମ ରାତ୍ରୀ ଜନିତ ଆଲର୍ଟ ଜାରି କରିଛି। ସେହିପରି ଶୁକ୍ରବାର ଭଦ୍ରକ, ଯାଜପୁର, ଝାରସୁଗୁଡ଼ା, ଅନୁଗୁଳ, ସୋନପୁର, ବୌଦ୍ଧ ଓ ନୟାଗଡ଼ ଜିଲ୍ଲାରେ ଗ୍ରୀଷ୍ମ ଲହରୀ ସ୍ଥିତି ସୃଷ୍ଟି ହେବା ସହ ସମ୍ବଲପୁର ଓ ବଲାଙ୍ଗିରରେ ଉଷ୍ମ ରାତ୍ରୀ ଏବଂ ବାଲେଶ୍ୱର, ଭଦ୍ରକ, କେନ୍ଦ୍ରାପଡ଼ା, ଜଗତସିଂହପୁର, କଟକ, ସୁନ୍ଦରଗଡ଼, ବରଗଡ଼, ନୂଆପଡ଼ା, କଳାହାଣ୍ଡି, ଗଜପତି, ଗଞ୍ଜାମ, ପୁରୀ ଓ ଖୋର୍ଦ୍ଧା ଜିଲ୍ଲାରେ ଭୀଷଣ ଗୁଳୁଗୁଳି ନେଇ ପାଣିପାଗ କେନ୍ଦ୍ର କହିଛି। ଏହାକୁ ଦୃଷ୍ଟିରେ ରଖି ଏହି ସମସ୍ତ ଜିଲ୍ଲା ପାଇଁ ୟେଲୋ ଆଲର୍ଟ ଜାରି କରାଯାଇଛି। ଅନ୍ୟପଟେ ଏହି ସମୟ ମଧ୍ୟରେ କିଛି କିଛି ସ୍ଥାନରେ କାଳବୈଶାଖୀ ସ୍ଥିତି ନେଇ ମଧ୍ୟ ଆଶଙ୍କା କରାଯାଇଛି। ହେଲେ ଯେଉଁ ଅଞ୍ଚଳରେ କାଳବୈଶାଖୀ ହେବ, ସେଠାରେ ଆଂଶିକ ତାତି କମିଲେ ମଧ୍ୟ ବାକି ଅଞ୍ଚଳରେ ତାତି ଓ ଗୁଳୁଗୁଳି ପ୍ରଶମିତ ହେବାର ଆଶଙ୍କା କମ୍ ରହିଛି ବୋଲି ପାଣିପାଗ କେନ୍ଦ୍ର କହିଛି।

### ଗ୍ରାହକଙ୍କୁ ଦୁଇଶହ କୋଟିର...

ରାଜ୍ୟ କ୍ୟାବିନେଟର ଉପରୋକ୍ତ ନିଷ୍ପତ୍ତିକୁ ରାଜ୍ୟ ସ୍ୱାର୍ଥ ବିରୋଧୀ ବୋଲି ଶକ୍ତି ସମୀକ୍ଷକ ମହଲରେ ମତପ୍ରକାଶ ପାଇଛି।

ଶକ୍ତି ସମୀକ୍ଷକମାନେ ଯୁକ୍ତି ଦର୍ଶାଇଛନ୍ତି ଯେ ଓଡ଼ିଶା ଏବେ ଜିନ୍ଦଲ ଇଣ୍ଡିଆ ପାୱାର ଲିମିଟେଡ୍ , ଜିନ୍ଦଲ ଷ୍ଟିଲ୍ ୱର୍କ୍ସ ଲିମିଟେଡ୍, ନବ ଭାରତ ଲିମିଟେଡ୍ ଓ ମା' ଦୁର୍ଗା ଥର୍ମାଲ ପାୱାର୍ ଲିମିଟେଡଡ୍ ଭଳି ୪ଟି ଆଇପିପିଠାରୁ ତାପଜ ନୀତି ଅନୁସାରେ ଗ୍ରୀଡ୍‌କୋ ବିଦ୍ୟୁତ୍ କ୍ରୟ କରୁଛି। ଗ୍ରୀଡ୍‌କୋ ୧୨ ପ୍ରତିଶତ ହିସାବରେ ସେମାନଙ୍କଠାରୁ କେବଳ ପରିବର୍ତ୍ତନଶୀଳ ମୂଲ୍ୟରେ (ଅର୍ଥାତ ଅଧା ମୂଲ୍ୟରେ) ୧୬୬୭ ନିୟୁତ ୟୁନିଟ୍ ବିଜୁଳି କ୍ରୟ କରୁଛି। ନୀତିରେ ସଂଶୋଧନ ହେବା ଦ୍ୱାରା ଗ୍ରୀଡ୍‌କୋ ୧୨ ପ୍ରତିଶତ ବଦଳରେ ମାତ୍ର ୫ ପ୍ରତିଶତ ବିଦ୍ୟୁତ୍ ପାଇବ। ଅର୍ଥାତ ଓଡ଼ିଶା ପାଉଥିବା ବାର୍ଷିକ ପ୍ରାୟ ୧୦୦୦ ନିୟୁତ ୟୁନିଟରୁ ଅଧିକ ଶସ୍ତା ବିଦ୍ୟୁତ୍ ହରାଇବ। ସେଥିପାଇଁ ଓଡ଼ିଶାର ଏକ କୋଟି ଉପଭୋକ୍ତା ବାର୍ଷିକ ଅତିରିକ୍ତ ବୋଝ ୨୦୦ କୋଟି ଟଙ୍କା ବହନ କରିବେ। ରାଜ୍ୟ ସରକାରଙ୍କ ନିଷ୍ପତ୍ତି ପାଇଁ ପ୍ରତେକ ବିଦ୍ୟୁତ୍ ଉପଭୋକ୍ତା ବର୍ଷକୁ ଅତିରିକ୍ତ ୨୦୦ ଟଙ୍କା ବିଦ୍ୟୁତ୍ ବିଲ୍ ପରିଶୋଧ କରିବେ ବୋଲି ଶକ୍ତି ସମୀକ୍ଷକମାନେ ମତ ଦେଇଛନ୍ତି।

ଏ ନେଇ ଶକ୍ତି ସମୀକ୍ଷକ ଆନନ୍ଦ ମହାପାତ୍ର କହିଛନ୍ତି ଯେ ବିଦ୍ୟୁତ୍ ଉତ୍ପାଦନ କମ୍ପାନୀଗୁଡିକ ପାଇଁ ଫିକ୍ସଡ ଚାର୍ଜ (ସ୍ଥିର ମୂଲ୍ୟ) ଓ ଭାରିଏବଲ ଚାର୍ଜ (ପରିବର୍ତ୍ତନଶୀଳ ମୂଲ୍ୟ) ଭଳି ଦ୍ୱିସ୍ତରୀୟ ଟାରିଫ ପ୍ରଚଳନ ଅଛି। ଓଡ଼ିଶା ତାପଜ ବିଦ୍ୟୁତ୍ ନୀତି ଅନୁସାରେ ଆଇପିପିମାନଙ୍କୁ ଗ୍ରୀଡ୍‌କୋ କେବଳ ପରିବର୍ତ୍ତନଶୀଳ ମୂଲ୍ୟରେ ବିଦ୍ୟୁତ୍ କ୍ରୟ କରେ। ଗ୍ରୀଡ୍‌କୋକୁ କୌଣସି ସ୍ଥିର ମୂଲ୍ୟ ଦେବାକୁ ପଡ଼େ ନାହି। ଉତ୍ପାଦନ ଟାରିଫର ସ୍ଥିରମୂଲ୍ୟ ଓ ପରିବର୍ତ୍ତନଶୀଳ ମୂଲ୍ୟର ଅନୁପାତ ମୋଟାମୋଟି ୫୦:୫୦ ଅଟେ। ଆଇପିପି ତାପଜ ବିଦ୍ୟୁତ୍ କେନ୍ଦ୍ର ସାଧାରଣତଃ ଘରୋଇ କମ୍ପାନୀ ପ୍ରତିଷ୍ଠା କରୁଛନ୍ତି। ସେଥିପାଇଁ ରାଜ୍ୟ ସରକାର କୋଇଲା ଖଣି, ପାଣି ଓ ଜଙ୍ଗଲ ଜମି ସୁଲଭ ମୂଲ୍ୟରେ ଯୋଗାଇ ଦେଉଛନ୍ତି। ତାପଜ ବିଦ୍ୟୁତ୍ କେନ୍ଦ୍ର ପ୍ରତିଷ୍ଠା ହେବା ଦ୍ୱାରା ଓଡ଼ିଶାରେ ପ୍ରଦୂଷଣ ବୃଦ୍ଧି ପାଇବା ସହ କୋଇଲା ପାଉଁଶ ଏକ ବଡ଼ ସମସ୍ୟା ହୋଇଛି। ତେଣୁ କ୍ୟାବିନେଟ ନିଷ୍ପତ୍ତି ଜନବିରୋଧୀ ହୋଇଛି। ଉପଭୋକ୍ତାଙ୍କୁ ଶୋଷଣ କରି କମ୍ପାନୀକୁ ଲାଭ ଦେବାପାଇଁ ଏପରି ନିଷ୍ପତ୍ତି ହୋଇଛି। ରାଜ୍ୟ ସରକାର ତୁରନ୍ତ କ୍ୟାବିନେଟ ନିଷ୍ପତ୍ତିକୁ ପ୍ରତ୍ୟାହାର କରନ୍ତୁ ବୋଲି ଶ୍ରୀ ମହାପାତ୍ର ଦାବି କରିଛନ୍ତି।

### ଇବୋଲା ଆତଙ୍କ...

ଡେମୋକ୍ରାଟିକ୍ ରିପବ୍ଲିକ୍ ଅଫ୍ କଙ୍ଗୋ, ଉଗାଣ୍ଡା ଏବଂ ଦକ୍ଷିଣ ସୁଦାନ ଭଳି ଅଧିକ ବିପଦ ଥିବା ଦେଶରୁ ଆସୁଥିବା ଯାତ୍ରୀମାନଙ୍କ ଉପରେ କଡ଼ା ନଜର ରଖାଯାଉଛି। ଦିଲ୍ଲୀର ଇନ୍ଦିରା ଗାନ୍ଧୀ ଅନ୍ତର୍ଜାତୀୟ ବିମାନବନ୍ଦର ସମେତ ଦେଶର ପ୍ରମୁଖ ବନ୍ଦର ଓ ବିମାନବନ୍ଦର ଗୁଡ଼ିକରେ ସ୍କ୍ରିନିଂ ବ୍ୟବସ୍ଥାକୁ କଡ଼ାକଡ଼ି କରାଯାଇଛି। ଯେଉଁ ଯାତ୍ରୀମାନଙ୍କ ପାଖରେ ଜ୍ୱର, ବାନ୍ତି, ଝାଡ଼ା, ମାଂସପେଶୀରେ ଯନ୍ତ୍ରଣା କିମ୍ବା ଅସ୍ୱଷ୍ଟ ରକ୍ତସ୍ରାବ ଭଳି ଲକ୍ଷଣ ଦେଖାଦେଉଛି ସେମାନଙ୍କୁ ତୁରନ୍ତ ବିମାନବନ୍ଦରର ସ୍ୱାସ୍ଥ୍ୟ ଡେସ୍କକୁ ଜଣାଇବାକୁ ନିର୍ଦ୍ଦେଶ ଦିଆଯାଇଛି। ଏହାବ୍ୟତୀତ, କେହି ସନ୍ଦିଗ୍ଧ ରୋଗୀଙ୍କ ସଂସ୍ପର୍ଶରେ ଆସିଲେ, ସେମାନଙ୍କୁ ଇମିଗ୍ରେସନ ପୂର୍ବରୁ ସ୍ୱାସ୍ଥ୍ୟ ଅଧିକାରୀଙ୍କୁ ସୂଚନା ଦେବାକୁ କୁହାଯାଇଛି। ଯାତ୍ରୀମାନଙ୍କୁ ଭାରତରେ ପହଞ୍ଚିବାର ୨୧ ଦିନ ପର୍ଯ୍ୟନ୍ତ ନିଜ ସ୍ୱାସ୍ଥ୍ୟ ଉପରେ ନଜର ରଖିବାକୁ ଏବଂ କୌଣସି ଲକ୍ଷଣ ଦେଖାଦେଲେ ତୁରନ୍ତ ଡାକ୍ତରୀ ସହାୟତା ନେବାକୁ ପରାମର୍ଶ ଦିଆଯାଇଛି। ଏହି ସ୍ୱାସ୍ଥ୍ୟ ସଂକଟକୁ ଦୃଷ୍ଟିରେ ରଖି ଭାରତ ସରକାର ଏବଂ ଆଫ୍ରିକୀୟ ସଂଘ ମେ ୨୮ରେ ନୂଆଦିଲ୍ଲୀରେ ଅନୁଷ୍ଠିତ ହେବାକୁ ଥିବା 'ଚତୁର୍ଥ ଭାରତ-ଆଫ୍ରିକା ଫୋରମ୍ ସମ୍ମିଳନୀ'କୁ ସ୍ଥଗିତ ରଖିବାକୁ ନିଷ୍ପତ୍ତି ନେଇଛନ୍ତି। ଯଦିଓ ଭାରତରେ ଏବେ ସୁଦ୍ଧା କୌଣସି ଇବୋଲା ମାମଲା ଚିହ୍ନଟ ହୋଇନାହିଁ, ତଥାପି ସରକାର କ୍ୱାରେଣ୍ଟିନ, କେସ୍ ମ୍ୟାନେଜମେଣ୍ଟ ଏବଂ ଲାବୋରେଟୋରୀ ପରୀକ୍ଷା ପାଇଁ ବିସ୍ତୃତ ମାର୍ଗଦର୍ଶିକା (ଏସ୍‌ଓପି) ଜାରି କରିଛନ୍ତି।

### କାଳବୈଶାଖୀ ନେଲା...

ଟେଣ୍ଟ କର୍ମଚାରୀ ମଧ୍ୟାହ୍ନରେ ବିଶ୍ରାମ ନେଉଥିଲେ। ସେମାନେ ଶୋଇଥିବା ଗୋଦାମ ଘର ଉପର ଛାଉଣୀ ପକ୍କା ହୋଇ ନଥିବା ବେଳେ ସେଠାରେ ବାଉଁଶରେ ସେଡ୍ କରି ଉପରେ କପଡ଼ା ସମେତ ଅନେକ ଓଜନିଆ ଜିନିଷପତ୍ର ଲଦା ହୋଇଥିଲା। ଦିନ ପ୍ରାୟ ୩ଟା ବେଳେ ହଠାତ ପବନ ବର୍ଷା ହୋଇଥିଲା। ଫଳରେ ଉକ୍ତ ଛାଉଣିଟି ଓଜନ ସମ୍ଭାଳି ନପାରି ଖସିପଡ଼ିଥିଲା। ତଳେ ଶୋଇଥିବା ୪ ଜଣ ଶ୍ରମିକ ଚାପି ହୋଇଯାଇଥିଲେ। ଏହି ଘଟଣାରେ କେନ୍ଦୁଝର ଟାଉନ ଥାନା ନରଣପୁର ରୁଗୁଡ଼ି ସାହିର ଅମିତ ନାଏକ ଗୁରୁତର ଅବସ୍ଥାରେ ଡାକ୍ତରଖାନାରେ ଭର୍ତ୍ତି ହୋଇଛନ୍ତି। ଏ ସମ୍ପର୍କରେ ଖବର ପାଇ ଜିଲ୍ଲା ପ୍ରଶାସନର ବରିଷ୍ଠ ଅଧିକାରୀମାନେ ଘଟଣାସ୍ଥଳ ପରିଦର୍ଶନ କରିବା ସହ ଡାକ୍ତରଖାନା ଯାଇ ଆହତଙ୍କ ଅବସ୍ଥା ବୁଝିଛନ୍ତି। ମୁଖ୍ୟମନ୍ତ୍ରୀଙ୍କର ନିର୍ବାଚନମଣ୍ଡଳୀରେ ଏଭଳି ସମ୍ବେଦନଶୀଳ ଘଟଣା ପରେ ମୃତକଙ୍କର ନିକଟ ସମ୍ପର୍କୀୟଙ୍କ ଲାଗି ୪ ଲକ୍ଷ ଟଙ୍କା ଲେଖାଏଁ ସହାୟତା ରାଶି ଘୋଷଣା ହୋଇଛି। ଶ୍ରମ ଆଇନ ଅନୁସାରେ ଘଟଣାର ଅନୁସନ୍ଧାନ କରାଯାଇ ଆଇନ ଅନୁସାରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଜିଲ୍ଲା ଶ୍ରମ ଅଧିକାରୀ କହିଛନ୍ତି। ଅନ୍ୟପକ୍ଷରେ ଟାଉନ ପୁଲିସ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଜାରି ରଖିଥିବା ବେଳେ ଖବର ଲେଖା ହେବା ପର୍ଯ୍ୟନ୍ତ ଶବ ବ୍ୟବଚ୍ଛେଦ ହୋଇପାରିନାହିଁ।

# ଶିମିଳିପାଳରେ ପୁଣି କଳାବାଘ ଶିକାର

ବାରିପଦା,୨୧।୫(ସମିସ): ଶିମିଳିପାଳ ଜାତୀୟ ଅଭୟାରଣ୍ୟରୁ ପୁଣି ଗୋଟିଏ କଳାବାଘ ଶିକାର ହୋଇଛି। ଶିମିଳିପାଳ ବ୍ୟାଘ୍ର ସୁରକ୍ଷା ବଳ (ଏସ୍‌ଟିଏଫ) ଗୋଟିଏ କଳାବାଘ ଛାଲ ଜବତ କରିବା ପରେ ଏହା ସ୍ପଷ୍ଟ ହୋଇଛି। ଏହି ଘଟଣାରେ ଏସ୍‌ଟିଏଫ୍ ୩ ଅଭିଯୁକ୍ତଙ୍କୁ କାବୁ କରିଛି। ଅଭିଯୁକ୍ତମାନେ ହେଲେ, ଖୁଣ୍ଟା ଥାନା କୁସୁମଘାଟି ଗ୍ରାମର ଗଙ୍ଗାଧର ମୁର୍ମୁ (୬୨), କୁଳିଅଣା ଥାନା କାଠରୁମା ଗ୍ରାମର ରାମଦାସ ହେମ୍ବ୍ରମ (୪୦), ବାଙ୍ଗରିପୋଷି ଥାନା ଯୋକା ଗ୍ରାମର ଭିମା ବାସ୍କେ (୪୦)। ସେମାନଙ୍କଠାରୁ ୩ଟି ବାଇକ୍, ୨ଟି ମୋବାଇଲ ଜବତ କରାଯାଇଛି। ଏମାନଙ୍କ ମଧ୍ୟରୁ ଜଣେ ଖସି ପଳାଇବାକୁ ଉଦ୍ୟମ କରୁଥିବା ବେଳେ ଗାତରେ ପଡ଼ି ଆହତ ହେତୁ ଚିକିତ୍ସାଧୀନ ରହିଥିବା ବେଳେ ଅନ୍ୟ ୨ଜଣଙ୍କୁ କୋର୍ଟଚାଲାଣ କରାଯାଇଛି। ଏଥିରେ ଆହୁରି କିଛି ଅଭିଯୁକ୍ତଙ୍କ ସଂପୃକ୍ତ ଥିବା ସନ୍ଦେହ କରାଯାଉଛି। ସେମାନଙ୍କୁ ଧରିବା ପାଇଁ ଏସ୍‌ଟିଏଫ୍ ତନାଘନା ଚଳାଇଛି। ଗୁରୁବାର ଅପରାହ୍ଣରେ ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପର ଉପ-କ୍ଷେତ୍ର ନିର୍ଦ୍ଦେଶକ (ଦକ୍ଷିଣ) ସୁମିତ କୁମାର କର ଏକ ସାମ୍ବାଦିକ ସମ୍ମିଳନୀରେ ଏ ବାବଦରେ ସୂଚନା



ଦେଇଛନ୍ତି। ମୃତ ବାଘଟି ପାଖାପାଖି ୨ବର୍ଷର ଶାବକ ବୋଲି ଅନୁମାନ କରାଯାଉଛି। ପରୀକ୍ଷାଗାରକୁ ନମୁନା ପଠାଯାଇଛି। ରିପୋର୍ଟ ଆସିବା ପରେ ମୃତ୍ୟୁର କାରଣ ଓ ସବିଶେଷ ସୂଚନା ମିଳିପାରିବ ବୋଲି ଶ୍ରୀ କର ସୂଚନା ଦେଇଛନ୍ତି।

ଏହାକୁ ମିଶାଇ ଶିମିଳିପାଳରେ ଏହା ତୃତୀୟ କଳାବାଘ ଶିକାର ଘଟଣା। ଭାରତରେ କେବଳ ଶିମିଳିପାଳରେ ହିଁ କଳାବାଘ ଦେଖାଯାଆନ୍ତି। ପୂର୍ବ ଗଣନା ଅନୁସାରେ,

## ଛାଲ ବିକ୍ରି ବେଳେ ୩ ଗିରଫ

ଶିମିଳିପାଳରେ ୧୪ଟି କଳାବାଘ ଥିଲେ। ଶିକାରୀଙ୍କ ଲୋଲୁପଦୃଷ୍ଟି ପାଇଁ ଏବେ ତାଙ୍କ ଜୀବନ ଅସୁରକ୍ଷିତ। ଅପରପକ୍ଷେ, ଶିକାର ବନ୍ଦ ପାଇଁ ଶିମିଳିପାଳରେ ୭ଟି ସନ୍ଧାନୀ କୁକୁର ସ୍କ୍ୱାଡ୍, ଏସ୍‌ଟିଏଫ୍, ଗୁଇନ୍ଦା ଟିମ୍ ଓ ଏଆଇ କୌଶଳ ଦ୍ୱାରା ଅଧିକରୁ ଅଧିକ କୌଶଳ ବିଭାଗ ପକ୍ଷରୁ ଆପଣାଯାଉଛି ବୋଲି ଶ୍ରୀ କର ସୂଚନା ଦେଇଛନ୍ତି।

# ବିଧବାଙ୍କୁ ଦୁଷ୍କର୍ମ ପରେ ହତ୍ୟା!

## ଗୋଡ଼ହାତ ବନ୍ଧା ଅବସ୍ଥାରେ ଶବ ଉଦ୍ଧାର

ବେତନଟୀ, ୨୨।୫(ସମିସ): ମୟୂରଭଞ୍ଜ ଜିଲ୍ଲା ବୈଶିଙ୍ଗା ଥାନା ଅଞ୍ଚଳରେ ଜଣେ ୫୨ବର୍ଷୀୟା ବିଧବା ମହିଳାଙ୍କୁ ଦୁଷ୍କର୍ମ ପରେ ହତ୍ୟା କରାଯିବା ଘଟଣା ଜିଲ୍ଲାବ୍ୟାପୀ ତୀବ୍ର ଆଲୋଡ଼ନ ସୃଷ୍ଟି କରିଛି। କେହି ଦୁର୍ବୃତ୍ତ ମହିଳାଙ୍କୁ ଦୁଷ୍କର୍ମ କରିବା ପରେ ତାଙ୍କ ହାତ-ଗୋଡ଼ ବାନ୍ଧି ତଣ୍ଟି ଚିପି ହତ୍ୟା କରିଛି ବୋଲି ସନ୍ଦେହ କରାଯାଉଛି। ମହିଳାଜଣଙ୍କ ଗାଁରେ ଏକାକୀ ରହୁଥିବା ବେଳେ ତାଙ୍କର ଏକମାତ୍ର ପୁଅ ପଣ୍ଡିଚେରୀରେ ଚାକିରି କରନ୍ତି। ମହିଳାଜଣଙ୍କ ମଧ୍ୟ ଗାଁରେ ଏକ ଦୋକାନ କରି ଗୁଜୁରାଣ ମେଣ୍ଟାଉଥିଲେ। ବୈଶିଙ୍ଗା ପୁଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ମୃତଦେହ ଉଦ୍ଧାର କରି ବ୍ୟବଚ୍ଛେଦ ପାଇଁ ପଠାଯାଇଛି। ହତ୍ୟାର ଉଦ୍ଦେଶ୍ୟ ଓ ଦୁଷ୍କର୍ମକାରୀର ପରିଚୟ ଚିହ୍ନଟ କରିବା ପାଇଁ ପୁଲିସ ତନାଘନା ଜାରି ରଖିଛି। ସୂଚନାନୁଯାୟୀ, ବୁଧବାର ବିଳମ୍ବିତ ରାତିରେ କେହି ଦୁର୍ବୃତ୍ତ ମହିଳାଙ୍କ ଘରେ ପଶି ତାଙ୍କୁ ଜୋରଜବରଦସ୍ତ ଦୁଷ୍କର୍ମ କରିବା ପରେ ତାଙ୍କ ହାତ ଓ ଗୋଡ଼ ବାନ୍ଧି ପାଟିରେ କନା ପୂରାଇ ତଣ୍ଟି ଚିପି ହତ୍ୟା କରିଥିଲା। ମହିଳାଙ୍କ ଶରୀରକୁ ସମ୍ପୂର୍ଣ୍ଣ ଉଲଗ୍ନ ଅବସ୍ଥାରେ ରଖାଯାଇଥିଲା। ଗୁରୁବାର ସକାଳେ ପାଖ ପଡ଼ୋଶୀ ଦୋକାନରୁ ସାମଗ୍ରୀ କିଣିବାକୁ ଆସି ତାଙ୍କୁ ଦୋକାନରେ ନପାଇ ଡାକିଥିଲେ। ସେ ନ ଶୁଣିବାରୁ କବାଟ ଖୋଲାଥିବା ଦେଖି ଭିତରକୁ ପଶିଥିଲେ। ସେଠାରେ ଏହି ଭୟଙ୍କର ଦୃଶ୍ୟ ଦେଖିବାକୁ ପାଇଥିଲେ। ଏହି ଜଘନ୍ୟ ଘଟଣା ଗ୍ରାମାଞ୍ଚଳରେ ମହିଳା ସୁରକ୍ଷା ନେଇ ପ୍ରଶ୍ନ ଉଠାଇଛି। ସ୍ଥାନୀୟ ଲୋକେ ଦୁର୍ବୃତ୍ତକୁ ଶୀଘ୍ର ଚିହ୍ନଟ କରି ଗିରଫ କରିବାକୁ ଦାବି କରିଛନ୍ତି।


**AFFIDAVIT**

By virtue of an affidavit sworn before the Executive Magistrate, Sohela vide no.01 dtd.21.05.2026 I Rushi Bhue, S/o- Nimain Bhue, R/o- Vill.- Damapali, Po.- Sarkanda, Ps.- Sohela, Dist.- Bargarh state that, I have changed my minor son's name from **Sanskar Bhoi** to **Sanskar Bhue**. Henceforth he will be known as **Sanskar Bhue** for all purposes.


# ହାଇକୋର୍ଟରେ ଗ୍ରୀଷ୍ମ ଅବକାଶ

କଟକ, ୨୧।୫ (ସମିସ): ଓଡ଼ିଶା ହାଇକୋର୍ଟରେ ଗ୍ରୀଷ୍ମ ଅବକାଶ ଆସନ୍ତା ମେ' ୨୩ରୁ ଆରମ୍ଭ ହୋଇ ଜୁନ୍ ୨୧ ତାରିଖ ପର୍ଯ୍ୟନ୍ତ ଚାଲିବ। ତେବେ ଜୁନ୍ ୨୨ ତାରିଖରେ ହାଇକୋର୍ଟ ଖୋଲିବ। ଗ୍ରୀଷ୍ମ ଅବକାଶ ପୂର୍ବରୁ ଆସନ୍ତାକାଲି ଶେଷ କାର୍ଯ୍ୟ ଦିବସ ରହିଛି। ଅବକାଶ ସମୟରେ ମୋଟ ୮ ଦିନ ଅବକାଶକାଳୀନ ଖଣ୍ଡପୀଠ କେବଳ ଭର୍ଚୁଆଲ ମାଧ୍ୟମରେ ଗୁରୁତ୍ୱପୂର୍ଣ୍ଣ ମାମଲାଗୁଡ଼ିକର ଶୁଣାଣି କରିବେ ବୋଲି ଜଣାପଡ଼ିଛି। ଆସନ୍ତା ମେ' ୨୬, ୨୯, ଜୁନ୍ ୨, ୫, ୯, ୧୨, ୧୭ ଓ ୧୯ ରେ ଅବକାଶକାଳୀନ ଖଣ୍ଡପୀଠ ବସିବ ବୋଲି ହାଇକୋର୍ଟ ପକ୍ଷରୁ ଏକ ବିଜ୍ଞପ୍ତିରେ ଉଲ୍ଲେଖ କରାଯାଇଛି। ମେ' ୨୬ ଓ ୨୯ ତାରିଖରେ ଜଷ୍ଟିସ କୃଷ୍ଣରାମ ମହାପାତ୍ର ଓ ଜଷ୍ଟିସ ମୃଗାଙ୍କ ଶେଖର ସାହୁଙ୍କ ପ୍ରଥମେ ଦୁଇଜଣିଆ ଖଣ୍ଡପୀଠରେ ଓ ପରେ ଜଣିକିଆ ଖଣ୍ଡପୀଠରେ ମାମଲା ଶୁଣାଣି କରିବେ। ସେହିଭଳି ଜଷ୍ଟିସ୍ ଏମ.ଏସ.ରମଣ ମଧ୍ୟ ଜଣିକିଆ ବିଚାରପତି ଭାବେ ମାମଲା ଶୁଣାଣି କରିବେ। ଜୁନ୍ ୨ ଓ ୫ରେ ଜଷ୍ଟିସ ମୃଗାଙ୍କ ଶେଖର ସାହୁ ଓ ଜଷ୍ଟିସ ଏମ.ଏସ. ରମଣ ପ୍ରଥମେ ଦୁଇ ଜଣିଆ ଓ ପରେ ଜଣିକିଆ ଖଣ୍ଡପୀଠରେ ବସି ମାମଲା ଶୁଣାଣି କରିବେ। ଜୁନ୍ ୯ ରେ ଜଷ୍ଟିସ ଆଦିତ୍ୟ କୁମାର ମହାପାତ୍ର ଓ ଭି.ନରସିଂହ ପ୍ରଥମେ ଦୁଇ ଜଣିଆ ଓ ପରେ ଜଣିକିଆ ଖଣ୍ଡପୀଠରେ ମାମଲା ଶୁଣାଣି କରିବେ। ଏଥିସହ ଜଷ୍ଟିସ୍ ବିରଜା ପ୍ରସନ୍ନ ଶତପଥୀ ଓ ଜଷ୍ଟିସ ଗୌରୀଶଙ୍କର ଶତପଥୀ ଜଣିକିଆ ଖଣ୍ଡପୀଠରେ ବସି ମାମଲା ଶୁଣାଣି କରିବେ। ଜୁନ ୧୨, ୧୭ ଓ ୧୯ ରେ ଜଷ୍ଟିସ ସାବିତ୍ରୀ ରଥ ଓ ଜଷ୍ଟିସ ଭି.ନରସିଂହ ପ୍ରଥମେ ଜଣିକିଆ ଓ ପରେ ଦୁଇ ଜଣିଆ ଖଣ୍ଡପୀଠରେ ବସି ମାମଲା ଶୁଣାଣି କରିବେ। ଏଥିସହ ଜଷ୍ଟିସ୍ ଆଦିତ୍ୟ କୁମାର ମହାପାତ୍ର ଓ ଜଷ୍ଟିସ ବିରଜା ପ୍ରସନ୍ନ ଶତପଥୀ ଜଣିକିଆ ଖଣ୍ଡପୀଠରେ ମାମଲା ଶୁଣାଣି କରିବେ। ଜରୁରୀ ମାମଲାଗୁଡ଼ିକ ଶୁଣାଣି ପାଇଁ ଅବକାଶକାଳୀନ ଖଣ୍ଡପୀଠଙ୍କ ନିକଟରେ ତାଲିକାଭୁକ୍ତ କରାଯିବ ବୋଲି ପ୍ରକାଶିତ ବିଜ୍ଞପ୍ତିରେ ଉଲ୍ଲେଖ କରାଯାଇଛି। ଗ୍ରୀଷ୍ମ ଅବକାଶ ସମୟରେ ଦିନ ୧୧ଟାରୁ ୩ଟା ପର୍ଯ୍ୟନ୍ତ ଭର୍ଚୁଆଲ ବ୍ୟବସ୍ଥାରେ ଅବକାଶକାଳୀନ କୋର୍ଟ କାର୍ଯ୍ୟ କରିବେ।

**୮ ଦିନ ଅବକାଶକାଳୀନ ଖଣ୍ଡପୀଠରେ ହେବ ଭର୍ଚୁଆଲ ଶୁଣାଣି**


OFFICEOFTHEBLOCK DEVELOPMENT OFFICER
OUPADA,BALASORE
Email–ori-Oupada@nic.in
INVITATIONFORBIDSTHROUGHe-Procurement
BidIdentificationNo. PS-Oupada-01 of 2026-27

19001/74/2627

**Invitation for Bids**

| | | | |
|---|---|---|---|
| 1. | TheBLOCK DEVELOPMENT OFFICER,OUPADA,BALASORE,onbehalfofGovernorofOdisha,invitespercentageratebidsinsinglecoversysteminONLINEMODEonly,for Constructionof Buildingworksasdetailedbelow. | | |
| 2. | Natureofwork | : | CivilWorks |
| 3. | No.ofwork | : | One |
| 4. | Bid Cost. | : | ₹ 6,000/- |
| 5. | Class ofContractor | : | "B'&'C'License |
| 6. | Availability of BidDocumentsinthewebsite | : | From10.00AMof 20-05-2026to5.00PMof 03-06-2026 |
| 7. | DateofOpeningofBid | : | Dt.04-06-2026 at10:00 AM.onwards |
| 8. | TheBiddershavetoparticipateinONLINEbiddingonly.Furtherdetails canbeseenfromthewebsite:https://tendersodisha.gov.in.Anyaddendum/corrigendum/cancellation oftender canalsobeseeninthesaidwebsiteonly. | | |

OIPR-19001/19139/1/26-27/0001

Block Development Officer,
Oupada, Balasore



OFFICE OF THE SUPERINTENDING ENGINEER
QUALITY ASSURANCE DIVISION, CUTTACK, JAGATPUR
seqadcuttack7@gmail.com
Phone No-06712964167

32001/263/2627

**Quotation Call Notice No. 01 /2026-27**

Sealed quotations are invited in the prescribed format from the interested reputed Travel Agencies / Tour Operators / Individuals having valid & up to date registration under GST Act for providing vehicle with driver which shall conform to the terms and conditions mentioned in the format available in the O/o Superintending Engineer, Quality Assurance Division, Cuttack, Jagatpur on or before dt. 29.05.2026, 2.00 PM.

1. Quotation format will be available in the O/o Superintending Engineer, Quality Assurance Division, Cuttack, Jagatpur from 10.00 AM of dt. 22.05.26 to 2.00 PM. of dt. 29.05.26 without any tender paper cost.
2. Duly filled quotation format issued by this office should be in the box kept in O/o Superintending Engineer, Quality Assurance Division, Cuttack, Jagatpur from 10.00 AM of dt.22.05.26 to 2.00 PM. of dt.29.05.26 (during office hours of working days) and shall be opened on dt. 29.05.26 at 3.30 PM. in presence of the interested bidders or their authorized representatives during office hours.
3. Security Deposit (Refundable) for an amount of Rs. 5000.00 each vehicle must be deposited in shape of FD/ NSC / TDR /KVP duly pledged in favour of Superintending Engineer, Quality Assurance Division, Cuttack, Jagatpur along with the quotation format.
4. In case of the specified date of quotation opening being declared as holiday, the quotation will be opened at the scheduled time on the next working day.
5. The authority reserves the right to reject any or all quotation without assigning any reason thereof.

| Sl No. | Name of the work | Number of Vehicle | Paper Cost | Quotation Call Notice No |
|---|---|---|---|---|
| 1. | Hiring of Private Vehicle for Superintending Engineer, Quality Assurance Division, Cuttack, Jagatpur | 01 No. | NIL | 01/2026-27 |

OIPR-32001/32416/1/26-27/0002

Sd/- Superintending Engineer,
Quality Assurance Division, Cuttack, Jagatpur



बैंक ऑफ़ बड़ौदा
Bank of Baroda

ବଡବଜାର ଶାଖା
ଭେଙ୍କଟେଶ୍ୱର ଟେମ୍ପୁଲ ରୋଡ୍,
ବ୍ରହ୍ମପୁର, ଜିଲ୍ଲା:ଗଞ୍ଜାମ-୭୬୦୦୦୨

**ଲକର ନୋଟିସ୍**

ଏତଦ୍‌ଦ୍ୱାରା ଆମ୍ଭ **ବଡବଜାର ଶାଖାର** ନିମ୍ନ ଲକରଧାରୀମାନଙ୍କୁ ଜଣାଇ ଦିଆଯାଉଛି କି, ଆମ୍ଭେ ବାରମ୍ଭାର ନୋଟିସ୍ ଦେବା ସତ୍ତ୍ୱେ ସେମାନେ ଦୀର୍ଘ ସମୟ ଧରି ଲକର ଭଡା ପଇଠ କରିବାରେ ବିଫଳ ହୋଇଛନ୍ତି। ଲକରଧାରୀମାନେ ରାଜି ହୋଇଥିବା ନିୟମ ଓ ସର୍ତ୍ତାବଳୀ ଅନୁସାରେ ଭଡା ପ୍ରଦାନ ନକଲେ କିମ୍ଭା ଲକର ଅପରେଟ୍ ନକଲେ କଥିତ ଲକରକୁ ଭାଙ୍ଗି ଖୋଲିବାର ଅଧିକାର ବ୍ୟାଙ୍କର ରହିଛି। ତଦନୁଯାୟୀ ନିମ୍ନଲିଖିତ ଲକରଗୁଡିକୁ **ତା.୨୨.୦୮.୨୦୨୬ରିଖ ମଧ୍ୟାହ୍ନ ୧୨.୦୦ ଘଟିକାରେ** ବ୍ୟାଙ୍କ ଭାଙ୍ଗି ଖୋଲିବାକୁ ସ୍ଥିର କରିଛି ଏବଂ ସମ୍ପୃକ୍ତ ଲକରଧାରୀମାନଙ୍କୁ ପରାମର୍ଶ କି ସେମାନେ **ତା.୨୧.୦୮.୨୦୨୬ରିଖ** ପୂର୍ବରୁ ଶାଖା କର୍ତ୍ତୃପକ୍ଷଙ୍କ ସହ ଯୋଗାଯୋଗ କରି ସେମାନଙ୍କର ସମସ୍ତ ଲକର ଭଡା ପରିଶୋଧ କରନ୍ତୁ। ଲକର ଭାଙ୍ଗିବାର ଖର୍ଚ୍ଚ ଲକରଧାରୀମାନେ ବହନ କରିବେ ଏବଂ ବକେୟା ଭଡା ଅନ୍ୟାନ୍ୟ ଖର୍ଚ୍ଚ ଆଦାୟ କରିବା ପାଇଁ ବ୍ୟାଙ୍କର ଆଇନଗତ ପଦକ୍ଷେପ ନେବାର ଅଧିକାର ରହିଛି।

| କ୍ର. ନଂ. | ଲକର ନଂ | ଲକରଧାରୀଙ୍କ ନାମ |
|---|---|---|
| ୧. | ୯୦ | ଅନ୍ନପୂର୍ଣ୍ଣା ପଟ୍ଟନାଏକ |
| ୨. | ୮୨ | ଭି ଭି ଶ୍ରୀନିବାସ ରାଓ |

ସ୍ଥାନ: ବ୍ରହ୍ମପୁର
ତାରିଖ: ୨୧.୦୫.୨୦୨୬

ସ୍ୱା/- କ୍ଷମତାପ୍ରାପ୍ତ ଅଧିକାରୀ
ବ୍ୟାଙ୍କ ଅଫ୍ ବରୋଦା



OFFICE OF THE DIVISIONAL FOREST OFFICER-CUM-WILDLIFE WARDEN, KORAPUT FOREST DIVISION, KORAPUT

8001/100/2627

Phone No-8895976137, E-Mail : ID-dfo.koraput@odisha.gov.in
Memo No. 2816 (1F)-Accts.- /2026.Date: 19.05.2026

**TENDER CALL NOTICE FOR HIRING VEHICLE**

Sealed tender are invited from interested Reputed Travel Agencies/ Tour Operator or private individuals for providing 07 (Seven) Nos. of Vehicle (Bolero Neo or Bolero Neo Plus Diesel driven AC) vehicles having sitting capacity of seven persons including driver, which shall confirm to the Terms and Conditions (Annexure-III) for official use at different Range Offices under the establishment of Koraput Forest Division on monthly rental basis so as to reach in the office of the Divisional Forest Officer, Koraput on or before 04.06.2026 up to 5:00 P.M through Registered Post/Speed Post/Courier Service and can also be dropped in the Tender Box placed in the Office of the Divisional Forest Officer, Koraput. The Tender will be opened in the same office on 05.06.2026 at 11:00 AM. The Bidding Documents and Terms and Condition can be downloaded from https://koraput.odisha.gov.in / https://degm.koraput@odisha.gov.in and also can be obtained from the Office of the Divisional Forest Office, Koraput Division from 22.05.2026 to 04.06.2026 during office hours. The tender inviting authority reserves the right of accepting or rejecting the tender officers or cancelling the tender without assigning any reason thereof.

OIPR-8001/8067/1/26-27/0001

Divisional Forest Officer,
Koraput Forest Division



**AUCTION NOTICE**

**State Bank of India**
Manpur, Bhaunpur

| | |
|---|---|
| Name and Address of the Borrower: | Bhulata Behera<br>C/o- Prasanta Behera<br>Po- Bhuinpur<br>Aul, Kendrapada |
| Loan A/c Number: | 41567726929 |
| Outstanding Amount: (As on 21.05.2026) | Rs.64,123/- |

We refer to our letter No- Br/016/25-26/320 dated 22/01/2026 informing you to repay the dues in your gold loan account.

As we have not received the payment in your account within the stipulated time mentioned in our letter, we are constrained to auction the gold ornaments pledged to the bank to realise our dues.

The auction will be held at Manpur branch at 11:00 AM on 28/05/2026.

Sd/-
Branch Manager



GOVERNMENT OF ODISHA
DEPARTMENT OF FORESTS, ENVIRONMENT & CLIMATE CHANGE
OFFICE OF THE DIVISIONAL FOREST OFFICER
REDHAKHOL FOREST DIVISION, DIST: SAMBALPUR, ODISHA
Phone: 06644-299949 | Email: dfo.redhakhol@odisha.gov.in
Website: www.redhakholforest.co.in

8001/102/2627

| | |
|---|---|
| Tender Notice No. | F & E/RKL/011(OFFLINE)/2026-27 |
| Date of Publication | 21.05.2026 |

**TENDER CALL NOTICE**

*Installation of Hanging Solar Tentacle Fencing in Redhakhol Forest Division*

The Divisional Forest Officer, Redhakhol Forest Division **invites sealed tenders** from reputed intending Manufacturing Firms / Dealers / Suppliers having valid GSTIN and PAN Registration for the **Installation of Hanging Solar Tentacle Fencing** in Redhakhol Forest Division.

The tender papers with detailed terms and conditions can be downloaded from the websites **www.redhakholforest.co.in, https://sambalpur.odisha.gov.in** or **www.odishaforest.in** from 11:00 hours of 21.05.2026 to 17:00 hours of 11.06.2026.

The cost of tender paper is **Rs. 1,000/- (Rupees One Thousand only)**, to be deposited by Demand Draft in favour of the **Divisional Forest Officer, Redhakhol Forest Division,** payable at Redhakhol. The tender papers may be submitted at the address mentioned below on or before **11.06.2026 till 05:00 PM** through Speed Post / Registered Post / by hand only. The tenders will be opened in the Office of the undersigned on **12.06.2026 at 11:00 AM**.

*The undersigned reserves the right to accept or reject any or all the tenders without assigning any reason thereof.*

| Sl. No. | Event | Date & Time |
|---|---|---|
| 1 | Date of Publication of Bid | 21.05.2026 |
| 2 | Last Date for Submission of Bid | 11.06.2026 • upto 05:00 PM |
| 3 | Date of Opening of Tender | 12.06.2026 • at 11:00 AM |

OIPR-8001/8146/1/26-27/0013

Sd/- Divisional Forest Officer
Redhakhol Forest Division

# ୬ ମାସ ହେଲା ବସିନି ଖଇରା ପଞ୍ଚାୟତ ସମିତି ବୈଠକ

ଖଇରା, ୨୧।୫ (ସମିସ)

୬ମାସ ଅତିକ୍ରାନ୍ତ ହୋଇଯିବା ପରେ ବି ବାଲେଶ୍ୱର ଜିଲା ଖଇରା ପଞ୍ଚାୟତ ସମିତି ର ବୈଠକ ବସିପାରୁନାହିଁ। ଯେଉଁଥିପାଇଁ ଲୋକପ୍ରତିନିଧି ମାନେ ପାଣି ଆବଣ୍ଟନ ତଥା ବିଭିନ୍ନ କାର୍ଯ୍ୟର ଅଗ୍ରଗତି ସମ୍ପର୍କରେ ଜାଣି ପାରୁନାହାଁନ୍ତି। ଆଲୋଚନା ଅଭାବରୁ ସେମାନେ ନିଜର ପ୍ରଶ୍ନ ଉତ୍ଥାପନ କରିପାରୁନାହାଁନ୍ତି କି ଜନସାଧାରଣଙ୍କୁ ଦେଇଥିବା ପ୍ରତିଶ୍ରୁତି ମଧ୍ୟ ରକ୍ଷା କରି ପାରୁନାହାଁନ୍ତି। କହିବାକୁ ଗଲେ ବର୍ତ୍ତମାନ ୬ମାସଧରି ଖଇରବାସୀଙ୍କୁ ଅନ୍ଧାରରେ ରଖାଯାଇଯାଇଥିବା ଅଭିଯୋଗ ହୋଇଛି। ସାଧାରଣତଃ ସମିତିସଭ୍ୟା/ସଭ୍ୟ, ସରପଞ୍ଚଓ ଜିଲା ପରିଷଦ ସଭ୍ୟା/ସଭ୍ୟ, ବିଧାୟକ, ଏମପିଙ୍କୁ ନେଇ ପଞ୍ଚାୟତ ସମିତି ବୈଠକ ବ୍ଲକ ଅଧକ୍ଷାଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ହୋଇଥାଏ। ଏଥିରେ ବିଡିଓଙ୍କ ସମେତ ବିଭିନ୍ନ ବିଭାଗର ଅଧିକାରୀମାନଙ୍କ ଉପସ୍ଥିତିରେ ବିଭିନ୍ନ ଯୋଜନା ଏବଂ ସରକାରଙ୍କ ତରଫରୁ ବ୍ଲକକୁ ଯୋଗାଇ ଦିଆଯାଉଥିବା ପାଣ୍ଠି ଉପରେ ଆଲୋଚନା କରାଯାଇଥାଏ। ଏଣୁ ଗାଇଡଲାଇନ ଅନୁଯାୟୀ ପ୍ରତି ୨ମାସ ବ୍ୟବଧାନରେ ଗୋଟିଏ ବୈଠକ ଅନୁଷ୍ଠିତ ହେବାକଥା ଓ ଏଥିରେ ପୁର୍ବ ବୈଠକର ବିବରଣୀ ପାଠ କରାଯାଇଯାଇ ଆଗାମୀ ଦିନର ଖର୍ଚ୍ଚ ଉପରେ ଆଲୋଚନା କରାଯାଇଥାଏ। ଖଇରା ପଞ୍ଚାୟତ ସମିତିର ଶେଷ ବୈଠକ ବା ଦ୍ୱାଦଶ ଅଧିବେଶନ ୨୦୨୫ ମସିହା ଅକ୍ଟୋବର ମାସ ୨୫ତାରିଖରେ ଅନୁଷ୍ଠିତ ହୋଇଥିଲା। ନିୟମ ଅନୁଯାୟୀ ପୁଣି ଡିସେମ୍ବର ମାସରେ କରାଯିବା କଥା। ଯଦି ବିଧାୟକ କିମ୍ବା ଏମପିଙ୍କର ବିଧାନସଭା ବା ସଂସଦ ଚାଲିଥାଏ ଏହା ସରିବା ପରେ କରାଯିବା କଥା। ହେଲେ ବିଭିନ୍ନ ଆଳରେ ବୈଠକ ବନ୍ଦ କରିରଖାଯାଇଥିବା ନେଇ ବହୁ ଲୋକପ୍ରତିନିଧି ଅଭିଯୋଗ କରିଛନ୍ତି। ବିଶେଷ କରି ବର୍ତ୍ତମାନ ବ୍ଲକରେ ଉତ୍କଟ ପାନୀୟ ଜଳ ସମସ୍ୟା ଏବଂ ଆଗାମୀ ଦିନର ସମିତି ବଜେଟ ବ୍ୟୟବରାଦ ପାଇଁ ଏହି ବୈଠକ ଯଥେଷ୍ଟ ଗୁରୁତ୍ୱ ବହନ କରୁଥିବା ବେଳେ ଏହା ଡକାନଯିବା ନେଇ ଅସନ୍ତୋଷ ବଢ଼ିବାରେ ଲାଗିଛି। ପୁର୍ବ ବୈଠକରେ ହୋଇଥିବା ନିଷ୍ପତ୍ତିକୁ କାର୍ଯ୍ୟକାରୀ କରାଯାଇନାହିଁ। ଯାହାକୁ ଲୁଚାଇବାକୁ ବୈଠକକୁ ବାରମ୍ବାର ଘୁଞ୍ଚା ଯାଉଥିବା ନେଇ୩ନମ୍ବର ଜୋନ ଜିଲା ପରିଷଦ ସଭ୍ୟ ଗଜେନ୍ଦ୍ର ପ୍ରସାଦ ଦାସ ଅଭିଯୋଗ କରିଛନ୍ତି। କାହିଁକି ଡକାଯାଉନାହିଁ ଏବଂ ବର୍ତ୍ତମାନ ବ୍ଲକ ପ୍ରଶାସନର ଉଦ୍ଦେଶ୍ୟ କଣ ବିଷୟରେ ସମସ୍ତ ଲୋକପ୍ରତିନିଧି ଅଜ୍ଞ ବୋଲି ଜଳଦା ସମିତିସଭ୍ୟାରମାକାନ୍ତ ମହାନ୍ତି କହିଛନ୍ତି। ବ୍ଲକ ପ୍ରଶାସନ ର ଦୁର୍ବଳତାକୁ ନେଇ ପ୍ରାୟ ସରପଞ୍ଚ ସମିତିସଭ୍ୟଙ୍କ ମନରେ ଅନେକ ପ୍ରଶ୍ନ ରହିଛି। ଆଲୋଚନାରେ ଏହି ଦୁର୍ବଳତା ପ୍ରତିଫଳିତ ହେବାର ଆଶଙ୍କା ଥିବାର ବୈଠକକୁ ବନ୍ଦ କରି ରଖାଯାଇଥିବା ନେଇ ଗରସଙ୍ଗ ସରପଞ୍ଚରାଜେନ୍ଦ୍ର ପ୍ରସାଦ ଦାସ କହିଛନ୍ତି। ବିଭିନ୍ନ କାରଣ ପାଇଁ ବୈଠକର ତାରିଖ ଘୁଞ୍ଚାଇବାକୁ ପଡୁଛି। ଯାହାବି ହେଉ ଅଳ୍ପ ଦିନ ମଧ୍ୟରେ ବୈଠକ ଆହୁତ ପାଇଁ ନିଷ୍ପତ୍ତି ନିଆଯାଇଛି ବୋଲି ଖଇରା ବିଡିଓ କହିଛନ୍ତି।

**ଲୋକପ୍ରତିନିଧିଙ୍କ ମଧ୍ୟରେ ବଢୁଛି ଅସନ୍ତୋଷ**

## ଜଳେଶ୍ୱର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର କୃତୀ ଶିକ୍ଷାର୍ଥୀଙ୍କୁ ସମ୍ବର୍ଦ୍ଧନା



ଜଳେଶ୍ୱର, ୨୧।୫ (ସମିସ) : ଜଳେଶ୍ୱର ବ୍ଲକ ବଜାର ନିକଟ ରାଧାନଗର ସ୍ଥିତ ଜଳେଶ୍ୱର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ +୨ ବିଜ୍ଞାନ ପରୀକ୍ଷାରେ ସଫଳତା ହାସଲ କରିଥିବା ୧୪ ଶିକ୍ଷାର୍ଥୀଙ୍କୁ ଅନୁଷ୍ଠାନ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଛି। ଗୁରୁବାର କଲେଜ ପରିସରରେ ଆୟୋଜିତ ସଭାରେ ଅଦ୍ଧକ୍ଷ ସୁଧିର କୁମାର କର ସଭାପତିତ୍ୱ କରି କୃତି ଶିକ୍ଷାର୍ଥୀ, ଅଭିଭାବକ ଓ ଅଧ୍ୟାପକ ଙ୍କୁ ବଧେଇ ଜଣାଇଥିଲେ। ଶିକ୍ଷାନୁଷ୍ଠାନ ରେ ମୋଟ ୧୦୬ ଜଣ ପରୀକ୍ଷା ଦେଇଥିବା ବେଳେ, ପ୍ରଥମ ଶ୍ରେଣୀରେ ୯୦ ଜଣ ଓ ୨ୟ ଶ୍ରେଣୀରେ ୧୬ ଜଣ ଶିକ୍ଷାର୍ଥୀ କୃତ କାର୍ଯ୍ୟ ହୋଇଛନ୍ତି। କୃଷକ ଅଜୟ ଧଳ ଙ୍କ ପୁତ୍ର ସୁବାସ ଧଳ ୫୪୪ ମାର୍କ ରଖି ବିଦ୍ୟାଳୟ ଟପ୍ପର ହୋଇଛନ୍ତି। ସେ ବାପାଙ୍କ ସ୍ୱପ୍ନ ସାକାର କରିବା ଲକ୍ଷ୍ୟରେ କମ୍ପ୍ୟୁଟର୍ ଇଂଜିନିୟର ହେବାକୁ ଆଶା ରଖିଛନ୍ତି। ସେହିପରି ହରିପଦ ପ୍ରଧାନ ୫୨୦, ଶୁଭଦ୍ରା ପ୍ରଧାନ ୫୧୯ ମାର୍କ ରଖି ବିଦ୍ୟାଳୟର ୨ୟ ଓ ୩ୟ ଟପ୍ପର ହୋଇଛନ୍ତି।ସମ୍ବର୍ଦ୍ଧନା ଉତ୍ତରରେ ସଫଳତା ର ସମସ୍ତ ଶ୍ରେୟ ଅଭିଭାବକ, ଶିକ୍ଷକ ଓ ଗୁରୁଜନ ଙ୍କୁ ଦେଇଛନ୍ତି। ଶିକ୍ଷାନୁଷ୍ଠାନର ଚେୟାରମେନ ସନ୍ତୋଷ ଗୁପ୍ତା, ଅଧ୍ୟାପକ ରତିକାନ୍ତ ପ୍ରଧାନ, ସୁବ୍ରତ ମହାନ୍ତି, ଭଗବାନ ଭଞ୍ଜ, ସୁଦୀପ ଦାସ, ରଶ୍ମୀ ରଞ୍ଜନ ସାହୁ ପ୍ରମୁଖ କୃତି ଛାତ୍ରଛାତ୍ରୀଙ୍କୁ ଉତ୍ତରୀୟ, ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧନା ଦିଆଯାଇଥିଲା।

## ସିମୁଳିଆରେ କଳାରେ ରୋଜାଲିନ ଓ ସୁଚିତ୍ରା ଯୁଗ୍ମ ଟପ୍ପର, ବାଣିଜ୍ୟରେ ରାଜକିଶୋର ଓ ବିଜ୍ଞାନରେ ବଳରାମ ବ୍ଲକ ଟପ୍ପର





ସିମୁଳିଆ, ୨୧।୫ (ସମିସ): ସିମୁଳିଆ ବ୍ଲକର ଚଳିତ ବର୍ଷ ପ୍ରକାଶିତ ଓଡ଼ିଶା ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦର ଯୁକ୍ତ ଦୁଇ ପରୀକ୍ଷା ଫଳ ପ୍ରକାଶିତ ହୋଇଛି। କ୍ଷୀରକୋଣା ଗୋପପ୍ରାଣ ବିଦ୍ୟାଳୟର ବିଜ୍ଞାନ ଛାତ୍ର ବଳରାମ ବେହେରା ୫୭୪ନଂ ରଖି ବ୍ଲକ ଟପ୍ପର ହୋଇଛନ୍ତି।

ସେହିପରି ସିମୁଳିଆ ମହାବିଦ୍ୟାଳୟରବାଣିଜ୍ୟ ଛାତ୍ର ରାଜକିଶୋର ପେଡ଼ା ୫୧୧ନଂ ରଖି ଟପ୍ପର ହୋଇଥିବା ବେଳେ ସିମୁଳିଆ ମହାବିଦ୍ୟାଳୟର ଛାତ୍ରୀ ସୁଚିତ୍ରା ମହାପାତ୍ର ୫୨୮ ନମ୍ବର ଓ କ୍ଷୀରକୋଣା ଗୋପପ୍ରାଣ କଲେଜର ରୋଜାଲିନ ମହାନ୍ତି ୫୨୮ନଂ ରଖି କଳାରେ ଯୁଗ୍ମ ବ୍ଲକ ଟପ୍ପର ହୋଇଛନ୍ତି। ସିମୁଳିଆ ବ୍ଲକର ମୋଟ ୪ଟି ମହାବିଦ୍ୟାଳୟରେ ସିମୁଳିଆ ମହା ବିଦ୍ୟାଳୟରେ କଳାରେ ମୋଟ ୩୩୦ଜଣ ମଧ୍ୟରୁ ୩୧୭ଜଣ ପାସ କରିଛନ୍ତି। ବାଣିଜ୍ୟରେ ୪୮ଜଣଙ୍କ ମଧ୍ୟରୁ ୪୬ଜଣ ପାସ କରିଛନ୍ତି। ବିଜ୍ଞାନରେ ୯୪ଜଣଙ୍କ ମଧ୍ୟରୁ ୯୧ଜଣ ପାସ କରିଛନ୍ତି। ସେହିପରି କ୍ଷୀରକୋଣା ଗୋପପ୍ରାଣ ବିଦ୍ୟାଳୟର କଳାରେ ୧୪୩ଜଣଙ୍କ ମଧ୍ୟରୁ ୧୩୫ଜଣ ପାସ, ବିଜ୍ଞାନରେ ୮୩ଜଣଙ୍କ ମଧ୍ୟରୁ ୮୩ଜଣ ପାସ ହୋଇଛନ୍ତି। ସେହିପରି ବାଲିଖଣ୍ଡ କଲେଜର କଳାରେ ୨୬୪ଜଣଙ୍କ ମଧ୍ୟରୁ ୨୦୨ଜଣ ପାସ ହୋଇଛନ୍ତି। ବିଜ୍ଞାନରେ ୧୭ଜଣଙ୍କ ମଧ୍ୟରୁ ୧୩ଜଣ ପାସ ହୋଇଛନ୍ତି। ବାଣିଜ୍ୟରେ ୫୦ଜଣଙ୍କ ମଧ୍ୟରୁ ୩୦ଜଣ ପାସ ହୋଇଛନ୍ତି। ସେହିପରି ବରି କୁନ୍ତଳା କୁମାରୀ ବିଦ୍ୟାଳୟରେ ୧୧୭ଜଣ ଛାତ୍ରୀଙ୍କ ମଧ୍ୟରୁ ୧୦୯ଜଣ ଛାତ୍ରୀ ପାସ କରିଛନ୍ତି। ଏହି ଦୁଇ ମହାବିଦ୍ୟାଳୟର ଟପ୍ପରଙ୍କୁ ବିଦ୍ୟାଳୟର ଅଧକ୍ଷ ଶୁଭେଚ୍ଛା ଜଣାଇଛନ୍ତି।

## ଜଳେଶ୍ୱରର ବିଭିନ୍ନ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ପରୀକ୍ଷାଫଳ ପ୍ରକାଶିତ

ଜଳେଶ୍ୱର, ୨୧।୫(ସମିସ): ଜଳେଶ୍ୱର ବ୍ଲକର ୧୧ଟି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ପରୀକ୍ଷା ଫଳ ପ୍ରକାଶ ପାଇଛି। ଦୀନକୃଷ୍ଣ କଲେଜର କଳାରେ ୨୦୮ଜଣ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ୫୩ଜଣ ପ୍ରଥମ, ୪୯ଜଣ ଦ୍ୱିତୀୟ, ୮୪ଜଣ ତୃତୀୟ ଶ୍ରେଣୀରେ ପାସ୍ କରିଥିବା ବେଳେ ଦିପିକା ରାଉଳ ସର୍ବାଧିକ ୫୪୬ନମ୍ବର ରଖିଛନ୍ତି। ବିଜ୍ଞାନରେ ୮୦ଜଣ ପରୀକ୍ଷା ଦେଇଥିବା ବେଳେ ୫୨ଜଣ ପ୍ରଥମ, ୧୮ଜଣ ଦ୍ୱିତୀୟ, ୫ଜଣ ତୃତୀୟ ଶ୍ରେଣୀରେ ପାସ୍ କରିଥିବା ବେଳେ ରାଜଶ୍ରୀ ପ୍ରମାଣିକ ସର୍ବାଧିକ ୫୫୦ନମ୍ବର ରଖିଛନ୍ତି। ବାଣିଜ୍ୟରେ ୧୨ଜଣ ପରୀକ୍ଷା ଦେଇଥିବା ବେଳେ ୯ଜଣ ପ୍ରଥମ, ୧ଜଣ ଦ୍ୱିତୀୟ, ୨ଜଣ ତୃତୀୟ ଶ୍ରେଣୀରେ ପାସ୍ କରିଥିବା ବେଳେ ବିଶ୍ୱଜିତ୍ ନନ୍ଦୀ ସର୍ବାଧିକ ୪୯୩ନମ୍ବର ରଖିଛନ୍ତି। ସେଣ୍ଟସିଟି କଲେଜରେ ବିଜ୍ଞାନରେ ୧୦୯ଜଣ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ୧୦୧ଜଣ ପ୍ରଥମ, ୫ଜଣ ଦ୍ୱିତୀୟ ଶ୍ରେଣୀରେ ପାସ୍ କରିଥିବା ବେଳେ ଗାୟତ୍ରୀ ନନ୍ଦୀ ସର୍ବାଧିକ ୫୭୬ ନମ୍ବର ରଖି ବ୍ଲକ ଟପ୍ପର ହୋଇଛନ୍ତି। ମାସ୍ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ବିଜ୍ଞାନରେ ୬୪ଜଣ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ୫୬ଜଣ ପ୍ରଥମ, ୮ଜଣ ଦ୍ୱିତୀୟ ଶ୍ରେଣୀରେ ପାସ୍ କରିଥିବା ବେଳେ ବିଷ୍ଣୁପ୍ରସାଦ ପାଳ ସର୍ବାଧିକ ୫୬୬ ନମ୍ବର ରଖିଛନ୍ତି। ଜଳେଶ୍ୱର ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ କଳାରେ ୨୩୨ଜଣ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ୬୩ଜଣ ପ୍ରଥମ, ୭୯ଜଣ ଦ୍ୱିତୀୟ ୭୮ ତୃତୀୟ ଶ୍ରେଣୀରେ ପାସ୍ କରିଥିବା ବେଳେ ସୁଜାତା ଗିରି ସର୍ବାଧିକ ୫୦୨ ନମ୍ବର ରଖିଛନ୍ତି। ଖୁଲୁଡା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ବିଜ୍ଞାନରେ ୬୧ଜଣ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ୪୬ଜଣ ପ୍ରଥମ, ୧୪ଜଣ ଦ୍ୱିତୀୟ, ଜଣେ ତୃତୀୟ ଶ୍ରେଣୀରେ ପାସ୍ କରିଥିବା ବେଳେ ଦମୟନ୍ତୀ ପାତ୍ର ସର୍ବାଧିକ ୫୩୦ ନମ୍ବର ରଖିଛନ୍ତି। ସେହିପରି କଳାରେ ୧୪୩ଜଣ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ୩୬ଜଣ ପ୍ରଥମ, ୨୪ଜଣ ଦ୍ୱିତୀୟ, ୪୮ଜଣ ତୃତୀୟ ଶ୍ରେଣୀରେ ପାସ୍ କରିଥିବା ବେଳେ ଦେବଶ୍ରୀ ପ୍ରଧାନ ସର୍ବାଧିକ ୪୭୫ ନମ୍ବର ରଖିଛନ୍ତି। ଜଳେଶ୍ୱର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ବିଜ୍ଞାନରେ ୧୦୮ଜଣ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ୯୦ଜଣ ପ୍ରଥମ, ୧୫ଜଣ ଦ୍ୱିତୀୟ ଜଣେ ତୃତୀୟ ଶ୍ରେଣୀରେ ପାସ୍ କରିଥିବା ବେଳେ ସୁବାଶ ଧଳ ସର୍ବାଧିକ ୫୪୪ ନମ୍ବର ରଖିଛନ୍ତି। ଶ୍ରୀଜଗନ୍ନାଥ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ କଳାରେ ୯୦ଜଣ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ୨୩ଜଣ ପ୍ରଥମ, ୧୯ଜଣ ଦ୍ୱିତୀୟ୩୮ ତୃତୀୟଶ୍ରେଣୀରେ ପାସ୍ କରିଥିବା ବେଳେ ରିଆ ସାହୁ ସର୍ବାଧିକ ୫୩୯ ନମ୍ବର ରଖିଛନ୍ତି। ଉତ୍ସବଚରଣ ଗାଜିଆଣିଚଣ୍ଡି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ କଳାରେ ୭୪ଜଣ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ୧୨ଜଣ ପ୍ରଥମ, ୨୪ଜଣ ଦ୍ୱିତୀୟ ୩୧ ତୃତୀୟ ଶ୍ରେଣୀରେ ପାସ୍ କରିଛନ୍ତି। ଦିଗାମ୍ବରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ବିଜ୍ଞାନରେ ୨୬ଜଣ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ୧୩ଜଣ ପ୍ରଥମ, ୧୩ଜଣ ଦ୍ୱିତୀୟ ଶ୍ରେଣୀରେ ପାସ୍ କରିଛନ୍ତି। ସାଧୁଚରଣ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ କଳାରେ ୧୦୩ ଜଣ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ୨୦ଜଣ ପ୍ରଥମ, ୨୩ଜଣ ଦ୍ୱିତୀୟ ୫୦୯ ତୃତୀୟ ଶ୍ରେଣୀରେ ପାସ୍ କରିଥିବା ବେଳେ ସନମ ଦାସ ସର୍ବାଧିକ ୫୨୯ ନମ୍ବର ରଖିଛନ୍ତି। ଓଲମରା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ କଳାରେ ୧୨ଜଣ ପ୍ରଥମ, ୨୩ଜଣ ଦ୍ୱିତୀୟ ୩୮ ଶ୍ରେଣୀରେ ପାସ୍ କରିଥିବା ବେଳେ ନିତ୍ୟାନନ୍ଦ ତାଳଦି ସର୍ବାଧିକ ୫୦୯ ନମ୍ବର ରଖିଛନ୍ତି।

## ରାଇବଣିଆ ଅଞ୍ଚଳରେ ସୁନାମ ଆଣିଲେ ସୋନମ, ନିତ୍ୟାନନ୍ଦ

ଜଳେଶ୍ୱର ବ୍ଲକ, ୨୧।୫(ସମିସ): ରାଇବଣିଆ ଥାନା ଅଞ୍ଚଳରେ ରହିଛି ଦୁଇଟି କଲେଜ। ଯାହା କଳା (ଆର୍ଟସ) ବିଭାଗର। ସାଧୁଚରଣ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ, ରାଇବଣିଆ (ଚମାରଗାଁ ପଞ୍ଚାୟତର ତେଘରୀ) ର ଛାତ୍ରୀ ସୋନମ ଦାସ ୫୨୯ (୮୮ ପ୍ରତିଶତ) ମାର୍କ ରଖି କଲେଜ ଟପର ହୋଇଛନ୍ତି। ସେ ବରଡିହା ପଞ୍ଚାୟତ କନକେଇ ଗାଁର ରବୀନ୍ଦ୍ର ଦାସଙ୍କ କନ୍ୟା। ସେହିପରି ସୀମାନ୍ତ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ, ଓଲମରାର ଛାତ୍ର ନିତ୍ୟାନନ୍ଦ ତାଳଦି ୫୦୯ (୮୫ ପ୍ରତିଶତ) ନମ୍ବର ରଖି କଲେଜ ଟପର ହୋଇଛନ୍ତି। ନିତ୍ୟାନନ୍ଦଙ୍କ ପରିବାର ଅତ୍ୟନ୍ତ ଗରିବ। ଦୁଇବର୍ଷ ତଳେ ବାପା ପ୍ରମଥ ଓ ସାନ ଭାଇ ଆରପାରିବ ଚାଲିଯିବା ପରେ ତାଙ୍କ ମାଆ ଇନ୍ଦୁମତୀ ଅନେକ କଷ୍ଟ କରି ନିତ୍ୟାନନ୍ଦଙ୍କୁ ପାଠ ପଢ଼ାଇଥିଲେ। ନିତ୍ୟାନନ୍ଦଙ୍କ ପାଠପଢ଼ାର ଆଗ୍ରହ ଦେଖି କଲେଜର ଅଧ୍ୟକ୍ଷ ଅମରେନ୍ଦ୍ର ନାଥ ଦତ୍ତ, ଅଧ୍ୟାପକ ରମାକାନ୍ତ ଦେ ଓ ଅନ୍ୟାନ୍ୟ ଅଧ୍ୟାପକ ତାଙ୍କୁ ପାଠପଢ଼ାରେ ସହଯୋଗ ସହ କରୁଥିଲେ। ଘରର ଅଭାବୀ ଦୂର ପାଇଁ ନିତ୍ୟାନନ୍ଦ ଏବେ ହାଇଦ୍ରାବାଦ ଏକ ଘୋରେଇ ହୋଟେଲ କାମ କରୁଛନ୍ତି। ମାକିଡ଼ିଆ ଗାଁର ସମାଜସେବୀ ନିମାଇଁ ଚରଣ ଘୋଷ ନିତ୍ୟାନନ୍ଦର ଭବିଷ୍ୟତ ପାଠପଢ଼ା ପାଇଁ ସରକାରୀ ସ୍ତରରେ ସାହାଯ୍ୟ ସହଯୋଗ ଯୋଗାଇ ଦେବାକୁ ନିବେଦନ କରିଛନ୍ତି। ଓଲମରା ସୀମାନ୍ତ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଶତପ୍ରତିଶତ ପାସ ହାର ଥିବାବେଳେ ସାଧୁଚରଣ ଉ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ୧୦୩ ଜଣ ଛାତ୍ରଛାତ୍ରୀଙ୍କ ମଧ୍ୟରୁ ୨୮ ଜଣ ଫେଲ୍ ହୋଇଥିବା ସୂଚନା ମିଳିଛି।

## ଯୁକ୍ତଦୁଇ ପରୀକ୍ଷାରେ ଜାମଶୂଳୀ କଲେଜର ସଫଳତା

କାଳିପଦା, ୨୧।୫ (ସମିସ): ଚଳିତ ବର୍ଷ ଯୁକ୍ତ ଦୁଇ ପରୀକ୍ଷାରେ ଜାମଶୂଳୀ ସ୍ଥିତ ଲକ୍ଷ୍ମୀ ନାରାୟଣ କଲେଜ କୁ ବଡ଼ ସଫଳତା ମିଳିଛି। ଯୁକ୍ତ ଦୁଇ କଳା ବିଭାଗରେ ମୋଟ ୨୧୧ ଜଣ ଛାତ୍ରଛାତ୍ରୀ ପରୀକ୍ଷା ଦେଇଥିବା ବେଳେ ସେଥିରୁ ୧୭୩ ଜଣ ପରୀକ୍ଷାର୍ଥୀ କୃତ କାର୍ଯ୍ୟ ହୋଇଛନ୍ତି।ପୁଣି ସେଥିରୁ ୪୯ ଜଣ ପ୍ରଥମ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଥିବା ବେଳେ ରେଙ୍କ - ୦୧ରେ ଏହି କଲେଜର ଛାତ୍ରୀ ଅନୁରାଧା ଦାସ ଅଧିକାରୀ ରହିଛନ୍ତି।ଏଥିରେ ପରୀକ୍ଷା ଫଳ ୮୨ ପ୍ରତିଶତ ହୋଇଛି। ସେହିପରି ଯୁକ୍ତ ଦୁଇ ବିଜ୍ଞାନରେ ମୋଟ ୩୪ ଜଣ ଛାତ୍ରଛାତ୍ରୀ ପରୀକ୍ଷା ଦେଇଥିବା ବେଳେ ୩୨ଜଣ ଛାତ୍ର ଛାତ୍ରୀ କୃତ କାର୍ଯ୍ୟ ହୋଇଛନ୍ତି।ମୋଟ ୧୮ ଜଣ ଛାତ୍ର ଛାତ୍ରୀ ପ୍ରଥମ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଛନ୍ତି।ମେଘନା ଦାସ ରେଙ୍କ - ୦୧ ରେ ସଫଳତା ହାସଲ କରିଛନ୍ତି।ପାସ ହାର ୯୪ ପ୍ରତିଶତ ରହିଛି। ଅଧ୍ୟକ୍ଷ ପ୍ରଧ୍ୟାପକ ଦିବ୍ୟେନ୍ଦୁ ଗିରି ଏଥିପାଇଁ ସମସ୍ତ ଶ୍ରେୟ କଲେଜର ସମସ୍ତ କର୍ମଚାରୀଙ୍କୁ ଦେଇଛନ୍ତି। ସୂଚନା ଥାଉ କି ଏହି କଲେଜ ଚଳିତ ବର୍ଷ ପ୍ରଥମ କରି ହବସ କେନ୍ଦ୍ର ମାନ୍ୟତା ଲାଭ କରିଥିଲା। ଏହା ଅଧିନ ସମସ୍ତ ପରୀକ୍ଷା କେନ୍ଦ୍ରରେ ପରୀକ୍ଷା ସୁଚାରୁରୂପେ ସମ୍ପାଦିତ ହୋଇଥିଲା।

## ଖଇରାରେ ୨ ଅତିରିକ୍ତ ତହସିଲଦାରଙ୍କ ଯୋଗଦାନ

ଖଇରା, ୨୧।୫ (ସମିସ): ବାଲେଶ୍ୱର ଜିଲା ଅଧୀନ ଖଇରା ତହସିଲରେ ଗୁରୁବାର ୨ଅତିରିକ୍ତ ତହସିଲଦାର କାର୍ଯ୍ୟରେ ଯୋଗ ଦେଇଛନ୍ତି। ପୂର୍ବରୁ ଖଇରାରେ କାର୍ଯ୍ୟକରି ବସ୍ତାକୁ ଡେପୁଟେସନରେ ବଦଳି ହୋଇଥିବା ଅତିରିକ୍ତ ତହସିଲଦାର ଗଦାଧର ସେଠୀକୁ ପୁଣି ଜିଲାପାଳଙ୍କ ନିର୍ଦ୍ଦେଶକ୍ରମେ ଖଇରାକୁ ଫେରାଇ ଅଣାଯାଇଛି। ସେହିଭଳି ଜିଲା ଲୋକସମ୍ପର୍କ ଅଧିକାରୀ ପ୍ରିୟଦର୍ଶୀ ରାଜେଶଙ୍କୁ ଅନ୍ୟତମ ଅତିରିକ୍ତ ତହସିଲଦାର ଭାବେ ନିଯୁକ୍ତ କରାଯାଇଛି। ସେହିଭଳି ଏଠାରେ ପୂର୍ବରୁ କାର୍ଯ୍ୟରତ ଅତିରିକ୍ତ ତହସିଲଦାର ସଞ୍ଜିବ ପାତ୍ରଙ୍କୁ ସୋର ତହସିଲକୁ ବଦଳୀ କରାଯାଇଛି। ଜିଲାପାଳଙ୍କ ଆଦେଶ ନମ୍ବର ୧୮୩/୧୯/୦୫/୨୦୨୬ରେ ଉପରୋକ୍ତ ଅଧିକାରୀଙ୍କୁ ବଦଳୀ କରାଯାଇଛି। ଖଇରାରେ ୨ ଅତିରିକ୍ତ ତହସିଲଦାରଙ୍କ ଯୋଗଦାନ ପରେ ନିରଞ୍ଜନ ବେହେରାଙ୍କ ନେତୃତ୍ୱରେ ଖଇରା ମୋହରୀର ସଂଘର ସଦସ୍ୟ ମାନେ ତାଙ୍କୁ ଭେଟି ଫୁଲତୋଡା ଓ ଉତ୍ତରୀୟ ଦେଇ ପୂର୍ବକ ସମ୍ବର୍ଦ୍ଧିତ କରିଥିଲେ। ତହସିଲକୁ ଆସୁଥିବା ଜନସାଧାରଣଙ୍କୁ କିଭଳି ଉନ୍ନତ ମାନର ସେବା ମିଳିପାରିବ ସେମାନେ ସେଥିପ୍ରତି ଗୁରୁତ୍ୱ ଦେବେ ବୋଲି ଉପରୋକ୍ତ ଅଧିକାରୀ ଦ୍ୱୟ ପ୍ରକାଶ କରିଛନ୍ତି।

## ଡିଭାଇନ୍ ଚାରିଟେବୁଲ ଟ୍ରଷ୍ଟ ଦ୍ୱାରା ସମ୍ବର୍ଦ୍ଧନା ସଭା



ନୀଳଗିରି, ୨୧।୫(ସମିସ): ନୀଳଗିରିର ଅଗ୍ରଣୀ ଶିକ୍ଷାନୁଷ୍ଠାନ ଡିଭାଇନ ଟ୍ୟୁଟୋରିଆଲ ଆନୁକୂଲ୍ୟରେ ଡିଭାଇନ୍ ଚେରିଟେବୁଲ ଟ୍ରଷ୍ଟ ଦ୍ୱାରା ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଥିଲା। ଉକ୍ତ ଶିକ୍ଷାନୁଷ୍ଠାନ ରେ ଅଧ୍ୟୟନ କରି ଯୁକ୍ତ ୨, ଓ ସ୍ନାତକ ବିଭାଗ ୨୦୨୫ - ୨୬ ପାଠ୍ୟକ୍ରମରେ ଯେଉଁମାନେ ଉପଖଣ୍ଡ ତଥା ମହାବିଦ୍ୟାଳୟ ସ୍ତରରେ ଟପ୍ପର ହୋଇଛନ୍ତି ସେମାନଙ୍କୁ ଉତ୍ତରୀ, ପୁଷ୍ପଗୁଚ୍ଛ ଓ ଉପଢୌକନ ଦେଇ ସମ୍ମାନୀତ କରାଯାଇଥିଲା। ଉକ୍ତ ଶିକ୍ଷାନୁଷ୍ଠାନରେ ଚଳିତ ବର୍ଷ ଐତିହାସିକ ସଫଳତା ହାସଲ କରିଛି। କାର୍ଯ୍ୟକ୍ରମ ରେ ଅନୁଷ୍ଠାନର ଅଧକ୍ଷ ସୁଶାନ୍ତ କୁମାର ମହାପାତ୍ର ସଭାପତିତ୍ୱ କରିଥିବା ବେଳେ ମୁଖ୍ୟ ଅତିଥି ଭାବେ ନୀଳଗିରି ଏସ୍ଡିପିଓ ପ୍ରମୋଦ କୁମାର ମଲ୍ଲିକ, ବିଶିଷ୍ଟ ଅତିଥି ଭାବେ ରତ୍ନାକର ଟାଉନ୍ ହାଇସ୍କୁଲ ର ଅବସର ପ୍ରାପ୍ତ ପ୍ରଧାନ ଶିକ୍ଷକ ତଥା ଶିକ୍ଷାବିତ ବିନୋଦ ବିହାରୀ ପଣ୍ଡା ଉପସ୍ଥିତ ଥିଲେ। ସ୍ନାତକ ଛାତ୍ରୀ ବିଦ୍ୟାମତି ରାଉତ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ଚଳିତବର୍ଷ ୫୦୦ ରୁ ଉର୍ଦ୍ଧ୍ୱ ନମ୍ବର ରେ ୮ ଜଣ ଛାତ୍ର ଛାତ୍ରୀ ପାସ କରିଥିଲେ। ସମ୍ବର୍ଦ୍ଧିତ ପ୍ରତିଭା ମାନେ ହେଲେ ନୀଳଗିରି ମହାବିଦ୍ୟାଳୟ ଯୁକ୍ତ ୨ କଳାରେ ୫୪୩ ନମ୍ବର ରଖି କୁମାରୀ ପୁଷ୍ପଲତା ସ ବ୍ଲକ ଟପ୍ପର ହୋଇଥିବା ବେଳେ ନୀଳଗିରି ମହିଳା ମହା ବିଦ୍ୟାଳୟ ରେ ଯୁକ୍ତ ଦୁଇ ରେ ପ୍ରାଚୀପ୍ରିୟା ଗୋଚ୍ଛାୟତ ୫୪୧ନମ୍ବର ରଖି ଉତ୍ତୀର୍ଣ୍ଣ ହୋଇଥିଲେ। ଯେଉଁମାନେ କି ଭବିଷ୍ୟତରେ ଅଧ୍ୟାପିକା ତଥା ସିଭିଲ ସର୍ଭିସ ପାଇଁ ମନୋନିବେଶ କରିବେ ବୋଲି କହିଛନ୍ତି। ଏହା ଛଡା ୫୩୮ ନମ୍ବର ରଖି ବୃତ୍ତିରଞ୍ଜନ ମହାପାତ୍ର, ୫୨୪ ନମ୍ବର ରଖି ପ୍ରତ୍ୟାଶା ନାୟକ, ୫୧୯ ନମ୍ବର ରଖି ଦେବବିତା ଶତପଥୀ, ୫୧୨ ନମ୍ବର ରଖି ଶୁଭସ୍ମିତା ପରମାଣିକ, ୫୦୬ ନମ୍ବର ରଖି ପରମିତା ମହାପାତ୍ର, ୫୦୫ ନମ୍ବର ରଖିଥିବା ହରପ୍ରିୟା ରାଉତଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସେହିପରି ଯୁକ୍ତ ୩ (ସ୍ନାତକ) ରେ କୁମାରୀ ଶୁଭଲକ୍ଷ୍ମୀ ବିଶ୍ୱାଳ ଫକୀର ମୋହନ ବିଶ୍ୱବିଦ୍ୟାଳୟ ଟପର ହେବା ସଙ୍ଗେ ସଙ୍ଗେ ନୀଳଗିରି ଟପର ହୋଇଛନ୍ତି। ସେ ସଂସ୍କୃତ ସମ୍ମାନରେ ସତକଡ଼ା ୮୯, ୩୩ ନମ୍ବର ରଖିଥିବା ବେଳେ ଚଳିତ ବର୍ଷ ଯୁକ୍ତ ଦୁଇ କଳାରେ ୬୭ ଜଣ ପ୍ରଥମ ଶ୍ରେଣୀ ସ୍ଥାନ ଅଧିକାର କରିଛନ୍ତି।

## ଯୁବକଙ୍କ ଅସ୍ୱାଭାବିକ ମୃତ୍ୟୁ

ବାଲେଶ୍ୱର ସଦର, ୨୧।୫(ସମିସ): ବସ୍ତା ଥାନା ଅଧିନସ୍ଥ ରସଲପୁର ଗ୍ରାମର ଆଜି ଜଣେ ବ୍ୟକ୍ତି ଅସ୍ୱାଭାବିକ ଭାବେ ମୃତ୍ୟୁବରଣ କରିଛନ୍ତି। ମୃତକ ଜଣକ ହେଲେ ଏହି ଗ୍ରାମର ପ୍ରବୋଧ ବେହେରା (୫୧)। ଆଜି ସକାଳେ ସେ ନିକଟସ୍ଥ ଦୋକାନକୁ ସଉଦା ଆଣିବାକୁ ଯାଉଥିବା ବେଳେ ଚେତାଶୂନ୍ୟ ହୋଇପଡ଼ିଥିଲେ। ତାଙ୍କୁ ୧୦୮ ଆମ୍ବୁଲାନ୍ସ ରେ ବସ୍ତା ଡାକ୍ତରଖାନା କୁ ପଠା ଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ବସ୍ତା ପୁଲିସ ଶବ ବ୍ୟବଚ୍ଛେଦ କରି ପରିବାର ଲୋକଙ୍କୁ ହସ୍ତାନ୍ତର କରିବା ସହିତ ୧୯/୨୬ ମୂଳେ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ପ୍ରବୋଧ ଅଂଶୁଘାତରେ ମୃତ୍ୟୁବରଣ କରିଥିବା ପରିବାର ଲୋକେ ଅଭିଯୋଗ ଆଣିଥିବା ବେଳେ ସରକାରୀ ସ୍ତରରେ ଏହି ଅଭିଯୋଗକୁ ଅସ୍ୱୀକାର କରା ଯାଇଛି।

## ଚାଉଳ ହେରଫେରକୁ କେନ୍ଦ୍ରକରି ଉତ୍ତେଜନା

କାଳିପଦା, ୨୧।୫ (ସମିସ): ବାଲିଆପାଳ ବ୍ଲକ ଅସ୍ତି ପଞ୍ଚାୟତ ଅଧିନରେ ହିମାଂଶୁ ଭୂୟାଁ ଦୀର୍ଘ ଦିନରୁ ନିଜ ଘରେ ଏକ ରିଟେଲର ଡେଲିଭରି ପଏଣ୍ଟ କରିଥିବା ବେଳେ ଚାଉଳ ରଖିବା ପାଇଁ ଗୋଦାମ ଘର ମଧ୍ୟ କରିଛନ୍ତି। ଏବେ ଗୋଦାମ ଘର ମରାମତି ପାଇଁ ସେ ସମସ୍ତ ଚାଉଳ ସ୍ଥାନୀୟ ଖାଳପାଖ ଏକ ସରକାରୀ ଜଗନ୍ନାଥ ଭୋଗ ମଣ୍ଡପରେ ରଖି ବଣ୍ଟନ କରୁଥିଲେ। ମାତ୍ର ଏହାକୁ କେତେକ ମୁଷ୍ଟିମେୟ ଲୋକ ଚାଉଳ ହେର ଫେର ହେଉଥିବା ଅଭିଯୋଗ କରିଥିଲେ। ଯୋଗାଣ ଅଧିକାରୀଙ୍କୁ ମଧ୍ୟ ଏମାନେ ଜଣାଇ ପ୍ରତିକାର ଲୋଡ଼ିଥିଲେ। ତେବେ ଏ କଥା ଜଣା ପଡ଼ିବା ପରେ ରିଟେଲର ଶ୍ରୀ ଭୂୟାଁ ଜଗନ୍ନାଥ ଭୋଗ ମଣ୍ଡପରୁ ତତକ୍ଷଣାତ ସମସ୍ତ ଚାଉଳ ନିଜ ଘର ଡେଲିଭରି ପଏଣ୍ଟକୁ ଫେରାଇ ଆଣିଛନ୍ତି। ଏବେ ପ୍ରତ୍ୟେକ ହିତାଧିକାରୀ ୫ କିଲୋଗ୍ରାମ ଚାଉଳ ପାଉ ଥିବାରୁ ଗୋଦାମ ଘର ମରାମତି ଓ ବର୍ଦ୍ଧିତ କରିବା ଜରୁରୀ ହୋଇଛି। ମିଥ୍ୟା ଆରୋପକୁ ଶ୍ରୀ ଭୂୟାଁ ରୋକଠୋକ ଖଣ୍ଡନ କରିଛନ୍ତି। ଅନ୍ୟ ପକ୍ଷରେ ରିଟେଲର ଶ୍ରୀ ଭୂୟାଁ ଜଣେ ଭଲ ରିଟେଲର ବୋଲି ତାଙ୍କର ରେକର୍ଡ ରହିଛି ବୋଲି ସ୍ଥାନୀୟ ସରପଞ୍ଚ ତୃପ୍ତି ଲେଖା ଜେନା, ସମିତି ସଦସ୍ୟା ହରିପ୍ରିୟା ପାତ୍ର ଓ ଗ୍ରାମବାସୀ କହିଛନ୍ତି। ଚାଉଳ ଆଦୌ ହେର ଫେର ହୋଇ ନାହିଁ ବୋଲି ସେମାନେ କହିଛନ୍ତି। ସେମାନେ ଏଭଳି ମିଥ୍ୟା ଆରୋପର ତଦନ୍ତ ହେଉ ବୋଲି ଦାବି କରିଛନ୍ତି। ମୁଷ୍ଟିମେୟ ଲୋକଙ୍କ ମିଥ୍ୟା ଆରୋପ ବିରୋଧରେ ଥାନା ଅଥବା କୋର୍ଟରେ ମାମଲା କରାଯାଉ ବୋଲି ସେମାନେ ମଧ୍ୟ ଚେତାବନୀ ଦେଇଛନ୍ତି। ପଞ୍ଚାୟତ ତରଫରୁ ଜିଲ୍ଲାପାଳ, ଯୋଗାଣ ଅଧିକାରୀ ପ୍ରମୁଖ ଙ୍କୁ ଜଣା ଯାଇଥିବା ପ୍ରକାଶ।ଏହାକୁ କେନ୍ଦ୍ର କରି ସ୍ଥାନୀୟ ଅଞ୍ଚଳରେ ଚାପା ଉତ୍ତେଜନା ଦେଖାଦେଇଛି।

## ୨ଟପ୍ପରଙ୍କୁ ସମ୍ବର୍ଦ୍ଧିତ କଲେ ଜମ୍ବେଶ୍ୱର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଅଧ୍ୟାପକ



ଖଇରା, ୨୧।୫ (ସମିସ): ବାଲେଶ୍ୱର ଜିଲା ଖଇରା ବ୍ଲକ ଅଧୀନ ଗରସଙ୍ଗସ୍ଥିତ ଜମ୍ବେଶ୍ୱର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଚଳିତ ବର୍ଷ ଛାତ୍ରୀଛାତ୍ରଙ୍କ ଉଲ୍ଲେଖନୀୟ ସଫଳତା ପରେ ମହାବିଦ୍ୟାଳୟର ଅଧ୍ୟାପକ ଓ କର୍ମଚାରୀ ମହଲରେ ଆନନ୍ଦ ଖେଳିଯାଇଛି। ବିଜ୍ଞାନରେ ମାଣିତ୍ରୀ ଗ୍ରାମର ନମିତା ବାରିକ୫୪୬, କଳାରେ କଲ୍ୟାଣି ଗ୍ରାମର ସସ୍ମିତା ବନ୍ଧ ୫୪୮ନମ୍ବର ରଖି ଟପ୍ପର ହୋଇଛନ୍ତି। ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଅଧ୍ୟାପକଙ୍କ ଏକ ଟିମ ବୁଧବାର ସଂଧ୍ୟାରେ ଏହି ୨ଛାତ୍ରୀଙ୍କୁ ତାଙ୍କ ବାସଭବନରେ ଭେଟି ସେମାନଙ୍କୁ ଫୁଲତୋଡା ଉତ୍ତରୀୟ ଦେଇ ସମ୍ବର୍ଦ୍ଧିତ କରିଥିବା ବେଳେ ସେମାନଙ୍କର ଉନ୍ନତି କାମନା କରିଛନ୍ତି।

## ବିବେକାନନ୍ଦ ଶିକ୍ଷାକେନ୍ଦ୍ରରେ ଅଭିଭାବକ ବୈଠକ

ବାଲେଶ୍ୱର, ୨୧।୫(ସମିସ): ସ୍ଥାନୀୟ କୁରୁଡ଼ାସ୍ଥିତ ବିବେକାନନ୍ଦ ଶିକ୍ଷା କେନ୍ଦ୍ର ପରିସର ମଧ୍ୟରେ ଏକ ଅଭିଭାବକ ବୈଠକ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ପ୍ରଧାନ ଆଚାର୍ଯ୍ୟଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ଉତ୍କଳ ଶିକ୍ଷା ପରିଷଦ ସାଧାରଣ ସମ୍ପାଦକ ଯୋଗେନ୍ଦ୍ର ଦାଶ ମୁଖ୍ୟ ବକ୍ତା ଭାବରେ ପିଲା ମାନଙ୍କର ସର୍ବାଙ୍ଗୀନ ବିକାଶ କ୍ଷେତ୍ରରେ ଅଭିଭାବକ ମାନଙ୍କ ଗୁରୁତ୍ୱ ବିଷୟରେ ଅବଗତ କରାଇଥିଲେ। ମୁଖ୍ୟ ଅତିଥି ଭାବରେ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ ସାବିତ୍ରୀ ଜେନା ନିଜର ବକ୍ତବ୍ୟ ରଖିଥିଲେ। ପରିଚାଳନା କମିଟି ସଭାପତି ଶରତ କୁମାର ଜେନା ଓ ସମ୍ପାଦକ ମନୋଜ କୁମାର ପଣ୍ଡା ନିଜର ଅଭିଭାଷଣ ରଖିଥିଲେ। ଏହି ବୈଠକରେ ଷାଠିଏରୁ ଅଧିକ ଅଭିଭାବକ ଉପସ୍ଥିତ ରହି ନିଜ ନିଜର ମତ ରଖିଥିଲେ। ବିଦ୍ୟାଳୟର ଉପ ପ୍ରଧାନ ଆଚାର୍ଯ୍ୟ ସଂଯୁକ୍ତା ପ୍ରଧାନ ଧନ୍ୟବାଦ୍ ଅର୍ପଣ କରିଥିଲେ।

**ସୋର ପୌରପାଳିକାର ଅବହେଳା**

# ବର୍ଷାପାଣିରେ ଉବୁଟୁବ ହେବେ ଉତ୍ତରେଶ୍ୱରବାସୀ

ସୋର, ୨୧।୫ (ସମିସ)

ଆଉ ଅଳ୍ପ ଦୂର ରହିଲା ମୌସୁମି। ପାଣିପାଗ ଆକଳନ ଅନୁସାରେ ଜୁନ୍ ପ୍ରାରମ୍ଭରୁ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। ଏହାକୁ ଦୃଷ୍ଟିରେ ରଖି ବିଭିନ୍ନ ନାଳ ନର୍ଦ୍ଦମାଗୁଡ଼ିକୁ ସଫା କରାଯିବା ସହିତ ଆଗାମୀ ବନ୍ୟା ପରିସ୍ଥିତିକୁ ମୁକାବିଲା ପାଇଁ ସୋର ପୌରପାଳିକା ପ୍ରସ୍ତୁତ ହେଉଥିବା ଜଣାଯାଇଛି। ମାତ୍ର ୧୬ ନମ୍ବର ଜାତୀୟ ରାଜପଥ ସୋର ଉତ୍ତରେଶ୍ୱର ୬ଟିକିଆ ରାସ୍ତା ସମ୍ପ୍ରସାରଣ କାର୍ଯ୍ୟ ଏକ ପ୍ରକାର ସରି ଆସିଥିବା ବେଳେ ଉତ୍ତରେଶ୍ୱର ପାଇକାଳୀ ଠାରୁ କଲେଜଛକ ପର୍ଯ୍ୟନ୍ତ ଉଭୟ ପାର୍ଶ୍ୱରେ ଡ୍ରେନ କାର୍ଯ୍ୟ ବର୍ତ୍ତମାନ ସୁଦ୍ଧା ଶେଷ ହୋଇପାରି ନାହିଁ। ଅବଶ୍ୟ ପୂର୍ବପାଖ ଡ୍ରେନ କାମ ଯଥାତଥା ଚାଲିଥିବା ବେଳେ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଲେଜ ଛକ ଠାରୁ ବରଫକଳ ଛକ ପର୍ଯ୍ୟନ୍ତ ପଶ୍ଚିମ ପାର୍ଶ୍ୱ ଡ୍ରେନର କାମ ବିବାଦୀୟ କାରଣରୁ ଏପର୍ଯ୍ୟନ୍ତ ଆରମ୍ଭ ହୋଇପାରିନାହିଁ। ସୂଚନା ଅନୁସାରେ ବ୍ରିଜ୍‌ଗୋପାଳ କମ୍ପାନୀର ଉଭୟ ପାର୍ଶ୍ୱରେ ଦେଢ଼ ମିଟର ଓସାରର ଡ୍ରେନ ପାଇଁ ପ୍ଲାନ ଥିବା ବେଳେ ଏହି କାମରୁ ୨୦୨୩ ମସିହାରେ ପୂର୍ବତନ ପୌରାଧକ୍ଷ ଏବଂ କାର୍ଯ୍ୟନିର୍ବାହୀ ଅଧିକାରୀ ଏହି କାର୍ଯ୍ୟକୁ ବନ୍ଦ କରାଇ ଏହାକୁ ୩ ମିଟର ଓସାର କରିବା ପାଇଁ ପ୍ରସ୍ତାବ ଦେବା ଫଳରେ ପଶ୍ଚିମ ପାର୍ଶ୍ୱର ଡ୍ରେନ୍ କାର୍ଯ୍ୟ ପାଇଁ ଅର୍ଥ କମ୍ପାନୀ ତରଫରୁ ପୂର୍ତ୍ତବିଭାଗରେ ଜମା କରିଥିବା ବେଳେ ଅବଶିଷ୍ଟ ଅର୍ଥ ରାଜ୍ୟ ସରକାର ବହନ କରିବାର ପ୍ରସ୍ତାବ ଥିଲା। ମାତ୍ର ଆଜି ପର୍ଯ୍ୟନ୍ତ ଏହି ଆବଶ୍ୟକ ଅର୍ଥ ମଞ୍ଜୁର ନହେବା ଫଳରେ ଦୀର୍ଘ ୩ ବର୍ଷଧରି ଏହି କାର୍ଯ୍ୟ ଅଟକି ରହିଛି। ଫଳରେ ପ୍ରତି ବର୍ଷ ବର୍ଷା ଦିନେ ଅଧିକାଂଶ ସମୟରେ ସାମାନ୍ୟ ବର୍ଷାରେ ବି ୧, ୨ଏବଂ ୩ ନମ୍ବର ୱାର୍ଡର ଉତ୍ତରେଶ୍ୱର, ବଡଖୁରୀ, ଖରିଦା, କମରପୁର, ଚକରାଇପୁର, କଲେଜଛକ ପ୍ରଭୃତି ଗ୍ରାମଗୁଡ଼ିକ ବର୍ଷା ଜଳ ନିଷ୍କାସନ ହୋଇ ନପାରି ପାଣିଘେରରେ ରହି ଆସୁଛି। ଫଳରେ ଏଠାରେ ବସବାସ କରୁଥିବା ଜନସାଧାରଣ ଏବଂ ଦୋକାନୀମାନେ ଘୋର ଅସୁବିଧାର ସମ୍ମୁଖିନ ହୋଇ ଆସୁଛନ୍ତି। ଏପରିକି ବର୍ଷାଦିନେ ବସ ଯାତ୍ରୀମାନେ ମଧ୍ୟ ଏହି ରାସ୍ତାଦେଇ ଯିବା ଆସିବାରେ ଘୋର ଅସୁବିଧାର ସମ୍ମୁଖୀନ ହେଉଥିବା ଦେଖାଯାଇଛି। ଗତ ଆଠମାସ ତଳେ ବିଧାୟକ ମାଧବ ଧଡ଼ା, ପୂର୍ତ୍ତବିଭାଗ ସୁପରିଟେଣ୍ଡେଣ୍ଟ, ଡ୍ରେନ ବିଭାଗର ସହକାରୀ ନିର୍ବାହୀ ଯନ୍ତ୍ରୀ, ତହସିଲଦାର, କାର୍ଯ୍ୟନିର୍ବାହୀ ଅଧିକାରୀ ପାଇକାଳୀଠାରୁ କଲେଜଛକ ପର୍ଯ୍ୟନ୍ତ ସର୍ଭେକରି ସର୍ଭିସ ରୋଡ ନିର୍ମାଣ ସହିତ ଡ୍ରେନ କାର୍ଯ୍ୟକୁ ତୁରନ୍ତ ଶେଷ କରିବା ପାଇଁ ନିଷ୍ପତ୍ତି ହୋଇଥିଲା। ଏପର୍ଯ୍ୟନ୍ତ ବିଦ୍ୟୁତ ଖୁଣ୍ଟ ଅପସାରଣ ଓ ଡ୍ରେନ ପାଇଁ ଟେଣ୍ଡର ପ୍ରକ୍ରିୟା ଆରମ୍ଭ ହୋଇନାହିଁ। ଏହାକୁ ନେଇ ଅନିଶ୍ଚିତତା ଲାଗି ରହିଥିବାରୁ ପୁଣି ଏବର୍ଷ ବି ଉତ୍ତରେଶ୍ୱର ପାଣି ଘେରରେ ବୁଡ଼ିରହିବ ବୋଲି ଉତ୍ତରେଶ୍ୱର ଏବଂ ସ୍ଥାନୀୟବାସୀ ଆଶଙ୍କା ପ୍ରକାଶ କରିଛନ୍ତି। ଏ ଦିଗରେ ଜିଲା ପ୍ରଶାସନ, ପୂର୍ତ୍ତବିଭାଗ, ଡ୍ରେନେଜ ବିଭାଗ ଓ ପୌରପାଳିକା ଦୃଷ୍ଟି ଦେବା ପାଇଁ ସାଧାରଣରେ ଦାବି ହୋଇଛି।

**● ଫାଇନାନ୍ସ କମ୍ପାନୀ କର୍ମଚାରୀଙ୍କ ଗୁଣ୍ଡାରାଜ ଘଟଣା**

## ଆକ୍ରମଣକାରୀ କର୍ମଚାରୀ ଗିରଫ

ଉଦଳା, ୨୧।୫(ସମିସ): ବକେୟା କିସ୍ତି ପାଇଁ ବାଇକ୍ ଅଟକାଇବା ସହିତ ଜଣେ ଯୁବକଙ୍କୁ ମରଣାନ୍ତକ ଆକ୍ରମଣ କରିଥିଲେ। ମୁଣ୍ଡରେ ବିଅର ବୋତଲ ମାରି ଗୁରୁତର କରିବା ଘଟଣାରେ ପୁଲିସ ଜଣେ ଫାଇନାନ୍ସ କର୍ମଚାରୀଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଗିରଫ ଫାଇନାନ୍ସ କର୍ମଚାରୀ ସନାତନ ବେହେରା। ତାଙ୍କୁ ଗିରଫ ପରେ କୋର୍ଟ ଚାଲାଣ କରାଯାଇଥିବାବେଳେ ଜାମିନ ଖାରଜ ହେବା ପରେ ତାଙ୍କୁ ଜେଲ ପଠାଇ ଦିଆଯାଇଛି। ସରକାରୀ ଓକିଲ ରବିନ ପଟ୍ଟନାୟକ ଏହି ମାମଲାକୁ ପରିଚାଳନା କରିଥିଲେ। ମଙ୍ଗଳବାର ଖୁଣ୍ଟା ଥାନା ନହରା ଅଞ୍ଚଳର ରଞ୍ଜିତ ବେହେରାଙ୍କ ବାଇକ୍ କିସ୍ତି ବକେୟା ଥିବାବେଳେ ତାଙ୍କ ଗାଡ଼ିକୁ ଫାଇନାନ୍ସ କର୍ମଚାରୀ ଅଟକାଇ ସାଙ୍ଗରେ ନେଇଯାଇଥିଲେ। ଟଙ୍କା ଦେବା ପ୍ରତି ବଦଳରେ ରଞ୍ଜିତ ରସିଦ ମାଗିଥିଲେ। ପରେ ଫାଇନାନ୍ସ କର୍ମଚାରୀ ଆକ୍ରମଣ କରିବା ସହିତ ରଞ୍ଜିତଙ୍କ ମୁଣ୍ଡରେ ବିଅର ବୋତଲ ଭାଙ୍ଗିଥିଲେ। ଏ ନେଇ ସେ ଉଦଳା ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୁଲିସ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରି ଜଣେ କର୍ମଚାରୀଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି।

## ଗାଡ଼ି ଧକ୍କାରେ ଯୁବକଙ୍କ ମୃତ୍ୟୁ

କୁଆମରା, ୨୧।୫(ସମିସ): ଖୁଣ୍ଟା ଥାନା ପୁରୁଣାପାଣି ଛକରେ ଗତକାଲି ରାତିରେ ଏକ ଗାଡ଼ି ଧକ୍କାରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ମୃତକ ହେଉଛନ୍ତି ବାରିପଦାସ୍ଥ ପୋଡ଼ା ଅସ୍ତିଆ ଗ୍ରାମର ବାଜିନାଥ ସିଂ। ବାଜିନାଥ ଖୁଣ୍ଟା ବ୍ଲକ କମଳି ଗ୍ରାମକୁ ଶୁଦ୍ଧିକ୍ରିୟାରେ ଯୋଗଦେଇକୁ ବନ୍ଧୁ ଘରକୁ ଆସିଥିଲେ। କୌଣସି କାମରେ ବଜାରକୁ ଆସିଥିଲେ ଓ ଚାଲି ଚାଲି ଫେରୁଥିବାବେଳେ କୌଣସି ଅଜଣା ଗାଡ଼ି ତାଙ୍କୁ ଧକ୍କା ଦେଇଥିଲା। ସେଠାରେ ତାଙ୍କୁ ଗୁରୁତର ଅବସ୍ଥାରେ ବାରିପଦା ମୁଖ୍ୟ ଡାକ୍ତରଖାନା ନିଆଯାଇଥିଲା। ଚିକିତ୍ସାଧୀନ ଅବସ୍ଥାରେ ସେଠାରେ ତାଙ୍କର ମୃତ୍ୟୁ ଘଟିଥିଲା। ଏ ନେଇ ପୁଅ ରବିଙ୍କ ଅଭିଯୋଗ କ୍ରମେ ଖୁଣ୍ଟା ଥାନାରେ ଏକ ମାମଲା ରୁଜୁ ହୋଇଛି। ଅଭିଯୋଗକୁ ଆଧାର କରି ଡୁକୁରା ଫାଣ୍ଡି ଅଧିକାରୀ ସତ୍ୟନାରାୟଣ ପତି ତଦନ୍ତ ଚଳାଇଛନ୍ତି।

## ସାପ କାମୁଡ଼ାରେ ମହିଳାଙ୍କ ମୃତ୍ୟୁ

ରାଇରଙ୍ଗପୁର, ୨୧।୫ (ସମିସ): ତିରିଂ ଥାନା ଅଞ୍ଚଳରେ ସାପ କାମୁଡ଼ାରେ ଜଣେ ମହିଳାଙ୍କ ମୃତ୍ୟୁ ଘଟିଛି। ମୃତ ମହିଳା ଜଣକ କୁସୁମବନ୍ଧି ଗ୍ରାମର ଗୁଲାପି ମହାନ୍ତ (୫୫)। ଗୁଲାପି ବୁଧବାର ରାତିରେ ପରିସ୍ରା ପାଇଁ ଘରୁ ବାହାରକୁ ଯାଇଥିଲେ। ଏ ସମୟରେ ଏକ ସାପ କାମୁଡ଼ି ଦେଇଥିଲା। ସେ ଚେତାଶୂନ୍ୟ ହୋଇପଡ଼ିଥିବାବେଳେ ପରିବାର ଲୋକେ ତାଙ୍କୁ ଉଦ୍ଧାର କରି ହସ୍ପିଟାଲରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

## ଗଛରୁ ଝୁଲନ୍ତା ମୃତଦେହ ଉଦ୍ଧାର

ରାଇରଙ୍ଗପୁର, ୨୧।୫(ସମିସ): ତିରିଂ ଥାନା ଅଞ୍ଚଳରେ ଗଛରୁ ଜଣେ ବ୍ୟକ୍ତିଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର କରାଯାଇଛି। ମୃତକ ଜଣକ ତିରିଂ ଥାନା ଅନ୍ତର୍ଗତ ମହୁଲବରେଇ ଗ୍ରାମର ସନାତନ ଧୁଙ୍ଗିଆ(୫୫)। ତାଙ୍କ ପରିବାରରେ ପାରିବାରିକ କଳହ ଲାଗି ରହିଥିଲା। ଯାହାକୁ କେନ୍ଦ୍ର କରି ସେ ଆତ୍ମହତ୍ୟା କରିଥିବା ନେଇ ସନ୍ଦେହ କରାଯାଉଛି। ସ୍ଥାନୀୟ ଲୋକ ମୃତଦେହ ଦେଖି ପୁଲିସକୁ ଖବର ଦେଇଥିଲେ। ପୁଲିସ ପହଞ୍ଚି ମୃତଦେହ ଉଦ୍ଧାର କରି ରାଇରଙ୍ଗପୁର ଉପଖଣ୍ଡ ହସ୍ପିଟାଲକୁ ପଠାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିବା ସହ ଶବ ବ୍ୟବଚ୍ଛେଦ ପାଇଁ ପଠାଇଥିଲେ। ଏ ନେଇ ତିରିଂ ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇ ତଦନ୍ତ ଚାଲିଛି।

## ନାବାଳିକା ଉଦ୍ଧାର, ପରିବାରକୁ ହସ୍ତାନ୍ତର

ରାଇରଙ୍ଗପୁର, ୨୧।୫(ସମିସ): ତିରିଂ ଥାନା ପୋଲିସ ଦ୍ୱାରା ନିଖୋଜ ଥିବା ନାବାଳିକାକୁ ଉଦ୍ଧାର କରିଛନ୍ତି। ତିରିଂ ଅଞ୍ଚଳର ଉକ୍ତ ନାବାଳିକା ଜଣକ କିଛି ଦିନ ହେବ ନିଖୋଜ ଥିବା ନେଇ ପରିବାର ଲୋକେ ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗକ୍ରମେ ପୁଲିସ ମାମଲା ରୁଜୁ କରି ନାବାଳିକାଙ୍କୁ ଉଦ୍ଧାର କରିଛନ୍ତି। ନାବାଳିକାଙ୍କୁ ଉଦ୍ଧାର କରି ତିରିଂ ଆଣିବା ପରେ ପଚାର ଉଚରା କରାଯାଇଥିଲା। ସମସ୍ତ ଆଇନ ପ୍ରକ୍ରିୟା କରିବା ପରେ ନାବାଳିକାକୁ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି।

## ଛିନତାଇ ଅଭିଯୋଗରେ ୩ କୋର୍ଟ ଚାଲାଣ

କପ୍ତିପଦା, ୨୧।୫ (ସମିସ): ଶରତ ଥାନା ଅଞ୍ଚଳରେ ଛିନତାଇ ଅଭିଯୋଗରେ ଶରତ ପୁଲିସ ୩ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରିଛି। ଭଦ୍ରକ ଅଞ୍ଚଳର ସୌମ୍ୟରଞ୍ଜନ ଦାସ ଗତମାସ ୨୭ ତାରିଖରେ ଶରତ ଅଞ୍ଚଳକୁ ଆସି କାମ କରିବାକୁ ଲୋକ ଆବଶ୍ୟକ ଥିବା ପ୍ରକାଶ କରିଥିଲେ। ୩ ଅଭିଯୁକ୍ତ ବାରସିଂ ଖୁଣ୍ଟିଆ, ବୀଜୟ ସିଂ ଓ ବାମିଆ ସିଂ ଶ୍ରୀ ଦାସଙ୍କୁ ଶରତ ଅଞ୍ଚଳର ବିଭିନ୍ନ ସ୍ଥାନ ବୁଲାଇବା ସହିତ ଶେଷରେ କାଳଡ୍ୟାମ ଅଞ୍ଚଳକୁ ନେଇ ସେଠାରେ ଭୁଜାଲି ଓ କଟୁରୀ ଦେଖାଇ ୧୦ ହଜାର ଟଙ୍କା ଓ ମୋବାଇଲ ଛଡ଼ାଇ ନେଇଯାଇଥିଲେ। ଶ୍ରୀ ଦାସ ଘରକୁ ଫେରି ଚଳିତ ମାସ ୨ ତାରିଖରେ ଶରତ ଥାନାରେ ଅଭିଯୋଗ କରିଥିଲେ। ଶରତ ଥାନା ଅଧିକାରୀ ରମାକାନ୍ତ ପାତ୍ରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ୩ ଅଭିଯୁକ୍ତଙ୍କୁ ଗିରଫ କରାଯିବା ସହ ସେମାନଙ୍କ ନିକଟରୁ ୧୦ ହଜାର ଟଙ୍କା, କଟୁରୀ ଓ ବାଇକ୍ ଜବତ କରିଥିଲେ। ସେମାନଙ୍କୁ କୋର୍ଟ ଚାଲାଣ କରିବା ସହ ଜାମିନ ନାମଞ୍ଜୁର ହେବାରୁ ଜେଲ୍‌କୁ ପଠାଇ ଦିଆଯାଇଛି।

**ତତଲା କଡ଼େଇରେ ରାଇରଙ୍ଗପୁର ସହର**

# ତାପମାତ୍ରା ୪୦ ଡିଗ୍ରୀ; ରାସ୍ତାଘାଟ ଶୂନଶାନ୍

ରାଇରଙ୍ଗପୁର, ୨୧।୫(ସମିସ): ରାଇରଙ୍ଗପୁର ସହର ତାପମାତ୍ରା ଊର୍ଦ୍ଧ୍ୱଗାମୀ ଥିବା ବେଳେ ରାଇରଙ୍ଗପୁର ତତଲା ସହରରେ ପରିଣତ ହେଲାଣି। ସହର ବାସୀ ତାତିଲା କଡେଇରେ ତାତି ସିଝୁଛନ୍ତି। ତାପମାତ୍ରା ଅସହ୍ୟ ଭାବେ ବୃଦ୍ଧି ପାଇ ୪୦ ଡିଗ୍ରୀ ନିକଟବର୍ତ୍ତୀ ହୋଇଛି। ଯାହାକି ରାଜ୍ୟର ରାଜ୍ୟର ଉତ୍ତପ୍ତ ସହର ମଧ୍ୟରେ ରାଇରଙ୍ଗପୁର ସ୍ଥାନିତ ହେଉଛି। ପୂର୍ବାହ୍ନ ୯ଟା ବେଳକୁ ମୁଣ୍ଡଫଟା ଅସହ୍ୟ ଖରା ହେଉଛି। ଗତ ୩ଦିନ ହେବ ତାତିର ପ୍ରକୋପ ଅନେକ ମାତ୍ରାରେ ରହିଥିବା ବେଳେ ବୁଧବାର ଅସହ୍ୟ ତାତି ସହ ଗୁଳୁଗୁଳି ହୋଇଛି। ଯାହାକୁ ନେଇ ସହରରେ ପ୍ରାୟ ପୂର୍ବାହ୍ନ ୧୦ ପରେ ଘରୁ ବାହାରିବା ଅସମ୍ଭବ ହେଉଛି। ରାସ୍ତାଘାଟ ଦିନ ବେଳେ ଶୁନଶାନ ପଡ଼ିଥିବା ବେଳେ ସହରରେ ଅଘୋଷିତ କର୍ଫ୍ୟୁ ଲାଗିଥିଲା। ଅସହ୍ୟ ଗୁଳୁଗୁଳି ସହ ରୌଦ୍ର ତାପ ଅନୁଭୂତ ହେଉଛି। ଯାହାକୁ ନେଇ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡ଼ିଛି। ଗତ ସପ୍ତାହରେ ତାପମାତ୍ରା କ୍ରମଶଃ ବୃଦ୍ଧି ଘଟୁଛି। ଲୁ ପ୍ରଭାବରେ ଗୁଳୁଗୁଳି ଅନେକ ମାତ୍ରାରେ ଅନୁଭୂତ ହେଉଛି। ବୁଧବାର ତାପମାତ୍ରା ସର୍ବାଧିକ ହୋଇ ଉତ୍ତପ୍ତ ସହରରେ ରାଇରଙ୍ଗପୁର ପରିଗଣିତ



ହୋଇଛି। ତେବେ ଆଗକୁ ଦିନ ତାପମାତ୍ରା ଆହୁରି ବଢ଼ିବା ନେଇ ଆଞ୍ଚଳିକ ପାଣିପାଗ କେନ୍ଦ୍ର ପୂର୍ବାନୁମାନ କରିଛନ୍ତି। ଅନ୍ୟପଟେ ରୌଦ୍ର ତାପକୁ ନେଇ ଜିଲ୍ଲା ପ୍ରଶାସନ ପକ୍ଷରୁ ସତନ୍ତ୍ର ଦୃଷ୍ଟି ଦିଆଯାଉଛି। ତେବେ ତାତିର ବୃଦ୍ଧି ବେଳକୁ ଅଘୋଷିତ ବିଦ୍ୟୁତ କାଟ ସଂଖ୍ୟା ବୃଦ୍ଧି ପାଇବାରେ ଲାଗିଛି। ଅନ୍ୟପଟେ ତାତିକୁ ନେଇ ହସ୍ପିଟାଲରେ ସତନ୍ତ୍ର ବ୍ୟବସ୍ଥା ମଧ୍ୟ ଗ୍ରହଣ କରାଯାଇଛି। ରୌଦ୍ରତାପ ବୃଦ୍ଧି ଜନିତ ପରିବେଶ ସନ୍ତୁଳନ ସମୟରେ ଶିମିଳିପାଳ ଅଭୟାରଣ୍ୟରେ ବନ୍ୟଜନ୍ତୁ ସୁରକ୍ଷିତ ରହିବା ନେଇ ମଧ୍ୟ ପଦକ୍ଷେପ ଗ୍ରହଣ କରାଯାଇଛି। ଶିମିଳିପାଳର ବନ୍ୟଜନ୍ତୁ ପାନୀୟ ଜଳ ସଙ୍କଟ ନାହିଁ। ତତସହିତ ଶିମିଳିପାଳ ଆଭ୍ୟନ୍ତରୀଣ ଅଞ୍ଚଳର ତାପମାତ୍ରା ସ୍ୱାଭାବିକ ରହିଛି। ବିଭିନ୍ନ କେନ୍ଦ୍ରରେ ତାପମାତ୍ରା ବ୍ୟବଧାନ ବିଶେଷ ନାହିଁ। ବନ୍ୟପ୍ରାଣୀ ସ୍ୱାଭାବିକ ଥିବା ଜଣାପଡ଼ିଛି। ଶିମିଳିପାଳରୁ ବୁଢ଼ାବଳଙ୍ଗ, ଖଇରୀ, ଭଣ୍ଡନ, ଠକଠକି, ଦେଓ ଉତ୍ତର ଓ ଦକ୍ଷିଣ, ଗଙ୍ଗାହାର, ନାହୁଆ, ପଳପଳା, କାଳ ଓ ସୋନ ଆଦି ନଦୀର ଉତ୍ପତ୍ତି। ତତସହିତ ଅନେକ ଝରଣା ଓ ଜଳାଶୟ ରହିଛି। ଏଣୁ କୋର ଅଞ୍ଚଳ ସମ୍ପୂର୍ଣ୍ଣ ସୁରକ୍ଷିତ ରହିଛି।

## ରଗ୍‌ବୀ ଦଳ ଅଧିନାୟିକା ପାର୍ବତୀଙ୍କୁ ସମ୍ବର୍ଦ୍ଧନା



ବାରିପଦା, ୨୧।୫(ସମିସ): ଭାରତୀୟ ମହିଳା ରଗବୀ ଟିମ୍ ଅଧିନାୟିକା ମୟୂରଭଞ୍ଜର ଝିଅ ପାର୍ବତୀ ହେମ୍ବ୍ରମଙ୍କୁ ବାରିପଦାରେ ଜିଲ୍ଲାବାସୀଙ୍କ ପକ୍ଷରୁ ଉତ୍ସାହଭରା ସମ୍ବର୍ଦ୍ଧନା ଦିଆଯାଇଛି। ବାରିପଦା ଷ୍ଟେସନ କ୍ଲବଠାରୁ ଏକ ବିଶାଳ ବାଇକ୍ ରାଲିରେ ଭାରତୀୟ ଜାତୀୟ ପତାକା ଧରି ପାର୍ବତୀ ହେମ୍ବ୍ରମ ବସିଥିବା ଚାରିଚକିଆ ଯାନକୁ ନେଇ ସହର ପରିକ୍ରମା କରି ମୁଖ୍ୟ ମାର୍କେଟସ୍ଥ ମାତୃମଙ୍ଗଳ ଛକଠାରେ ଆମେ ମୟୂରଭଞ୍ଜ ଖଟି ପକ୍ଷରୁ ଆୟୋଜିତ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମରେ ବହୁ କ୍ରୀଡ଼ାପ୍ରେମୀ, ଯୁବକ ଓ ସାଧାରଣ ଲୋକ ଯୋଗଦେଇ ପାର୍ବତୀଙ୍କୁ ଫୁଲମାଳ ଓ ପୁଷ୍ପଗୁଚ୍ଛ ପ୍ରଦାନ କରି ସ୍ୱାଗତ କରିଥିଲେ। ପାର୍ବତୀ ବାରିପଦାସ୍ଥ ଫ୍ୟୁଚର ସ୍ପୋର୍ଟସ ଏକାଡେମୀର ଛାତ୍ରୀ। ପାର୍ବତୀଙ୍କ ଏହି ସଫଳତା ମୟୂରଭଞ୍ଜ ଜିଲ୍ଲା ସହ ସମଗ୍ର ଓଡ଼ିଶା ପାଇଁ ଗର୍ବର ବିଷୟ ବୋଲି ଅତିଥିମାନେ କହିଥିଲେ। ଭଞ୍ଜସେନା ପ୍ରତିଷ୍ଠାତା କଳିଙ୍ଗ କେଶରୀ ଜେନାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ଏହି ସମ୍ବର୍ଦ୍ଧନା ଉତ୍ସବରେ ଅନ୍ୟମାନଙ୍କ ମଧ୍ୟରେ ବାରିପଦା ନଗରପାଳ କୃଷ୍ଣାନନ୍ଦ ମହାନ୍ତି, ସିନେ ତାରକା ଅସିତ ବରଣ ପତି, ସିନେ ପ୍ରଯୋଜକ ସଞ୍ଜୀବ ଦ୍ୱିବେଦୀ, ଆନ୍ତର୍ଜାତିକ ଯୁବ ଟ୍ୟୁବର୍ ଲବ ହାଁସଦା, ଯୁବ ଆଇନଜୀବୀ ସତ୍ୟସ୍ୱରୂପ ଦାଶ, ସମାଜସେବୀ କାଶୀନାଥ ରଣା, ଶିକ୍ଷାବିତ୍ ବିପ୍ଳବ ଭଞ୍ଜନ ବୁଗୁଡ଼େଇ, ବ୍ୟବସାୟୀ ସଂଘ ସଭାପତି ଅମିତାଭ ସାହୁ, ସମାଜସେବୀ ତରୁଣ ଦାସ, ଭଞ୍ଜସେନା ସଭାପତି ପିଣ୍ଟୁ ମାଇତି ପ୍ରମୁଖ ଉପସ୍ଥିତ ରହି ପାର୍ବତୀଙ୍କୁ ସମ୍ବର୍ଦ୍ଧିତ କରିବା ସହ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ।

## ଗୋରୁ ଚାଲାଣବେଳେ ୬ ଗିରଫ

ରାଇରଙ୍ଗପୁର, ୨୧।୫(ସମିସ): ବାମନଘାଟି ଉପଖଣ୍ଡରେ ପୁଣି ଆନ୍ତଃରାଜ୍ୟ ଗୋ ତସ୍କର ହେଉଥିବା ବେଳେ ରାତିରେ ୬ଜଣଙ୍କୁ ପୁଲିସ ଗିରଫ କରିଛି। ବାଦାମପାହାଡ଼ ଥାନା ପୁଲିସ ପେଟ୍ରୋଲିଂ ଜାରି ରଖିଥିବା ବେଳେ ଗୋ ଚାଲାଣ ନେଇ ବିଶ୍ୱସ୍ତସୂତ୍ରରୁ ଖବର ମିଳିଥିଲା। ଯାହାକୁ ନେଇ କୁସୁମୀ, ସାତ ପଉଟିଆ, ଦେଓଗାଁ ଆଦି ଗ୍ରାମରେ ଚଢ଼ଉ ନିମନ୍ତେ ପୁଲିସ ଟିମ ଯାଉଥିଲେ। ଚଢ଼ଉବେଳେ ଏକ ସ୍କୋର୍ପିଓ ଦ୍ରୁତ ଗତିରେ ପୁଲିସକୁ ଅତିକ୍ରମ କରିଥିଲେ। ପୁଲିସକୁ ସନ୍ଦେହ ହେବାରୁ ତାଙ୍କୁ ପିଛା କରିଥିଲେ। କିଛି ବାଟ ପରେ ଜନଶୂନ୍ୟ ସ୍ଥାନ ପାଇ ସେମାନେ ଗୋରୁ ଗୁଡ଼ିକକୁ ଗାଡ଼ିରୁ ଓହ୍ଲାଇ ଦେଇଥିଲେ। ତେବେ ପୁଲିସ ଯାଞ୍ଚ କରି ଉକ୍ତ ୬ ଗୋ ତସ୍କରଙ୍କୁ ଗିରଫ କରିଥିବା ଜଣାପଡ଼ିଛି। ସେମାନେ ହେଲେ ରାଇରଙ୍ଗପୁର ଗ୍ରାମାଞ୍ଚଳ ଥାନା ଅନ୍ତର୍ଗତ କେଣ୍ଡରାଇ ଗ୍ରାମର ଇଂଜାମୁଲ ହକ(୨୮) ଓ ସେକ ତବରେଜ(୩୫), ବାଡାମ କୁରାଡି ଗ୍ରାମର ସେକ ଲୁଖୁ(୩୦), ସେକ ଲାଡା ଓ ସେକ ଅଖତର(୪୫) ଏବଂ କୁସୁମୀ ଗ୍ରାମର ସେକ ହଦଟ(୩୫)। ଗୋରୁଙ୍କୁ ଅତି ଦୟନୀୟ ଅବସ୍ଥାରେ ଅମାନବୀୟ ଭାବେ ବେକକୁ ବାନ୍ଧି ଝାଡ଼ଖଣ୍ଡ ଓ ପଶ୍ଚିମ ବଙ୍ଗରେ ବିକ୍ରି କରିବାକୁ ନେଇଥାନ୍ତି। ଗୋରୁ ଗୁଡିକ ବିଭିନ୍ନ ସ୍ଥାନରୁ ଚୋରି କରି ଆଣି ହତ୍ୟା କରି ମାଂସ ବିକ୍ରି କରିବା ଯୋଜନା କରିଥିଲେ ବୋଲି ସନ୍ଦେହ କରାଯାଉଛି। ଏ ନେଇ ବାଦାମପାହାଡ଼ ଥାନାରେ ପୁଲିସ ପକ୍ଷରୁ ମାମଲା ରୁଜୁ କରି ତଦନ୍ତ ଜାରି ରହିଛି।

## ରଥଯାତ୍ରା ପ୍ରସ୍ତୁତି ବୈଠକ



ରାଇରଙ୍ଗପୁର, ୨୧।୫(ସମିସ): ରାଇରଙ୍ଗପୁରରେ ଚଳିତ ବର୍ଷ ରଥଯାତ୍ରା ପାଇଁ ଶ୍ରୀଜଗନ୍ନାଥ ଚେତନା ଓ ସେବା ସଂଘ ପକ୍ଷରୁ ଏକ ପ୍ରସ୍ତୁତି ବୈଠକ ସଭାପତି ଲଳିତ ମହାନ୍ତଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଜଗନ୍ନାଥ ଚେତନା ସେବା ସଂଘ ପକ୍ଷରୁ 'ସମର୍ପଣ' ପତ୍ରିକା ଠିକ୍ ସମୟରେ ପ୍ରକାଶିତ ଉପରେ ଗୁରୁତ୍ୱାରୋପ କରାଯାଇଥିଲା। ବିଗତ ବର୍ଷର ବାର୍ଷିକ ବିବରଣୀ ସମ୍ପାଦକ ସଚିକାନ୍ତ କର ପାଠ କରିଥିଲେ। ଚଳିତ ବର୍ଷର ଆର୍ଥିକ ବର୍ଷର ହିସାବ ସହିତ ଆଜୀବନ ସଦସ୍ୟ ଉପରେ କୋଷାଧ୍ୟକ୍ଷ ମାନସ ଓତା ପ୍ରକାଶ କରିଥିଲେ। ବୈଠକରେ ସମର୍ପଣ ପତ୍ରିକା ମୁଖ୍ୟ ସମ୍ପାଦକ ପୁଷ୍ପାଞ୍ଜଳି ତ୍ରିପାଠୀ ବର୍ଷକୁ ଦୁଇଥର ପ୍ରକାଶିତ ହେବା ପାଇଁ ପ୍ରସ୍ତାବ ଦେଇଥିଲେ। ବୈଠକରେ ବିଭିନ୍ନ ବିଷୟରେ ସମସ୍ତ ସଦସ୍ୟ ସଦସ୍ୟା ଆଲୋଚନା କରିଥିଲେ। ଏଥିରେ ଉପସଭାପତି ଦୁଷ୍ମନ୍ତ ବସା, ସଂଗଠନ ସମ୍ପାଦକ ନିଗମାନନ୍ଦ ପଟ୍ଟନାୟକ, ବରିଷ୍ଠ ଶିକ୍ଷାବିତ୍ ହରିଶ୍ଚନ୍ଦ୍ର ହୋତା, ବରିଷ୍ଠ ସଦସ୍ୟ ସୌରଭ ପଟ୍ଟନାୟକ, ରାମକୃଷ୍ଣ ମହାନ୍ତି, ସୁଧୀର ବସା, ମୁରଲୀଧର ବଳ, ସୁଦର୍ଶନ ବସା, ରାମେଶ୍ୱରୀ ପଟ୍ଟନାୟକ, ପଦ୍ମାଳୟା ସୋରେନ, ବିଶ୍ୱଜିତ ଜେନା, ଡ ଦିଗମ୍ବର ଗିରି, ଅଧ୍ୟାପକ ବିଜୟ ରାମ, ଗୋପାଳକୃଷ୍ଣ ମହାନ୍ତି ପ୍ରମୁଖ ଉପସ୍ଥିତ ରହି ମତ ରଖିଥିଲେ। ସହସମ୍ପାଦକ ସ୍ମୃତିରଞ୍ଜନ ପାଣି ଧନ୍ୟବାଦ ଅର୍ପଣ କରିଥିଲେ।

## 'ହୋ' ଭାଷା କର୍ମଶାଳା ଉଦ୍‌ଯାପିତ

ଶରତ, ୨୧।୫(ସମିସ): କପ୍ତିପଦା ବ୍ଲକ ଲାବଣ୍ୟଦେଇପୁର ଗ୍ରାମପଞ୍ଚାୟତ କାନ୍‌କୁମୁରାର 'ଆଦି ସଂସ୍କୃତି ଏବଂ ବିଜ୍ଞାନ ସଂସ୍ଥାନ' କମ୍ୟୁନିଟି ହଲ୍‌ଠାରେ ତିନି ଦିନିଆ ଆଦିବାସୀ 'ହୋ ଭାଷା ଶବ୍ଦ କର୍ମଶାଳା' ଉଦ୍‌ଯାପିତ ହୋଇଯାଇଛି। ଏହି କର୍ମଶାଳାର ମୂଳ




ଉଦ୍ଦେଶ୍ୟ ଥିଲା ହୋ ଭାଷାର ଶବ୍ଦଭଣ୍ଡାରକୁ ସମୃଦ୍ଧ କରିବା, ଭାଷାର ସଂରକ୍ଷଣ ଏବଂ ପ୍ରଚାର-ପ୍ରସାରକୁ ଆଗେଇ ନେବା। କର୍ମଶାଳାରେ କେନ୍ଦୁଝର, ମୟୁରଭଞ୍ଜ, ବାଲେଶ୍ୱର ଜିଲ୍ଲାରୁ ଆସିଥିବା ହୋ' ଭାଷା ବିଶେଷଜ୍ଞ, ଶିକ୍ଷକ, ଗବେଷକ ଓ ସାମାଜିକ କର୍ମୀମାନେ ଯୋଗଦେଇ ଭାଷାର ଶବ୍ଦଗଠନ, ବ୍ୟବହାର ଓ ମାନକୀକରଣ ସମ୍ପର୍କରେ ଆଲୋଚନା କରିଥିଲେ। ଶେଷ ଦିନରେ ଜିଲ୍ଲା ଆଦିବାସୀ ସହ-ସଂଯୋଜକ ସପନ କୁମାର ପୃଷ୍ଟି(ବାରିପଦା), ହୋ ଭାଷା ଶିକ୍ଷା ପରିଷଦର ସଭାପତି ଦିବାକର ସଏ ଏବଂ ଆର୍‌ପି କାଇରାସିଂ ବାନ୍ଦିଆ ଉପସ୍ଥିତ ରହି କର୍ମଶାଳାର ସଫଳତା ପାଇଁ ସମସ୍ତ ଅଂଶଗ୍ରହଣକାରୀଙ୍କୁ ଅଭିନନ୍ଦନ ଜଣାଇଥିଲେ। ସେମାନେ ହୋ ଭାଷାର ସଂରକ୍ଷଣ ଓ ପ୍ରଚାର ପାଇଁ ଏପରି କର୍ମଶାଳାର ଆବଶ୍ୟକତା ଉପରେ ମତ ପ୍ରକାଶ କରିଥିଲେ। କର୍ମଶାଳାରେ ଗ୍ରହୀତ ସୁପାରିଶଗୁଡ଼ିକ ଆଗାମୀ ଦିନରେ ହୋ ଭାଷାର ଶିକ୍ଷା ଓ ବିକାଶରେ ସହାୟକ ହେବ ବୋଲି ଆଶା କରାଯାଉଛି। ବହୁଭାଷୀ ଶିକ୍ଷକ ସଂଘ ସଭାପତି ବାଗୁନ ସିଂ ଜାରିକା, ସୁମତି ହନହାଗା, ବିର୍ସାସିଂ ବୁଲିଉଲି, ସୁରେନ୍ଦ୍ର ଗୋଇପାଇ, ବୁଧୁରାମ ନାଏକ, ଜୟରାମ ପିଙ୍ଗୁଆ, ନାନ୍ଦୁସିଂ ବୁଲିଉଲି, ଦେବରାଜ ସଏ, ଚମ୍ପାଏସିଂ ମୁଣ୍ଡୁରୀଙ୍କ ସହିତ ସର୍ବମୋଟ ୧୨୯ ଜଣ ଶିକ୍ଷକ ଶିକ୍ଷୟିତ୍ରୀ ଯୋଗ ଦେଇଥିଲେ।

**+୨ ପରୀକ୍ଷା ଫଳାଫଳ**

# ସାଇ ଉଚ୍ଚମାଧ୍ୟମିକ ବିଦ୍ୟାଳୟର ଅଭୂତପୂର୍ବ ସଫଳତା

ବାରିପଦା, ୨୧।୫(ସମିସ): ଉଚ୍ଚମାଧ୍ୟମିକ ଶିକ୍ଷା ପରିଷଦ ଦ୍ୱାରା ପ୍ରକାଶିତ +୨ ବିଜ୍ଞାନ ଓ କଳା ପରୀକ୍ଷାରେରେ ବାରିପଦାର ବଡ଼ବ୍ରାହ୍ମଣମରାସ୍ଥ ସାଇ ଉଚ୍ଚମାଧ୍ୟମିକ ବିଦ୍ୟାଳୟର ଛାତ୍ରଛାତ୍ରୀ ଅଭୁତପୂର୍ବ ସଫଳତା ହାସଲ କରି




ବିଦ୍ୟାଳୟକୁ ଗୌରବାନ୍ୱିତ କରିଛନ୍ତି। ସବୁବର୍ଷ ଭଳି ଏବର୍ଷ ମଧ୍ୟ ସାଇ ଉଚ୍ଚମାଧ୍ୟମିକ ବିଦ୍ୟାଳୟ ଶତ ପ୍ରତିଶତ ସଫଳତା ହାସଲ କରି +୨ ଶିକ୍ଷାକ୍ଷେତ୍ରରେ ମୟୂରଭଞ୍ଜ ଜିଲ୍ଲା ଓ ଓଡ଼ିଶାରେ ନିଜର ଉତ୍କର୍ଷ ପ୍ରତିପାଦିତ କରିଛି। +୨ ବିଜ୍ଞାନରେ ୧୯୭ ଜଣ ଛାତ୍ରଛାତ୍ରୀଙ୍କ ମଧ୍ୟରୁ ୧୭୮ ଜଣ ଛାତ୍ରଛାତ୍ରୀ ପ୍ରଥମ ଶ୍ରେଣୀରେ ପାସ କରିଥିବାବେଳେ ୧୦ ଜଣ ଛାତ୍ରଛାତ୍ରୀ ୯୦ ପ୍ରତିଶତରୁ ଅଧିକ ମାର୍କ ରଖିଛନ୍ତି। ୫୩ ଜଣ ଛାତ୍ରଛାତ୍ରୀ ୮୦ ପ୍ରତିଶତରୁ ଅଧିକ ମାର୍କ ରଖିଛନ୍ତି। ରେକର୍ଡ ସଂଖ୍ୟକ ଛାତ୍ରଛାତ୍ରୀ ରଶ୍ମୀରେଖା ଦାଶ ୫୭୦, ପ୍ରିନ୍ସପ୍ରିୟା ମହାନ୍ତ ୫୬୮, ଭାଗ୍ୟସ୍ମିତା ଦେଓ ୫୬୬, ଆଶୁତୋଷ ବେହେରା ୫୬୦, ଶୁଭେନ୍ଦୁ କୁମାର ମହାନ୍ତ ୫୫୭, ନନ୍ଦିତା ପ୍ରଭା ସାହୁ ୫୫୭, ମଦନମୋହନ ଗିରି ୫୫୫, ରଶ୍ମିତା ଦାସ ୫୫୩, ଲୋକନାଥ ସାହୁ ୫୫୩, ଉଜ୍ଜୟିନୀ ଘୋଷ ୫୪୧ ମାର୍କ ରଖି ଶିକ୍ଷାନୁଷ୍ଠାନର ଗୌରବ ତଥା ସମ୍ମାନ ବୃଦ୍ଧି କରିବାରେ ସହାୟକ ହୋଇଛନ୍ତି। +୨ କଳାରେ ୧୨ ଜଣ ଛାତ୍ରଛାତ୍ରୀଙ୍କ ମଧ୍ୟରୁ ୧୧ ଜଣ ପ୍ରଥମ ଶ୍ରେଣୀରେ ପାସ କରିଥିବାବେଳେ ଜଣେ ଦ୍ୱିତୀୟ ଶ୍ରେଣୀରେ ଜଣେ ପାସ କରିଛନ୍ତି। ରାକେଶ ସ ୮୨. ୬୬ ପ୍ରତିଶତ, ସୋନାଲି ବିଦ ୮୦ ପ୍ରତିଶତ, ରାକେଶ କୁମାର ସାହୁ ୭୬ ପ୍ରତିଶତ ନମ୍ବର ରଖି ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଛନ୍ତି। +୨ ପରୀକ୍ଷାରେ ଏହି ରେକର୍ଡ ସଫଳତା ପାଇଁ ସାଇ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ନିର୍ଦ୍ଦେଶକ ଅମୀୟ ଶଙ୍କର ସାହୁ, ଅଧ୍ୟକ୍ଷ ରାଜୀବଲୋଚନ ପଟ୍ଟନାୟକ ଓ ଉପାଧ୍ୟକ୍ଷ ଜ୍ୟୋତି ଶଙ୍କର ମିଶ୍ର ସମସ୍ତ କୃତୀ ଛାତ୍ରଛାତ୍ରୀ, ଅଭିଭାବକ, ଶିକ୍ଷକ, ଶିକ୍ଷୟିତ୍ରୀ, ସମସ୍ତ କର୍ମଚାରୀଙ୍କୁ ସେମାନଙ୍କର ନିଷ୍ଠାପର ଉଦ୍ୟମ ପାଇଁ ଧନ୍ୟବାଦ ଜଣେଇବା ସହିତ ବିଦ୍ୟାଳୟର ସର୍ବୋତ୍କୃଷ୍ଟ ଶିକ୍ଷାଦାନ ପଦ୍ଧତି, ଛାତ୍ରଛାତ୍ରୀଙ୍କ ଶୃଙ୍ଖଳା, ଉନ୍ନତମାନର ଶୈକ୍ଷିକ ପରିବେଶ ଓ ସନ୍ତୁଳିତ ଖାଦ୍ୟ ବ୍ୟବସ୍ଥା ଏହି ଉଲ୍ଲେଖନୀୟ ସଫଳତା ପାଇଁ ଦାୟୀ ବୋଲି ମତ ପ୍ରକାଶ କରିଛନ୍ତି। ସାଇ ଉଚ୍ଚମାଧ୍ୟମିକ ବିଦ୍ୟାଳୟର ଏହି ଉଚ୍ଚକୋଟୀର ଫଳାଫଳ ପାଇଁ ଛାତ୍ରଛାତ୍ରୀ ଓ ଅଭିଭାବକ ମହଲରେ ଆନନ୍ଦ ଓ ଉତ୍ସାହ ଭରି ଯାଇଛି।

### ସାଇ ବିଦ୍ୟାମନ୍ଦିରର ଐତିହାସିକ ସଫଳତା



ବାରିପଦା: ଦ୍ୱାଦଶ ଶ୍ରେଣୀ ବୋର୍ଡ ପରୀକ୍ଷାରେ ମୟୂରଭଞ୍ଜ ଜିଲ୍ଲାର ସାଇ ବିଦ୍ୟାମନ୍ଦିର ଛାତ୍ରଛାତ୍ରୀ ଐତିହାସିକ ସଫଳତା ହାସଲ କରି ଜିଲ୍ଲା ଓ ରାଜ୍ୟ ପାଇଁ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛନ୍ତି। ବିଜ୍ଞାନରେ ମୋଟ ୩୦୫ ଜଣ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ନରୋତ୍ତମ ମହାନ୍ତ ସର୍ବାଧିକ ୫୯୩ ନମ୍ବର ରଖି ଭଞ୍ଜମାଟିରେ ସର୍ବକାଳୀନ ରେକର୍ଡ ସୃଷ୍ଟି କରିଛନ୍ତି। ସେହିପରି ଅଭିଷେକ ପୁଟି ୫୯୨, ସୁଭ୍ରାଂଶୁ ମହାନ୍ତି ୫୮୬, ସୌମ୍ୟରଞ୍ଜନ ବାଗଲ ୫୮୪, ଅନୁଷ୍କା ନାୟକ ୫୮୩, ଅଭିନାଶ ବେହେରା ୫୮୨ ନମ୍ବର ରଖି ଅନୁଷ୍ଠାନର ଗାରିମାକୁ ଅକ୍ଷୁର୍ଣ୍ଣ ରଖିଛନ୍ତି। ୯୦ ପ୍ରତିଶତରୁ ଅଧିକ ୪୬ ଜଣ, ୮୦ ପ୍ରତିଶତରୁ ଅଧିକ ୯୯ ଜଣ, ୭୦ ପ୍ରତିଶତରୁ ଅଧିକ ୯୩ ଜଣ ଓ ୬୦ ପ୍ରତିଶତରୁ ଅଧିକ ୫୨ ଜଣ ଉତ୍ତୀର୍ଣ୍ଣ ହୋଇଛନ୍ତି। ସେହିପରି କଳାରେ ୭୭ ଜଣ ପରୀକ୍ଷା ଦେଇଥିବାବେଳେ ସେମାନଙ୍କ ମଧ୍ୟରୁ ଦିବ୍ୟାଂଶୁ ଧଳ ସର୍ବାଧିକ ୫୬୪ ମାର୍କ ରଖି ସମଗ୍ର ଜିଲ୍ଲାରେ ପ୍ରଥମ ସ୍ଥାନ ଅଧିକାର କରିଛନ୍ତି। ଅଙ୍କିତ ସାହୁ ୫୬୨, ବିଭୁ ପ୍ରିୟଦର୍ଶିନୀ ୫୫୫, ହାର୍ଦ୍ଦିକ ରାମ ୫୪୮, ପ୍ରୀତି ସେନାପତି ୫୪୮, ସେଲିନା ବେହେରା ୫୪୮, ଅମୃତାଞ୍ଜଳି ସେନ ୫୪୭, ରିମଲୀ ତାନିସା ଘୋଷ ୫୪୪, ଶ୍ରେୟାଂସି ଗିରି ୫୪୪, ପ୍ରଜ୍ଞା ପ୍ରତିଭା ସାହୁ ୫୪୨, ରୁଦ୍ରନାରାୟଣ ଭୂୟାଁ ୫୪୨ ନମ୍ବର ରଖି ଅନୁଷ୍ଠାନର ବିଜୟଧାରାକୁ ଅବ୍ୟାହତ ରଖିଛନ୍ତି। ୯୦ ପ୍ରତିଶତରୁ ଅଧିକ ୧୧ ଜଣ, ୮୦ ପ୍ରତିଶତରୁ ଅଧିକ ୨୮ ଜଣ, ୭୦ ପ୍ରତିଶତରୁ ଅଧିକ ୧୬ ଜଣ ଓ ୬୦ ପ୍ରତିଶତରୁ ଅଧିକ ୧୩ ଜଣ ସଫଳତାର ସହ ଉତ୍ତୀର୍ଣ୍ଣ ହୋଇଛନ୍ତି। ନିର୍ଦ୍ଦେଶକ ଡ ପ୍ରଭଞ୍ଜନ ରାଉତ, ସମ୍ପାଦକ ଚନ୍ଦ୍ରକାନ୍ତ ରାଉତ, ମହାପ୍ରବନ୍ଧକ ଦେବାଶିଷ ମୁଦୁଲି, ଅଧ୍ୟକ୍ଷ ଅକ୍ଷୟ ଖିଲାର, ଶିକ୍ଷା ବିଭାଗୀୟ ମୁଖ୍ୟ ବିଶ୍ୱେନ୍ଦୁ ଦାଶ, ସିଇଓ ପ୍ରତିଚୀ ରଞ୍ଜନ ରାଉତ ପ୍ରମୁଖ କୃତୀ ଛାତ୍ରଛାତ୍ରୀଙ୍କୁ ପୁଷ୍ପଗୁଚ୍ଛ ଦେଇ ଅଭ୍ୟର୍ଥନା ପୂର୍ବକ ସେମାନଙ୍କ ଆଦର୍ଶ ଓ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଛନ୍ତି। ନିର୍ଦ୍ଦେଶକ ଏହି ସଫଳତା ପାଇଁ ଅନୁଷ୍ଠାନର ଅଧ୍ୟାପକ, ଅଧ୍ୟାପିକା, ସମସ୍ତ କର୍ମକର୍ତ୍ତାଙ୍କୁ ହୃଦୟରୁ ସାଧୁବାଦ ଜଣାଇଛନ୍ତି। ସେମାନଙ୍କ ଦିବାରାତ୍ର ପରିଶ୍ରମ, ଛାତ୍ରଛାତ୍ରୀଙ୍କ ଅଧ୍ୟବସାୟ, ଅଭିଭାବକଙ୍କ ଭରସା ଓ ବିଶ୍ୱାସ ଦ୍ୱାରା ଆଜି ସାଇ ବିଦ୍ୟାମନ୍ଦିର ସଫଳତାର ଶୀର୍ଷ ସ୍ଥାନରେ ପହଞ୍ଚିପାରିଛି ବୋଲି କହିଛନ୍ତି।

### ଅରୁଣୋଦୟ ଆବାସିକ ବିଦ୍ୟାଳୟର ସଫଳତା







ବାରିପଦା: +୨ ବିଜ୍ଞାନ ଓ କଳା ପରୀକ୍ଷାରେ ବାରିପଦାର ଅରୁଣୋଦୟ ଆବାସିକ ଉଚ୍ଚମାଧ୍ୟମିକ ବିଦ୍ୟାଳୟ ଅପୂର୍ବ ସଫଳତା ଲାଭ କରିଛି। ବିଜ୍ଞାନ ବିଭାଗରେ ସମୁଦାୟ ୨୪୩ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ୧୯୯ ଜଣ ପ୍ରଥମ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଥିବାବେଳେ ୩୪ ଜଣ ୫୦୦ରୁ ଅଧିକ, ୮ ଜଣ ୯୦ ପ୍ରତିଶତରୁ ଅଧିକ ନମ୍ବର ରଖିଛନ୍ତି। ଛାତ୍ରୀ ପ୍ରତିଭା ବାରିକ ସର୍ବୋଚ୍ଚ ୫୫୮ ନମ୍ବର ରଖି ଅନୁଷ୍ଠାନକୁ ଗୌରବାନ୍ୱିତ କରିଛନ୍ତି। ସେହିପରି କଳାରେ ଶତକଡ଼ା ଶହେ ଉତ୍ତୀର୍ଣ୍ଣ ସହ ସୁଶ୍ରୀ ଗୁରୁତିରେଖା ନାଏକ ସର୍ବୋଚ୍ଚ ୫୨୮ ନମ୍ବର ରଖି ପ୍ରଥମ ସ୍ଥାନ ଅଧିକାର କରିଛନ୍ତି। ଏପରି ଆଶାନୁରୂପ ସଫଳତା ପାଇଁ ଅନୁଷ୍ଠାନର ନିର୍ଦ୍ଦେଶକ ବିନୋଦ ଦାସ ସମସ୍ତ ଶିକ୍ଷକ ଓ ଶିକ୍ଷା କର୍ମୀଙ୍କୁ ଧନ୍ୟବାଦ ଜ୍ଞାପନ ସହ ଉତ୍ତମ ମାନର ଶିକ୍ଷାଦାନ, ଉପଯୁକ୍ତ ଶୃଙ୍ଖଳିତ ପରିବେଶ ଓ ଛାତ୍ରଛାତ୍ରୀଙ୍କ କଠିନ ପରିଶ୍ରମ ଦ୍ୱାରା ଏହା ସମ୍ଭବ ହୋଇପାରିଛି ବୋଲି ମତବ୍ୟକ୍ତ କରିଛନ୍ତି।

### ଏମ୍‌ଏସ୍‌ଇ ଉଚ୍ଚମାଧ୍ୟମିକ ବିଦ୍ୟାଳୟ ଛାତ୍ରଛାତ୍ରୀଙ୍କ ଉଲ୍ଲେଖନୀୟ ସଫଳତା




ବାରିପଦା: +୨ ଦ୍ୱାଦଶ ଶ୍ରେଣୀ"ବୋର୍ଡ ବିଜ୍ଞାନ ପରୀକ୍ଷାରେ, ବାରିପଦାର ଲକ୍ଷ୍ମୀପୋଷି ଠାରେ ଅବସ୍ଥିତ ମୟୂରଭଞ୍ଜ ସ୍କୁଲ ଓଫ"ଇଞ୍ଜିନିୟରିଙ୍ଗ ଦ୍ୱାରା ପରିଚାଳିତ ଏମଏସଇ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଛାତ୍ରଛାତ୍ରୀ ମାନେ ଅଭୁତ"ପୂର୍ବ ସଫଳତା ହାସଲ କରି ଅନୁଷ୍ଠାନ ପାଇଁ ଉଲ୍ଲେଖନୀୟ ସଫଳତା ଓ ଗୌରବ ଆଣିଦେଇଛନ୍ତି"ବୋଲି ଅନୁଷ୍ଠାନ ର ପ୍ରତିଷ୍ଠାତା ପୂର୍ଣ୍ଣଚନ୍ଦ୍ର ବୁଗୁଡେଇ ପ୍ରକାଶ କରିଛନ୍ତି।" ଏହି ପରୀକ୍ଷାରେ ୭ଜଣ ଛାତ୍ର ଛାତ୍ରୀ ୯୦ଧ ରୁ ଅଧିକ ନମ୍ବର ରଖିଛନ୍ତି ଏବଂ ୩୭ ଜଣ ଛାତ୍ରଛାତ୍ରୀ ୮୦ଧ ରୁ ଅଧିକ"ଏବଂ ୧୯ ଜଣ ଛାତ୍ରଛାତ୍ରୀ ୭୦ଧରୁ ଅଧିକ ଏବଂ ସମୁଦାୟ ୭୫ ଜଣ ଛାତ୍ରଛାତ୍ରୀ ପ୍ରଥମ ଶ୍ରେଣୀରେ"ଉତ୍ତୀର୍ଣ୍ଣ ହେଇଛନ୍ତି। ସର୍ବାଧିକ ୫୭୪ ନମ୍ବର ରଖି ସୁକାନ୍ତ କୁମାର ରଣା ଅନୁଷ୍ଠାନର ପ୍ରଥମ ସ୍ଥାନ, "ପ୍ରତ୍ୟୁଷ ସାହୁ ୫୬୧, ହିମାଂଶୁ ଶେଖର ବେହେରା ୫୫୨, କାର୍ତ୍ତିକ ମାରାଣ୍ଡି ୫୫୨, ପ୍ରୋଯୋକ୍ତା ଗିରି"୫୪୭, ଶୁଭଶ୍ରୀ ଜେନା ୫୪୩, ରେବିକା ଟୁଡୁ ୫୪୩ ନମ୍ବର ରଖି ଅନୁଷ୍ଠାନର ଗର୍ବ ଗାରିମାକୁ ଅକ୍ଷୁର୍ଣ୍ଣ"ରଖିଛନ୍ତି। ଏଠାରେ ଉଲ୍ଲେଖ ଯୋଗ୍ୟ ଯେ ୭୭ଜଣ ଉତ୍ତୀର୍ଣ୍ଣ ଛାତ୍ରଛାତ୍ରୀ ସେମାନଙ୍କର ଦଶମ"ଶ୍ରେଣୀ ପରୀକ୍ଷାରେ ରଖିଥିବା ନମ୍ବର ଅପେକ୍ଷା +୨ ପରୀକ୍ଷାରେ ଅଧିକ ନମ୍ବର ରଖୁଛନ୍ତି। ସମ୍ପାଦକ"ଙ୍ଗ ଧରମବୀର ବୁଗୁଡେଇ ଏହି ସଫଳତା ପାଇଁ ସମସ୍ତ ଶିକ୍ଷକ ଶିକ୍ଷୟତ୍ରୀ, କର୍ମକର୍ତ୍ତା ମାନଙ୍କୁ"ସେମାନଙ୍କର ନିରବଚ୍ଛିନ୍ନ ପ୍ରଚେଷ୍ଟା ଓ ନିଷ୍ଠାପର କାର୍ଯ୍ୟ ନିର୍ବାହ ପାଇଁ ଧନ୍ୟବାଦ ଓ ଶୁଭେଚ୍ଛା"ଜଣାଇଛନ୍ତି ଏବଂ ସମସ୍ତ ସଫଳ ଛାତ୍ର ଛାତ୍ରୀଙ୍କୁ ଅଭିନନ୍ଦନ ଓ ସେମାନଙ୍କର ଉଜ୍ଜ୍ୱଳ ଭବିଷ୍ୟତର"ଶୁଭକାମନା କରିଛନ୍ତି ଏବଂ ଏଥି ସହିତ ସମସ୍ତ ଅଭିଭାବକ ମାନଙ୍କୁ ଅନୁଷ୍ଠାନ ପ୍ରତି ବିଶ୍ୱାସ ଓ ଭରସା"ରଖିଥିବାରୁ ଧନ୍ୟବାଦ ଅର୍ପଣ କରିଛନ୍ତି।

# ଜିଲ୍ଲାସ୍ତରୀୟ ଆଇଟିଡିଏ ଯୋଜନା ଓ ତଦାରଖ କମିଟି ବୈଠକ




କେନ୍ଦୁଝର,୨୧।୫(ସମିସ):

ଜିଲ୍ଲାପାଳଙ୍କ କାର୍ଯ୍ୟାଳୟପରିସରରେ ଥିବା ଦରବାର ହଲ୍‌ଠାରେ ଜିଲ୍ଲାପାଳ ବିଶାଳ ସିଂହଙ୍କ ଅଧ୍ୟକ୍ଷତାରେ ଜିଲ୍ଲାସ୍ତରୀୟ ଯୋଜନା ଏବଂ ସମୀକ୍ଷା କମିଟିର ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଯାଇଛି। ଭାରତୀୟ ସମ୍ବିଧାନର ଧାରା ୨୭୫(୧) ଅନ୍ତର୍ଗତ ଆଦିବାସୀଙ୍କ ଉନ୍ନୟନ ପାଇଁ ଉଦ୍ଦିଷ୍ଟ ସଂଶୋଧିତ ଯୋଜନା ଗାଇଡ୍‌ଲାଇନ୍ ଅନୁଯାୟୀ ଏହି ବୈଠକ ଅନୁଷ୍ଠିତ ହୋଇଥିଲା। ୨୦୨୬-୨୭ରୁ ୨୦୩୦-୩୧ ପର୍ଯ୍ୟନ୍ତ ଦୀର୍ଘମିଆଦି ପରିକଳ୍ପନା ଯୋଜନା ଉପରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରାଯାଇ ଏହାକୁ ଅନୁମୋଦନ କରାଯାଇଛି। ଚଳିତ ବର୍ଷ (୨୦୨୬-୨୭) ପାଇଁ ଚମ୍ପୁଆ ଆଇଟିଡିଏ ଅଞ୍ଚଳ ନିମନ୍ତେ ମୋଟ ୪୭୫.୮୫ ଲକ୍ଷ ଟଙ୍କାର ବ୍ୟୟବରାଦ କରାଯାଇଛି। ଆଗାମୀ ପାଞ୍ଚ ବର୍ଷରେ ଏହି ଅନୁଦାନ ରାଶିକୁ କ୍ରମାଗତ ଭାବେ ବୃଦ୍ଧି କରାଯିବାର ଲକ୍ଷ୍ୟ ରଖାଯାଇଛି, ଯାହାକି ୨୦୩୦-୩୧ ଆର୍ଥିକ ବର୍ଷ ବେଳକୁ ୬୯୬.୭୦ ଲକ୍ଷ ଟଙ୍କାରେ ପହଞ୍ଚିବ।

ଚମ୍ପୁଆ ଆଇଟିଡିଏ ଅଧୀନରେ ଥିବା ୧,୭୫,୧୬୮ ଆଦିବାସୀ ଜନସଂଖ୍ୟା (୨୦୧୧ ଜନଗଣନା ଅନୁଯାୟୀ) ଏହାଦ୍ୱାରା ଉପକୃତ ହେବେ। ଆଦିବାସୀମାନଙ୍କ ଆର୍ଥିକ ଉନ୍ନତି ପାଇଁ ମୋଟ ୪୪ ଲକ୍ଷ ଟଙ୍କା ବ୍ୟୟ କରାଯିବ। ଏଥିରେ ଝୁମ୍ପୁରା ଓ ଚମ୍ପୁଆ ଅଞ୍ଚଳରେ ୨ଟି କୃଷି-ପ୍ରକ୍ରିୟାକରଣ ୟୁନିଟ୍ ଏବଂ ମହିଳା ହିତାଧିକାରୀମାନଙ୍କ ପାଇଁ ତେଲ ପ୍ରକ୍ରିୟାକରଣ ଓ ଶାଳ ପତ୍ର ଥାଳି ପ୍ରସ୍ତୁତି ଭଳି ୬ଟି ମୂଲ୍ୟ ସଂଯୋଜନ ୟୁନିଟ୍ ପ୍ରତିଷ୍ଠା କରାଯିବ।

ଚାଷୀଙ୍କ ସୁବିଧା ପାଇଁ ଚେକ୍ ଡ୍ୟାମ୍ ଏବଂ ଜଳପଥ ପରିବର୍ତ୍ତନ ଭଳି ୪ଟି କ୍ଷୁଦ୍ର ଜଳସେଚନ ପ୍ରକଳ୍ପ ନିର୍ମାଣ କରାଯିବ, ଯାହାଦ୍ୱାରା ଚାଷୀମାନେ ବର୍ଷସାରା ସହଜରେ ପାଣି ପାଇପାରିବେ। ଗାଁ ଲୋକଙ୍କ ଯାତାୟାତ ସୁବିଧା ପାଇଁ ଗୋଟିଏ ସ୍ଥାନରେ ଛୋଟ ପୋଲ ତିଆରି ହେବ ଏବଂ ଗାଁ ଭିତରେ ୪ଟି ସିମେଣ୍ଟ ରାସ୍ତା ନିର୍ମାଣ କରାଯିବ, ଯେଉଁଥିପାଇଁ ମୋଟ ୪୩.୮୫ ଲକ୍ଷ ଟଙ୍କା ଖର୍ଚ୍ଚ ହେବ। ସରକାରୀ ନିୟମ ଅନୁଯାୟୀ, ରାସ୍ତା ସଂଯୋଗୀକରଣ ପ୍ରକଳ୍ପର ସମୁଦାୟ ଖର୍ଚ୍ଚ ସୋମାନଙ୍କର ମୋଟ ଯୋଜନା ବଜେଟ୍‌ର ୧୫ ପ୍ରତିଶତରୁ ଅଧିକ ହେବ ନାହିଁ।

ଚଳିତ ଆର୍ଥିକ ବର୍ଷରେ ମୋଟ ୩୧ଟି ପ୍ରକଳ୍ପ କାର୍ଯ୍ୟକାରୀ କରିବା ପାଇଁ ବୈଠକରେ ନିଷ୍ପତ୍ତି ହୋଇଛି। ଶିକ୍ଷାର ବିକାଶ ପାଇଁ ମୋଟ ୨୮୦ ଲକ୍ଷ ଟଙ୍କା ଖର୍ଚ୍ଚ କରାଯିବ। ଏଥିମଧ୍ୟରୁ ଝୁମ୍ପୁରା, ଯୋଡ଼ା ଏବଂ ଚମ୍ପୁଆ ବ୍ଲକର ବିଭିନ୍ନ ବିଦ୍ୟାଳୟରେ ୧୦ଟି ଅତିରିକ୍ତ ଶ୍ରେଣୀଗୃହ ନିର୍ମାଣ ପାଇଁ ୧୯୦ ଲକ୍ଷ ଟଙ୍କା ଏବଂ କର୍ମଚାରୀମାନଙ୍କ ପାଇଁ ୪ଟି ଆବାସିକ ଗୃହ ନିର୍ମାଣ ନିମନ୍ତେ ୯୦ ଲକ୍ଷ ଟଙ୍କା ବିନିଯୋଗ ହେବ। ଆଦିବାସୀ ଗ୍ରାମଗୁଡ଼ିକରେ ରାସ୍ତାଘାଟ, ପାନୀୟ ଜଳ, ବିଦ୍ୟୁତକରଣ ଭଳି ମୂଳଦୁଆ ପ୍ରକଳ୍ପ ଏବଂ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀଙ୍କ ସମେତ ଚାଷୀମାନଙ୍କ ଜୀବିକା ଉନ୍ନୟନ ପାଇଁ ବିଭିନ୍ନ ବିଭାଗୀୟ ଯୋଜନା ମଧ୍ୟରେ ସମନ୍ୱୟ ରକ୍ଷା କରି କାର୍ଯ୍ୟ କରିବାକୁ ନିଷ୍ପତ୍ତି ନିଆଯାଇଛି। ସମସ୍ତ ବ୍ଲକର ବିଡିଓ ଏବଂ ସ୍ୱତନ୍ତ୍ର ଅଧିକାରୀମାନେ ନିଜ ନିଜ ଅଞ୍ଚଳର ଆଦିବାସୀ ଏବଂ ବିଶେଷ ଭାବେ ବିପନ୍ନ ଆଦିବାସୀ ଗୋଷ୍ଠୀଙ୍କ ସମସ୍ୟା ବିଷୟରେ ଅବଗତ କରାଇଥିଲେ, ଯାହାର ତୁରନ୍ତ ସମାଧାନ ଏବଂ ସଠିକ୍ ପାଣ୍ଠି ପରିଚାଳନା ପାଇଁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ଏହି ବୈଠକରେ ପାଟଣା ବିଧାୟକ ଅଖିଳଚନ୍ଦ୍ର ନାଏକ ଯୋଗ ଦେଇ ଆଇଟିଡିଏର କାର୍ଯ୍ୟଧାରାକୁ ପ୍ରଶଂସା କରିଥିଲେ। ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ କୁମାର ନାଗଭୂଷଣ, ଚମ୍ପୁଆ ଆଇଟିଡିଏ ପ୍ରକଳ୍ପ ପ୍ରଶାସକ ରାମକୃଷ୍ଣ ଗଣ୍ଡ ଏବଂ ଜିଲ୍ଲା ପ୍ରଶାସନର ବିଭିନ୍ନ ବିଭାଗର ବରିଷ୍ଠ ଅଧିକାରୀ ଓ କର୍ମଚାରୀ ଉପସ୍ଥିତ ଥିଲେ।

## ୪ ଓଭର୍‌ଲୋଡିଂ ହାଇୱା ଜବତ; ଜରିମାନା ଆଦାୟ

ତୁରୁମୁଙ୍ଗା, ୨୧।୫(ସମିସ): କେନ୍ଦୁଝର ଜିଲ୍ଲା ପାଟଣା ପୁଲିସ ଓଭରଲୋଡ ଥିବା ୪ ଚିପ୍ସ ବୋଝେଇ ହାଇୱାକୁ ଗୁରୁବାର ସକାଳୁ ପାଟଣା ବୈତରଣୀ ନଦୀ ବ୍ରିଜ ନିକଟରୁ ଜବତ କରିବା ପରେ ପରିବହନ ବିଭାଗକୁ ହସ୍ତାନ୍ତର କରିଥିଲା। ପରିବହନ ବିଭାଗ ଗାଡ଼ିକୁ ଯାଞ୍ଚ କରି ୪ଟି ଗାଡିରୁ ମୋଟ ୨ ଲକ୍ଷ ୬୬ ହଜାର ଟଙ୍କା ଜରିମାନା କରିଛି। ଚଣ୍ଡିଖୋଲ ନିକଟ ଚଢେଇଧରା ଅଞ୍ଚଳରୁ ହାଇୱାଗୁଡ଼ିକ ଓଭରଲୋଡରେ ଚିପ୍ସ ନେଇ କରଞ୍ଜିଆକୁ ନେଇଥିବା ବେଳେ ପୁଲିସ ପାଟ୍ରୋଲିଂ ସମୟରେ ଯାଞ୍ଚ କାରାଯାଇଥିଲା। ଥାନା ଧିକାରୀ କିରଣ ପ୍ରସାଦ ସାହୁ କେନ୍ଦୁଝର ଆରଟିଓଙ୍କୁ ଅବଗତ କରାଇବା ପରେ ଗାଡ଼ିଗୁଡ଼ିକୁ ଯାଞ୍ଚ କରାଯାଇଥିଲା। ଗାଡିଗୁଡିକରେ ନିର୍ଦ୍ଧାରିତ କ୍ଷମତାଠାରୁ ଅଧିକ ଚିପ୍ସ ବୋଝେଇ ହୋଇଥିବା ଜଣାପଡିବା ପରେ ୪ଟି ହାଇୱାରୁ ୨ଲକ୍ଷ ୬୬ ହଜାର ଜରିମାନା ଆଦାୟ କରାଯାଇଥିବା ଟିଆଇ ଶୁକରାମ ସୋରେନ୍ କହିଛନ୍ତି।

## ଅଘୋଷିତ ବିଦ୍ୟୁତ କାଟ୍, ବଢୁଛି ଅସନ୍ତୋଷ

ଖଇରା,୨୧।୫ (ସମିସ): ବାଲେଶ୍ୱର ଜିଲା ଅଧୀନ ଖଇରା ଉପଖଣ୍ଡରେ ଗତ ୨ଦିନ ଧରି ଅଘୋଷିତ ବିଦ୍ୟୁତ କାଟ ସାଧାରଣ ଲୋକଙ୍କୁ ଅତିଷ୍ଠ କରିଛି। ଏଭଳି ବିଭ୍ରାଟ ଜାରି ରହିଲେ ଉପଭୋକ୍ତା ମାନେ ଆନ୍ଦୋଳନକୁ ଓହ୍ଲାଇବାକୁ ଚେତାବନୀ ଦେଇଛନ୍ତି। ଖଇରା ଅଞ୍ଚଳରେ ତାପମାତ୍ରା ପାଖାପାଖି ୪୩ ଡିଗ୍ରୀ ରହୁଥିବା ବେଳେ ଅସହ୍ୟ ଗୁଳୁଗୁଳି ସାଧାରଣ ଲୋକଙ୍କୁ ଅସ୍ତବ୍ୟସ୍ତ କରୁଛି। ଏଭଳି ପରିସ୍ଥିତିରେ ଘନ ଘନ ବିଦ୍ୟୁତ କାଟ ବୋଝ ଉପରେ ନଳିତା ବିଡା ସଦୃଶ ଯନ୍ତ୍ରଣା ଦେଉଛି। ଅଭିଯୋଗ ପରେ ମଧ ଅଧିକାରୀ ମାନେ ଗୁରୁତ୍ୱ ଦେଉନଥିବା ନେଇ ଖଇରା ଉପଖଣ୍ଡର ୪ ସମେତ ଔପଦା ଫିଡରର ଉପଭୋକ୍ତା ମାନେ ଅଭିଯୋଗ କରାଯାଉଛି। ଉଚ୍ଚ କର୍ତ୍ତୃପକ୍ଷ ଏଥିପ୍ରତି ଦୃଷ୍ଟି ଦେବାକୁ ଦାବି ହେଉଛି।

## ନ୍ୟାୟ ନ ମିଳିବାରୁ ଥାନା ଘେରଉ

ତେଲକୋଇ, ୨୧।୫(ସମିସ): କେନ୍ଦୁଝର ଜିଲ୍ଲା ତେଲକୋଇ ଥାନାକୁ ଘେରଉ କଲେ ବଡଖମଣ ଗ୍ରାମବାସୀ। ଗତ ଶନିବାର ସନ୍ଧ୍ୟା ସମୟରେ ନିରଞ୍ଜନ ସାହୁଙ୍କୁ ସନ୍ଧ୍ୟା ସମୟରେ ଗାଁର ଚନ୍ଦ୍ରମଣି ସାହୁ ଶୌଚପାଇଁ ବାହାରକୁ ଗଲା ବେଳେ ଗାଳିଗୁଲଜ କରିବା ସହ ଠେଙ୍ଗାରେ ବାଡେଇବା ପାଇଁ ଉଦ୍ୟମ କରୁଥିବା ବେଳେ ପାଟି ଶୁଣି ସ୍ତ୍ରୀ ବିନତି ସାହୁ ଘର ବାହାରକୁ ଚାଲିଆସିଥିଲେ। ସ୍ୱାମୀ ନିରଞ୍ଜନ ସାହୁଙ୍କୁ ଉଦ୍ଧାର ପାଇଁ ଯିବା ସମୟରେ ଚନ୍ଦ୍ରମଣି ସାହୁ ବିନତି ସାହୁଙ୍କୁ କାନ ମୁଣ୍ଡାରେ ଠେଙ୍ଗାରେ ଆକ୍ରମଣ କରିଥିଲେ। ସେଠାରେ ବିନତି ସାହୁ ଅଚେତ ହୋଇପଡ଼ିଥିଲେ। ଏହାଦେଖି ଚନ୍ଦ୍ରମଣି ଦୌଡି ପଳାଇଥିଲେ। ବିନତିଙ୍କୁ ପାଣି ମାରି ଚେତା ଫେରିବା ପରେ ପରିବାର ଲୋକେ ମେଡ଼ିକାଲକୁ ଆଣିଥିଲେ। ତା'ପରଦିନ ତେଲକୋଇ ଥାନାରେ ଅଭିଯୋଗ କରିଥିଲେ। ଏନେଇ ପୁଲିସ କୌଣସି ପଦକ୍ଷେପ ଗ୍ରହଣ କରୁ ନଥିବା ଅଭିଯୋଗ କରି ଗ୍ରାମବାସୀ ତେଲକୋଇ ଥାନା ଘେରଉ କରିଛନ୍ତି। ଗ୍ରାମବାସୀଙ୍କ ଅଭିଯୋଗ ଅନୁଯାୟୀ ଚନ୍ଦ୍ରମଣି ସାହୁ ବାରମ୍ବାର ଗାଁରେ ବିଭିନ୍ନ ଲୋକଙ୍କୁ ଆକ୍ରମଣ କରୁଛି। ପୁଲିସକୁ ଅଭିଯୋଗ କଲେ ମଧ କୌଣସି ସୁଫଳ ନମିଳିବାରୁ ଆଜି ନ୍ୟାୟ ଦାବିରେ ଥାନା ଘେରଉ କରିଥିଲେ।



## ପୋଖରୀରେ ବୁଡ଼ି ଯାଇ ଛାତ୍ରଙ୍କ ମୃତ୍ୟୁ

ବାଲେଶ୍ୱର,୨୧।୫(ସମିସ): ଟାଉନଥାନା ଅର୍ନ୍ତଗତ ମଠସାହି ହରଗଙ୍ଗା ପୋଖରୀରେ ଗାଧୋଉଥିବା ବେଳେ ଜଣେ ଛାତ୍ରଙ୍କର ମୃତ୍ୟୁ ହୋଇଯାଇଛି। ମୃତ ଛାତ୍ର ଜଣଙ୍କ ହେଉଛନ୍ତି ଖପରାପଦା ଅଂଚଳର ସମିର ହୁସେନ। ଏ ନେଇ ପୁଲିସ ୨୭/୨୬ନମ୍ବରରେ ଏକ ମାମଲା ରୁଜୁ ତଦନ୍ତ ଚଳାଇଛି। ସୂଚନା ଅନୁସାରେ, ଆଜି ଖରାବେଳେ ଖପରାପଦା ଅଂଚଳର ସମିର ତାଙ୍କର ୪ଜଣ ସାଙ୍ଗ ଅର୍ଥାତ ମୋଟ ୫ଜଣ ମଠସାହି ସ୍ଥିତ ହରଗଙ୍ଗା ପୋଖରୀକୁ ଗାଧୋଇବାକୁ ଯାଇଥିଲେ। ହେଲେ ସେଠାରେ ସମସ୍ତେ ଗାଧୋଉଥିବା ବେଳେ ତାଙ୍କର ଚାରିଜଣ ପୋଖରୀରୁ ବାହାରିଆସିଥିବା ବେଳେ ସେ କିନ୍ତୁ ବୁଡିଯାଇଥିଲେ। ଏ ନେଇ ସେମାନେ ସ୍ଥାନୀୟ ଲୋକଙ୍କୁ ଖବର ଦେବା ପରେ ସେମାନେ ଦମକଳ ବାହିନି ଏବଂ ପୁଲିସକୁ ଖବର ଦେଇଥିଲେ। ଦମକଳ ବାହିନୀ ଦୀର୍ଘ ଦେଢ଼ଘଂଟା ଖୋଜାଖୋଜି କରିବା ପରେ ପୋଖରୀ ମଧ୍ୟରୁ ତାଙ୍କୁ ଉଦ୍ଧାର କରି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ନେଇଥିଲେ। ହେଲେ ଡାକ୍ତର ସେଠାରେ ତାଙ୍କୁ ମୃତ ବୋଲି ଘୋଷଣା କରିଥିଲେ। ଏନେଇ ପୁଲିସ ମୃତଦେହକୁ ଜବତ କରି ଶବ ବ୍ୟଚ୍ଛେଦ ପାଇଁ ପଠାଇବା ସହ ଅଧିକ ତଦନ୍ତ ଜାରି ରଖିଛି। ଅନ୍ୟପଟେ ସେ ପହଁରା ଜାଣିନଥିବା ଯୋଗୁଁ ପାଣିରେ ବୁଡି ଯାଇଥିବା ଅନୁମାନ କରାଯାଉଛି।

## ଚମ୍ପୁଆ ଏନ୍‌ଏସିର ଜବରଦଖଲ ଉଚ୍ଛେଦ



ଚମ୍ପୁଆ, ୨୧।୫(ସମିସ): ଚମ୍ପୁଆ ବିଜ୍ଞାପିତ ଅଞ୍ଚଳ ପରିଷଦ ପକ୍ଷରୁ ଆଜି ମୁଖ୍ୟ ବଜାରରେ ଜବରଦଖଲ ଉଚ୍ଛେଦ କରାଯାଇଛି। ଲୋକସଂଖ୍ୟା ବୃଦ୍ଧି ତଥା ଚମ୍ପୁଆ ସଦର ମହକୁମା ଏକ ବ୍ୟବସାୟିକ ପେଣ୍ଠସ୍ଥଳ ସହିତ ଶିକ୍ଷା, ସ୍ୱାସ୍ଥ୍ୟ ପାଇଁ ପ୍ରମୁଖ ସ୍ଥାନ ପାଲଟିଥିବାବେଳେ ଏହା ଉପରେ ପଡ଼ୋଶୀ ଝାଡଖଣ୍ଡ ଓ ମୟୂରଭଂଜର ଲୋକେ ନିର୍ଭର କରି ଆସୁଛନ୍ତି। ଫଳରେ ଯାନବାହନ ସଂଖ୍ୟା ମଧ ବୃଦ୍ଧି ପାଇଛି। ଅନ୍ୟପକ୍ଷରେ ସଦର ମହକୁମାରେ ଦିନକୁ ଦିନ ରାସ୍ତା ଅବରୋଧ ବୃଦ୍ଧି ପାଉଥିବା ବେଳେ ନାହିଁ ନ ଥିବା ଟ୍ରାଫିକ ସମସ୍ୟା ଦେଖାଦେଉଛି। ଏହାକୁ ନେଇ ଆଜି ବିଭାଗ ପକ୍ଷରୁ ପୋଲିସ ସହାୟତାରେ ଅବରୋଧ ଉଚ୍ଛେଦ ଅଭିଯାନ ଆରମ୍ଭ କରାଯାଇଛି। ରାସ୍ତାକଡ଼ରେ ଠେଲା ଦୋକାନ ସହିତ ଭେଣ୍ଡି ଗୃହ ପାଇଥିବା ଦୋକାନୀମାନେ ବଢ଼ାଇଥିବା ଦୋକାନ ଆଦିକୁ ଉଚ୍ଛେଦ କରାଯାଇଛି। ଅନେକ ଦୋକାନୀ ଭେଣ୍ଡିଂ ଗୃହ ପାଇ ମଧ ରାସ୍ତାକଡ଼ରେ ଠେଲାଲଗାଇ ବେପାର କରୁଛନ୍ତି। ସେହିପରି ବିଭାଗ ପୁରୁଣା ତଥା ଦିର୍ଘଦିନ ଧରି ରାସ୍ତାକଡ଼ରେ ବେପାର କରୁଥିବା ଦୋକାନୀଙ୍କୁ ଥଇଥାନ ପାଇଁ ଭେଣ୍ଡିଂ ଜୋନ ଯୋଗାଇ ନଦେଇ ବିଭାଗ ପକ୍ଷରୁ ନୂଆ ଦୋକାନୀଙ୍କୁ ଭେଣ୍ଡିଂ ଗୃହ ପ୍ରଦାନ ଫଳରେ ରାସ୍ତାକଡ଼ରେ ଦୋକାନୀ ବେପାର କରିବାକୁ ବାଧ ହେଉଛନ୍ତି।

## ବିଦ୍ୟୁତ୍ ତାର ସଜାଡ଼ିବାକୁ ଯାଇ ଯୁବକ ମୃତ

ଜଳେଶ୍ୱର, ୨୧। ୫ (ସମିସ): ଗତକାଲି ସନ୍ଧ୍ୟାରେ ହୋଇଥିବା କାଳ ବୈଶାଖୀ ଝଡରେ ଛିଡି ପଡିଥିବା ବିଦ୍ୟୁତ ତାର ସମ୍ପର୍କରେ ଆସି ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ଗତକାଲି ସନ୍ଧ୍ୟାରେ ହୋଇଥିବା କାଳ ବୈଶାଖୀରେ ସୁଗୋ ଗ୍ରାମପଂଚାୟତର ବାଣିଦା ଗ୍ରାମର ସ୍ୱର୍ଗତ ରାମ ମହାନ୍ତିଙ୍କ ପୁଅ ଅର୍ଜୁନ ମହାନ୍ତିଙ୍କ ଘରର ବିଦ୍ୟୁତ୍ ସରବରାହ କଟି ଯାଇଥିଲା। ଫଳରେ ଆଜି ସକାଳେ ଅର୍ଜୁନ ଘରକୁ ଆସିଥିବା ସର୍ଭିସ ତାରଟିକୁ ନୀରିକ୍ଷଣ କରୁଥିବା ବେଳେ ତାରରେ ଥିବା ବିଦ୍ୟୁତ୍ ସଂସ୍ପର୍ଶରେ ଆସିଥିଲେ ଓ ଗୁରୁତର ଆହତ ହୋଇଥିଲେ। ପରିବାର ଲୋକେ ତାଙ୍କୁ ଉଦ୍ଧାର କରି ପ୍ରଥମେ ସ୍ଥାନୀୟ ଜି.କେ. ଭଟ୍ଟର ହସପିଟାଲ ଓ ପରେ ବାଲେଶ୍ୱର ସଦର ହସପିଟାଲକୁ ନେଇଯାଇଥିଲେ। ମାତ୍ର ସେଠାରେ ଚିକିତ୍ସା ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଯାଇଥିଲା। ଶବ ବ୍ୟବଚ୍ଛେଦ ପରେ ମୃତ ଦେହ ଘରକୁ ଫେରିଥିଲା। ଫଳରେ ଗ୍ରାମରେ ଶୋକର ଛାୟା ଖେଳିଯାଇଛି। ମୃତ ଅର୍ଜୁନଙ୍କର ସ୍ତ୍ରୀ ହୁଲି ମହାନ୍ତି (୪୪) ବର୍ତ୍ତମାନ ନିରାଶ୍ରୟା ହୋଇପଡିଥିବା ବେଳେ ତାଙ୍କର ୪ଜଣ ସନ୍ତାନ ୨୨ବର୍ଷର ଓ ୧୪ବର୍ଷର ଦୁଇଜଣ ପୁଅ ରହିଥିବା ବେଳେ ୨୦ବର୍ଷ ଓ ୧୬ବର୍ଷର ଦୁଇଜଣ ଝିଅ ବାପ ଛେଉଣ୍ଡ ହୋଇଯାଇଛନ୍ତି। ଏକ ମାତ୍ର ରୋଜଗାର କରୁଥିବା ଘରର ମୁରବୀ ଅର୍ଜୁନଙ୍କ ମୃତ୍ୟୁରେ ପରିବାର ଦୁଃଖ ଓ ଶୋକରେ ବୁଡିରହିଛି। ତେଣୁ ସରକାରୀ ସହାୟତା ପାଇଁ ଗ୍ରାମବାସୀ ତଥା ସୁଗୋ ସରପଂଚଙ୍କ ତରଫରୁ ନାମ୍ପୋ ଆରଆଇ, ଜଳେଶ୍ୱର ତହସିଲଦାର, ବିଦ୍ୟୁତ୍ ବିଭାଗ ଯନ୍ତ୍ରୀଙ୍କୁ ନିବେଦନ କରାଯାଇଛି।

## ଦୁଇ ପଞ୍ଚାୟତରେ ମାଗଣା ଚକ୍ଷୁ ପରୀକ୍ଷା ଶିବିର

ତେଲକୋଇ, ୨୧।୫(ସମିସ): କେନ୍ଦୁଝର ଡେଭଲପମେଣ୍ଟ ଟ୍ରଷ୍ଟ ଓ ଭୂମିକା ଚକ୍ଷୁ ଚିକିତ୍ସାଳୟ



ଆନୁକୂଲ୍ୟରେ ଗୁରୁବାର ବିମଳା ପଞ୍ଚାୟତର କୁଳଙ୍ଗ ଓ ରାଇସୁଆଁ ପଞ୍ଚାୟତ ରାଣିବେଡାଠାରେ ପୃଥକ ପୃଥକ ଭାବେ ବିଶାଳ ମାଗଣା ଚକ୍ଷୁ ଶିବିର ଅନୁଷ୍ଠିତ ହୋଇଯାଇଛି। ଭୂମିକା ଅନୁଷ୍ଠାନ ରାଜ୍ୟ ପରିଚାଳକ କର୍ଣ୍ଣାଟ କିଶୋର ଜେନାଙ୍କ ତତ୍ତ୍ୱାବଧାନରେ ଉପଦେଷ୍ଟା ଭକ୍ତବତ୍ସଳ ମହାନ୍ତିଙ୍କ ସଂଯୋଜନାରେ ଅନୁଷ୍ଠିତ ଶିବିରରେ କୁଳଙ୍ଗ, ବଲାଙ୍ଗୀସାହି, କୁଡୁବିଲ, ପନାସିଆ, ବଳଭଦ୍ରପୁର, ଝାଟିକିପଶି, ରାଇସୁଆଁ, ରାଣିବେଡା, ପଟିଲ, ବୀରବରପୁର ଆଦି ଗ୍ରାମରୁ ୧୦୬ଜଣ ରୋଗୀଙ୍କର ଚକ୍ଷୁ ପରୀକ୍ଷା କରାଯାଇଛି। ଭୂମିକା ଅନୁଷ୍ଠାନର ଶୀତତାପ ନିୟନ୍ତ୍ରିତ ଭ୍ରାମ୍ୟମାଣ ଚକ୍ଷୁ ଚିକିତ୍ସାଳୟ ମାଧ୍ୟମରେ, ଭୂମିକା ଚକ୍ଷୁ ଚିକିତ୍ସାଳୟ କେନ୍ଦୁଝର ଅପ୍ଟମ ମଧୁସ୍ମିତା ମାଝୀ, ସ୍ୱାସ୍ଥ୍ୟ ସେବିକା ଲିଜା ନାୟକ, ସ୍ୱାସ୍ଥ୍ୟ ସଂଗଠକ ସରୋଜ କୁମାର ବାରିକଙ୍କ ସେବା ଦ୍ୱାରା ୨୧ ଜଣ ମୋତିଆବିନ୍ଦୁ ରୋଗୀ ଚିହ୍ନଟ କରିଥିଲେ। ୧୬ ଜଣ ମୋତିଆ ବିନ୍ଦୁ ରୋଗୀଙ୍କୁ ଅସ୍ତ୍ରୋପଚାର ନିମନ୍ତେ ଆଜି ଭୂମିକା ଚିକିତ୍ସାଳୟ କେନ୍ଦୁଝରକୁ ପ୍ରେରଣ କରାଯାଇଛି। ଚଷମା ପରୀକ୍ଷା କରାଯାଇ, ୧୮ ଜଣଙ୍କୁ ମାଗଣା ଚଷମା ବଣ୍ଟନ କରାଯାଇଛି। ଆଶା ମାଆ ଜୟନ୍ତୀ ଖଣ୍ଡା ଓ ରେଣୁବାଳା ନାୟକ, ଅଙ୍ଗନ ବାଡ଼ି କର୍ମୀ ତପିମଣି ନାୟକ ଓ ମିନାକ୍ଷୀ ମହାନ୍ତ, ଶିକ୍ଷୟିତ୍ରୀ ରେବତୀ ନାୟକ ଏବଂ ଆଦିବାସୀ ମୁଖିଆ ଶିରୀଶଚନ୍ଦ୍ର ନାୟକ ପ୍ରମୁଖ ସହଯୋଗ କରିଥିଲେ।

## ଯୁବକଙ୍କ ଆତ୍ମହତ୍ୟା

ନୀଳଗିରି, ୨୧।୫ (ସମିସ): ନୀଳଗିରି ଥାନା ଏନଏସି ୫ ନମ୍ବର ୱାଡ଼ ବାରିସାହି ଗ୍ରାମର ସୁକୁରା ବିଶ୍ୱାଳଙ୍କ ପୁଅ ଅବିନାଶ ବିଶ୍ୱାଳ (୨୫) ଜଣେ ଅଟୋ ମାଲିକ ତଥା ନିଜେ ଅଟୋ ଚାଳକ ଭାବେ କାମ କରୁଥିଲେ। ଗତକାଲି ରାତ୍ରିରେ ଘରେ ଅଟୋ ନେଇ ପହଞ୍ଚିବା ପରେ କୌଣସି କଥାକୁ ନେଇ ବାପା ଓ ପୁଅ ମଧ୍ୟରେ ପାଟିତୁଣ୍ଡ ହୋଇଥିଲା। ଏଥିରେ ଅବିନାଶ ଉତ୍ତ୍ୟକ୍ତ ହୋଇ ନିଜ ଅଟୋ ର ଆଗ କାଚ ଭାଙ୍ଗି ଦେଇଥିଲେ। ପରେ ସେ ଘରେ କବାଟ ଦେଇ ଶୋଇପଡ଼ିଥିଲେ। ଆଜି ସକାଳେ ଉଠିବାରେ ବିଳମ୍ବ ହେବାରୁ ପରିବାର ଲୋକ କବାଟ ଭାଙ୍ଗି ଘର ଭିତରେ ପଶିଥିଲେ। ତେବେ ବେକରେ ରଶି ଲଗାଇ ଝୁଲନ୍ତା ଅବସ୍ଥାରେ ଅବିନାଶକୁ ପାଇଥିଲେ। ଏନେଇ ପରିବାର ପକ୍ଷରୁ ନୀଳଗିରି ଥାନାରେ କୌଣସି ଅଭିଯୋଗ ହୋଇନଥିବା ଜଣା ପଡ଼ିଛି।

## ପାଣିରେ ବୁଡ଼ି ଯୁବକ ମୃତ

ରାଜଘାଟ, ୨୧।୫ (ସମିସ): ବସ୍ତା ଥାନା ଅନ୍ତର୍ଗତ କୁଳିଦା ପଞ୍ଚାୟତର ବେଲେଗାଁ ମୌଜାର ଏକ ପୋଖରୀରେ ବୁଡି ଜଣେ ଯୁବକଙ୍କ ମୃତ୍ୟୁ ହୋଇଛି। ମୃତକ ହେଲେ ଉକ୍ତ ଥାନା ଅନ୍ତର୍ଗତ ସନ୍ତୋଷପୁର (ବଣସାହି) ଗ୍ରାମର ସାମ ମୁର୍ମୁ (୪୫)। ସାମ ବୁଧବାର ଅପରାହ୍ନ ପ୍ରାୟ ୩ଟା ସମୟରେ ଘରୁ କୌଣସି କାମରେ ବାହାରି ଆସିଥିଲେ ମାତ୍ର, ରାତ୍ରିରେ ଘରକୁ ଫେରିନଥିଲେ, ପରିବାର ଲୋକ ବହୁ ଖୋଜା ଖୋଜି ପରେବି ରାତିରେ ସାମଙ୍କ କୌଣସି ପତ୍ତା ପାଇନଥିଲେ, ଗୁରୁବାର ସକାଳ ସମୟରେ ଉକ୍ତ ପୋଖରୀରେ ସାମଙ୍କ ମୃତ ଶରୀର ଭାସୁଥିବା ଦେଖି ପରିବାରଲୋକେ ବସ୍ତା ଥାନାକୁ ଖବର ଦେଇଥିଲେ, ଖବର ପାଇ ବସ୍ତା ପୋଲିସ ଘଟଣା ସ୍ଥଳରେ ପହଞ୍ଚି ମୃତ ଦେହକୁ ଜବତ କରି ଅପମୃତ୍ୟୁ ମାମଲା ରୁଜୁକରି ଅଧିକ ତଦନ୍ତ ଜାରିରଖିଛି।

## ବେଆଇନ ଟିକଟ କାଟି ଧରାପଡ଼ିଲେ ଯୁବକ

ସିମୁଳିଆ,୨୧।୫ (ସମିସ): ଦକ୍ଷିଣ ପୂର୍ବ ରେଳବାଇ ଜୋନ ଖଡ଼ଗପୁର ଡିଭିଜନର ଅନ୍ୟତମ ଗୁରୁତ୍ୱପୂର୍ଣ୍ଣ ରେଳ ଷ୍ଟେସନ ମାର୍କୋଣାରେ ସଂରକ୍ଷଣ ଟିକେଟ କଳା ବଜାରୀଙ୍କ ଦୌରାମ୍ୟ ଦିନକୁ ଦିନ ବଢ଼ି ଚାଲିଛି । ଫଳରେ ସାଧାରଣ ଯାତ୍ରୀ ଦୈନ୍ୟଦିନ ସଂରକ୍ଷଣ ଟିକେଟ ପାଇବାକୁ ବଞ୍ଚିତ ହେଉଛି । ବିଭାଗୀୟ କର୍ମଚାରୀଙ୍କ କଳା ବଜାରୀଙ୍କ ପ୍ରତି କୋହଳ ମନୋଭାବ ଯୋଗୁଁ ସାଧାରଣରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଉଛି । ଆଜି ଖଡ଼ଗପୁର ଡିଭିଜନର ରେଳ ସୁରକ୍ଷା ବଳର ସ୍ୱତନ୍ତ୍ର ଟିମ ମାର୍କୋଣା ରେଳ ଷ୍ଟେସନରେ ସଂରକ୍ଷଣ ଟିକେଟ କାଉଣ୍ଟରରେ ଅତର୍କିତ ଚଢ଼ଉ କରି ଛଚିନ୍ଦା ଗ୍ରାମର ସୂର୍ଯ୍ୟକାନ୍ତ ବେହେରା(୨୧)କୁ ଧରିଥିଲେ। ତା ନିକଟରୁ ଦୁଇଟି ଟିକେଟ ଉଦ୍ଧାର ହେବା ସହ ମୋବାଇଲ ଆଡିରୁ ପ୍ରତ୍ୟହ ଟିକେଟ କରୁଥିବା ଅଧିକାରୀ ପ୍ରକାଶ କରିଥିଲେ। ଅଧିକ ତଦନ୍ତ ପରେ ପ୍ରକୃତ ରହସ୍ୟ ଜଣା ପଡିବ ବୋଲି ଜଣାଯାଇଛି ।

## ଘରୋଇ ମେସ୍ ଛାତରୁ ପଡ଼ି ଛାତ୍ର ଗୁରୁତର

ନୀଳଗିରି, ୨୧।୫ (ସମିସ):

ନୀଳଗିରି ବ୍ଲକ୍ ଜାମୁଡିହା ଆଦର୍ଶ ବିଦ୍ୟାଳୟର ଜଣେ ଛାତ୍ର ଘରୋଇ ମେସ୍ ଛାତରୁ ପଡ଼ି ଗୁରୁତର ହୋଇଛନ୍ତି। ପୁଅକୁ ଏହି ବିଦ୍ୟାଳୟରେ ପଢ଼ାଇବାପାଇଁ ଉକ୍ତ ବ୍ଲକ୍ ବରହମପୁର ଥାନା ଗରଡିହି ପଞ୍ଚାୟତ ବାଙ୍କିସାହି ଗ୍ରାମର ନୀଳାଦ୍ରି ଜେନାଙ୍କ ପୁଅ ତନ୍ମୟ ଜେନା(୧୩)ଜଣେ ମେଧାବୀ ଛାତ୍ର ଭାବରେ ଜାମୁଡ଼ିହା ସ୍ଥିତ ଓଡିଶା ଆଦର୍ଶ ବିଦ୍ୟାଳୟରେ ଅଷ୍ଟମଶ୍ରେଣୀରେ ପଡନ୍ତି। ବିଦ୍ୟାଳୟରେ ଛାତ୍ରାବାସରେ ରହି ପଢ଼ିବାପାଇଁ ସୁଯୋଗନଥିବାରୁ ପରିବାର ଲୋକେ ନିକଟସ୍ଥ ଜାମୁଡ଼ିହା ଗ୍ରାମର ଭବେଶ ସାହୁଙ୍କ ଦ୍ୱାରା ଖୋଲାଯାଇଥିବା ଘରୋଇ ମେସର ରହି ପଢୁଥିଲେ। ମେସଟି ୩ମହଲା ବିଶିଷ୍ଟ ହୋଇଥିବାବେଳେ ଏହି ମେସ୍‌ରେ ପିଲାଙ୍କୁ ରଖିବା କିମ୍ବା ପଢ଼ିବାପାଇଁ ସରକାରଙ୍କ ଦ୍ୱାରା କୌଣସି ପଞ୍ଜୀକରଣ କରାଯାଇନାହିଁ। ଗତ ବୁଧବାର ବିଳମ୍ବିତ ରାତିରେ ତନ୍ମୟ ତିନିମହଲା ଉପରଛାତରୁ ଖସିପଡିବା ଫଳରେ ଗୁରୁତର ଅବସ୍ଥାରେ ପ୍ରଥମେ ନୀଳଗିରି ଏବଂ ପରେ ବାଲେଶ୍ୱର ମୁଖ୍ୟଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଥିଲା। ପରେ ଅବସ୍ଥା ସଙ୍ଗୀନ ହେବାରୁ କଟକ ବଡ଼ମେଡିକାଲକୁ ସ୍ଥାନାନ୍ତର ହୋଇଛନ୍ତି। ତେବେ ତନ୍ମୟ ଛାତକୁ ଯିବା ଏବଂ ଛାତରୁ ଖସିପଡିବା କାରଣ ଅସ୍ପଷ୍ଟ ଥିବାବେଳେ ଉକ୍ତ ହଷ୍ଟେଲ ବା ମେସର ମାଲିକାନାରେ ଥିବା ବ୍ୟକ୍ତି ଶ୍ରୀମାନ ଭବେଶକୁ ଅଞ୍ଚଳ ସମେତ ଅଭିଭାବକମାନେ ଦାୟୀ କରିଛନ୍ତି। ପିଲାଙ୍କ ଦାୟିତ୍ୱବହନ କରିବାପାଇଁ ଜଗୁଆଳ ବା ୱାର୍ଡେନ ରଖିଥିଲେ କି ବୋଲି ପ୍ରଶ୍ନବାଚୀ ଉଠିଛି। ଏଥିସହିତ ପିଲାଙ୍କ ସ୍ୱାସ୍ଥ୍ୟକୁ ଗୁରୁତ୍ୱଦେଇ ଖାଦ୍ୟର ମାନ ଯାଞ୍ଚ କରାଯାଉନଥିବା ସହ ଅଗ୍ନିନିର୍ବାପକର ବ୍ୟବସ୍ଥା କରାଯାଇନଥିବା ପ୍ରତ୍ୟେକ୍ଷଦର୍ଶୀ କହିଛନ୍ତି। କେବଳ ଭବେଶ ସାହୁ ନୁହନ୍ତି ଜାମୁଡିହା ସ୍ଥିତ ଆଦର୍ଶବିଦ୍ୟାଳୟ ପାଖ ଗ୍ରାମରେ ଛତୁ ଫୁଟିଲା ଭଳି ଘରୋଇ ମେସ୍ ରହିଥିବାବେଳେ ଏହା ସରକାରଙ୍କ ନଜରରେ ଅଛିକି ନାହିଁ ତାହା ମଧ ସନ୍ଦେହ ଘେରରେ। ଅଭିଯୋଗ ଅନୁଯାୟୀ ଘରୋଇ ମେସର ମାଲିକଙ୍କର କୌଣସି କାଗଜପତ୍ର ନଥିବା ବେଳେ ବେଆଇନଭାବେ ଉଭୟ ଛାତ୍ରଛାତ୍ରୀମାନଙ୍କୁ ମେସ୍ କରି ମୁନାଫା କମାଇବା ଲକ୍ଷ୍ୟରେ ଶହଶହ ଛାତ୍ରଛାତ୍ରୀଙ୍କ ଭବିଷ୍ୟତ ଏବଂ ଜୀବନକୁ ନଜରଆନ୍ଦାଜ୍ କରିଚାଲିଛନ୍ତି ।ତେଣୁ ରାଜ୍ୟସରକାର ଘରୋଇ ମେସ ବନ୍ଦକରି ସରକାରୀସ୍ତରରେ ବିଧିବଦ୍ଧ ବ୍ୟବସ୍ଥା କରିବାକୁ ଦାବି ହୋଇଛି।







## ପଶ୍ଚିମବଙ୍ଗ ସରକାରୀ କର୍ମଚାରୀଙ୍କ ଉପରେ ଲାଗିଲା କଟକଣା

କୋଲକାତା, ୨୧।୫(ଏଜେନ୍ସି): ପଶ୍ଚିମବଙ୍ଗ ସରକାର ନିଜର ସମସ୍ତ ରାଜ୍ୟ ସରକାରୀ କର୍ମଚାରୀଙ୍କ ପାଇଁ ଗଣମାଧ୍ୟମ ସହ ଆଲୋଚନା, ସାଧାରଣ ମନ୍ତବ୍ୟ ଏବଂ ସରକାରୀ ତଥ୍ୟ ସେୟାର କରିବା ଉପରେ କଡ଼ା କଟକଣା ଲଗାଇଛନ୍ତି। ରାଜ୍ୟର କର୍ମଚାରୀ ଓ ପ୍ରଶାସନିକ ସୁଧାର ବିଭାଗ ପକ୍ଷରୁ ଜାରି ଏହି ନୂତନ ନିର୍ଦ୍ଦେଶନାମା ଅନୁସାରେ, କୌଣସି ବି ସରକାରୀ କର୍ମଚାରୀ ଏଣିକି ସରକାରଙ୍କ ନୀତିକୁ ସାଧାରଣରେ ସମାଲୋଚନା କରିପାରିବେ ନାହିଁ କିମ୍ବା ବିନା ଅନୁମତିରେ ଗଣମାଧ୍ୟମର କୌଣସି କାର୍ଯ୍ୟକ୍ରମରେ ଭାଗ ନେଇପାରିବେ ନାହିଁ। ମୁଖ୍ୟ ଶାସନ ସଚିବ ମନୋଜ ପାନ୍ତଙ୍କ ଦ୍ୱାରା ଜାରି ଏହି ନିର୍ଦ୍ଦେଶାବଳୀ ଆଇଏଏସ୍, ଡବ୍ଲ୍ୟୁବିସିଏସ୍ ଏବଂ ଡବ୍ଲ୍ୟୁବିପିଏସ୍ ଅଧିକାରୀଙ୍କ ସମେତ ପୌରପାଳିକା, ଅନୁଦାନପ୍ରାପ୍ତ ଶିକ୍ଷାନୁଷ୍ଠାନ ଏବଂ ସ୍ୱାୟତ୍ତ ଶାସିତ ସଂସ୍ଥାର କର୍ମଚାରୀଙ୍କ ପାଇଁ ମଧ୍ୟ ଲାଗୁ ହେବ। ଏହି ନିୟମ ଅନୁଯାୟୀ, କର୍ମଚାରୀମାନେ ବିନା ଅନୁମତିରେ କୌଣସି ପ୍ରବନ୍ଧ ଲେଖିପାରିବେ ନାହିଁ, ସମ୍ବାଦପତ୍ର ସମ୍ପାଦନା କରିପାରିବେ ନାହିଁ କିମ୍ବା ସୋସିଆଲ ମିଡିଆରେ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ବିରୁଦ୍ଧରେ କୌଣସି ମନ୍ତବ୍ୟ ଦେଇପାରିବେ ନାହିଁ। ନିୟମ ଉଲ୍ଲଂଘନ କଲେ କଡ଼ା ପ୍ରଶାସନିକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଚେତାବନୀ ଦିଆଯାଇଛି।

## ଅମରନାଥ ଯାତ୍ରା ପାଇଁ ୩.୬ ଲକ୍ଷ ଶ୍ରଦ୍ଧାଳୁଙ୍କ ପଞ୍ଜୀକରଣ

ଶ୍ରୀନଗର, ୨୧।୫(ଏଜେନ୍ସି): ଚଳିତ ବର୍ଷର ପବିତ୍ର ଅମରନାଥ ଯାତ୍ରା ଆସନ୍ତା ଜୁଲାଇ ୩ ତାରିଖରୁ ଆରମ୍ଭ ହେବାକୁ ଯାଉଛି। ଏହି ୫୭ ଦିନିଆ ଯାତ୍ରା ଅଗଷ୍ଟ ୨୮ ତାରିଖ ରକ୍ଷାବନ୍ଧନ ତଥା ଶ୍ରାବଣ ପୂର୍ଣ୍ଣିମା ଅବସରରେ ସମାପ୍ତ ହେବ। ଏଥିପାଇଁ ଗତ ଏପ୍ରିଲ ୧୫ ତାରିଖରୁ ପଞ୍ଜୀକରଣ ପ୍ରକ୍ରିୟା ଜାରି ରହିଥିବା ବେଳେ ବର୍ତ୍ତମାନ ସୁଦ୍ଧା ୩.୬ ଲକ୍ଷରୁ ଅଧିକ ଶ୍ରଦ୍ଧାଳୁ ନିଜର ନାମ ପଞ୍ଜୀକରଣ କରିସାରିଛନ୍ତି। ଚଳିତ ବର୍ଷ ଯାତ୍ରୀଙ୍କ ସଂଖ୍ୟା ୫ ଲକ୍ଷ ପାର୍ କରିବ ବୋଲି ପ୍ରଶାସନ ଆଶା ରଖିଛି। ବର୍ତ୍ତମାନ ଯାତ୍ରା ମାର୍ଗର ଅନେକ ସ୍ଥାନରେ ୬ରୁ ୮ ଫୁଟ ଏବଂ ହେମପ୍ରପାତ ପ୍ରବଣ ଅଞ୍ଚଳରେ ପ୍ରାୟ ୧୦ରୁ ୧୨ ଫୁଟ ପର୍ଯ୍ୟନ୍ତ ବରଫ ଜମି ରହିଛି। ତେବେ ସୀମା ସଡ଼କ ସଂଗଠନ (ବିଆରଓ) ପକ୍ଷରୁ ବାଲ୍‌ଟାଲ୍ ଏବଂ ପହଲଗାମ୍ ଉଭୟ ମାର୍ଗରୁ ଯୁଦ୍ଧକାଳୀନ ଭିତ୍ତିରେ ବରଫ ହଟାଇବା ସହ ରାସ୍ତା ପ୍ରଶସ୍ତୀକରଣ କାର୍ଯ୍ୟ ଜାରି ରହିଛି। ଆସନ୍ତା ଜୁନ୍ ୧୫ ସୁଦ୍ଧା ଉଭୟ ରାସ୍ତାକୁ ସମ୍ପୂର୍ଣ୍ଣ ଭାବେ ପ୍ରସ୍ତୁତ କରିଦିଆଯିବ ବୋଲି କର୍ତ୍ତୃପକ୍ଷ ସୂଚନା ଦେଇଛନ୍ତି। ଶ୍ରଦ୍ଧାଳୁଙ୍କ ସୁରକ୍ଷା ଓ ସୁବିଧା ପାଇଁ ଚଳିତ ବର୍ଷ କିଛି ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଛି।

## ଅଭିଷେକ ବାନାର୍ଜୀଙ୍କୁ କଲକତା ହାଇକୋର୍ଟଙ୍କ ସୁରକ୍ଷା

କୋଲକାତା, ୨୧।୫(ଏଜେନ୍ସି): ତୃଣମୂଳ କଂଗ୍ରେସ (ଟିଏମ୍‌ସି) ସାଂସଦ ଅଭିଷେକ ବନାର୍ଜୀଙ୍କୁ କଲକତା ହାଇକୋର୍ଟ ବଡ଼ ରାହତ ଦେଇଛି। ନିର୍ବାଚନୀ ସଭାରେ କେନ୍ଦ୍ରୀୟ ଗୃହମନ୍ତ୍ରୀ ଅମିତ ଶାହଙ୍କ ବିରୋଧରେ ଦିଆଯାଇଥିବା କଥିତ ବିବାଦିତ ମନ୍ତବ୍ୟ ସମ୍ବନ୍ଧୀୟ ମାମଲାରେ ଅଦାଲତ ପଶ୍ଚିମବଙ୍ଗ ପୁଲିସକୁ ତାଙ୍କ ବିରୋଧରେ କୌଣସି କଠୋର ପଦକ୍ଷେପ ନ ନେବାକୁ ନିର୍ଦ୍ଦେଶ ଦେଇଛନ୍ତି। ଏହି ସୁରକ୍ଷା ଜୁଲାଇ ୩୧ ପର୍ଯ୍ୟନ୍ତ କିମ୍ବା ମାମଲାର ଶୁଣାଣି ସମାପ୍ତ ହେବା ପର୍ଯ୍ୟନ୍ତ ଚାଲୁ ରହିବ। ଅଦାଲତ ଏହା ମଧ୍ୟ କହିଛନ୍ତି ଯେ ଅଭିଷେକ ବନାର୍ଜୀ ପୂର୍ବ ଅନୁମତି ବିନା ଯାତ୍ରା କରିପାରିବେ ନାହିଁ ଏବଂ କୌଣସି ଯାତ୍ରା ପୂର୍ବରୁ ତଦନ୍ତ ଅଧିକାରୀଙ୍କୁ ୪୮ ଘଣ୍ଟା ପୂର୍ବରୁ ସୂଚନା ଦେବାକୁ ପଡ଼ିବ। ଗତ ସପ୍ତାହରେ ୨୦୨୬ ପଶ୍ଚିମବଙ୍ଗ ବିଧାନସଭା ନିର୍ବାଚନ ପ୍ରଚାର ସମୟରେ ଦିଆଯାଇଥିବା କଥିତ ଉତ୍ତେଜନାମୂଳକ ଭାଷଣକୁ ନେଇ ବିଧାନନଗର ସାଇବର କ୍ରାଇମ ଥାନାରେ ତାଙ୍କ ବିରୋଧରେ ଏଫଆଇଆର ରେଜିଷ୍ଟର ହୋଇଥିଲା। ସାମାଜିକ କର୍ମୀ ରାଜୀବ ସରକାର ଅଭିଯୋଗ କରିଥିଲେ ଯେ ଏପ୍ରିଲ ୨୭ ଠାରୁ ମେ ୩ ମଧ୍ୟରେ ହୋଇଥିବା ଅନେକ ନିର୍ବାଚନୀ ସଭାରେ ଅଭିଷେକ ବନାର୍ଜୀ ଉତ୍ତେଜକ ଓ ଧମକମୂଳକ ମନ୍ତବ୍ୟ ଦେଇଥିଲେ।

## ଅନ୍ତିମ ସତ୍କାର ପରେ ଘରକୁ ଫେରିଲେ ନିଖୋଜ ବ୍ୟକ୍ତି

ରାଞ୍ଚି, ୨୧।୫(ଏଜେନ୍ସି): ଝାଡ଼ଖଣ୍ଡର ଖୁଣ୍ଟି ଜିଲ୍ଲାରେ ଏକ ଆଶ୍ଚର୍ଯ୍ୟଜନକ ଘଟଣା ସାମ୍ନାକୁ ଆସିଛି, ଯେଉଁଠାରେ ଜଣେ ବ୍ୟକ୍ତି ନିଖୋଜ ହେବାର କିଛି ଦିନ ପରେ ସୁରକ୍ଷିତ ଭାବେ ଘରକୁ ଫେରିଛନ୍ତି। ତେବେ ଏହା ପୂର୍ବରୁ ପରିବାର ଲୋକେ ଭୁଲ୍ ବଶତଃ ଅନ୍ୟ ଜଣଙ୍କ ମୃତଦେହକୁ ଚିହ୍ନଟ କରି ତାଙ୍କର ଶେଷକୃତ୍ୟ ସମ୍ପନ୍ନ କରିସାରିଥିଲେ। ନିଖୋଜ ବ୍ୟକ୍ତିଜଣକ ହେଉଛନ୍ତି ପାତ୍ରାଟୋଲି ଗ୍ରାମର ୪୫ ବର୍ଷୀୟ ବିଶ୍ରାମ ମୁଣ୍ଡା। ପୁଲିସ ସୂଚନା ଅନୁସାରେ, ଗତ ମେ ୧୦ ତାରିଖରେ ବିଶ୍ରାମ ଏକ ବିବାହ ଉତ୍ସବରେ ଯୋଗଦେବାକୁ ଯାଇ ଆଉ ଘରକୁ ଫେରିନଥିଲେ। ପରିବାର ଲୋକେ ବହୁତ ଖୋଜାଖୋଜି କରିବା ପରେ ମଧ୍ୟ ତାଙ୍କର କୌଣସି ସନ୍ଧାନ ପାଇନଥିଲେ। ଏହାର ପରଦିନ ପୁଲିସ ଏକ ନାଳରୁ ଜଣେ ଅଜଣା ବ୍ୟକ୍ତିଙ୍କ ମୃତଦେହ ଉଦ୍ଧାର କରିଥିଲା। ମୃତଦେହର ଉଚ୍ଚତା, ଚେହେରା ଏବଂ ଗଠନ ସମ୍ପୂର୍ଣ୍ଣ ଭାବେ ବିଶ୍ରାମଙ୍କ ସହ ମିଶୁଥିବାରୁ ହସ୍ପିଟାଲରେ ପରିବାର ଓ ଗ୍ରାମବାସୀ ଏହାକୁ ବିଶ୍ରାମଙ୍କ ଶବ ବୋଲି ଚିହ୍ନଟ କରିଥିଲେ। ଆଇନଗତ ପ୍ରକ୍ରିୟା ଶେଷ ହେବା ପରେ ପରିବାର ଲୋକେ ମୃତଦେହକୁ ନେଇ ଆଦିବାସୀ ରୀତିନୀତି ଅନୁଯାୟୀ ପୋତି ସତ୍କାର କରିଦେଇଥିଲେ। କିନ୍ତୁ ଏହାର କିଛି ଦିନ ପରେ ବିଶ୍ରାମ ହଠାତ୍ ତାଙ୍କ ଝିଅର ଭଡ଼ାଘରେ ପହଞ୍ଚି ଯିବାରୁ ସମସ୍ତେ ଚକିତ ହୋଇଯାଇଥିଲେ। ସେ କାହାକୁ ନଜଣାଇ ପ୍ରାୟ ୭୦ କିଲୋମିଟର ଦୂର ରାମଗଡ଼ ଚାଲିଯାଇଥିବା ପ୍ରକାଶ କରିଛନ୍ତି। ଏବେ ପୁଲିସ ସେହି ଅଜଣା ମୃତଦେହକୁ ମାଟିରୁ ବାହାର କରି ପ୍ରକୃତ ପରିଚୟ ଜାଣିବା ପାଇଁ ଡିଏନଏ ପରୀକ୍ଷା କରିବା ପ୍ରକ୍ରିୟା ଆରମ୍ଭ କରିଛି।

## ପଶ୍ଚିମବଙ୍ଗର ମଦ୍ରାସାଗୁଡ଼ିକରେ 'ବନ୍ଦେ ମାତରମ୍' ଗାନ ବାଧ୍ୟତାମୂଳକ

କୋଲକାତା, ୨୧।୫(ଏଜେନ୍ସି): ପଶ୍ଚିମବଙ୍ଗ ସରକାର ସ୍କୁଲଗୁଡ଼ିକ ପରେ ଏବେ ରାଜ୍ୟର ସମସ୍ତ ସ୍ୱୀକୃତିପ୍ରାପ୍ତ ମଦ୍ରାସାରେ ପ୍ରାତଃକାଳୀନ ପ୍ରାର୍ଥନା ସଭାରେ ଜାତୀୟ ଗୀତ 'ବନ୍ଦେ ମାତରମ୍' ଗାନ କରିବା ବାଧ୍ୟତାମୂଳକ କରିଛନ୍ତି। ସଂଖ୍ୟାଲଘୁ ବ୍ୟାପାର ଏବଂ ମଦ୍ରାସା ଶିକ୍ଷା ବିଭାଗ ଅଧୀନରେ ଥିବା ସମସ୍ତ ସରକାରୀ, ସାହାଯ୍ୟପ୍ରାପ୍ତ ଏବଂ ବେସରକାରୀ ମଦ୍ରାସାରେ ଶ୍ରେଣୀ ଗୃହ କାର୍ଯ୍ୟ ଆରମ୍ଭ ହେବା ପୂର୍ବରୁ ଏହି ଗୀତ ଗାନ କରାଯିବା ନେଇ ମଦ୍ରାସା ନିର୍ଦ୍ଦେଶାଳୟ ପକ୍ଷରୁ ନିର୍ଦ୍ଦେଶନାମା ଜାରି ହୋଇଛି। ମୁଖ୍ୟମନ୍ତ୍ରୀ ଶୁଭେନ୍ଦୁ ଅଧିକାରୀଙ୍କ ନେତୃତ୍ୱାଧୀନ ସରକାର ଗତ ସପ୍ତାହରେ ବିଦ୍ୟାଳୟ ଶିକ୍ଷା ବିଭାଗ ଅଧୀନରେ ଥିବା ସମସ୍ତ ସ୍କୁଲରେ ବନ୍ଦେ ମାତରମ୍'ର ସମସ୍ତ ୬ଟି ଯାକ ସ୍ତବକ ଗାନ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଏବେ ଏହି ନିୟମକୁ ମଦ୍ରାସାଗୁଡ଼ିକ ପାଇଁ ମଧ୍ୟ ଲାଗୁ କରାଯାଇଛି। ଚଳିତ ବର୍ଷ ଫେବୃଆରୀ ମାସରେ କେନ୍ଦ୍ର ସରକାର 'ବନ୍ଦେ ମାତରମ୍'କୁ ଜାତୀୟ ସଙ୍ଗୀତ 'ଜନ ଗଣ ମନ' ସହ ସମାନ ମାନ୍ୟତା ପ୍ରଦାନ କରିଥିଲେ। ଏହା ପରଠାରୁ ସରକାରୀ କାର୍ଯ୍ୟକ୍ରମ ଏବଂ ଶିକ୍ଷାନୁଷ୍ଠାନଗୁଡ଼ିକରେ ଏହାର ପୂର୍ଣ୍ଣ ରୂପ ଗାନ କରିବାକୁ ନେଇ ଦେଶରେ ଚର୍ଚ୍ଚା ଆରମ୍ଭ ହୋଇଥିଲା ଓ ବାମପନ୍ଥୀ ଦଳଗୁଡ଼ିକ ମଧ୍ୟରେ ରାଜନୈତିକ ବିବାଦ ଦେଖାଦେଇଛି।

# ଦିନକୁ ଆତ୍ମହତ୍ୟା କରୁଛନ୍ତି ୪୦ ଛାତ୍ରଛାତ୍ରୀ




ନୂଆଦିଲ୍ଲୀ, ୨୧।୫(ଏଜେନ୍ସି): ଜାତୀୟ ଅପରାଧ ରେକର୍ଡ ବ୍ୟୁରୋ (ଏନ୍‌ସିଆର୍‌ବି)ର ସଦ୍ୟତମ 'ଭାରତରେ ଆକସ୍ମିକ ମୃତ୍ୟୁ ଏବଂ ଆତ୍ମହତ୍ୟା ୨୦୨୪' ରିପୋର୍ଟରୁ ଏକ ଅତ୍ୟନ୍ତ ଚିନ୍ତାଜନକ ଚିତ୍ର ସାମ୍ନାକୁ ଆସିଛି। ଦେଶରେ ସାମଗ୍ରିକ ଆତ୍ମହତ୍ୟା ମାମଲାରେ ସାମାନ୍ୟ ହ୍ରାସ ଘଟିଥିବା ବେଳେ ଛାତ୍ରଛାତ୍ରୀଙ୍କ ଆତ୍ମହତ୍ୟା ସଂଖ୍ୟା କିନ୍ତୁ ଦ୍ରୁତ ଗତିରେ ବୃଦ୍ଧି ପାଉଛି। ଏହା କେବଳ ଏକ ବ୍ୟକ୍ତିଗତ କିମ୍ବା ପାରିବାରିକ ଦୁଃଖଦ ଘଟଣା ହୋଇ ରହିନାହିଁ, ବରଂ ଏକ ସାମାଜିକ ଜରୁରୀକାଳୀନ ପରିସ୍ଥିତିରେ ପରିଣତ ହେଲାଣି। ୨୦୨୩ ମସିହାରେ ଛାତ୍ର ଆତ୍ମହତ୍ୟା ସଂଖ୍ୟା ୧୩, ୮୯୨ ଥିବା ବେଳେ ୨୦୨୪ରେ ଏହା ୪.୩ ପ୍ରତିଶତ ବୃଦ୍ଧି ପାଇ ୧୪, ୪୮୮ ରେ ପହଞ୍ଚିଛି। ଏହି ପରିସଂଖ୍ୟାନ ଅନୁସାରେ ଭାରତରେ ହାରାହାରି ପ୍ରତିଦିନ ପ୍ରାୟ ୪୦ ଜଣ ଏବଂ ପ୍ରତି ୩୬ ମିନିଟ୍‌ରେ ଜଣେ ଶିକ୍ଷାର୍ଥୀ ନିଜର ଜୀବନ ହାରୁଛନ୍ତି। ୨୦୨୪ରେ ମୋଟ ଆତ୍ମହତ୍ୟା କରିଥିବା ପିଲାଙ୍କ ମଧ୍ୟରେ ୭, ୬୬୯ ଜଣ ଛାତ୍ର ଏବଂ ୬, ୮୧୯ ଜଣ ଛାତ୍ରୀ ଥିଲେ। ଗୁଜରାଟ, ମଧ୍ୟପ୍ରଦେଶ ଏବଂ ପଞ୍ଜାବ ଭଳି କେତେକ ରାଜ୍ୟରେ ଛାତ୍ରଙ୍କ ଅପେକ୍ଷା ଛାତ୍ରୀଙ୍କ ଆତ୍ମହତ୍ୟା ସଂଖ୍ୟା ଅଧିକ ରହିଛି। ଛାତ୍ର ଆତ୍ମହତ୍ୟା ମାମଲାରେ ମହାରାଷ୍ଟ୍ର (୧, ୯୦୯ ମୃତ୍ୟୁ) ସହ ଶୀର୍ଷରେ ଥିବା ବେଳେ ଏହା ପଛକୁ ଉତ୍ତର ପ୍ରଦେଶ (୧, ୫୮୫), ମଧ୍ୟପ୍ରଦେଶ (୧, ୪୪୭) ଏବଂ ତାମିଲନାଡୁ (୧, ୨୮୭) ରହିଛନ୍ତି। ଅନ୍ୟପଟେ, ଯଦି ସମଗ୍ର ଦେଶର ମୋଟ ଆତ୍ମହତ୍ୟା (ସମସ୍ତ ବର୍ଗ) ମାମଲାକୁ ଦେଖାଯାଏ, ତେବେ ଗତ ତିନି ବର୍ଷ (୨୦୨୨, ୨୦୨୩, ୨୦୨୪) ଧରି ଲଗାତାର ଭାବେ ୫ଟି ରାଜ୍ୟ ଯଥା— ମହାରାଷ୍ଟ୍ର, ତାମିଲନାଡୁ, ମଧ୍ୟପ୍ରଦେଶ, କର୍ଣ୍ଣାଟକ ଏବଂ ପଶ୍ଚିମବଙ୍ଗ ଶୀର୍ଷରେ ରହିଛନ୍ତି। ସାରା ଦେଶର ମୋଟ ଆତ୍ମହତ୍ୟାର ପ୍ରାୟ ୪୯ ପ୍ରତିଶତ କେବଳ ଏହି ୫ଟି ରାଜ୍ୟରୁ ହିଁ ଆସୁଛି। ସାଧାରଣରେ ଆତ୍ମହତ୍ୟା ପଛରେ ପାରିବାରିକ ସମସ୍ୟା (୩୩.୫%), ଅସୁସ୍ଥତା (୧୮%) ଏବଂ ନିଶା ଶକ୍ତ (୭. ୬%) ମୁଖ୍ୟ କାରଣ ସାଜିଥିବା ବେଳେ ଛାତ୍ରଛାତ୍ରୀଙ୍କ କ୍ଷେତ୍ରରେ ଏହା ସମ୍ପୂର୍ଣ୍ଣ ଭିନ୍ନ। ଅତ୍ୟଧିକ ପ୍ରତିଯୋଗିତାମୂଳକ ଶିକ୍ଷା ବ୍ୟବସ୍ଥା, ପରୀକ୍ଷାରେ ବିଫଳ ହେବାର ଭୟ, ପରିବାରର ଆଶା ପୂରଣ ନକରିପାରିବାର ମାନସିକ ଚାପ ଏବଂ ନିକଟରେ ଘଟିଥିବା ନିଟ୍ ପେପର ଲିକ୍ ଓ ପରୀକ୍ଷା ବାତିଲ ଭଳି ଅନିଶ୍ଚିତତା କୋମଳମତି ପିଲାମାନଙ୍କୁ ଚରମ ପଦକ୍ଷେପ ନେବାକୁ ବାଧ କରୁଛି।

## ଟ୍ରମ୍ପଙ୍କ ଦାବିକୁ ପ୍ରତ୍ୟାଖ୍ୟାନ କଲେ ମୋଜତବା



### ଇରାନ ବାହାରକୁ ଯିବନି ସମୃଦ୍ଧ ୟୁରାନିୟମ୍

ତେହରାନ/ୱାସିଂଟନ, ୨୧।୫ (ଏଜେନ୍ସି): ମଧ୍ୟପ୍ରାଚ୍ୟରେ ଚାଲିଥିବା ଉତ୍ତେଜନା ଏବଂ ଅସ୍ଥାୟୀ ସରକାରୀ ଯୁଦ୍ଧବିରତି ଆଲୋଚନା ମଧ୍ୟରେ ଇରାନ ଏକ ବଡ଼ ନିଷ୍ପତ୍ତି ନେଇଛି। ଇରାନର ସର୍ବୋଚ୍ଚ ନେତା ଆୟତୋଲ୍ଲା ମୋଜତବା ଖାମେନେଇ ଦେଶର 'ସମୃଦ୍ଧ ୟୁରାନିୟମ୍'ର ମହଜୁଦ ଭଣ୍ଡାରକୁ ଦେଶ ବାହାରକୁ ନପଠାଇବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ଏହି ନିଷ୍ପତ୍ତି ପରେ ଆମେରିକା ଏବଂ ଇସ୍ରାଏଲ୍ ସହିତ ଚାଲିଥିବା ଶାନ୍ତି ଆଲୋଚନା ଆହୁରି ଜଟିଳ ରୂପ ଧାରଣ କରିଛି। ଆମେରିକାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଏବଂ ଇସ୍ରାଏଲର ପ୍ରଧାନମନ୍ତ୍ରୀ ବେଞ୍ଜାମିନ୍ ନେତନ୍ୟାହୁଙ୍କ ମୁଖ୍ୟ ସର୍ତ୍ତ ଥିଲା ଯେ, ଯୁଦ୍ଧ ସମାପ୍ତ କରିବାକୁ ହେଲେ ଇରାନକୁ ନିଜର ସମୃଦ୍ଧ ୟୁରାନିୟମ୍ ଦେଶ ବାହାରକୁ ପଠାଇବାକୁ ହେବ, ଯାହାକୁ ଏବେ ଇରାନ ସୂତ୍ରରୁ ସମ୍ପୂର୍ଣ୍ଣ ପ୍ରତ୍ୟାଖ୍ୟାନ କରାଯାଇଛି। ପାଶ୍ଚାତ୍ୟ ଦେଶ ଏବଂ ଇସ୍ରାଏଲର ଅଭିଯୋଗ ଯେ ଇରାନ ପରମାଣୁ ଅସ୍ତ୍ର ନିର୍ମାଣ ଦିଗରେ କାର୍ଯ୍ୟ କରୁଛି। ଇରାନ ନିଜର ୟୁରାନିୟମକୁ ୬୦% ପର୍ଯ୍ୟନ୍ତ ସମୃଦ୍ଧ କରିସାରିଛି, ଯାହା ସାଧାରଣ ନାଗରିକ ବା ଚିକିତ୍ସା ବିଜ୍ଞାନ ଆବଶ୍ୟକତା ଠାରୁ ବହୁତ ଅଧିକ ଏବଂ ପରମାଣୁ ବୋମା ତିଆରିର ଅତି ନିକଟତର ଅଟେ। ତେବେ ଇରାନ ଏହି ଅଭିଯୋଗକୁ ସଦାସର୍ବଦା ଅସ୍ୱୀକାର କରିଆସିଛି। ଇରାନର ପ୍ରତିରକ୍ଷା ବିଶେଷଜ୍ଞଙ୍କ ମତରେ, ଯଦି ସମୃଦ୍ଧ ୟୁରାନିୟମକୁ ଦେଶ ବାହାରକୁ ପଠାଇ ଦିଆଯାଏ, ତେବେ ଇରାନ ଭବିଷ୍ୟତରେ ଆମେରିକା ଏବଂ ଇସ୍ରାଏଲର ସାମରିକ ଆକ୍ରମଣ ଆଗରେ ସମ୍ପୂର୍ଣ୍ଣ ଅସହାୟ ହୋଇପଡ଼ିବ। ଗତ ଫେବୃଆରୀ ୨୮ ତାରିଖରେ ଆମେରିକା-ଇସ୍ରାଏଲ୍ ମିଳିତ ଭାବେ ଇରାନ ଉପରେ କରିଥିବା ଆକ୍ରମଣ ପରେ ମଧ୍ୟପ୍ରାଚ୍ୟରେ ଭୟଙ୍କର ସଂଗ୍ରାମ ଆରମ୍ଭ ହୋଇଥିଲା। ବର୍ତ୍ତମାନ ପାକିସ୍ତାନର ମଧ୍ୟସ୍ଥତାରେ ଏକ ଅସ୍ଥାୟୀ ଯୁଦ୍ଧବିରତି ବଳବତ୍ତର ରହିଛି। ବର୍ତ୍ତମାନ ସୁଦ୍ଧା ଆମେରିକା ଦ୍ୱାରା ଇରାନର ସାମୁଦ୍ରିକ ବନ୍ଦରଗୁଡ଼ିକୁ ଅବରୋଧ କରାଯାଇଛି ଏବଂ ଅପରପକ୍ଷେ 'ହର୍ମୁଜ ପ୍ରଣାଳୀ' ଉପରେ ଇରାନ ନିଜର ନିୟନ୍ତ୍ରଣ ଜାରି ରଖିଛି। ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଚେତାବନୀ ଦେଇଛନ୍ତି ଯେ, ଯଦି ଇରାନ ଶାନ୍ତି ଚୁକ୍ତି ସ୍ୱୀକାର ନକରେ, ତେବେ ଆମେରିକା ପୁନର୍ବାର ବ୍ୟାପକ ଆକ୍ରମଣ କରିବ। ଏଥିପାଇଁ ସେ ମାତ୍ର କେତେଦିନର ସମୟ ଦେଇଛନ୍ତି। ଇରାନର ମୁଖ୍ୟ ଶାନ୍ତି ଆଲୋଚନାକାରୀ ମହମ୍ମଦ ବାକେର କାଲିବାଫ୍ ମଧ୍ୟ ଶତ୍ରୁପକ୍ଷର ଯେକୌଣସି ଆକ୍ରମଣର ଦୃଢ଼ ଜବାବ ଦେବାକୁ ପ୍ରସ୍ତୁତି ଚଳାଇଛନ୍ତି। ଆନ୍ତର୍ଜାତୀୟ ପରମାଣୁ ଶକ୍ତି ସଂସ୍ଥା (ଆଇଏଇଏ)ର ସୂଚନା ଅନୁଯାୟୀ, ଦୁଇ ହଜାର ପଚିଶି ମସିହା ଜୁନ୍ ମାସରେ ହୋଇଥିବା ଆକ୍ରମଣ ପୂର୍ବରୁ ଇରାନ ପାଖରେ ପ୍ରାୟ ୪୪୦.୯ କିଲୋଗ୍ରାମ ସମୃଦ୍ଧ ୟୁରାନିୟମ ଥିଲା। ସମ୍ପ୍ରତି ଏହି ମହଜୁଦ ଭଣ୍ଡାର ଇସଫାହାନ ଏବଂ ନାଟାଞ୍ଜ ପରମାଣୁ କେନ୍ଦ୍ରର ସୁଢ଼ଙ୍ଗ ମଧ୍ୟରେ ସୁରକ୍ଷିତ ରହିଛି। ଇରାନ ସୂତ୍ରରୁ ପ୍ରକାଶ ଯେ, ଏହି ସମସ୍ୟାର ସମାଧାନ ପାଇଁ ଏକ ମଧ୍ୟମ ପନ୍ଥା ଗ୍ରହଣ କରାଯାଇପାରେ। ସମୃଦ୍ଧ ୟୁରାନିୟମକୁ ଦେଶ ବାହାରକୁ ନପଠାଇ ଆନ୍ତର୍ଜାତୀୟ ପରମାଣୁ ସଂସ୍ଥାର ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହାର ତୀବ୍ରତାକୁ ହ୍ରାସ ବା ଲଘୁକରଣ

## ପୁଲଓ୍ୱାମା ଆକ୍ରମଣର ମାଷ୍ଟରମାଇଣ୍ଡ ହମ୍‌ଜା ବୁର୍‌ହାନ୍‌କୁ ହତ୍ୟା

ନୂଆଦିଲ୍ଲୀ, ୨୧।୫(ଏଜେନ୍ସି): ୨୦୧୯ ମସିହାରେ ଘଟିଥିବା ପୁଲଓ୍ୱାମା ଆକ୍ରମଣର ଅନ୍ୟତମ ମୁଖ୍ୟ ସୂତ୍ରଧର ତଥା ଆଲ୍-ବଦ୍ର ସନ୍ତ୍ରାସବାଦୀ ସଙ୍ଗଠନର କମାଣ୍ଡର ହମ୍‌ଜା ବୁରହାନ ଓରଫ୍ 'ଡାକ୍ତର' ପାକିସ୍ତାନ ଅଧିକୃତ କାଶ୍ମୀର (ପିଓକେ)ର ମୁଜାଫରାବାଦଠାରେ ଅଜ୍ଞାତ ବନ୍ଧୁକଧାରୀଙ୍କ ଗୁଳିମାଡ଼ରେ ପ୍ରାଣ ହରାଇଛି। ଜମ୍ମୁ-କାଶ୍ମୀରର ପୁଲଓ୍ୱାମା ନିବାସୀ ହମ୍‌ଜା ବୁରହାନର ପ୍ରକୃତ ନାମ ଅର୍ଜୁମନ୍ଦ ଗୁଲଜାର ଡାର୍।



୨୦୧୭ରେ ଉଚ୍ଚଶିକ୍ଷା ବାହାନାରେ ପାକିସ୍ତାନ ଯାଇ ସେ ଆଲ୍-ବଦ୍ର ସନ୍ତ୍ରାସବାଦୀ ସଙ୍ଗଠନରେ ସାମିଲ ହୋଇଥିଲା ଏବଂ ପରବର୍ତ୍ତୀ ସମୟରେ କାଶ୍ମୀରର ଯୁବପିଢ଼ିଙ୍କୁ ମାନସିକ ସ୍ତରରେ ବିପଥଗାମୀ କରିବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲା। ଦେଶ ବିରୋଧୀ କାର୍ଯ୍ୟକଳାପ ପାଇଁ ଭାରତର କେନ୍ଦ୍ର ଗୃହ ମନ୍ତ୍ରଣାଳୟ ପକ୍ଷରୁ ୨୦୨୨ ମସିହାରେ ତାକୁ ଏକ 'ଘୋଷିତ ଆତଙ୍କବାଦୀ' ଭାବେ ଚିହ୍ନଟ କରାଯାଇଥିଲା।୧୪ ଫେବୃଆରୀ ୨୦୧୯ରେ ଜୈଶ-ଇ-ମହମ୍ମଦ ଦ୍ୱାରା ହୋଇଥିବା ଭୟାବହ ପୁଲଓ୍ୱାମା ଆକ୍ରମଣରେ ୪୦ ଜଣ ସିଆରପିଏଫ୍ ଯବାନ ଶହୀଦ ହୋଇଥିଲେ, ଯାହାର ପରିଣାମ ସ୍ୱରୂପ ଭାରତ ପକ୍ଷରୁ ବାଲାକୋଟ୍ ଏୟାର ଷ୍ଟ୍ରାଇକ କରାଯାଇଥିଲା। ଗତ କିଛି ବର୍ଷ ମଧ୍ୟରେ ପାକିସ୍ତାନ ଏବଂ ପିଓକେ ମାଟିରେ ଭାରତ ଦ୍ୱାରା ମୋଷ୍ଟ ୱାଣ୍ଟେଡ୍ ଘୋଷିତ ହୋଇଥିବା ଅନେକ ପ୍ରମୁଖ ସନ୍ତ୍ରାସବାଦୀଙ୍କୁ ଅଜ୍ଞାତ ଆତତାୟୀମାନେ ଏହିପରି ଭାବେ ନିପାତ କରିଛନ୍ତି।

## ଇରାନ ପ୍ରସଙ୍ଗରେ ଟ୍ରମ୍ପ ଏବଂ ନେତନ୍ୟାହୁଙ୍କ ମଧ୍ୟରେ ବଢ଼ୁଛି ତିକ୍ତତା



ନୂଆଦିଲ୍ଲୀ, ୨୧।୫(ଏଜେନ୍ସି): ଇରାନ ସହିତ ଯୁଦ୍ଧ କିମ୍ବା କୂଟନୀତି ମାଧ୍ୟମରେ ସମସ୍ୟାର ସମାଧାନ କରାଯିବା ନେଇ ଆମେରିକା ଏବଂ ଇସ୍ରାଏଲ ମଧ୍ୟରେ ମତଭେଦ ସୃଷ୍ଟି ହୋଇଛି। ଆମେରିକାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଏବଂ ଇସ୍ରାଏଲର ପ୍ରଧାନମନ୍ତ୍ରୀ ବେଞ୍ଜାମିନ୍ ନେତନ୍ୟାହୁଙ୍କ ମଧ୍ୟରେ ହୋଇଥିବା ଏକ ଦୀର୍ଘ ଫୋନ୍ ଆଲୋଚନା ବେଶ୍ ଉତ୍ତେଜନାପୂର୍ଣ୍ଣ ରହିଥିଲା, ଯାହାକୁ ନେଇ ଇସ୍ରାଏଲ ପ୍ରଧାନମନ୍ତ୍ରୀ ଅତ୍ୟନ୍ତ ଚିନ୍ତିତ ଥିବା ଜଣାପଡ଼ିଛି। କାତାର ଏବଂ ପାକିସ୍ତାନ ଭଳି ମଧ୍ୟସ୍ଥ ଦେଶଗୁଡ଼ିକ ଦ୍ୱାରା ପ୍ରସ୍ତୁତ ଏକ ଚିଠା ପ୍ରସ୍ତାବ ଅନୁଯାୟୀ ଆମେରିକା ଏବଂ ଇରାନ ମଧ୍ୟରେ ଶତ୍ରୁତାର ଅନ୍ତ ଘଟାଇ ୩୦ ଦିନର ଏକ ଆଲୋଚନା ଚକ୍ର ଆରମ୍ଭ କରିବାକୁ ଟ୍ରମ୍ପ ଚାହୁଁଛନ୍ତି। ଏହି ଆଲୋଚନାରେ ଇରାନର ପରମାଣୁ କାର୍ଯ୍ୟକ୍ରମ ଏବଂ ହର୍ମୁଜ ପ୍ରଣାଳୀକୁ ପୁନଃ ଉନ୍ମୁକ୍ତ କରିବା ପ୍ରସଙ୍ଗ ସାମିଲ ଅଛି। ଇସ୍ରାଏଲ ପ୍ରଧାନମନ୍ତ୍ରୀ ଏହି ଆଲୋଚନାକୁ ନେଇ ସନ୍ଦେହ ପ୍ରକଟ କରିଛନ୍ତି। ଇରାନର ସାମରିକ ଶକ୍ତି ଏବଂ ଭିତ୍ତିଭୂମିକୁ ସମ୍ପୂର୍ଣ୍ଣ ରୂପେ ଧ୍ୱଂସ କରିବା ପାଇଁ ଯୁଦ୍ଧ ଜାରି ରଖିବା ସପକ୍ଷରେ ସେ ଯୁକ୍ତି ବାଢ଼ିଛନ୍ତି। ଆମେରିକା ରାଷ୍ଟ୍ରପତି ଟ୍ରମ୍ପ କହିଛନ୍ତି ଯେ ଯଦି କିଛି ଦିନ ଅପେକ୍ଷା କରି ଲୋକଙ୍କ ଜୀବନ ରକ୍ଷା କରାଯାଇପାରିବ, ତେବେ କୂଟନୀତିକୁ ଆଉ ଏକ ସୁଯୋଗ ଦେବା ଉଚିତ। ତେବେ ଆଲୋଚନା ବିଫଳ ହେଲେ ତୁରନ୍ତ ଯୁଦ୍ଧ ଆରମ୍ଭ କରାଯିବ ବୋଲି ସେ ଚେତାବନୀ ଦେଇଛନ୍ତି।

## ତାମିଲନାଡୁ ମନ୍ତ୍ରିମଣ୍ଡଳର ସମ୍ପ୍ରସାରଣ

### ୫୯ ବର୍ଷ ପରେ କ୍ଷମତାର ସ୍ୱାଦ ଚାଖିଲା କଂଗ୍ରେସ

ଚେନ୍ନଇ, ୨୧।୫(ଏଜେନ୍ସି): ମୁଖ୍ୟମନ୍ତ୍ରୀ ଜୋସେଫ୍ ବିଜୟଙ୍କ ନେତୃତ୍ୱରେ ପରିଚାଳିତ ତାମିଲନାଡୁ ସରକାରଙ୍କ ମନ୍ତ୍ରୀମଣ୍ଡଳର ସମ୍ପ୍ରସାରଣ କରାଯାଇଛି। ଗୁରୁବାର ଅନୁଷ୍ଠିତ ଶପଥ ଗ୍ରହଣ ଉତ୍ସବରେ କଂଗ୍ରେସର ଦୁଇ ଜଣ ବିଧାୟକଙ୍କ ସମେତ ମୋଟ ୨୩ ଜଣ ବିଧାୟକ ମନ୍ତ୍ରୀ ଭାବେ ଶପଥ ଗ୍ରହଣ କରିଛନ୍ତି। ତେବେ ଏହି ସରକାରୀ କାର୍ଯ୍ୟକ୍ରମରେ ନାରାବାଜି ଏବଂ ସଙ୍ଗୀତ ଗାନର ନିୟମକୁ ନେଇ କିଛି ବିବାଦ ଦେଖିବାକୁ ମିଳିଛି। କଂଗ୍ରେସ ବିଧାୟକ ଦଳର ନେତା ଏସ୍. ରାଜେଶ କୁମାର ମନ୍ତ୍ରୀ ଭାବେ ଶପଥ ନେବା ସରିବା ମାତ୍ରେ ମଞ୍ଚ ଉପରୁ 'ରାହୁଲ ଗାନ୍ଧୀ ଜିନ୍ଦାବାଦ' ଏବଂ 'ରାଜୀବ ଗାନ୍ଧୀ ଅମର ରହେ' ଭଳି ନାରା ଦେଇଥିଲେ। ଏହାକୁ ନେଇ ରାଜ୍ୟପାଳ ଆର.ଏନ. ରବି ତୁରନ୍ତ ହସ୍ତକ୍ଷେପ କରିଥିଲେ ଏବଂ ଶପଥ ଗ୍ରହଣ ସମୟରେ ଏଭଳି ନାରାବାଜି ନିୟମର ବିରୁଦ୍ଧ ବୋଲି ସ୍ପଷ୍ଟ କରିଥିଲେ। ଏହାବ୍ୟତୀତ ମୁଖ୍ୟମନ୍ତ୍ରୀ ଜୋସେଫ୍ ବିଜୟ ମଧ୍ୟ ଶପଥ ପାଠ ସମୟରେ ନିର୍ଦ୍ଧାରିତ ଲେଖା ବାହାରେ କିଛି କହିବାରୁ ରାଜ୍ୟପାଳ ତାଙ୍କୁ କେବଳ ସରକାରୀ ଶପଥ ପତ୍ର ପଢ଼ିବାକୁ ନିର୍ଦ୍ଦେଶ ଦେଇଥିଲେ। ଉତ୍ସବରେ ରାଜ୍ୟ ସଙ୍ଗୀତ 'ତାମିଲ ଥାଇ ବାଜଥୁ' ଶେଷରେ ଗାନ କରାଯିବାକୁ ନେଇ ମଧ୍ୟ ବିରୋଧୀ ଦଳଗୁଡ଼ିକ ପ୍ରଶ୍ନ ଉଠାଇଛନ୍ତି, କାରଣ ସରକାରୀ ନିୟମ ଅନୁସାରେ ଏହା କାର୍ଯ୍ୟକ୍ରମର ଆରମ୍ଭରେ ଗାନ କରାଯିବା ଉଚିତ। ଏହି ମନ୍ତ୍ରୀମଣ୍ଡଳ ସମ୍ପ୍ରସାରଣ ସହ ଦୀର୍ଘ ୫୯ ବର୍ଷ ପରେ କଂଗ୍ରେସ ପାର୍ଟି ତାମିଲନାଡୁ ସରକାରରେ ସାମିଲ ହୋଇଛି। ଶେଷ ଥର ପାଇଁ ୧୯୬୭ ମସିହା ପୂର୍ବରୁ କଂଗ୍ରେସ ଏହି ରାଜ୍ୟରେ ଶାସନ ଗାଦିରେ ଥିଲା। ବର୍ତ୍ତମାନ ବିଜୟଙ୍କ ନେତୃତ୍ୱାଧୀନ ଟିଭିକେ ସହ ମେଣ୍ଟ କରି କଂଗ୍ରେସ ପୁଣିଥରେ ସରକାରରେ ଅଂଶୀଦାର ହୋଇଛି।



## ଜାତିସଂଘରେ ପାକିସ୍ତାନକୁ ମୁହଁତୋଡ଼ ଜବାବ ଦେଲା ଭାରତ

### ■ ପାକିସ୍ତାନର 'ଗଣସଂହାର ଇତିହାସ'କୁ ସ୍ମରଣ କରାଇଲା

ନୂଆଦିଲ୍ଲୀ, ୨୧।୫ (ଏଜେନ୍ସି): ଜାତିସଂଘ ସୁରକ୍ଷା ପରିଷଦରେ ଜମ୍ମୁ-କାଶ୍ମୀର ପ୍ରସଙ୍ଗ ଉଠାଇବା ପାକିସ୍ତାନକୁ ମହଙ୍ଗା ପଡ଼ିଛି। ସଶସ୍ତ୍ର ସଂଘର୍ଷରେ ସାଧାରଣ ନାଗରିକଙ୍କ ସୁରକ୍ଷାକୁ ନେଇ ଚାଲିଥିବା ଏକ ଆଲୋଚନା ସମୟରେ ପାକିସ୍ତାନ ଏହି ପ୍ରସଙ୍ଗ ଉଠାଇବା ପରେ ଭାରତ ଏହାର ତୀବ୍ର ବିରୋଧ କରିବା ସହ ପାକିସ୍ତାନର କଳା କାରନାମାକୁ ସାରା ବିଶ୍ୱ ସମ୍ମୁଖରେ ପଦାରେ ପକାଇଛି। ଜାତିସଂଘରେ ଭାରତର ସ୍ଥାୟୀ ପ୍ରତିନିଧି ହରିଶ ପାର୍ବଥାନେନୀ କହିଛନ୍ତି ଯେ, ଯେଉଁ ଦେଶର ଇତିହାସ ଗଣସଂହାର ଭଳି କଳଙ୍କିତ କାର୍ଯ୍ୟରେ ଭରି ରହିଛି, ସେ ଭାରତର ଆଭ୍ୟନ୍ତରୀଣ ମାମଲାରେ ମନ୍ତବ୍ୟ ଦେବା ଅତ୍ୟନ୍ତ ଆଶ୍ଚର୍ଯ୍ୟଜନକ। ଏହି ଆଲୋଚନା ସମୟରେ ଭାରତ ପକ୍ଷରୁ ଚଳିତ ବର୍ଷ ରମଜାନ ମାସରେ ଆଫଗାନିସ୍ତାନର କାବୁଲରେ ଥିବା ଏକ ଚିକିତ୍ସାଳୟ ଉପରେ ପାକିସ୍ତାନ ଦ୍ୱାରା କରାଯାଇଥିବା ଏୟାରଷ୍ଟ୍ରାଇକ୍ ପ୍ରସଙ୍ଗ ଉଠାଯାଇଥିଲା। ଜାତିସଂଘର ତଥ୍ୟ ଅନୁସାରେ, ଏହି ଆକ୍ରମଣରେ ୨୬୯ ଜଣ ସାଧାରଣ ନାଗରିକ ପ୍ରାଣ ହରାଇଥିଲେ ଏବଂ ୧୨୨ ଜଣ ଆହତ ହୋଇଥିଲେ। ହସ୍ପିଟାଲ କେବେ ବି ସାମରିକ ଲକ୍ଷ୍ୟ ହୋଇନପାରେ ବୋଲି ଦର୍ଶାଇ ଭାରତ ପାକିସ୍ତାନର ନିରୀହ ଲୋକଙ୍କ ଉପରେ ହେଉଥିବା ହିଂସାକୁ ନିନ୍ଦା କରିଛି। ଏଥିସହ ଭାରତ ୧୯୭୧ ମସିହାରେ ବାଂଲାଦେଶରେ ପାକିସ୍ତାନୀ ସେନା ଦ୍ୱାରା ଚାଲିଥିବା 'ଅପରେସନ ସର୍ଚ୍ଚଲାଇଟ୍' କଥା ମଧ୍ୟ ମନେ ପକାଇ ଦେଇଛି। ସେହି ସମୟରେ ପାକିସ୍ତାନୀ ସେନା ପ୍ରାୟ ୪ ଲକ୍ଷ ମହିଳାଙ୍କ ଉପରେ ବ୍ୟାପକ ଅତ୍ୟାଚାର ଓ ଗଣଦୁଷ୍କର୍ମ କରିଥିଲା। ପାକିସ୍ତାନ ନିଜର ଆଭ୍ୟନ୍ତରୀଣ ବିଫଳତାକୁ ଲୁଚାଇବା ପାଇଁ ସବୁବେଳେ ହିଂସାର ଆଶ୍ରୟ ନେଇଥାଏ ବୋଲି ଭାରତ ଜାତିସଂଘରେ ସ୍ପଷ୍ଟ କରିଛି।

# ରୋବଟ୍ ସେନା ସହାୟତାରେ ଚୀନ୍‌ର ଚମତ୍କାର

### ୩୮ ମାସରେ ତିଆରି ହେଲା ବିଶ୍ୱର ସର୍ବବୃହତ୍ ରେଳ ଷ୍ଟେସନ

ନୂଆଦିଲ୍ଲୀ, ୨୧।୫(ଏଜେନ୍ସି): ମାତ୍ର ୩୮ ମାସର ସ୍ୱଳ୍ପ ଅବଧି ମଧ୍ୟରେ ଚୀନ୍ ତାର ଆଧୁନିକ 'ରୋବଟ୍ ସେନା' ବଳରେ ବିଶ୍ୱର ସବୁଠାରୁ ବଡ଼ ରେଳ ଷ୍ଟେସନ 'ଚୋଙ୍ଗକିଙ୍ଗ୍ ଇଷ୍ଟ ରେଲୱେ ଷ୍ଟେସନ' ନିର୍ମାଣ କରି ସମଗ୍ର ବିଶ୍ୱକୁ ଚକିତ କରିଦେଇଛି। ଏହି ବିଶାଳ ପ୍ରକଳ୍ପର ନିର୍ମାଣ ଶୈଳୀର ଏକ ଭିଡିଓକୁ ବିଶ୍ୱର ପ୍ରସିଦ୍ଧ ଶିଳ୍ପପତି ଏଲନ୍ ମସ୍କ ନିଜର ଏକ୍ସ (ଟ୍ୱିଟର) ଆକାଉଣ୍ଟରେ ପୁନଃପୋଷ୍ଟ କରିବା ପରେ ଏହାକୁ ନେଇ ଏବେ ସାରା ବିଶ୍ୱରେ ଚର୍ଚ୍ଚା ଜୋର୍ ଧରିଛି। ୧୯୬୦ ଦଶକରେ ମାଓ ଜେଡଙ୍ଗଙ୍କ 'ଥାର୍ଡ ଫ୍ରଣ୍ଟ କ୍ୟାମ୍ପେନ' ଅଧୀନରେ ଚୋଙ୍ଗକିଙ୍ଗ୍ ସହରର ବ୍ୟାପକ ଶିଳ୍ପାୟନ କରାଯାଇଥିଲା। ବୈଦେଶିକ ଆକ୍ରମଣରୁ ସୁରକ୍ଷା ପାଇଁ ଉପକୂଳବର୍ତ୍ତୀ ଅଞ୍ଚଳରୁ ଶିଳ୍ପଗୁଡ଼ିକୁ ଦେଶର ଭିତର ଭାଗକୁ ସ୍ଥାନାନ୍ତର କରିବା ଏହି ଅଭିଯାନର ମୁଖ୍ୟ ଉଦ୍ଦେଶ୍ୟ ଥିଲା। ଆଜି ଏହି ସହର ବାର୍ଷିକ ୪୪୦ ବିଲିୟନ ଡଲାରରୁ ଅଧିକ ଜିଡିପି ସହ ଚୀନର ଏକ ପ୍ରମୁଖ ଆର୍ଥିକ ତଥା ଶିଳ୍ପ କେନ୍ଦ୍ର ଭାବେ ଉଭା ହୋଇଛି। ୧.୨୨ ନିୟୁତ ବର୍ଗ ମିଟର କ୍ଷେତ୍ରଫଳ ବିଶିଷ୍ଟ ଏହି ଷ୍ଟେସନରେ ୧୫ଟି ପ୍ଲାଟଫର୍ମ ଏବଂ ୨୯ଟି ଟ୍ରାକ୍ ରହିଛି। ବ୍ୟସ୍ତବହୁଳ ସମୟରେ ଏହା ପ୍ରତି ଘଣ୍ଟାରେ ୧୬, ୦୦୦ ଯାତ୍ରୀଙ୍କୁ ସେବା ଯୋଗାଇବାର କ୍ଷମତା ରଖେ। ପ୍ରବଳ ଗ୍ରୀଷ୍ମ ପ୍ରବାହ ଏବଂ ଦୁର୍ଗମ ଭୂଭାଗ ସତ୍ତ୍ୱେ କାର୍ଯ୍ୟକୁ ସୂଚାରୁରୂପେ ଶେଷ କରିବା ପାଇଁ ଏଠାରେ ଆର୍ଟିଫିସିଆଲ୍ ଇଣ୍ଟେଲିଜେନ୍ସ (ଏଆଇ), ଲାଇଡାର୍ ଏବଂ ୫ଜି ପ୍ରଯୁକ୍ତିସମ୍ପନ୍ନ ରୋବଟ୍ ବ୍ୟବହାର କରାଯାଇଥିଲା। ଲେଜର-ଗାଇଡେଡ୍ ରୋବଟ୍‌ଗୁଡ଼ିକ ମଣିଷ ତୁଳନାରେ ତିନି ଗୁଣ ଅଧିକ ବେଗରେ ଏବଂ ସୂକ୍ଷ୍ମ ଭାବେ କଂକ୍ରିଟ୍ ସମତଳ କରିଥିଲେ। ଅନ୍ୟପଟେ କାଚ ସଂଯୋଗ କରୁଥିବା ରୋବଟ୍‌ଗୁଡ଼ିକ ୮୦୦ କିଲୋଗ୍ରାମ ଓଜନର ପ୍ୟାନେଲକୁ ସୁରକ୍ଷିତ ଭାବେ ସ୍ଥାପନ କରିଥିଲେ। ରୋବଟ୍‌ର ବ୍ୟବହାର ଯୋଗୁଁ ଶ୍ରମିକ ଖର୍ଚ୍ଚ ପ୍ରାୟ ୫୦ ପ୍ରତିଶତ ହ୍ରାସ ପାଇବା ସହ କାର୍ଯ୍ୟକ୍ଷମତା ତିନି ଗୁଣ ବୃଦ୍ଧି ପାଇଛି ଏବଂ ସୁରକ୍ଷାଜନିତ ଦୁର୍ଘଟଣା ୯୦ ପ୍ରତିଶତ ପର୍ଯ୍ୟନ୍ତ କମିଯାଇଛି। ଏହି ନୂତନ ଷ୍ଟେସନ ଚୀନର ଦକ୍ଷିଣ-ପଶ୍ଚିମ ପ୍ରାନ୍ତକୁ ଦେଶର ୧୪ଟି ପ୍ରମୁଖ ସହର ସହ ହାଇ-ସ୍ପିଡ୍ ରେଳ ନେଟୱର୍କ ମାଧ୍ୟମରେ ଯୋଡୁଛି।



## ଚେନ୍ନଇ ସୁପର କିଙ୍ଗ୍ସ ବନାମ ଗୁଜରାଟ ଟାଇଟାନ୍ସ

# ଗିଲ୍ ଓ ସୁଦର୍ଶନଙ୍କ ଦମ୍‌ଦାର୍ ବ୍ୟାଟିଂ

**ଅହମ୍ମଦାବାଦ୍,୨୧।୫(ଏଜେନ୍ସି):** ଅଧିନାୟକ ଶୁବମନ ଗିଲ୍ ଓ ଓପନର ସାଇ ସୁଦର୍ଶନଙ୍କ ଦମ୍‌ଦାର ବ୍ୟାଟିଂ ବଳରେ ଏଠାରେ ଚେନ୍ନଇ ସୁପର କିଙ୍ଗ୍ସ ସହ ଗୁରୁବାର ଅନୁଷ୍ଠିତ ଆଇପିଏଲ୍‌ର ୬୬ତମ ଲିଗ୍ ମ୍ୟାଚ୍‌ରେ ଗୁଜରାଟ ଟାଇଟାନ୍ସ ପ୍ରଥମେ ବ୍ୟାଟିଂ କରି ୧୮ ଓଭରରେ ୧ ୱିକେଟ ହରାଇ ୨୦୧ ରନ୍ ସଂଗ୍ରହ କରିଛି। ଏହି ସମୟରେ ସୁଦର୍ଶନ ୭୮ ଓ ଜୋଶ ବଟଲର ୪୩ ରନ୍‌ରେ ବ୍ୟାଟିଂ କରୁଥିଲେ। ଗିଲ ଏକମାତ୍ର ଖେଳାଳି ଭାବେ ୬୪ ରନ୍ କରି ଆଉଟ ହୋଇଥିଲେ। ଏଠାରେ ସୁଦର୍ଶନ କ୍ରମାଗତ ୫ମ ଅର୍ଦ୍ଧଶତକ ହାସଲ କରିଛନ୍ତି। ଏହା ଫଳରେ ସେ ବୀରେନ୍ଦ୍ର ସେହ୍ୱାଗ, ଜୋଶ ବଟଲର, ଡେଭିଡ ୱାର୍ଣ୍ଣରଙ୍କ ସହ ଆଇପିଏଲ୍‌ରେ କ୍ରମାଗତ ଅର୍ଦ୍ଧଶତକ ହାସଲ କରିବାରେ ସମର୍ଥ ହୋଇଛନ୍ତି। ଚେନ୍ନଇ ପକ୍ଷରୁ କୌଣସି ବୋଲର ଏଠାରେ ବିଶେଷ ପ୍ରଭାବ ପକାଇବାରେ ସମର୍ଥ ହୋଇପାରି ନାହାନ୍ତି। ତେବେ ଦ୍ୱିତୀୟ ସ୍ପେଲ୍‌ରେ ବୋଲିଂ କରିବାକୁ ଆସିଥିବା ସ୍ପେନ୍‌ସର ଜନ୍‌ସନ ପ୍ରତିପକ୍ଷ ଅଧିନାୟକ ଗିଲ୍‌ଙ୍କୁ ଶିବମ ଦୁବେଙ୍କ ଦ୍ୱାରା କ୍ୟାଚ୍ ଆଉଟ କରାଇ ଓପନିଂ ଯୋଡି ଭାଙ୍ଗିବାରେ ସମର୍ଥ ହୋଇଥିଲେ। ଗିଲ୍ ୩୭ଟି ବଲ୍‌ର ସମ୍ମୁଖୀନ ହୋଇ ୭ ଚୌକା ଓ ୩ଛକା ସହ ସର୍ବାଧିକ ୬୪ରନ୍ କରି ଆଉଟ ହୋଇଥିଲେ। ୨୩ଟି ବଲ୍‌ରେ ଅର୍ଦ୍ଧଶତକ ପୂରଣ କରିଥିବା ଗିଲ୍ ଆଉଟ ହେବା ପୂର୍ବରୁ ପ୍ରଥମ ୱିକେଟରେ ସୁଦର୍ଶନଙ୍କ ସହ ୭୪ବଲରୁ ୧୨୫ ରନ୍ ଉଠାଇଥିଲେ। ଏମାନଙ୍କ ପାର୍ଟନରସିପ୍ ଯୋଗୁଁ ଗୁଜରାଟ ୫.୧ ଓଭରରେ ୫୦ ଓ ୯.୧ ଓଭରରେ ୧୦୦ ରନ୍ ପୂରଣ କରିଥିଲେ। ଏହି ମ୍ୟାଚ୍ ପୂର୍ବରୁ ଗୁଜରାଟ ୧୩ଟି ମ୍ୟାଚ୍‌ରୁ ୧୬ ପଏଣ୍ଟ ପାଇ ଟେବୁଲର ଦ୍ୱିତୀୟ ସ୍ଥାନରେ ରହିଥିଲା। ଏଠାରେ ଆଜି ବିଜୟୀ ହେଲେ ପଏଣ୍ଟ ଟେବୁଲର ପ୍ରଥମ ଦୁଇଟି ସ୍ଥାନରେ ରହିବା ନିଶ୍ଚିତ ହେବ। ଅନ୍ୟ ପକ୍ଷରେ ୧୩ଟି ମ୍ୟାଚ୍‌ରୁ ୬ଟି ବିଜୟ ସହ ଚେନ୍ନଇ ୧୨ ପଏଣ୍ଟ ପାଇଛି। ଏହି ମ୍ୟାଚ୍‌ରେ ବିଜୟୀ ହେଲେ ଚେନ୍ନଇ ପ୍ଲେ ଅଫ୍ ଦୌଡ଼ରେ ତିଷ୍ଠି ରହିବ ନଚେତ ପରାଜିତ ହେଲେ ପ୍ରତିଯୋଗିତାରୁ ବିଦା ହେବ।



### ଆଜିର ଆଇପିଏଲ୍ ମ୍ୟାଚ୍

ହାଇଦରାବାଦ୍ ବନାମ ବେଙ୍ଗାଲୁରୁ
ଭେନ୍ୟୁ - ହାଇଦରାବାଦ୍
ଖେଳ ଆରମ୍ଭ : ରାତି ୭.୩୦
ପ୍ରସାରଣ : ଷ୍ଟାର ସ୍ପୋର୍ଟ୍ସ, ଜିଓହଟ୍‌ଷ୍ଟାର

## ମୁମ୍ବଇର ୯ମ ପରାଜୟ

**କୋଲକାତା:** ଚଳିତ ଆଇପିଏଲ୍‌ର ୬୫ତମ ଲିଗ୍ ମ୍ୟାଚରେ ବୁଧବାର ଘରୋଇ କୋଲକାତା ନାଇଟ୍ ରାଇଡର୍ସ (କେକେଆର) ୪ ୱିକେଟରେ ମୁମ୍ବଇ ଇଣ୍ଡିଆନ୍ସକୁ ପରାସ୍ତ କରିଛି। ବର୍ଷା ବାଧାପ୍ରାପ୍ତ ଏହି ମ୍ୟାଚରେ ମୁମ୍ବଇ ପକ୍ଷରୁ ଧାର୍ଯ୍ୟ ୧୪୮ ରନର ଟାର୍ଗେଟକୁ କୋଲକାତା ୧୮.୫ ଓଭରରେ ୬ ୱିକେଟ ହରାଇ ହାସଲ କରିନେଇଥିଲା। ଦଳ ପକ୍ଷରୁ ମନୀଷ ପାଣ୍ଡେ ୩୩ ବଲରେ ୪୫ ଓ ରୋଭମାନ ପାୱେଲ ୪୦ ରନର ଉପଯୋଗୀ ପାଳି ଖେଳିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅଧିନାୟକ ଆଜିଙ୍କ୍ୟ ରାହାଣେ ୨୧, ଫିନ ଆଲେନ ୮ ଓ କାମେରନ ଗ୍ରୀନ ୪ ରନ କରି ଆଉଟ୍ ହୋଇଛନ୍ତି। ମୁମ୍ବଇର କୋର୍ବିନ ବୋଶ୍‌ଙ୍କୁ ସର୍ବାଧିକ ୩ଟି ୱିକେଟ୍ ମିଳିଛି। ୧୩ ମ୍ୟାଚ୍‌ରୁ ୬ଟି ଲେଖାଏ ବିଜୟ ଓ ପରାଜୟ ସହ କୋଲକାତା ୧୩ ପଏଣ୍ଟ ପାଇବା ସହ ପ୍ଲେ-ଅଫ୍ ଦୌଡ଼ରେ ତିଷ୍ଠି ରହିଛି। କୋଲକାତା ଏହାର ଶେଷ ମ୍ୟାଚରେ ୨୪ ତାରିଖରେ ଦିଲ୍ଲୀକୁ ଭେଟିବ। ଏହି ମ୍ୟାଚର ଫଳାଫଳ ଉପରେ କୋଲକାତାର ପ୍ଲେ-ଅଫ୍ ଭାଗ୍ୟ ନିର୍ଦ୍ଧାରଣ ହେବ।

### ଆଇପିଏଲ୍ ପଏଣ୍ଟ ଟେବୁଲ୍

| ଦଳ | ମ୍ୟା. | ବି. | ପ. | ବା. | ପ. | ଏନ୍‌ଆରଆର୍ |
|---|---|---|---|---|---|---|
| ବେଙ୍ଗାଲୁରୁ | ୧୩ | ୯ | ୪ | ୦ | ୧୮ | +୧.୦୬୫ |
| ଗୁଜରାଟ* | ୧୩ | ୮ | ୫ | ୦ | ୧୬ | +୦.୪୦୦ |
| ହାଇଦରାବାଦ | ୧୩ | ୮ | ୫ | ୦ | ୧୬ | +୦.୩୫୦ |
| ରାଜସ୍ଥାନ | ୧୩ | ୭ | ୬ | ୦ | ୧୪ | +୦.୦୮୩ |
| ପଞ୍ଜାବ | ୧୩ | ୬ | ୬ | ୧ | ୧୩ | +୦.୨୨୭ |
| କୋଲକାତା | ୧୩ | ୬ | ୬ | ୧ | ୧୩ | +୦.୦୧୧ |
| ଚେନ୍ନଇ* | ୧୩ | ୬ | ୭ | ୦ | ୧୨ | -୦.୦୧୬ |
| ଦିଲ୍ଲୀ | ୧୩ | ୬ | ୭ | ୦ | ୧୨ | -୦.୮୭୧ |
| ମୁମ୍ବଇ (ଏ) | ୧୩ | ୪ | ୯ | ୦ | ୮ | -୦.୫୧୦ |
| ଲକ୍ଷ୍ନୌ (ଏ) | ୧୨ | ୪ | ୮ | ୦ | ୮ | -୦.୭୦୧ |

ବି.ଦ୍ର.: ମ୍ୟା-ମ୍ୟାଚ୍, ବି- ବିଜୟ, ପ- ପରାଜୟ, ବା- ବାତିଲ, ପ- ପଏଣ୍ଟ

## ଭାରତ-ଏ' ଦଳରେ ଅନୁକୂଳ ରୟ

**ନୂଆଦିଲ୍ଲୀ,୨୧।୫(ଏଜେନ୍ସି):** ଶ୍ରୀଲଙ୍କାରେ ଜୁନ୍ ୯ରୁ ୨୧ ଯାଏ ଖେଳାଯିବାକୁ ଥିବା ତ୍ରିରାଷ୍ଟ୍ରୀୟ କ୍ରିକେଟ ସିରିଜ୍ ଲାଗି ଭାରତ-ଏ' ଦଳରେ ଝାଡଖଣ୍ଡ ତଥା କେକେଆରର ସ୍ପିନ୍ ବୋଲିଂ ଅଲରାଉଣ୍ଡର ଅନୁକୂଳ ରୟଙ୍କୁ ସାମିଲ କରାଯାଇଛି। ଏହି ଟୁର୍ଣ୍ଣାମେଣ୍ଟରେ ଭାରତ-ଏ, ଆଫଗାନିସ୍ତାନ-ଏ ଓ ଆୟୋଜକ ଶ୍ରୀଲଙ୍କା-ଏ' ଦଳ ଅଂଶଗ୍ରହଣ କରିବେ। ଟୁର୍ଣ୍ଣାମେଣ୍ଟର ସମସ୍ତ ମ୍ୟାଚ୍ ଡାମ୍ବୁଲାରେ ଖେଳାଯିବ। ଏହି ସିରିଜ୍ ଲାଗି ତିଳକ ବର୍ମାଙ୍କ ନେତୃତ୍ୱରେ ଗଠିତ ଭାରତ-ଏ ଦଳରେ ପ୍ରଥମେ ହର୍ଷ ଦୁବେଙ୍କୁ ସାମିଲ କରାଯାଇଥିଲା। କିନ୍ତୁ ଆଫଗାନିସ୍ତାନ ବିପକ୍ଷ ଏକମାତ୍ର ଟେଷ୍ଟ ଓ ୩ ମ୍ୟାଚ୍ ବିଶିଷ୍ଟ ଟେଷ୍ଟ ସିରିଜ୍ ଲାଗି ହର୍ଷ ଦୁବେଙ୍କୁ ପ୍ରଥମଥର ଭାରତୀୟ ସିନିଅର ଦଳରେ ସାମିଲ କରାଯାଇଥିଲା। ଫଳରେ ତାଙ୍କ ସ୍ଥାନରେ ଅନୁକୂଳ ରୟଙ୍କୁ ଭାରତ-ଏ' ଦଳରେ ନିଆଯାଇଛି।

## ଫ୍ରେଞ୍ଚ ଓପନ: ସେମିରେ ଭେଟିପାରନ୍ତି ଗଫ୍-ସାବାଲେଙ୍କା

**ପ୍ୟାରିସ୍,୨୧।୫(ଏଜେନ୍ସି):** ଚଳିତବର୍ଷର ଦ୍ୱିତୀୟ ଗ୍ରାଣ୍ଡସ୍ଲାମ୍ ଟେନିସ ଟୁର୍ଣ୍ଣାମେଣ୍ଟ ଫ୍ରେଞ୍ଚ ଓପନ ଆସନ୍ତା ୨୪ରୁ ଆରମ୍ଭ ହୋଇ ଜୁନ୍ ୭ରେ ଶେଷ ହେବ। କ୍ଲେ କୋର୍ଟରେ ଖେଳାଯାଉଥିବା ଏହି ଟୁର୍ଣ୍ଣାମେଣ୍ଟ ଲାଗି ଡ୍ର ଉଠାଣ ଆଜି ଅନୁଷ୍ଠିତ ହୋଇଛି। ଡ୍ର ଅନୁଯାୟୀ ଯଦି ସିଡେଡ ଖେଳାଳିମାନେ ବିଜୟ ଲାଭ କରନ୍ତି, ତେବେ ମହିଳା ଏକକ ସେମିରେ ଗଫ୍‌ଙ୍କ ସହ ସାବାଲେଙ୍କା ଓ କ୍ୱାର୍ଟର ଫାଇନାଲରେ ସ୍ୱିଆଟେକ୍‌ଙ୍କ ସହ ରିବାକିନାଙ୍କର ମୁକାବିଲା ହୋଇପାରେ। ମହିଳା ଏକକରେ ଡିଫେଣ୍ଡିଂ ଚାମ୍ପିଅନ ଆମେରିକାର କୋକୋ ଗଫ୍ ପ୍ରଥମ ରାଉଣ୍ଡରେ ନିଜ ଦେଶର ଟେଲର ଟାଉନ୍‌ସେଣ୍ଡଙ୍କୁ ଏବଂ ବିଶ୍ୱର ନଂ-୧ ଖେଳାଳି ତଥା ଗତବର୍ଷର ରନର୍ସ ଅପ୍ ଆରିନା ସାବାଲେଙ୍କା ପ୍ରଥମ ରାଉଣ୍ଡରେ ଜେସିକା ବୌଜାସଙ୍କ ସହ ମୁକାବିଲା କରିବେ।

## କଳିଙ୍ଗରେ ସ୍ପୋର୍ଟ୍ସ କ୍ଲାଇମ୍ବିଂ ସମର କ୍ୟାମ୍ପ ଉଦ୍‌ଯାପିତ

**ଭୁବନେଶ୍ୱର, ୨୧।୫ (ସମିସ):** କଳିଙ୍ଗ ଷ୍ଟାଡିୟମରେ ଚାଲିଥିବା "ସ୍ପୋର୍ଟ୍ସ କ୍ଲାଇମ୍ବିଂ ସମର କ୍ୟାମ୍ପ' ଉଦ୍‌ଯାପିତ ହୋଇଯାଇଛି। ଓଡ଼ିଶା ଟାଟା ଷ୍ଟିଲ୍ ଆଡଭେଞ୍ଚର ଫାଉଣ୍ଡେସନ ସ୍ପୋର୍ଟ୍ସ କ୍ଲାଇମ୍ବିଂ ହାଇ ପରଫରମାନ୍ସ ସେଣ୍ଟର (ଏଚ୍‌ପିସି) ଏବଂ ଓଡ଼ିଶା ସରକାରଙ୍କ କ୍ରୀଡ଼ା ବିଭାଗର ମିଳିତ ଆନୁକୂଲ୍ୟରେ ମେ ୫ରୁ ଏହି ସ୍ୱତନ୍ତ୍ର ଗ୍ରୀଷ୍ମକାଳୀନ ଶିବିର ଆରମ୍ଭ ହୋଇଥିଲା। ଏଥିରେ ବିଭିନ୍ନ ବୟସ ବର୍ଗର ଶିଶୁ ଓ କିଶୋର ଅଂଶଗ୍ରହଣ କରିଥିଲେ। ଓଡ଼ିଶାର ପ୍ରଥମ ଜାତୀୟ ସ୍ପୋର୍ଟ୍ସ କ୍ଲାଇମ୍ବର ମନୋଜ ଡାକୁଆ ଏବଂ ନାଇଜର ଭୁବନେଶ୍ୱରର ସହକାରୀ ପ୍ରଫେସର ତଥା ଅଭିଜ୍ଞ ପର୍ବତାରୋହୀ ଚିତ୍ରଭାନୁ ଚୌଧୁରୀ ଉପସ୍ଥିତ ରହି ପ୍ରଶିକ୍ଷାର୍ଥୀଙ୍କୁ ଆଡଭେନଚର ଗେମ୍ସ ସମ୍ପର୍କରେ ମାର୍ଗଦର୍ଶନ କରିଥିଲେ। ଉଦ୍‌ଯାପନୀ ସମାରୋହରେ କ୍ରୀଡ଼ା ଓ ଯୁବସେବା ବିଭାଗ ନିର୍ଦ୍ଦେଶକ ୟେଦୁଲା ବିଜୟ, ଏଚ୍‌ପିସିଓ ସିଇଓ ତଥା ଅତିରିକ୍ତ କ୍ରୀଡ଼ା ସଚିବ ବିଜୟ ସ୍ୱାଇଁ, ଅତିରିକ୍ତ କ୍ରୀଡ଼ା ସଚିବ ଅଶୋକ ପଣ୍ଡା, ଉପ-କ୍ରୀଡ଼ା ସଚିବ ଅମିତ କୁମାର ନାୟକ, କ୍ରୀଡ଼ା ବିଭାଗ ଓଏସଡି ଧୀରଜ ପଟ୍ଟନାୟକ, ଶାଶ୍ୱତ କୁମାର ରାଉତ, ଓଏସ୍‌ଡି ସୋନାଲି ଶୁଭଦର୍ଶିନୀ ଉଦଯାପନୀ ସମାରୋହରେ ଉପସ୍ଥିତ ରହିଥିଲେ।



## ମନୋରମା କ୍ଲବ୍ ୨୨-୦ ଗୋଲ୍‌ରେ ବିଜୟୀ

**ଓଡ଼ିଶା ଓମେନ୍ସ ଲିଗ୍**

**ଭୁବନେଶ୍ୱର, ୨୧।୫ (ସମିସ):** ଫୁଟ୍‌ବଲ ଆସୋସିଏସନ ଅଫ୍ ଓଡ଼ିଶା (ଫାଓ) ପକ୍ଷରୁ ଚାଲିଥିବା ଓଡ଼ିଶା ଓମେନ୍ସ ଲିଗ୍ (ଓଡବ୍ଲ୍ୟୁଏଲ୍)ରେ ମନୋରମା କ୍ଲବ ବୃହତ୍ ବିଜୟ ହାସଲ କରିଛି। ଗୁରୁବାର ଭୁବନେଶ୍ୱର ଜୋନରେ ଅନୁଷ୍ଠିତ ମ୍ୟାଚରେ ମନୋରମା କ୍ଲବ ୨୨-୦ ଗୋଲ୍‌ରେ ଗଞ୍ଜାମ ଏକାଦଶକୁ ହରାଇଦେଇଛି। ବିଜୟୀ ଦଳ ପକ୍ଷରୁ ଅଧିନାୟିକା ସୁବାସିନୀ ଓରାମ ସର୍ବାଧିକ ୬ଟି, ପ୍ରିୟଙ୍କା କିଶାନ ୫ଟି ଓ ଅନିତା ନାୟକ ୪ଟି ଗୋଲ୍ ଦେଇ ପ୍ରଭାବୀ ପ୍ରଦର୍ଶନ କରିଥିଲେ। ସେହିଭଳି କଟକ ଜୋନରେ ପୁଲିସ ଗ୍ରାଉଣ୍ଡରେ ଖେଳାଯାଇଥିବା ମ୍ୟାଚରେ ତାରିଣୀ ଫୁଟବଲ୍ ଏକାଡେମୀ (କେନ୍ଦୁଝର) ୪-୦ ଗୋଲ୍‌ରେ ୟଙ୍ଗ ଆସୋସିଏସନ କ୍ଲବକୁ ପରାସ୍ତ କରିଛି।



## ମାଲେସିଆ ମାଷ୍ଟର୍ସ କ୍ୱାର୍ଟରରେ ଅସ୍ମିତା

**କ୍ୱାଲାଲମ୍ପୁର,୨୧।୫(ଏଜେନ୍ସି):** ଭାରତର ଅସ୍ମିତା କାଲିହା ଏଠାରେ ଚାଲିଥିବା ମାଲେସିଆ ମାଷ୍ଟର୍ସ ସୁପର ୫୦୦ ବ୍ୟାଡ୍‌ମିଣ୍ଟନ ଟୁର୍ଣ୍ଣାମେଣ୍ଟର କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛନ୍ତି। ଗୁରୁବାର ଖେଳାଯାଇଥିବା ରାଉଣ୍ଡ ଅଫ୍ ୧୬ ମୁକାବିଲାରେ ସେ ୨୧-୧୩, ୨୧-୧୬ରେ ମାଲେସିଆର ଗୋ ଜିନ୍ ୱେଇଙ୍କୁ ପରାସ୍ତ କରିଥିଲେ। ଏହି ମ୍ୟାଚ୍‌ଟି ମାତ୍ର ୩୦ ମିନିଟ୍‌ରେ ଶେଷ ହୋଇଯାଇଥିଲା। କ୍ୱାର୍ଟର ଫାଇନାଲରେ ସେ ଡେନ୍‌ମାର୍କର ଲିନେ ହୋଜମାର୍କଙ୍କୁ ଭେଟିବେ। ଅନ୍ୟ ଏକ ରାଉଣ୍ଡ ଅଫ୍ ୧୬ ମୁକାବିଲାରେ ଲିନେ ୧୬-୨୧, ୨୧-୮, ୨୧-୧୫ରେ ଭାରତର ମାଳବିକା ବନ୍‌ସୋଦଙ୍କୁ ପରାସ୍ତ କରି କ୍ୱାର୍ଟରକୁ ଉନ୍ନୀତ ହୋଇଥିଲେ। ଏହି ମ୍ୟାଚ୍‌ଟି ୫୯ତମ ମିନିଟ୍‌ରେ ଶେଷ ହୋଇଥିଲା। ମାଳବିକା ହାରିଯିବା ପରେ ଅସ୍ମିତା ଏକମାତ୍ର ଭାରତୀୟ ଖେଳାଳି ଭାବେ ମାଲେସିଆ ମାଷ୍ଟର୍ସରେ ତିଷ୍ଠି ରହିଛନ୍ତି।



■ ଜୁନିଅର ପୁରୁଷ ଏସିଆ କପ୍ ହକି

## କେତନଙ୍କୁ ନେତୃତ୍ୱ; ଅର୍ମାନ ଏକମାତ୍ର ଓଡ଼ିଆ

**ନୂଆଦିଲ୍ଲୀ, ୨୧।୫ (ଏଜେନ୍ସି):** ଆଗାମୀ ୧୮ ବର୍ଷରୁ କମ୍ ଜୁନିଅର ପୁରୁଷ ଏସିଆ କପ୍ ହକି ଟୁର୍ଣ୍ଣାମେଣ୍ଟ ଲାଗି ଗୁରୁବାର ଭାରତୀୟ ଦଳ ଘୋଷଣା କରାଯାଇଛି। ଫରୱାର୍ଡ କେତନ କୁଶୱାହଙ୍କୁ ଘୋଷିତ ୧୮ ଜଣିଆ ଦଳର ନେତୃତ୍ୱ ଭାର ଦିଆଯାଇଛି। ଘୋଷିତ ଦଳରେ ଓଡ଼ିଶାରୁ ଏକମାତ୍ର ଖେଳାଳି ଭାବେ ଯୁବ ଡିଫେଣ୍ଡର ଅର୍ମାନ ସୋରେଙ୍ଗଙ୍କୁ ସ୍ଥାନ ମିଳିଛି। ଜାପାନର କାକାମିଘରଠାରେ ମେ ୨୯ରୁ ଜୁନ ୬ ତାରିଖ ପର୍ଯ୍ୟନ୍ତ ଏହି ମେଗା ଇଭେଣ୍ଟ ଅନୁଷ୍ଠିତ ହେବ। ମୁଖ୍ୟକୋଚ୍ ସର୍ଦ୍ଦାର ସିଂହଙ୍କ ନେତୃତ୍ୱରେ ଯୁବ ଭାରତୀୟ ଦଳର ପ୍ରଶିକ୍ଷଣ ଶିବିର ଭୋପାଳସ୍ଥିତ ସାଇ ସେଣ୍ଟରରେ ଅନୁଷ୍ଠିତ ହୋଇଥିଲା। ଏହାପରେ ଏସିଆ କପ୍ ଲାଗି ଦଳ ଘୋଷଣା କରାଯାଇଛି। ଟୁର୍ଣ୍ଣାମେଣ୍ଟରେ ଭାରତ ପୁଲ୍-ଏ'ରେ ଆୟୋଜକ ଜାପାନ, ଦକ୍ଷିଣ କୋରିଆ, ଚାଇନିଜ ତାଇପେଇ ଓ କାଜାଖସ୍ତାନ ସହ ସ୍ଥାନ ପାଇଛି। ସେହିଭଳି ପୁଲ-ବି'ରେ ଚାଇନା, ପାକିସ୍ତାନ, ମାଲେସିଆ ଓ ବାଂଲାଦେଶ ରହିଛି। ପୁଲ୍ ପର୍ଯ୍ୟାୟରେ ପ୍ରତିଦଳ ପରସ୍ପର ସହ ଥରେ ଲେଖାଏ ଖେଳିବ। ଏହାପରେ ପ୍ରତି ପୁଲ୍‌ର ଶ୍ରେଷ୍ଠ-୨ଟି ଦଳ ସେମିଫାଇନାଲକୁ ଯୋଗ୍ୟତା ଅର୍ଜନ କରିବେ। ମେ ୨୯ ତାରିଖରେ କାଜାଖସ୍ତାନ ବିପକ୍ଷରେ ଖେଳି ଭାରତ ଅଭିଯାନ ଆରମ୍ଭ କରିବ। ଏହାପରେ ମେ ୩୧ରେ ଜାପାନ, ଜୁନ ୧ରେ ଦକ୍ଷିଣ କୋରିଆ ଓ ଜୁନ ୩ରେ ଚାଇନିଜ ତାଇପେଇ'କୁ ଭେଟିବ।



ଅର୍ମାନ ସୋରେଙ୍ଗ

## ପୂର୍ବତନ ଗୋଲ୍‌କିପର ଇମ୍ରାନଙ୍କ ପରଲୋକ

**ଭୁବନେଶ୍ୱର, ୨୧।୫ (ସମିସ):** ଭାରତୀୟ ଜୁନିଅର ଫୁଟ୍‌ବଲ ଦଳର ପୂର୍ବତନ ଗୋଲ୍‌କିପର ଇମ୍ରାନ ଖାନଙ୍କ ପରଲୋକ ଘଟିଛି। ଇମ୍ରାନ ତାଙ୍କ କ୍ୟାରିୟରରେ କୋଲକାତାର କିଛି ପ୍ରମୁଖ କ୍ଲବ ପକ୍ଷରୁ ମଧ୍ୟ ପ୍ରତିନିଧିତ୍ୱ କରିଥିଲେ। ଏହି ଅବସରରେ ଫୁଟବଲ ଆସୋସିଏସନ ଅଫ୍ ଓଡ଼ିଶା (ଫାଓ) ପକ୍ଷରୁ ସଭାପତି ଟଙ୍କଧର ତ୍ରିପାଠୀ, ସମ୍ପାଦକ ଆଶୀର୍ବାଦ ବେହେରା ଓ ସମସ୍ତ କର୍ମକର୍ତ୍ତା ଇମ୍ରାନଙ୍କ ବିୟୋଗରେ ଗଭୀର ଶୋକବ୍ୟକ୍ତ କରିଛନ୍ତି।



କ୍ରୀଡ଼ା ମନ୍ତ୍ରଣାଳୟର ସଂଶୋଧନ ପ୍ରସ୍ତାବ

## ଡୋପିଙ୍ଗ୍ ସିଣ୍ଡିକେଟ୍‌କୁ ୧୦ ବର୍ଷ ଜେଲଦଣ୍ଡ

**ନୂଆଦିଲ୍ଲୀ,୨୧।୫(ଏଜେନ୍ସି):** ବିଶ୍ୱରେ ଗତ ୩ ବର୍ଷ ଧରି ଡୋପିଙ୍ଗ ଅପରାଧରେ ଭାରତ ଟପ୍ ୩ଟି ରାଷ୍ଟ୍ର ମଧ୍ୟରେ ରହିଛି। ଏଣୁ ଭାରତୀୟ ଆଥଲେଟ୍‌ଙ୍କୁ ସୁରକ୍ଷା ଦେବା ଲାଗି ଭାରତର କ୍ରୀଡ଼ା ମନ୍ତ୍ରଣାଳୟ ପକ୍ଷରୁ ଅପରାଧୀମାନଙ୍କୁ ଦଣ୍ଡବିଧାନ କରିବାକୁ ନୂଆ ପ୍ରସ୍ତାବ ଦିଆଯାଇଛି। ଭାରତରେ ଡୋପିଂ ସିଣ୍ଡିକେଟ ଓ ଅନୁବନ୍ଧିତ ଡ୍ରଗ୍ସ ପ୍ରସାର କରିବାକୁ ସଂଗଠିତ ଭାବେ ଉଦ୍ୟମ କରୁଥିବା ବ୍ୟକ୍ତିବିଶେଷ ଧରାପଡ଼ିଲେ ସେମାନଙ୍କୁ ୧୦ ବର୍ଷ ଯାଏ ଜେଲଦଣ୍ଡ ଓ ୫ ଲକ୍ଷଟଙ୍କା ଯାଏ ଜରିମାନା ଦେବାକୁ ପଡ଼ିବ। ନ୍ୟାସନାଲ ଆଣ୍ଟି ଡୋପିଂ ଆକ୍ଟ ୨୦୨୨କୁ ସାମାନ୍ୟ ସଂଶୋଧନ କରାଯାଇ ଅତିରିକ୍ତ ଧାରା ୨୫ଏ ଲାଗୁ କରିବାକୁ ପ୍ରସ୍ତାବ ରହିଛି। ଏହା ଫଳରେ ଯେଉଁମାନେ ଡୋପିଂ ନିୟମକୁ ଉଲ୍ଲଙ୍ଘନ କରିବେ ସେମାନଙ୍କୁ କଠୋର ଦଣ୍ଡ ଦିଆଯିବ। କ୍ରୀଡ଼ାବିତ୍‌ଙ୍କୁ ବାଦ୍ ଦେଇ ଅନ୍ୟ ସମସ୍ତଙ୍କ ଲାଗି ଆପରାଧିକ ଆଇନ୍ ଲାଗୁ ହେବ ବୋଲି ଏହି ସଂଶୋଧୀତ ପ୍ରସ୍ତାବରେ ରହିଛି।

## ଡେଭ୍ କଜିନ୍ସ ଭାରତର ତୀରନ୍ଦାଜୀ କୋଚ୍

**କୋଲକାତା,୨୧।୫(ଏଜେନ୍ସି):** ପୂର୍ବତନ ବିଶ୍ୱ ଚାମ୍ପିଅନ ଆମେରିକାର ଡେଭ୍ କଜିନ୍ସଙ୍କୁ ଭାରତର ନୂଆ କମ୍ପାଉଣ୍ଡ ତୀରନ୍ଦାଜୀର ମୁଖ୍ୟ କୋଚ୍ ଭାବେ ନିଯୁକ୍ତ କରାଯାଇଛି। ଲସ୍ ଏଞ୍ଜେଲ୍ସରେ ହେବାକୁ ଥିବା ୨୦୨୬ ଗ୍ରୀଷ୍ମକାଳୀନ ଅଲିମ୍ପିକ୍ସରେ କମ୍ପାଉଣ୍ଡ ତୀରନ୍ଦାଜୀକୁ ପ୍ରଥମଥର ସାମିଲ କରାଯାଇଛି। ଯାହା ଫଳରେ ଡେଭ୍‌ଙ୍କୁ ନିଯୁକ୍ତି ଦିଆଯାଇଛି। ଆସନ୍ତାମାସ ଆଣ୍ଟାଲ୍ୟାରେ ଷ୍ଟେଜ୍-୩ ବିଶ୍ୱକପ୍ ଅନୁଷ୍ଠିତ ହେବ। ଏହି ଟୁର୍ଣ୍ଣାମେଣ୍ଟ ପୂର୍ବରୁ ଡେଭ୍ ଯୋଗଦେଇଥିବାରୁ ଭାରତକୁ ଫାଇଦା ମିଳିବ ବୋଲି ଆଶା କରାଯାଉଛି। କିନ୍ତୁ ରିକର୍ଭ ଟିମ୍ ଲାଗି କାହାରିକୁ ନିଯୁକ୍ତି ଦିଆଯାଇନାହିଁ।

## ଅଲିମ୍ପିକ ସ୍ୱର୍ଣ୍ଣ ବିଜେତାଙ୍କୁ ଏବେ ମିଳିବ ୮ କୋଟି

**ପଶ୍ଚିମବଙ୍ଗ ସରକାରଙ୍କ ବଡ଼ ଘୋଷଣା**

**କୋଲକାତା, ୨୧।୫ (ଏଜେନ୍ସି):** ପଶ୍ଚିମବଙ୍ଗର ନବନିର୍ବାଚିତ ବିଜେପି ସରକାର ରାଜ୍ୟରେ କ୍ରୀଡ଼ା ପ୍ରୋତ୍ସାହନ ପୁରସ୍କାର ନୀତିରେ ଏକ ବଡ଼ ସଂଶୋଧନ କରିଛନ୍ତି। ଫଳରେ ଅଲିମ୍ପିକ୍ସ, ଏସୀୟ କ୍ରୀଡ଼ା, ରାଜ୍ୟଗୋଷ୍ଠୀ କ୍ରୀଡ଼ା ଭଳି ଅନ୍ତର୍ଜାତୀୟ ଇଭେଣ୍ଟରେ ପଦକ ବିଜେତା ଏବେ ଆଖିଦୃଶିଆ ପ୍ରୋତ୍ସାହନ ରାଶି ପାଇବେ। ପଶ୍ଚିମବଙ୍ଗ କ୍ରୀଡ଼ାମନ୍ତ୍ରୀ ନିଶିଥ ପ୍ରମାଣିକ ଘୋଷଣା କରିଛନ୍ତି, ଏବେ ରାଜ୍ୟର ଯେଉଁ କ୍ରୀଡ଼ାବିତ୍ ଅଲିମ୍ପିକ୍ସରେ ସ୍ୱର୍ଣ୍ଣ ପଦକ ଜିତିବେ ତାଙ୍କୁ ୮ କୋଟି ଟଙ୍କା ପୁରସ୍କାର ରାଶି ଦିଆଯିବ। ପୂର୍ବରୁ ମମତା ବାନାର୍ଜୀଙ୍କ ସରକାରରେ ଅଲିମ୍ପିକ ସ୍ୱର୍ଣ୍ଣ ବିଜେତା ବେଙ୍ଗଲ କ୍ରୀଡ଼ାବିତଙ୍କୁ ୨୫ ଲକ୍ଷଟଙ୍କା ପ୍ରଦାନ କରାଯାଉଥିଲା। ରୌପ୍ୟ ଓ କାଂସ୍ୟ ବିଜେତାଙ୍କୁ ଏବେ ଯଥାକ୍ରମେ ୬ ଓ ୪ କୋଟି ଟଙ୍କା ଦିଆଯିବ। ଏସୀୟ କ୍ରୀଡ଼ାରେ ସ୍ୱର୍ଣ୍ଣ, ରୌପ୍ୟ ଓ କାଂସ୍ୟ ବିଜେତାଙ୍କୁ ଏଣିକି ଯଥାକ୍ରମେ ୫, ୪ ଓ ୨ କୋଟି ଟଙ୍କା ପ୍ରୋତ୍ସାହନ ରାଶି ପ୍ରଦାନ କରାଯିବ। ସେହିଭଳି ବିଶ୍ୱ ଚାମ୍ପିଅନସିପ୍‌ରେ ସ୍ୱର୍ଣ୍ଣ, ରୌପ୍ୟ ଓ କାଂସ୍ୟ ବିଜେତାଙ୍କୁ ୨, ୧.୫ ଓ ଏକ କୋଟି ଟଙ୍କା ମିଳିବ। ଏହାବାଦ ରାଜ୍ୟଗୋଷ୍ଠୀ କ୍ରୀଡ଼ାରେ ଏହି ରାଶି ଯଥାକ୍ରମେ ଦେଢ଼ କୋଟି, ୭୫ ଲକ୍ଷ ଓ ୫୦ ଲକ୍ଷ ରହିଛି।




PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, SWOTI VILLAGE, PANIKOILI-755043, DIST: JAJPUR, ODISHA
କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦୁ ଦାସ
EXECUTIVE EDITOR: SAMARENDU DAS